# ସକାଳ
## THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 43 ◆ISSUE-96 ◆MONDAY ◆29 SEPTEMBER 2025 ◆PAGE-12 ◆₹ 6.00


◆ବର୍ଷ-୪୩ ◆ସଂଖ୍ୟା-୯୬ ◆ସୋମବାର ◆୨୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**ବିରାଜିଲେ ମା’** ଆଜି ପୀଠେ ମହାଷ୍ଟମୀ, ମଣ୍ଡପରେ ସପ୍ତମୀ ପୂଜା

## ଏସିଆ କପ୍‌ରେ ରୋମାଞ୍ଚକ ବିଜୟ
# ଟ୍ରଫି ନେଲାନି ଭାରତ

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଦୁବାଇ ଗ୍ରାଉଣ୍ଡରେ ଧୂଳି ଚଟାଇ ଭାରତ ନବମଥର ପାଇଁ ଏସିଆ କପ୍ ଟାଇଟଲ୍ ହାସଲ କରିଛି । ଦୁଇ ଦେଶ ମଧ୍ୟରେ ଶତ୍ରୁତା କାରଣରୁ ଆରମ୍ଭରୁ ବହୁଚର୍ଚ୍ଚିତ ଏହି ଟି -୨୦ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅତ୍ୟନ୍ତ ରୋମାଞ୍ଚକ ଥିଲା । ପ୍ରଥମ ମ୍ୟାଚ୍‌ରେ ଟସ୍ ପଡ଼ିବା ପରେ ଉଭୟ ଦଳର କ୍ୟାପ୍‌ଟେନ୍ ପରସ୍ପର କରମର୍ଦ୍ଦନ ନ କରିବାକୁ ନେଇ ବାଦବିବାଦ ସୃଷ୍ଟି ହୋଇଥିଲା । ଟୁର୍ଣ୍ଣାମେଣ୍ଟ ବିଜୟ ପରେ ଏସିସି ସଦସ୍ୟଙ୍କ ହାତରୁ କୁଲ୍‌ଦୀପ ଯାଦବ ‘ମୋଷ୍ଟ ଭେଲୁଏବଲ୍ ପ୍ଲେୟାର’ ଏବଂ ଅଭିଷେକ ଶର୍ମା ‘ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ’ ପୁରସ୍କାର ଗ୍ରହଣ କରିଥିଲେ ହେଁ ଏସିସି ସଭାପତି ପାକିସ୍ତାନର ମୋହସିନ୍ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଦଳ ମନା କରିଦେଇଥିଲା । ଚାମ୍ପିଅନ ଭାରତୀୟ ଦଳକୁ ବିସିସିଆଇ ୨୧ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଛି । (ଖେଳ ବିବରଣୀ: ପୃଷ୍ଠା-୧୨)



ବିଜୟର କର୍ଣ୍ଣଧାର ତିଳକ ବର୍ମା

# ବିହାର ନିର୍ବାଚନ ସହ ନୂଆପଡ଼ା ଉପନିର୍ବାଚନ

■ ଭୁବନେଶ୍ୱର, ୨୮।୯ (ସମିସ): ବିହାର ବିଧାନସଭା ନିର୍ବାଚନ ସହ ଅନୁଷ୍ଠିତ ହେବ ନୂଆପଡ଼ା ଉପ ନିର୍ବାଚନ। ରବିବାର ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ନିର୍ବାଚନ କମିଶନ। ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ବିହାର ନିର୍ବାଚନ ସହ ଦେଶର ବିଭିନ୍ନ ସ୍ଥାନରେ ୮ଟି ବିଧାନସଭା ନିର୍ବାଚନ ନିମନ୍ତେ ଉପନିର୍ବାଚନ କରାଯିବ। ବିହାର ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ପରିଚାଳନା ପାଇଁ ମୋଟ ୪୭୦ ଅଧିକାରୀଙ୍କୁ



ନିୟୋଜିତ କରାଯିବ। ଏଥିରେ ୩୨୦ ଆଇଏଏସ, ୬୦ ଆଇପିଏସ ଓ ୯୦ ଅନ୍ୟ ଅଧିକାରୀଙ୍କୁ ନିୟୋଜିତ କରାଯିବ ବୋଲି କମିଶନ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢ଼ୋଲକିଆଙ୍କ ଅକାଳ ପରଲୋକ ଯୋଗୁଁ ଏଠାରେ ଉପନିର୍ବାଚନ କରାଯିବାକୁ ନିଷ୍ପତ୍ତି ହୋଇଥିବାରୁ ଏହାକୁ ସୁରୁଖୁରୁରେ ସମ୍ପାଦିତ କରିବା କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ▶ପୃଷ୍ଠା-୭

## ତେଜିଲା ଦଳାଚକଟା ରାଜନୀତି
# ଦୁର୍ଘଟଣା ନା ଷଡ଼ଯନ୍ତ୍ର



- ବିଜୟଙ୍କ ରାଲି ଦଳାଚକଟା ମୃତ୍ୟୁସଂଖ୍ୟା ୪୦କୁ ବୃଦ୍ଧି
- ମୃତକଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ ଦେବେ ବିଜୟ
- ଷଡ଼ଯନ୍ତ୍ର କରିଥିଲେ ଡିଏମ୍‌କେ ନେତା: ଟିଭିକେ
- ଟିଭିକେ ନେତାଙ୍କ ବିରୋଧରେ ରୁଜୁହେଲା ଏତଲା
- ସରକାରଙ୍କୁ ରିପୋର୍ଟ ମାଗିଲା ସ୍ୱରାଷ୍ଟ୍ର ମନ୍ତ୍ରାଳୟ

■ ଚେନ୍ନଇ, ୨୮।୯ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟିଥିବା ଥଲପତି ବିଜୟଙ୍କ ରାଜନୈତିକ ରାଲିରେ ଦଳଚକଟା ଜନିତ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚି ଯାଇଛି। ମୃତକଙ୍କ ମଧ୍ୟରେ ୧୬ ମହିଳା, ୧୦ ଶିଶୁ ସାମିଲ ଅଛନ୍ତି। ୯୫ ଜଣ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫୧ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଆଇସିୟୁରେ ଚିକିତ୍ସା ଚାଲିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ▶ପୃଷ୍ଠା-୭







## ରାଧାନାଥ ସାହିତ୍ୟ ପରିଷଦ ପକ୍ଷରୁ କବିବରଙ୍କ ଜୟନ୍ତୀ



ବାଲେଶ୍ୱର,୨୮।୯(ସମିସ): ବାଲେଶ୍ୱର ସହରର ବଟେଶ୍ୱର ଗ୍ରାମରେ କବିବରଙ୍କ ରାଧାନାଥଙ୍କ ଜୟନ୍ତୀ ତାଙ୍କ ପୈତୃକସ୍ଥାନରେ ୧୩୩ ବର୍ଷ ପୁରାତନ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ଡ ପବିତ୍ର ପାଣିଗ୍ରାହୀ ରାଧାନାଥଙ୍କ ନନ୍ଦିକେଶ୍ୱରୀ, ପାର୍ବତୀ, ଚନ୍ଦ୍ରଭାଗା ଆଦି କାବ୍ୟର ବିଶେଷ ଚର୍ଚ୍ଚା କରିଥିଲେ। ବରେଣ୍ୟ ବକ୍ତା ପ୍ରଫେସର ଡ ଶିରିଶ ଚନ୍ଦ୍ର ଜେନା ଯୋଗଦେଇ କହିଥିଲେ ଯେ, ରାଧାନାଥ ଓଡ଼ିଆ କବିତାରେ ଆଧୁନିକତାର ସ୍ପର୍ଶ ଦେଇ ଏହାକୁ ବିଶ୍ୱ ସାହିତ୍ୟର ସମକକ୍ଷ କରିବାକୁ ଚେଷ୍ଟା କରିଥିଲେ। ଆସରର ସମ୍ମାନିତ ଅତିଥି ଡ.ନିରଞ୍ଜନ ଦାଶ ରାଧାନାଥଙ୍କ କାବ୍ୟ କବିତା ସାମ୍ପ୍ରତିକ ସମୟରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରେରଣା ଯୋଗାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଫେସର ଡ. ସତ୍ୟନାରାୟଣ ପଣ୍ଡାଙ୍କୁ କବିବରଙ୍କର ପାଂଚଟି ପୁସ୍ତକ ହିନ୍ଦିରେ ଅନୁବାଦ କରିଥିବା ଯୋଗୁଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡ ଲକ୍ଷ୍ମଣ ଚରଣ ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ଡ କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲେ। ପଣ୍ଡିତ ଭାସ୍କର ଚନ୍ଦ୍ର ମିଶ୍ର ମଂଚ ଆହ୍ୱାନ କରିଥିଲେ। କଲ୍ୟାଣୀ ନନ୍ଦ,ଅମିତା ଚାନ୍ଦ,କବିତା ଜେନା, ଅର୍ଚ୍ଚନା କର,ଶାନ୍ତି ବିଶି ଓ ପୁଷ୍ପିତା ଚକ୍ରବର୍ତ୍ତୀ କବିବର ରାଧାନାଥଙ୍କ ରଚିତ "ଭାରତ ଗିତିକା'ର 'ସର୍ବେସାଂ ନୋ ଜନନୀ' କବିତାଟି ଗାନ କରିଥିଲେ। ପରିଷଦର ଯୁଗ୍ମ ସମ୍ପାଦକ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକୀୟ ବିବରଣୀ ଡ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପାଠ କରିଥିଲେ। ଏହି ସଭାରେ ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଡ ସୁବାସ ପାତ୍ର, ମମତା ମହାପାତ୍ର, ଶରତ ଚନ୍ଦ୍ର ମହାପାତ୍ର, ଦୀନବନ୍ଧୁ ଲେଙ୍କା, ରାଜେଶ ଗିରି, ବେଣୁଧର ସାହୁ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଭାକର ସାହୁ, ଜୁମର ନାଥ ପାତ୍ର, ଅଭୟ ଦାସ, ବିପ୍ଳବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## କବିବର ରାଧାନାଥ ରାୟଙ୍କ ଜୟନ୍ତୀ

ବାଲେଶ୍ୱର,୨୮।୯(ସମିସ): ବିଜେପି ପକ୍ଷରୁ କବିବର ରାଧାନାଥ ରାୟଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗଡଗଡିଆସ୍ଥିତ କବିବର ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ସାଂସଦ ଏବଂ ସଦର ବିଧାୟକ ପ୍ରମୁଖ ଉପସ୍ଥିତ ରହି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରତିମୂର୍ତ୍ତି ସଫେଇ କରାଯିବା ସହ ରାଧାନାଥ ରାୟଙ୍କ ଜୀବନି ଉପରେ ଆଲୋକପାତ କରାଯାଇଥିଲା। ଏହାଛଡା ତାଙ୍କ ସାହିତ୍ୟ ରଚନା ତଥା ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି ଅତିଥିମାନ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଶୁରାମ ବେହେରା, ଧୀରଜ ମହାନ୍ତି, ସୁଧାଂଶୁ ଶେଖର ପଣ୍ଡା, ଚିତ୍ତ ରଞ୍ଜନ ପଣ୍ଡା, ଚନ୍ଦ୍ରବିନ୍ଦୁ ଦାସ, ଗୌରାଙ୍ଗ ଚରଣ ଦାସ, ରଣଜିତ କୁମାର ପୃଷ୍ଟି, ରାଜେଶ ମହାକୁଡ, ସ୍ୱର ଝଙ୍କାର ସେଠୀ, ସାଧବ ଦାସ, ଉମେଶ ବେହେରା, ଉପେନ୍ଦ୍ର ଶତପଥୀ, ବିଶ୍ୱଜିତ ଖଟୁଆ, ବିଶାଳ ଦେବ ମାଝୀ, ଶ୍ରୀୟା ଦାସ, ଶେଖ ସାନଦାନି, ବଳରାମ ପାତ୍ର, ମନୋଜ ପୋଦାର, ବାବୁଲି ଧଳ, ସୁଶିଲ ଜଲାନ, ବେଣୁଧର ଦାସ, ମାସନ୍ତ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ରେଳଷ୍ଟେସନରୁ ଦୁଇ ଶିଶୁ ଉଦ୍ଧାର

ବାଲେଶ୍ୱର,୨୮।୯(ସମିସ): ଖଡଗପୁର ଡିଭିଜନର ରେଳ ସୁରକ୍ଷା ବାହିନୀ ପକ୍ଷରୁ ନନ୍ହେ ଫରିସ୍ତେ ଅପରେସନ ମାଧ୍ୟମରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ନାବାଳିକାକୁ ଉଦ୍ଧାର କରି ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିଛି। ଖଡଗପୁର ସ୍ଥିତ ସୁରକ୍ଷା ନିୟନ୍ତ୍ରଣଠାରେ ଖବର ମିଳିଥିଲା ଯେ ଏକ ଟ୍ରେନ ମଧ୍ୟରେ ଜଣେ ନାବାଳିକା ଚଢ଼ିଯାଇଥିଲା। ଖବର ପାଇ ଆରପିଏଫ ରୁପସା ଆରପିଏଫ କର୍ମଚାରୀମାନେ ତୁରନ୍ତ ସେଠାରେ ପହଁଚି ଉକ୍ତ ନାବାଳିକାକୁ ସେଠାରୁ ଉଦ୍ଧାର କରିଥିଲେ। ସେମାନେ ବାଲେଶ୍ୱର ସ୍ଥିତ ଚାଇଲଡ ଲାଇନକୁ ହସ୍ତାନ୍ତର କରିବା ପରେ ସେମାନଙ୍କ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ବାଲେଶ୍ୱର ରେଳ ଷ୍ଟେସନରେ ହାୱଡା ପୁରୀ ଶତାବ୍ଦୀ ଏକ୍ସପ୍ରେସ ଟ୍ରେନରେ ମଧ୍ୟ ଠିକ ସେହିପରି ଏକ ଘଟଣା ଘଟିଥିଲା। ଉକ୍ତ ଟ୍ରେନରେ ଥିବା ଟିଟିଆଇ ଆଇ ହେମ୍ବ୍ରମ ଉକ୍ତ ନାବାଳକଙ୍କୁ ଉଦ୍ଧାର କରି ବାଲେଶ୍ୱର ଆରପିଏସଫଙ୍କୁ ହସ୍ତାନ୍ତର କରିଥିଲେ। ପଶ୍ଚିମମେଦିନପୁର ଜିଲ୍ଲା ମାଦପୁର ରେଳ ଷ୍ଟେସନ ନିକଟବର୍ତ୍ତି ମିର୍ଜାପୁରର ରଫିକ ମୋଡାଲଙ୍କର ୧୨ବର୍ଷର ପୁଅ ବୋଲି। ଆରପିଏଫ ପକ୍ଷରୁ ପରିବାର ଲୋକଙ୍କୁ ତାଙ୍କୁ ହସ୍ତାନ୍ତର କରାଯାଇଛି।

## ବ୍ରାଉନସୁଗର ଜବତ, ଦୁଇ ଗିରଫ

ବାଲେଶ୍ୱର,୨୮।୯(ସମିସ): ବାଲେଶ୍ୱର ସହରରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ଥାନା ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଥିଲେ ସୁଦ୍ଧା ଏହା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ଠିକ ସେହିପରି ସଦର ଥାନା ଅର୍ନ୍ତଗତ ଫୁଲାଡି ଛକଠାରେ ଦୁଇ ଜଣ ବ୍ୟକ୍ତି ଏକ ଗାଡି ଯୋଗେ ବ୍ରାଉନସୁଗାର ବିକ୍ରୀ କରୁଥିବା ବେଳେ ପୁଲିସ ଚଢ଼ାଉ କରି ବ୍ରାଉନସୁଗାର ବେପାରିକୁ ଗିରଫ କରିବା ସହ ତା ଠାରୁ ୧୬ଗ୍ରାମରୁ ଅଧିକ ବ୍ରାଉନସୁଗାର ଜବତ ମଧ୍ୟ କରିଛି। ଗିରଫ ହୋଇଥିବା ବେପାରୀମାନେ ହେଲେ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅର୍ନ୍ତଗତ କେଶପୁର ବଜାର ଅଞ୍ଚଳର ଓମ ପ୍ରକାଶ ସ୍ୱାଇଁ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ଅର୍ନ୍ତଗତ ପଟ୍ଟାମୁଣ୍ଡାଇ ଅଞ୍ଚଳର ବଦ୍ରିଖାନ। ଏ ନେଇ ସଦର ପୁଲିସ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

**ଜିଲ୍ଲାରେ ୬ଟି ମେଗା ଜଳ ପ୍ରକଳ୍ପ କାର୍ଯ୍ୟକାରୀ**

# ଗୋଟିଏ ସମ୍ପୂର୍ଣ୍ଣ; ୫ଟି ପ୍ରକଳ୍ପର କାମ ସରିବ କେବେ

ବାଲେଶ୍ୱର,୨୮।୯(ସମିସ)



ଗ୍ରାମାଞ୍ଚଳରେ ଲୋକମାନଙ୍କୁ ବିଶୁଦ୍ଧ ପାଣି ଯୋଗାଇବା ପାଇଁ ପୂର୍ବତନ ସରକାରଙ୍କ ଠାରୁ ଜିଲ୍ଲାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା ମେଗା ଜଳ ପ୍ରକଳ୍ପ। ଜିଲ୍ଲାରେ ୬ଟି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ବିଶେଷ କରି ଭୋଗରାଇରେ ଦୁଇଟି, ନୀଳଗିରିରେ ଗୋଟିଏ, ବାଲେଶ୍ୱର ସଦର ଓ ରେମୁଣା ପାଇଁ ଗୋଟିଏ, ବାଲିଆପାଳ ବ୍ଲକରେ ଗୋଟିଏ ଏବଂ ଖଇରା ବ୍ଲକରେ ଗୋଟିଏ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ହେଲେ ଏହି ସବୁ ପ୍ରକଳ୍ପଗୁଡିକ ୨୦୨୧-୨୨ମସିହାରୁ ଆରମ୍ଭ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଗୋଟିଏ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି। ଆଉ ଗୋଟିଏ ପ୍ରୋଜେକ୍ଟ ଅଧା ହୋଇଥିବା ବେଳେ ବାକି ୪ଟି ପ୍ରକଳ୍ପ କେବେ ଶେଷ ହେବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ଭୋଗରାଇ, ବାଲିଆପାଳ, ଖଇରା, ନୀଳଗିରି, ବାଲେଶ୍ୱର ସଦର ଓ ରେମୁଣାରେ ଏହି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେଉଛି। ବିଶେଷ କରି ଭୋଗରାଇ ବ୍ଲକରେ ଦୁଇଟି ପ୍ରୋଜେକ୍ଟ କାର୍ଯ୍ୟକାରୀ ହୋଉଥିବା ବେଳେ ଭୋଗରାଇ(୧)ପାଇଁ ସୁବର୍ଣ୍ଣରେଖା ନଦୀ ସ୍ଥିତ ଆରୁହାବୃତି(୨)ରୁ ପାଣି ଯୋଗାଣ କରାଯିବ। ଏଥିରେ ୨୧ଟି ପଂଚାୟତର ୯୦ଟି ଗାଁର ୧୧୨୧୩ଟି ଘର ଉପକୃତ ହେବା ସହ ୧୦୬୫୯୨ଜଣ ଲୋକେ ଏଥିରେ ଲାଭ ନେଇପାରିବେ। ଏଥିପାଇଁ ୭୩. ୩୭କୋଟି ଟଙ୍କା ଖର୍ଚ୍ଚ ହୋଇଛି। ନଦୀରୁ ଜଳକୁ ଶୁଦ୍ଧ କରାଯାଇ ଲୋକମାନଙ୍କୁ ପାଇପ ଯୋଗେ ପ୍ରଦାନ କରାଯିବ। ତେବେ ଏହି ବ୍ଲକର ପ୍ରଥମ ପ୍ରୋଜେକ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇ ୯୦ପ୍ରତିଶତ ଗାଁକୁ ପାଣି ଯୋଗାଣ କରାଯାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଭୋଗରାଇ(୨) ପାଇଁ୧୯ଟି ପଂଚାୟତର୧୨୩ଟି ଗାଁର ୩୦୦୯୯ ପରିବାରର୧୦୭୯୨୩ଜଣ ଲୋକ ଉପକୃତ ହୋଇପାରିବେ। ଏହି ପ୍ରୋଜେକ୍ଟ ପାଇଁ ୧୧୪.୯୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ମୋଟ ଉପରେ ଏହି ଭୋଗରାଇ ବ୍ଲକରେ ୭୯.୪୫ପ୍ରତିଶତ ଲୋକେ ପାଇପଯୋଗ ପାଣି ପାଇଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିପରି ନୀଳଗିରି ବ୍ଲକରେ ୨୦୨୧ମସିହାରେ କାର୍ଯ୍ୟ ଆରମ୍ଭ ହୋଇଥିବା ଏହି ପ୍ରୋଜେକ୍ଟ ପାଇଁ ୨୦ଟି ପଂଚାୟତର ୯୧ଟି ଗାଁକୁ ପାଣି ଯୋଗାଯିବାର ବ୍ୟବସ୍ଥା ରହିଛି। ଏଥିରେ ୨୨୧୭୯ଟି ପରିବାରର ୯୮୯୦୯ଜଣ ଲୋକ ଉପକୃତ ହୋଇପାରିବା ସହ ୧୭୨.୯୧ କୋଟି ଟଙ୍କା ବ୍ୟୟବରାଦ ରହିଛି। ବିଶେଷ କରି କାଠପାଳଠାରେ ଥିବା ଯାଇଥିବା ସୋନ ନଦୀରୁ ଏହି ପାଣି ପାଇପ ଯୋଗେ ଲୋକମାନଙ୍କୁ ପ୍ରଦାନ କରାଯିବ। ଏବେ ସୁଦ୍ଧା ୬୨ଟି ଗାଁକୁ ପାଇପଯୋଗେ ପାଣି ପ୍ରଦାନ କରାଯାଇଛି। ବାକି ରହିଥିବା ଗାଁକୁ କେବେ ପାଣି ପ୍ରଦାନ କରାଯିବ ତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ବାଲିଆପାଳ ବ୍ଲକରେ ୨୦୨୧ମସିହା ଠାରୁ ଏହି ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇନଥିବା ବେଳେ ୨୦୨୬ମସିହା ମାର୍ଚ୍ଚମାସ ଶେଷ ସୁଦ୍ଧା ଏହା କାର୍ଯ୍ୟ ସରିବ ବୋଲି ବିଭାଗ ପକ୍ଷରୁ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ପ୍ରୋଜେକ୍ଟରେ ସୁବର୍ଣ୍ଣରେଖା ନଦୀର କୁଦମନସିଂ ଅଞ୍ଚଳରୁ ପାଣି ଯୋଗାଣ କରାଯିବ। ଏଥିରେ ୨୧ଟି ପଂଚାୟତର ୧୪୪ଟି ଗାଁ ପାଇଁ ରହିଛି। ବିଶେଷ କରି ଏହି ସମସ୍ତ ଗାଁର ୩୧୩୧୮ଟି ପରିବାରର ୧୬୪୪୫୯ଜଣ ଲୋକ ଉପକୃତ ହୋଇପାରିବେ। ଏଥିପାଇଁ ୧୨୬.୫୧କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ହେଲେ ବର୍ତ୍ତମାନ ସୁଦ୍ଧା ୭୬ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ବାକି କାର୍ଯ୍ୟ କେବେ ସରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ରେମୁଣା ଏବଂ ବାଲେଶ୍ୱର ସଦର ବ୍ଲକ ପାଇଁ ୨୦୨୧ମସିହା ଠାରୁ ଏହି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ ରେମୁଣା ବ୍ଲକର ୨୦ଟି ପଂଚାୟତର ୧୬୦ଟି ଗାଁ ଏବଂ ବାଲେଶ୍ୱର ସଦର ବ୍ଲକର ୧୪ଟି ପଂଚାୟତର ୮୧ଟି ଗାଁ ସାମିଲ ହୋଇଛି। ଏଥିରେ ରେମୁଣାର ୨୨୬୪୬ଟି ପରିବାରର ୧୨୧୨୧୦ଜଣ ଲୋକ ସାମିଲ ରହିଛନ୍ତି। ଏଥିପାଇଁ ୨୭୬.୨୭କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ବାଲେଶ୍ୱର ସଦର ବ୍ଲକର ୧୭୭୫୪ଟି ପରିବାରର ୧୦୧୩୨୧ଜଣ ଲୋକଙ୍କ ପାଇଁ କରାଯାଉଥିବା ବେଳେ ଏଥିପାଇଁ ୧୦୫.୪୭କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ବିଶେଷ କରି ବୁଢ଼ାବଳଙ୍ଗ ନଦୀର ଦରଖୋଲି ଏବଂ ଗଣ୍ଡରଦା ଠାରୁ ପାଇପ ଯୋଗେ ପାଣି ପ୍ରଦାନ କରାଯିବ। ହେଲେ ଏବେ ସୁଦ୍ଧା ୬୪.୨୫ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ସେହିପରି ଖଇରା ବ୍ଲକରେ ଏହି ପ୍ରୋଜେକ୍ଟ ୨୦୨୧ମସିହା ଠାରୁ ଆରମ୍ଭ ହୋଇଥିବା ବେଳେ ୭ଟି ପଂଚାୟତର ୬୦ଗାଁ ଏଥିରେ ସାମିଲ ହୋଇଛି। ଏଥିରେ ୯୮୫୮ଟି ପରିବାରର ୭୨୫୮୪ଜଣ ଲୋକ ଉପକୃତ ହେବେ। ଆଉ ଏଥିପାଇଁ ୮୩.୪୧କୋଟି ଟଙ୍କା ବ୍ୟୟବରାଦ ରହିଛି। ଏଥିରେ ୮୫.୧୭ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ତେବେ ଏହି ୬ଟି ପ୍ରୋଜେକ୍ଟ ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ଏବଂ ଆଉ ଗୋଟିଏ ଆଂଶିକ ଭାବେ ଶେଷ ହୋଇଥିବା ବେଳେ ବାକି ୪ଟି ପ୍ରୋଜେକ୍ଟ କେବେ ଶେଷ ହେବ ତାହା ଏବେ ଅନିଶ୍ଚିତତା ମଧ୍ୟରେ। ଏହି ସମସ୍ତ ପ୍ରୋଜେକ୍ଟ ଶେଷ ହେବାର ସମୟ ୨୦୨୪ମସିହା ରହିଥିବା ବେଳେ ତାହା ଏବେ ୨୦୨୫ ଏବଂ ୨୦୨୬କୁ ଘୁଂଚିଯାଇଛି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଏକଜିକ୍ୟୁଟିଭ ଇଂଜିନିୟର ସମୀର କୁମାର ଦେଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗୋଟିଏ ପ୍ରୋଜେକ୍ଟ ଶେଷ ହୋଇଥିବାବେଳେ ଆଉ ଗୋଟିଏ ଆସନ୍ତା ଅକ୍ଟୋବର ମାସରେ ଶେଷ ହେବ। ବାକି ଅନ୍ୟ ପ୍ରୋଜେକ୍ଟ ଗୁଡିକରେ କାର୍ଯ୍ୟ ଚାଲୁଛି ଶୀଘ୍ର ହେବା ସହ ଲୋକେ ପାଇପ ଯୋଗେ ପାଣି ପାଇପାରିବେ ବୋଲି କହିଛନ୍ତି।

## 'ଯୁଗଶ୍ରୀ ଯୁଗନାରୀ' ପକ୍ଷରୁ ଶାରଦୀୟ ସାରସ୍ୱତ ସମାରୋହ



ବାଲେଶ୍ୱର,୨୮।୯(ସମିସ): ପୁରାତନ ମାସିକ ମହିଳା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ଶାରଦୀୟ ସାରସ୍ୱତ ସମାରୋହ ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଯୁଗଶ୍ରୀ ଯୁଗନାରୀର ଉନ୍ନତି କାମନା କରିଥିଲେ। ସମ୍ମାନିତ ବକ୍ତାଭାବେ ସୁସାହିତ୍ୟିକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ କହିଥିଲେ ଯେ ଜଣେ ମହିଳା ସମାଜକୁ ବଦଳାଇବାର କ୍ଷମତା ରଖେ। ଶିକ୍ଷାବ୍ୟବସ୍ଥା ଯଦି ସଠିକ ଭାବରେ କାର୍ଯ୍ୟ କରିବ, ତାହେଲେ ମହିଳା ସଶକ୍ତିକରଣ ସଫଳ ହେବ। ତେଣୁ ମାନସିକତାରେ ପରିବର୍ତ୍ତନ ହେବା ଆବଶ୍ୟକ। ମଣିଷର ଜୀବନ ତା'ର କର୍ମରୁ ହିଁ ଜଣାଯାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଓ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗଦେଇ ଉପଯୁକ୍ତ ପୃଷ୍ଠପୋଷକତା ମିଳେ ତାହେଲେ ଏହି ପତ୍ରିକା ଆହୁରି ସୃଜନଶୀଳ ସାହିତ୍ୟିକ ସୃଷ୍ଟି କରିପାରିବ ବୋଲି କହିଥିଲେ। ସୁଶ୍ରୀ ଗୀତାଞ୍ଜଳି ସିଂହ ମଂଚ ଆହ୍ୱାନ କରିଥିବା ବେଳେ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିବା ବେଳେ କଲ୍ୟାଣୀ ନନ୍ଦ ମା' ଦୁର୍ଗାଙ୍କ ଆବାହନୀ ସଂଗୀତ ଗାନ କରିଥିଲେ। ସ୍ମୃତି ଦାସ ଏହି ସଂଖ୍ୟାର ପ୍ରଚ୍ଛଦପଟ୍ଟ ଓ ସାକ୍ଷାତକାରରେ ସ୍ଥାନିତ ହୋଇଥିବା ଡ. ଦୀପା ପାଢ଼ୀଙ୍କ ସଂପର୍କରେ ଆଲୋକପାତ କରିଥିଲେ। କ୍ରୀଷ୍ଟା ସାହା, ବସନ୍ତ ପ୍ରଧାନ, ସ୍ନେହଲତା ପତି ପ୍ରମୁଖ ପରିଚାଳନା କରିଥିଲେ। ଶିଳ୍ପୀ କେଶୁ ଦାସ ଧନ୍ୟବାଦ ଦେଇଥିଲେ।

## ଦାରୁବ୍ରହ୍ମ କୃଷକ ସଂଗଠନର ବାର୍ଷିକ ସାଧାରଣ ସଭା

ଚନ୍ଦନେଶ୍ୱର,୨୮।୯ (ସମିସ) : ନାବାର୍ଡ ଓ ନିଗମ ମିଳିତ ସହଯୋଗରେ ଗଠିତ ଦାରୁବ୍ରହ୍ମ କୃଷକ ସଂଗଠନର ବାର୍ଷିକ ସାଧାରଣ ସଭା ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ପଞ୍ଚାୟତ ଅଧୀନ ହାମିରିଆ ନାଫରାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭାରେ ସଂଗଠନର ଚେୟାରମ୍ୟାନ ସୁଜିତ କୁମାର ପରିଡାଙ୍କ ସଭାପତିତ୍ୱରେ ଶହେରୁ ଅଧିକ ଚାଷୀ ଯୋଗ ଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ନିଗମର ଜିଲ୍ଲା ସଂଯୋଜକ ମାନସ ରଞ୍ଜନ ପ୍ରଧାନ ଯୋଗ ଦେଇ କୃଷକ ଉତ୍ପାଦନ ସଂଗଠନ ଓ କୃଷି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ ଚାଷୀମାନେ କିପରି କ୍ଷୀରର ଉପଯୁକ୍ତ ମୂଲ୍ୟ, ଚାଷ ପାଇଁ ଭଲ ବିହନ ଓ କୃଷି ବିଭାଗର ବିଭିନ୍ନ କାର୍ଯ୍ୟାଳୟ ସହିତ ସମନ୍ୱୟ ରକ୍ଷା କରି ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ପାଇପାରିବେ ସେ ବିଷୟରେ ନିର୍ଦ୍ଦେଶକ ଗୌରହରି ମଣ୍ଡଳ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସଭାରେ ୨୦୨୪-୨୫ ଆର୍ଥିକ ବର୍ଷର ହିସାବ ଅନୁମୋଦନ ସହିତ ଅଡିଟର ନିଯୁକ୍ତି ପାଇଁ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା। ଏଥିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କୁମାର ଦାସ ବିବରଣୀ ପାଠ କରିଥିବାବେଳେ ହିସାବ ରକ୍ଷକ ଅଜିତ କୁମାର ପରିଡା ଚଳିତ ବର୍ଷର ଆୟବ୍ୟୟର ହିସାବ ସମସ୍ତଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର କାର୍ଯ୍ୟକର୍ତ୍ତା ରାଜୀବ ପ୍ରଧାନ, ବନମାଳୀ ସୁର, ଗୋବିନ୍ଦ ଦାସ, ଭୁବନ ପ୍ରମାଣିକ, ଧ୍ରୁବ ଚରଣ ପ୍ରଧାନ ପ୍ରମୁଖ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ମହିଳାମାନଙ୍କୁ ଫୁଲମାଳ, ମିଠା (ପେଡ଼ା) ଇତ୍ୟାଦି ତିଆରି କରି ବଜାରକୁ ବିକ୍ରୟ କରିବା ପାଇଁ ତାଲିମ ଦିଆଯିବା ନେଇ ପ୍ରତିଶୃତି ଦେଇଥିଲେ।

## ଚାଷୀ ସୁରକ୍ଷା ସମିତିର ବୈଠକ



ନୀଳଗିରି,୨୮।୯ (ସମିସ): ମାଟିଆଳି ଲ୍ୟାମ୍ପ ରାଜବରହ୍ମପୁର ଅଧିନସ୍ଥ ୧୧ଟି ପଞ୍ଚାୟତର ଚାଷୀ ମାନଙ୍କ ସୁରକ୍ଷା ପାଇଁ ଚାଷୀ ସୁରକ୍ଷା ସମିତିର ଆହ୍ୱାନ କ୍ରମେ ରବିବାର ତେଲିପାଳ କଲ୍ୟାଣ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜବରହମପୁର ର ପୂର୍ବତନ ସମିତିସଭ୍ୟ ଅକ୍ଷୟ କୁମାର ବେହେରାଙ୍କ ଆହ୍ୱାନ କ୍ରମେ ତଥା କେସିପୁରର ପୂର୍ବତନ ସମିତିସଭ୍ୟ ସୁରେଶ ନାୟକଙ୍କ ସଭାପତିତ୍ୱରେ ମାଟିଆଳି ଲ୍ୟାମ୍ପରେ ଉପୁଜୁଥିବା ସମସ୍ୟା ତଥା ମାଟିଆଳି ଲ୍ୟାମ୍ପ ମଧ୍ୟରେ ହେଉଥିବା ଅନିୟମିତତା ବିଷୟରେ ଉପସ୍ଥିତ ଚାଷୀ ମାନେ ନିଜନିଜର ମତାମତ ପ୍ରଦାନ କରିଥିଲେ। ବିଗତ ବର୍ଷରେ ଚାଷୀ ମାନେ ଧାନ ବିକ୍ରି କରିବାବେଳେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିବା ତଥା ଚାଷ ଋଣ ପରିଶୋଧ ସମୟରେ ବିଭିନ୍ନ ଆଳ ଦେଖାଇ ବିନା ରସିଦ ରେ ହାତଗୁଞ୍ଜା ନେଉଥିବା କଥା ଚାଷୀ ମାନେ ବ୍ୟକ୍ତିଗତ ଭାବେ ମତବ୍ୟକ୍ତ କରିଥିଲେ ଓ ତତ୍ ସହିତ ଲ୍ୟାମ୍ପର କର୍ମଚାରୀ ଦୀର୍ଘଦିନ ଧରି ଦରମା ପାଉ ନଥିବାର ଅଭିଯୋଗ କରୁଥିଲେ ମଧ୍ୟ ଚାଷୀମାନଙ୍କ ଋଣ ଆଦାୟ କରି ମନ ଇଚ୍ଛା ନିଜ ପକେଟ ରେ ରଖୁଥିବା ର ନଜର ଆସୁଛି ଯାହା ପାଇଁ ଲ୍ୟାମ୍ପ ବୁଡିଯିବା ସହିତ ଚାଷୀ ମାନଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଚାଷୀସୁରକ୍ଷା ସମିତି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଛନ୍ତି। ବରହମପୁର, ମାଟିଆଳି, ଛତ୍ରପୁର ଶାଖା ବଣସୀମା ଅଞ୍ଚଳର କୁଳମଣି ନାୟକ, ରୁଦ୍ରକାନ୍ତ ସାହୁ, ମାନବେନ୍ଦ୍ର ନାୟକ, ସେରାଲ ବାସ୍କେ, ଉପେନ୍ଦ୍ର ଦାସ, ଅରୁଣ ଦାସ, ଜୟନ୍ତ ଦାସ, ଗୋପୀନାଥ ଦାସ, ଅମରେନ୍ଦ୍ର ନାୟକ, ମନୋରଞ୍ଜନ ସାହୁ, କାଶୀନାଥ ପଢିଆରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସୋର ସଂସ୍କୃତି ଭବନରେ ରାଧାନାଥ ଜୟନ୍ତୀ

ସୋର, ୨୮।୯(ସମିସ): ସୋର ଉତ୍ତରେଶ୍ୱରସ୍ଥିତ ସଂସ୍କୃତି ଭବନରେ ଗାଁ ମଜଲିସ ସାହିତ୍ୟ ସଂସଦ ତରଫରୁ ରାଧାନାଥଙ୍କ ୧୭୭ତମ ଜୟନ୍ତୀ ପାଳନ କରାଯାଇଛି। ପୂର୍ବାହ୍ଣ ୧୦ ଘଟିକା ସମୟରେ ସଂସଦର ଉପସଭାପତି ଚେମେଇ ଦାସ ପ୍ରଦୀନ ପ୍ରଜ୍ୱଳନ କରିବା ସହିତ ରାଧାନାଥଙ୍କ



ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସଂପାଦକ ଦେବେନ୍ଦ୍ର କୁମାର ପ୍ରଧାନ ସମ୍ୟକ୍ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ପଣ୍ଡା, ଡ. ରବୀନ୍ଦ୍ର ବିହାରୀ, ରବୀନ୍ଦ୍ର କୁମାର ଦାସ, ଜ୍ୟୋତ୍ସ୍ନାରାଣୀ ଜେନା, କୃଷ୍ଣଚନ୍ଦ୍ର ସେଠୀ ଏବଂ ଚନ୍ଦ୍ରମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ମରାମତି ଅଭାବ
# ବାଲିଆପାଳ-ବସ୍ତା ମୁଖ୍ୟ ରାସ୍ତା ଶୋଚନୀୟ

କାଳିପଦା, ୨୮।୯ (ସମିସ)



ପୂର୍ତ୍ତ ବିଭାଗ ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତା ଏବେ ମରାମତି ଅଭାବରୁ ଶୋଚନୀୟ ହୋଇଛି। ଏନେଇ ପୂର୍ତ୍ତ ବିଭାଗ ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ କେତେ ବର୍ଷ ଧରି ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ହୋଇ ଆସିଥିଲେ ବି ତା'ର ସୁଫଳ ବିଶେଷ କିଛି ନାହିଁ। ଚଳିତ ବର୍ଷ ରାସ୍ତାର କେତେକ ଜାଗାରେ ମରାମତି ହୋଇ ଥିଲେ ବି ନିମ୍ନମାନର କାମ ଯୋଗୁଁ ପିଚୁ ଉଠି ଯାଇଛି। ବାଲିଆପାଳରୁ ୨୩ କିଲୋମିଟର ଏହି ରାସ୍ତାର ବହୁ ଜାଗାରେ ରାସ୍ତାରୁ ପିଚୁ ଉଠି ଯାଇ ଖାଲ ଖମା ସୃଷ୍ଟି ହୋଇଛି। ଫଳରେ ଗାଡି ଯିବା ନେଇ ନାନା ଅସୁବିଧା ସୃଷ୍ଟି ହୋଇଛି। ଦୈନନ୍ଦିନ ଛୋଟ ମୋଟ ଦୁର୍ଘଟଣାମାନ ସଂଗଠିତ ହେଉଛି। ଏହି ରାସ୍ତା ପାରି ଦୈନନ୍ଦିନ ଶତାଧିକ ବସ, ଟ୍ରକ, ଟ୍ରାକ୍ଟର, ଦୁଇ ଚକିଆ ଯାନ ଯିବା ଆସିବା କରିଥାଏ। ପଶ୍ଚିମବଙ୍ଗର ଦୀଘା, ଏ ଗ୍ରା, ଦାନ୍ତୁନ, ଓଡିଶାର ଚନ୍ଦନେଶ୍ୱର, ଭୋଗରାଇ, ଦେଉଳା ହାଟ, ବାଲିଆପାଳ, ଲଙ୍ଗଳେଶ୍ୱର, କାଳିପଦା ଆଦି ସ୍ଥାନରୁ ଯାତ୍ରୀ ବସ୍ ଯୋଗେ ବାଲେଶ୍ୱର, ବାରିପଦା, କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ରାଉରକେଲା, କଲିକତା ଆଦି ଦୂରଦୂରାନ୍ତକୁ ଯିବା ଆସିବା କରନ୍ତି। ଏହି ରାସ୍ତାକୁ ବାଲିଆପାଳର ଜୀବନ ରେଖା କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ରାତ୍ରିରେ ଯାତ୍ରୀବାହୀ ବସ୍ ଗୁଡିକ ମଧ୍ୟ ଯିବା ଆସିବା କରିଥାନ୍ତି। ଏହି ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ଦେବା ପାଇଁ ମଧ୍ୟ ବାରମ୍ବାର ଦାବି ହୋଇ ଆସୁଛି। ମାତ୍ର ପ୍ରଶାସନିକ ସ୍ଥାଣୁତା ଓ ରାଜ ନୈତିକ ଇଛା ଶକ୍ତିର ଅଭାବରୁ ତାହା ଅଦ୍ୟାବଧି ହୋଇ ପାରି ନାହିଁ। ଏହି ରାସ୍ତାକୁ ଦୁଇଟିକିଆ ରାସ୍ତାରେ ପରିଣତ କରିବା ପାଇଁ ମଧ୍ୟ ଦାବି ହେଉଛି। ବାଲିଆପାଳକୁ ରେଳ ସଂଯୋଗ ନ ଥିବାରୁ ସଡକ ପଥ ହିଁ ଏକମାତ୍ର ଭରସା ଯୋଗ୍ୟ ବ୍ୟବସ୍ଥା। ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ଗଗନ ଜେନା, ଦୁଷ୍ମନ୍ତ ବାରିକ, ସତୀନ୍ଦ୍ର ନାଥ ମଣ୍ଡଳ, ଦୁଃଖିଶ୍ୟାମ ଜେନା, ମଦନ ମୋହନ ମହାନ୍ତି, ଗୁଣାକର ନାଗ, ବିଷ୍ଣୁପ୍ରିୟା ମହାପାତ୍ର, ସୁନାମଣୀ କୁହ୍ଲାରୀ, ପ୍ରସନ୍ନ କୁମାର ରାଉତ, ନିଶିକାନ୍ତ ବାରିକ, ସପନ ଜେନା, ସୁମନ୍ତ କୁମାର ଦେ ପ୍ରମୁଖ ଦାବି କରିଛନ୍ତି।

## ଓଲମରା ଉଚ୍ଚ ବିଦ୍ୟାଳୟରେ ଡେଙ୍ଗୁ ସଚେତନତା



ବାଲେଶ୍ୱର/ଜଳେଶ୍ୱର, ୨୮।୯(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା, ବାଲେଶ୍ୱରର ପ୍ରଧାନ ଶିକ୍ଷକ ମଙ୍ଗଲ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସହକାରୀ ଶିକ୍ଷକ ତଥା ଜେ ଆର୍ ସି କାଉନସିଲର ନାରାୟଣ ପାଇକରାୟଙ୍କ ସହଯୋଗରେ ପିଲାମାନଙ୍କ ମଧ୍ୟରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳରେ ଧୀରେ ଧୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ପିଲାମାନଙ୍କ ମଧ୍ୟରେ ଡେଙ୍ଗୁ ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର ସମ୍ବନ୍ଧରେ ସୂଚନା ଦେବା ସହିତ ବିଭିନ୍ନ ପ୍ଲାକକାର୍ଡ ପ୍ରସ୍ତୁତ କରି ଦେଖାଯାଇଥିଲା। ପୂଜା ଛୁଟିରେ ପ୍ରଥମେ ପିଲାମାନେ ନିଜ ଘରର ଚାରିପାଖ ଓ ବହୁଦିନ ଧରି ଜମା ରହୁଥିବା ପାଣିକୁ ପରିଷ୍କାର ରଖିବା ସହ ପାଖ ପଡୋଶୀଙ୍କୁ ଡେଙ୍ଗୁ ରୋଗ ବିଷୟରେ ସୂଚନା ଦେବେ। ନିଜେ ସୁରକ୍ଷିତ ରହିବା ସହ ନିଜ ପରିବାର ତଥା ନିଜ ଅଞ୍ଚଳକୁ ଡେଙ୍ଗୁ ମୁକ୍ତ ଅଞ୍ଚଳ ଭାବେ ରଖିବା ପାଇଁ ପିଲାମାନେ ଶପଥ ନେଇଛନ୍ତି। ପ୍ରାୟ ଷାଠିଏରୁ ଉର୍ଦ୍ଧ୍ୱ ପିଲାଙ୍କୁ ଡେଙ୍ଗୁ ରୋଗର ଲିଫ୍ଲେଟ ଓ ବହି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ

# ଲକ୍ଷାଧିକ ଟଙ୍କାର ବାଣ ଜବତ

ସୋର, ୨୮।୯ (ସମିସ)

ସୋର ପୌର ପାଳିକା ଅନ୍ତର୍ଗତ ତୁଣ୍ଡପଡ଼ା ଗ୍ରାମରେ ବାଣ ପ୍ରସ୍ତୁତି ହେଉଥିବା ଖବର ପାଇ ସୋର ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବାଣ ଜବତ କରିଥିବା ବେଳେ ଜଣଙ୍କୁ ଥାନାରେ ଅଟକ ରଖିଛି। ବାଲେଶ୍ୱର ଏସ୍ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ସଦର ଏସ୍ଡିପିଓ ଶୁଭ୍ରାଂଶୁ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଣ ଜବତ କରାଯାଉଥିବା ବେଳେ ଆଜି ସୋରରୁ ବିପୁଳ ପରିମାଣର ବାଣ ଜବତ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ସୋର ପୌରପାଳିକା ଅନ୍ତର୍ଗତ ତୁଣ୍ଡପଡା ଗ୍ରାମର ଶୁକଦେବ ନାଥ ଘରେ ବାଣ ପ୍ରସ୍ତୁତ କରିବା ସାହିତ ବାଣ ବିକ୍ରି କରୁଥିଲେ। ଏ ବାବଦରେ ଖବର ପାଇ ଆଜି ମଧ୍ୟାହ୍ନରେ ସୋର ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ବାଣ ଜବତ କରିବା ସହିତ ଶୁକଦେବଙ୍କୁ ଥାନାରେ ଅଟକ ରଖାଯାଇଛି। ଜବତ ବାଣର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି।

**ଜଳେଶ୍ୱର ବ୍ଲକ:** ଜଳେଶ୍ୱର ପୁଲିସ ପକ୍ଷରୁ ଆଜି ସକାଳ ସମୟରେ ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାଡ ଗ୍ରାମରେ ବେଆଇନ ବାଣ ଗୋଦାମ ଉପରେ ଚଢ଼ାଉ କରି ପ୍ରାୟ ୫୦ଲକ୍ଷରୁ ଉର୍ଦ୍ଧ ଟଙ୍କାର ବାଣ ଜବତ କରିବା ସହିତ ଜଣେ ବ୍ୟବସାୟୀକୁ ଅଟକ ରଖିଛି ପୁଲିସ। ବାଣ ଜବତ ହେବା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ବାଣକୁ ନଷ୍ଟ କରାଯିବ।

**ନୀଳଗିରି:** ବରହମପୁର ଥାନା ଅଞ୍ଚଳରେ ବେଆଇନ ଭାବରେ ତିଆରି ହୋଇଥିବା ହଜାର ହଜାର ଟଙ୍କାର ବେଆଇନ ବାଣ ଜବତ କରିବା ସହିତ ପୁଲିସ ଜଣକୁ ଅଟକ କରିଥିବା ଜଣାପଡ଼ିଛି। ଅଟକ ହୋଇଥିବା ଯୁବକ ଜଣକ ହେଲେ ବରହମପୁର ଥାନା ଅଧିନ ବରହମପୁର ପଞ୍ଚାୟତର ସତ୍ୟନାରାୟଣ ପୁଟି। ଆଗକୁ ପାର୍ବଣ ରତୁ ଥିବାରୁ ବାଣ ପ୍ରସ୍ତୁତ କରି ବିକ୍ରି କରିବା ପାଇଁ ବାଣ ତିଆରି କରୁଥିଲେ। ବରହମପୁର ଥାନା ଆଇଆଇସି ପ୍ରେମଦା ନାୟକ କୌଣସି ସୂତ୍ରରୁ ଖବର ପାଇ ଦଳବଳ ନେଇ ବାଣ ତିଆରି ସ୍ଥାନ ଉପରେ ଅଚାନକ ଚଢ଼ାଉ କରି ବାଣ ସହ ଉକ୍ତ ଯୁବକଙ୍କୁ ଅଟକ କରିଛନ୍ତି। ଜବତ ହୋଇଥିବା ବାଣର ମୂଲ୍ୟ ହଜାର ହଜାର ଟଙ୍କାର ହେବ ବୋଲି ଜଣାପଡ଼ିଛି। ଏ ନେଇ ବରହମପୁର ଥାନା ପକ୍ଷରୁ ଯୁବକକୁ ଥାନାରେ ଅଟକ ରଖି ପୁଲିସ ଘଟଣାର ଅଧିକ ତଦନ୍ତ କରୁଥିବାର ଜଣା ପଡ଼ିଛି।

**ରୂପସା :** ବସ୍ତା ଥାନା ମଛଡିହା ଗ୍ରାମରେ ବେଆଇନ ଭାବେ ବାଣ ତିଆରି ଚାଲି ଥିଲା ବେଳେ ପୁଲିସ ଅତର୍କିତ ଭାବେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଥିବା ବେଳେ ଜଣେ ବାଣ ବ୍ୟବସାୟୀକୁ ଗିରଫ କରିଛି। ସୂଚନା ଅନୁସାରେ ଏହି ଗ୍ରାମର ସୁଶାନ୍ତ ଧଳଙ୍କ ଘରେ ବେଆଇନ ବାଣ ତିଆରି ଚାଲିଆସୁଥିଲା। ଏ ନେଇ କୌଣସି ବିଶେଷ ସୂତ୍ରରୁ ଖବର ପାଇ ବସ୍ତା ପୁଲିସ ଆଜି ସକାଳେ ଅଚାନକ ଶ୍ରୀ ଧଳଙ୍କ ଘରେ ଚଢଉ କରି ପ୍ରାୟ ୧୩୪୫ କିଲୋଗ୍ରାମ ଓଜନର ବେଆଇନ ବାଣ, କଞ୍ଚାମାଲ (ବିସ୍ଫୋରକ ପାଉଡର ୨୬ କିଲୋଗ୍ରାମ ଏବଂ ୧୪୫ କିଲୋଗ୍ରାମ ଖାଲି କାଗଜ ପାଇପ୍) ଆଦି ଜବତ କରି ଅଭିଯୁକ୍ତ ସୁଶାନ୍ତ ଧଳଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ପରିପ୍ରେକ୍ଷୀରେ ପୁଲିସ ପକ୍ଷରୁ ୩୬୮/୨୫ ମୂଳେ ଏକ ମାମଲା ରୁଜୁ ହୋଇଛି।

# କବିବର ସ୍ମୃତି ପରିଷଦ ପକ୍ଷରୁ କବିବର ସ୍ମୃତିପର୍ବ




ସୋର, ୨୮।୯ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ କଲେଜଛକ ସ୍ଥିତ ଓମ ସାଇ ମଣ୍ଡପରେ କବିବର ସ୍ମୃତି ପରିଷଦ ଆନୁକୁଲ୍ୟରେ ଦିବସବ୍ୟାପୀ କବିବର ସ୍ମୃତି ପର୍ବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଅଧିବେଶନରେ ଯୁବ ସମ୍ମିଳନୀ'କୁ ସୋର ବିଧାୟକ ମାଧବ ଧଡ଼ା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ବିଜୟ ମହାନ୍ତି ଯୋଗଦେଇଥିଲେ। ଏହି ଅଧିବେଶନର ଆଭିମୁଖ୍ୟ ଥିଲା ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଓ ଆତ୍ମବିଶ୍ୱାସ ଉଜାଗର କରିବା। ବିଶିଷ୍ଟ ସମାଜସେବୀ ଶୃତି ମହାପାତ୍ର ଉପସ୍ଥିତ ଯୁବବର୍ଗଙ୍କୁ ନିଜର ପ୍ରେରଣାଦାୟୀ ଜୀବନ କାହାଣୀ ଆଭାସୀ ମାଧମରେ ଜଣାଇଥିଲେ। ସୁଶ୍ରୀ ମହାପାତ୍ରଙ୍କର ସାକ୍ଷାତକାର ନେଇଥିଲେ ପରିଷଦର ଆବାହକ ଜୟରାମ ଦାସ। ଅନ୍ୟତମ ପ୍ରେରଣାଦାୟୀ ଯୁବ ପ୍ରତିଭା ତଥା ଅଲମ୍ପିଆନ୍ ଦୂତୀ ଚାନ୍ଦ ଯୁବବର୍ଗଙ୍କୁ ଉତ୍ସାହିତ କରିବା ସହ ଜୀବନରେ କେବେ ହାରି ନ ଯିବାକୁ ପରାମର୍ଶ ଦେଇଥିଲେ। ସୁଶ୍ରୀ ଚାନ୍ଦଙ୍କ ସାକ୍ଷାତକାର ନେଇଥିଲେ ମିନତୀ କର। ଏହି ଅଧିବେଶନରେ ମଞ୍ଚ ପରିଚାଳନା କରିଥିଲେ ଚିତ୍ତରଞ୍ଜନ ଦାସ ଓ ଧନ୍ୟବାଦ ଦେଇଥିଲେ ତୁଷାର ଧଡ଼ା। ବିଶିଷ୍ଟ ସଂଗ୍ରାହକ ତଥା ବାଇ ଚଢ଼େଇ ଶିଶୁ ପତ୍ରିକାର ସମ୍ପାଦକ ବିକାଶ ଶତପଥୀ ଦ୍ୱିତୀୟ ଅଧିବେଶନକୁ ଉଦଘାଟନ କରିଥିଲେ। ଶିଶୁ ଲେଖକ ଶ୍ରୀମାନ ବିନମ୍ର ଶତପଥୀ ଶିଶୁ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅଧିବେଶନ ଏକ ଗଳ୍ପ କଥନ ଉତ୍ସବ ଥିଲା। ଉତ୍ସବ ଆରମ୍ଭରେ ଅନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଗଳ୍ପ କଥକ ଲିପିକା ମହାନ୍ତି ଉପସ୍ଥିତ ଶିଶୁ ଶ୍ରୋତାଙ୍କୁ ମୂଲ୍ୟବୋଧ ଭିତ୍ତିକ ଗଳ୍ପ ଶୁଣାଇଥିଲେ। ଅନ୍ୟତମ ଗଳ୍ପ କଥକ ପ୍ରତିଭାଶ୍ରୀ ର ମୁଖ୍ୟ କବି ପ୍ରଶାନ୍ତ ଦାସ ଗଳ୍ପ ମାଧମରେ ପିଲାଙ୍କୁ ହସର ଖୋରାକ ଯୋଗାଇଥିଲେ। ଏହି ଅଧିବେଶନରେ ମଞ୍ଚ ପରିଚାଳନା ଅରତୀ ଦାସ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଗୃହଲକ୍ଷ୍ମୀ ସାହୁ ଓ ଧନ୍ୟବାଦ ଜଣାଇଥିଲେ ଉମାକାନ୍ତ ବେହେରା ସାନ୍ଧ୍ୟ ଅଧିବେଶନ କବିବର ସ୍ମୃତି ପର୍ବକୁ ଉଦଘାଟନ କରିଥିଲେ କବିବରଙ୍କ ଅଣନାତି ଶୁଭେନ୍ଦୁ କୁମାର ରାୟ। ବ୍ରହ୍ମବରଦା କଲେଜର ଅଧ୍ୟକ୍ଷ ଡ଼କ୍ଟର ମହେଶ୍ୱର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡ. କୃଷ୍ଣଚନ୍ଦ୍ର ବଳ ଓଡ଼ିଆ ସାହିତ୍ୟରେ ରାଧାନାଥଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ବରିଷ୍ଠ ସାହିତ୍ୟିକ କାମଦେବ ଶତପଥୀ କବିବର ରାଧାନାଥ ରାୟଙ୍କ ପରିବାର, ଜୀବନଚର୍ଯ୍ୟା ଓ ସାମାଜିକ ସମ୍ପୃକ୍ତି ସମ୍ବନ୍ଧରେ ଅନେକ ରୋଚକ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼କ୍ଟର ଶରତ ଚନ୍ଦ୍ର ମହାନ୍ତିଙ୍କ ଲିଖିତ ବିଶେଷ ସମାଲୋଚନା ଗ୍ରନ୍ଥ 'କବିବର କାବ୍ୟ ମାଧୁର୍ଯ୍ୟ' ଲୋକାର୍ପିତ ହୋଇଥିଲା। ସାନ୍ଧ୍ୟ ଅଧିବେଶନରେ ଅମରେନ୍ଦ୍ର ନନ୍ଦ ମଞ୍ଚ ପରିଚାଳନା କରିଥିଲେ ଓ ଧନ୍ୟବାଦ ଦେଇଥିଲେ ମିନତୀ କର। କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ଶୃତି ମହାପାତ୍ରଙ୍କ ପ୍ରୋଗ୍ରାମ ଅଫିସର ସତ୍ୟଜିତ୍ ବେହେରା, ସୌମ୍ୟଶାନ୍ତ ପଟ୍ଟନାୟକ, ଜ୍ୟୋତ୍ସ୍ନା ଦାସ ଏବଂ ଗୃହଲକ୍ଷ୍ମୀ ସାହୁ।

# କବିବର ରାଧାନାଥ ରାୟଙ୍କ ଜୟନ୍ତୀ



ଜଳେଶ୍ୱର ବ୍ଲକ, ୨୮।୯ (ସମିସ): ଯୁଗେ ଯୁଗେ ପୂଜ୍ୟ ଓ ନମସ୍ୟ ହୋଇ ରହିବେ କବିବର ରାଧାନାଥ ରାୟ। ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ପବିତ୍ର ମାଆ ଦୁର୍ଗତ ନାଶିନୀ ମାଆ ଦୁର୍ଗାଙ୍କ ର ଷଷ୍ଠୀ ଦିବସ ଅବସରରେ ଲକ୍ଷ୍ମଣ ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କବିବର ରାଧାନାଥ ରାୟ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଆଜି ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମଣନାଥ ଜଳେଶ୍ୱର ପରିସରରେ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ କବିବର ରାଧାନାଥ ରାୟଙ୍କ ୧୭୮ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ସାହିତ୍ୟିକ ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ଏ ସ୍କୁଲ ପରିସରରେ କବିବର ରାଧାନାଥ ରାୟଙ୍କ ଜନ୍ମ ଜୟନ୍ତୀ ପାଳିତ ହେଉ ବୋଲି ପ୍ରଧାନ ଶିକ୍ଷକ ତଥା ଆଲୁମିନି ସଭାପତି ଓ ପରି ଚାଳନା କମିଟି ର ସଦସ୍ୟ ମାନଙ୍କ ଠାରେ ପ୍ରସ୍ତାବ ରଖିଥିଲେ। ତରେଣୀ ଅତିଥି ଭାବରେ ଦୀନକୃଷ୍ଣ ସ୍ମୃତି ପରିଷଦର ଉପ ସଭାପତି ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀ ଶିକ୍ଷାନୁଷ୍ଠାନ ସମୂହ ର ଚେୟାରମେନ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ କବିବର ରାଧାନାଥ ରାୟ ହେଉଛନ୍ତି ଓଡ଼ିଆ ସାହିତ୍ୟ ର ବାଣୀ ଭଣ୍ଡାର କୁ ସମୃଦ୍ଧ କରିଥିବା ମଣିଷ। ଆଲୁମନିର ସଭାପତି ଶ୍ୟାମା ଚରଣ ଦାସ, ପ୍ରଧାନ ଶିକ୍ଷକ ବୀର ମାରାଣ୍ଡି, ପ୍ରାକ୍ତନ ସିଇଓ ଶରତ ଚନ୍ଦ୍ର ପରିଡା, ମିହିର ଭୂୟାଁ, ବିଶିଷ୍ଟ କବି ବସନ୍ତ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ, କବି ରଂଜନ କୁମାର ଘୋଷ ତାଙ୍କର ସ୍ୱରଚିତ କବିତା ପାଠ କରିଥିଲେ। କୁମାର କୃଷ୍ଣ କର, ସୁରମା ଧଳ, ଜଗତ ରଂଜନ ଜେନା, ପୁଣ୍ୟ ଚୋରା ଜେନା, ପୁଷ୍ପଲତା ସିଂ, ପ୍ରୀତିପ୍ରଜ୍ଞା ବେହେରା, ନିର୍ମଳା ପାତ୍ର, ସତ୍ୟ ରଞ୍ଜନ ପରିଡ଼ା, ବିମଳ କୁମାର ନାୟକ, ଦେବଦତ୍ତ ମିଶ୍ର, ସମୀର କୁମାର ବିଶ୍ୱାଳ, ପ୍ରଥମେ ଅନୁଷ୍ଠାନ ପରିସରରେ ଥିବା କବିବର ରାଧାନାଥ ରାୟ ଙ୍କର ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା।

## ଯୁବକଙ୍କ ଛାତିରେ ଲୁହାଛଡ଼ ପଶି ମୃତ୍ୟୁ

ବାରିପଦା, ୨୮।୯ (ସମିସ): ବାଉରା ଛକ ନିକଟରେ ଅଟୋ-ବାଇକ ମୁହାଁମୁହିଁ ଧକ୍କାରେ ଜଣେ ଯୁବକଙ୍କ ଛାତିରେ ଲୁହାଛଡ଼ ପଶିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସାନ ବ୍ରାହ୍ମଣମରା ଗ୍ରାମର ଲାଦୁ ହେମ୍ବ୍ରମ। ସୂଚନାନୁଯାୟୀ, ସେ ତାଙ୍କ ଝିଅକୁ ନେଇ ବାଇକରେ ଘରକୁ ଫେରୁଥିଲେ। ତେବେ ବାଉରା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଅଟୋ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଯାହାଫଳରେ ସେ ବାଇକରୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିଲେ। ରାସ୍ତା ପାର୍ଶ୍ୱରେ ଥିବା ଲୁହାଛଡ଼ଟି ତାଙ୍କ ଛାତିରେ ପଶି ଯାଇଥିଲା। ଏହାସହିତ ତାଙ୍କ ସାନ ଝିଅର ଗୋଡ ଭାଙ୍ଗିଯିବାରୁ ସେ ମଧ ଆହତ ହୋଇଥିଲେ। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ସଦରରେ ଏକ ମାମଲା ରୁଜୁ କରାଯାଇଛି।

# ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ନନ୍ଦିତାଙ୍କ ସଫଳତା



ବାଲିଆପାଳ, ୨୮।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାର ଫଳ ପ୍ରକାଶ ପାଇଥିବା ବେଳେ ବାଲିଆପାଳ ବ୍ଲକର ନନ୍ଦିତା ସାମଲ ୧୯୪ରାଙ୍କ ରଖି ସଫଳତା ଅର୍ଜନ କରିଛନ୍ତି। ନନ୍ଦିତା ବାଲିଆପାଳର ପ୍ରତିଷ୍ଠିତ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରୁ ୯୬ ପ୍ରତିଶତ ନମ୍ବର ରଖି ମାଟ୍ରିକ ପାସ କରିବା ପରେ ବାଲେଶ୍ୱରର ଏକ ଘରୋଇ କଲେଜରେ +୨ ରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ (ଓୟୁଏଟି) ଭୁବନେଶ୍ୱରରୁ ଫରେଷ୍ଟ୍ରିରେ ଡିଗ୍ରୀ ଏବଂ ୨୦୨୩ ମସିହାରେ ମାଷ୍ଟର ଡିଗ୍ରୀ ଶେଷ କରିବା ପରେ ନନ୍ଦିତା ଏବଂ ତାଙ୍କ ସାନ ଭଉଣୀ ନମ୍ରତା ଉଭୟେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ଦୈନିକ ୧୦ ଘଣ୍ଟାରୁ ଅଧିକ ସମୟ ପରିଶ୍ରମ କରୁଥିଲେ। ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ହରପ୍ରସାଦ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଭାସ ରଞ୍ଜନ ସାମଲଙ୍କ ଜ୍ୟେଷ୍ଠ କନ୍ୟା ଅଟନ୍ତି। ନନ୍ଦିତାଙ୍କ ମା ମନ୍ଦାକିନୀ ଜଣେ ଗୃହିଣୀ। ନନ୍ଦିତା ତାଙ୍କ ରାଙ୍କକୁ ନେଇ ସେତେଟା ଖୁସି ନଥିଲା ବେଳେ ପ୍ରଶାସନିକ ସେବାରେ ଯୋଗ ଦେବା ପରେ ଓଡ଼ିଶାର ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି। ନନ୍ଦିତା ତାଙ୍କର ସଫଳତା ପାଇଁ ପିତାମାତା, ସାନ ଭଉଣୀ ନମ୍ରତା, ଅଧ୍ୟୟନ କରିଥିବା ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ତାଙ୍କର ଶୁଭଚିନ୍ତକ ମାନଙ୍କୁ ଶ୍ରେୟ ଦେଇଛନ୍ତି। ନନ୍ଦିତାଙ୍କ ସଫଳତା ଖବର ପାଇ ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ସୁବର୍ଣ୍ଣରେଖା ଯୁବ କ୍ରୀଡା ସଂସଦର ସଭାପତି ଡ. ସନ୍ତୋଷ କୁମାର ଦାସ, ମିଡିଆ ଫୋରମ ସଭାପତି ପ୍ରତାପ କୁମାର ପାତ୍ର, ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ବିଭିନ୍ନ ଶିକ୍ଷକ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବ୍ୟକ୍ତି ବିଶେଷ ଏବଂ ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।

# ଆରତୀ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର




ଭୋଗରାଇ,୨୮।୯ (ସମିସ): ଭୋଗରାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆରତୀ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୁମ୍ଭାରମୁଳି ସମିତି ସଭ୍ୟ ଆଶିଷ ପାତ୍ର ଯୋଗଦେଇ ଫିତା କାଟି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ କମଳାକାନ୍ତ ଜେନା, ବିପିଏମ କବି ପ୍ରସାଦ ସାହୁ, କୈଶିକ ଚାନ୍ଦ, ଜିଲ୍ଲା ପ୍ରଯୋଜକ ଶିଶୁ ଅଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଜିଲ୍ଲା ରକ୍ତ ଭଣ୍ଡାରରୁ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରୁ ୧୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ବେଳେ ଫାଉଣ୍ଡେସନ ପକ୍ଷରୁ ରକ୍ତଦାତାଙ୍କୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନ ସଭାପତି ସତ୍ୟନାରାୟଣ ସାହୁ, ସୁଶାନ୍ତ ସେଠୀ,ଭଗୀରଥ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଘର ସମ୍ମୁଖରୁ ୨ଟି ବାଇକ୍ ଚୋରି

ବାରିପଦା, ୨୮।୯ (ସମିସ): ରଙ୍ଗାମାଟିଆ ଅଞ୍ଚଳରେ ଘର ସମ୍ମୁଖରୁ ୨ଟି ବାଇକ ଚୋରି ହୋଇଛି। ଏନେଇ ବାରିପଦା ସଦର ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଅର୍ଜୁନ ମୁର୍ମୁ ରାତିରେ ଘର ସମ୍ମୁଖରେ ବାଇକ ପାର୍କିରେ କରିଥିଲେ। ତେବେ ସକାଳୁ ଦେଖିବା ବେଳକୁ ଉକ୍ତ ସ୍ଥାନରେ ବାଇକ ନଥିଲା। ବହୁ ଖୋଜାଖୋଜି କରିବା ପରେ ମଧ ନପାଇ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ମଙ୍ଗଳ ସିଂ ରାତିରେ ଘର ସମ୍ମୁଖରୁ ବାଇକ ଚୋରି ମଧ ହୋଇଛି। ଦୁଇଟି ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ୧୭ଟି ବାଛୁରି ବୋଝେଇ ପିକ୍ଅପ୍ ଜବତ



ମହୁଲଡିହା, ୨୮।୯ (ସମିସ): ମହୁଲଡିହା ଥାନା ପୁଲିସ ଆନନ୍ଦପୁର-କରଞ୍ଜିଆ ନଂ ୫୩ ରାଜ୍ୟ ରାଜପଥରେ ପାଟ୍ରୋଲିଂ କରୁଥିବା ସମୟରେ ଆନନ୍ଦପୁର ଆଡୁ ଚୋରାରେ ବାଛୁରି ବୋଝେଇ କରି ଆସୁଥିବା ଏକ ପିକଅପ୍ ଭ୍ୟାନକୁ ଜବତ କରି ଥାନାକୁ ଆଣିଛି। ପ୍ରକାଶ ଥାଉ କି, କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ ଏନେଇ ବିଶେଷ ସୁତ୍ରରୁ ଖବର ପାଇଥିଲେ। ପରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଓ ପୁଲିସ କର୍ମଚାରୀଙ୍କ ସହିତ ରବିବାର ଭୋର ୪ଟାରେ ସାତକୋଶିଆରୁ ସୂଚନା ମୁତାବକ ସନ୍ଦେହରେ ଏକ ପିକଅପର ପିଛା କରି ମହୁଲଡିହା-ଭାଲିଆଡାଳ ରାସ୍ତାର ଗୌଡ଼ିଆବାହାଳି ଜଙ୍ଗଲରୁ ଗାଡିଟି ଜବତ କରି ଥାନାକୁ ଆଣିଛନ୍ତି। ମାତ୍ର ପିକଅପର ଡ୍ରାଇଭର ଅନ୍ଧାରରେ କୌଶଳ କ୍ରମେ ଖସିଯାଇଛି। ପିକଅପରେ ୧୭ଟି ବାଛୁରୀର ଗୋଡ଼କୁ ଗୋଡ଼ ଛନ୍ଦି ଗାଡ଼ିରେ ବୋଝେଇ ହୋଇଥିଲା। ବାଛୁରୀ ସହିତ ଗାଡ଼ିଟି ଥାନାକୁ ଆଣି ଥାନାଧିକାରୀ ଆନିମଲ ଆକ୍ଟରେ କେଶ ନମ୍ବର ୯୬/୨୫ରେ ମାମଲା ରୁଜୁକରି ତଦନ୍ତ କରୁଛନ୍ତି। ପ୍ରାଣୀ ଚିକିତ୍ସକ ସମସ୍ତ ବାଛୁରୀର ସ୍ୱାସ୍ଥ୍ୟ ପରୀକ୍ଷା ପରେ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି।

## ହାତୀ ଉପଦ୍ରବ; ଫସଲ ନଷ୍ଟ

କରଞ୍ଜିଆ, ୨୮।୯ (ସମିସ): କରଞ୍ଜିଆ ବନଖଣ୍ଡ ଅଧୀନ କରଞ୍ଜିଆ ରେଞ୍ଜର ସିଙ୍ଗଡ଼ା ସେକ୍ସନରେ ଥିବା ମୁର୍ଗାପାଟ ଗ୍ରାମର ତରଣୀ ପାତ୍ରଙ୍କ ଫାର୍ମରେ ହାତୀପଲ ପ୍ରାୟ ୩ଲକ୍ଷ ଟଙ୍କା ମୂଲ୍ୟର ଫସଲ ନଷ୍ଟ କରିଥିବାର ଜଣାପଡ଼ିଛି। ଗତକାଲି ରାତି ପ୍ରାୟ ୧ଟା ୩୦ ବେଳକୁ ୩୦ଟିକିଆ ହାତୀପଲ ମୁର୍ଗାପାଟ ଗ୍ରାମର ତରଣୀ ପାତ୍ରଙ୍କ ଫାର୍ମରେ ପହଞ୍ଚି ଥିଲେ। ତରଣୀ ଦୁଇ ଏକର ଜମିରେ ଧାନ ରୋଇଥିଲେ ହେଲେ ଫସଲକୁ ଯେତିକି ଖାଇ ନଥିଲେ ତାଠୁ ଅଧିକ ମାଡି ନଷ୍ଟ କରିପକାଇଛନ୍ତି। କଦଳୀ ବଗିଚାକୁ ମାଡିଦେଇ ସମ୍ପୂର୍ଣ୍ଣ ଉଜାଡି ପକାଇଛନ୍ତି। ଭଲ କିସମର ଲାଗିଥିବା ଅନେକ ଆମ୍ବ ଗଛକୁ ଖାଇବା ସହିତ ଉପାଡି ପକାଇଛନ୍ତି। ହାତୀପଲ ଯିବା ସମୟରେ ଫାର୍ମରେ ଲାଗିଥିବା ସ୍ପ୍ରିଙ୍କଲର ପ୍ଲାଷ୍ଟିକ ପାଇପକୁ ମାଡି ଭାଙ୍ଗି ଦେଇଛନ୍ତି। ହାତୀ ଦଳରେ ଏକ ଶିଶୁ ଶାବକ ଥିବାରୁ ଦଳଟି ଅନେକ ସମୟ ଧରି ଫାର୍ମରେ ରହିଥିଲେ। ରବିବାର ସକାଳୁ ବନ ବିଭାଗ କର୍ମଚାରୀ ଫାର୍ମକୁ ଯାଇ କ୍ଷତି ହୋଇଥିବାର ଦେଖିଥିଲେ।

# ଦୁଇଦିନିଆ ଅନ୍ତର୍ଦେଶୀୟ ଫାକଲ୍ଟି ଡେଭଲପ୍ମେଣ୍ଟ କାର୍ଯ୍ୟକ୍ରମ

ବାରିପଦା, ୨୮।୯ (ସମିସ): ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଓ ମ୍ୟାନେଜମେଣ୍ଟର ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ମିଳିତ ଉଦ୍ୟମରେ ଦୁଇଦିନିଆ ଅନ୍ତର୍ଦେଶୀୟ ଫାକଲ୍ଟି ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମର ନାୟକ ଅନଲାଇନ ମୋଡ୍ରେ ଉଦ୍ଘାଟନ କରିଥିବା ବେଳେ ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ରୁପାମଞ୍ଜରୀ ବେହେରା ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଅଭିପ୍ସା ନାୟକ ବିଶେଷଜ୍ଞମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଦୁଇଦିନ ଧରି ଦେଶ ଓ ବିଦେଶରୁ ବହୁ ବିଶେଷଜ୍ଞ ଆଲୋଚନାରେ ଭାଗନେଇ ନିଜର ମତ ଉପସ୍ଥାପନ କରିଥିଲେ। 'ଜୈବ ବିବିଧତା ପର୍ଯ୍ୟବେକ୍ଷଣ ଏବଂ ସଂରକ୍ଷଣ ଉପରେ ଉଦୀୟମାନ ଧାରା' ଶୀର୍ଷକ ବିଷୟବସ୍ତୁ ଉପରେ ବିଭିନ୍ନ ବକ୍ତା ସେମାଙ୍କର ମତ ରଖିଥିଲେ। ପ୍ରଥମ ଦିବସରେ ବାଂଲାଦେଶ ଷ୍ଟାମଫୋର୍ଡ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନୀ ପ୍ରଫେସର ଅହମଦ କାମରୁଜାମ ମଜୁମଦାର, ପଶ୍ଚିମବଙ୍ଗ ମେଦିନପୁରସ୍ଥିତ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. ପ୍ରିୟଙ୍କା ହାଲଦର ମଲ୍ଲିକ, ଅହମଦାବାଦ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନ ପ୍ରଫେସର ଡ. ରତ୍ନ ଘୋଷଲା, ମହାରାଷ୍ଟ୍ରରୁ ଆର୍ଟ୍ସ, ସାଇନ୍ସ ଆଣ୍ଡ କମର୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଜନାର୍ଦ୍ଦନ ନେହୁଲ ଭାଗନେଇ ନିଜ ନିଜର ମତ ରଖିଥିଲେ। ଦ୍ୱିତୀୟ ଦିବସରେ ଉପାଧ୍ୟକ୍ଷା ସଂଘମିତ୍ରା ରାଉତଙ୍କ ପୌରାହିତ୍ୟରେ କାର୍ଯ୍ୟକ୍ରମରେ ଗୁଜୁରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସୀମା ରାଉତ, ଓଡ଼ିଶା ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ବିଶ୍ୱଜିତ ମହାପାତ୍ର, ଲକ୍ଷ୍ନୌସ୍ଥିତ ଜାତୀୟ ପରୀକ୍ଷା କେନ୍ଦ୍ର ନିର୍ଦ୍ଦେଶକ ଡ. ବବିତା କୁମାରୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପୁରବୀ ସାଇକିଆ ଯୋଗଦେଇ ବିଷୟ ବସ୍ତୁ ଉପରେ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ୫୦ ଅଧ୍ୟାପକ ଓ ଅଧ୍ୟାପିକା ଏହି କାର୍ଯ୍ୟକ୍ରମ ଭାଗ ନେଇଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଗବେଷଣାରତ ବିଶେଷଜ୍ଞ କେଶରୀ ପ୍ରସାଦ ମଧ ଏଥିରେ ଅଂଶଗ୍ରହଣ କରି ଜୈବବିଧାତାର ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଭିଲିପ୍ସା ଗିରି ସହାୟତା କରିଥିଲେ। ଶେଷରେ ଅଧ୍ୟାପିକା କସ୍ତୁରିବା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ହେରିଟେଜ୍ ୱାକ୍ର ୧୮ ତମ ସଂସ୍କରଣ



ବାରିପଦା, ୨୮।୯ (ସମିସ): ଜିଲ୍ଲାର ଇତିହାସ, ଐତିହ୍ୟ ଓ ପର୍ଯ୍ୟଟନର ପ୍ରଚାରପ୍ରସାର ତଥା ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ମିରର ଓ ମୟୂରଭଞ୍ଜ ଲଭର୍ସ ସଂଗଠନ ଦ୍ୱାରା ଆୟୋଜିତ ହୋଇଆସୁଥିବା 'ମୟୂରଭଞ୍ଜ ହେରିଟେଜ ୱାକ୍ର ୧୮ତମ ସଂସ୍କରଣ' ଆୟୋଜିତ ହୋଇଯାଇଛି। ବାରିପଦାର ବଡବଜାର ସ୍ଥିତ ମୟୂରଭଞ୍ଜ ରାଜପ୍ରାସାଦ ବା ବର୍ତ୍ତମାନର ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ପ୍ରାଥମିକ(ଜୁନିୟର କଲେଜ) ବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ପ୍ରାଙ୍ଗଣରେ କାର୍ଯ୍ୟକ୍ରମରେ ପ୍ରାୟ ୫୦ ଜଣ ଅଭିଯାତ୍ରୀ ଛାତ୍ରଛାତ୍ରୀ ଓ ଯୁବକଯୁବତୀ ସାମିଲ ହୋଇଥିଲେ। ମୟୂରଭଞ୍ଜ ରାଜପ୍ରାସାଦର ଗଠନ ଶୈଳୀ, ନିର୍ମାଣ ଇତିହାସ, ଶାସନ ବ୍ୟବସ୍ଥା ଏବଂ ସେ ସମୟର ଧର୍ମଧାରଣା ଓ ଜୀବନଶୈଳୀ ସମ୍ପର୍କରେ ଅନେକ କଥା ବୁଲିଦେଖିଥିଲେ। ମହାରାଣୀ ସୁମିତ୍ରା ଦେବୀ ଭଞ୍ଜଦେଓଙ୍କ ଦ୍ୱାରା ବାରିପଦାରେ ପ୍ରାରମ୍ଭିକ ଭାବରେ ନିର୍ମିତ ଏହି ରାଜପ୍ରାସାଦରେ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ମହାରାଜାମାନଙ୍କ ଦ୍ୱାରା ମଧ ଅନେକ ନିର୍ମାଣ କାର୍ଯ୍ୟ ହୋଇଥିଲା। ଏହି ରାଜପ୍ରାସାଦଟି ଇଂଲଣ୍ଡର ବକିଂହାମ ପ୍ୟାଲେସ ଶୈଳୀରେ ନିର୍ମିତ ଯେଉଁଥିରେ ପାଖାପାଖି ୧୫୬ଟି କକ୍ଷ ରହିଥିଲା। ରାଜପ୍ରାସାଦରେ ମୟୂରଭଞ୍ଜ ଛଉ ଉନ୍ନତିର ଶିଖର ଛୁଇଁଥିଲା। ଶୟନ କକ୍ଷ ବ୍ୟତୀତ ଦରବାର ହଲ, ମହାରାଜାଙ୍କ କକ୍ଷ, ଶାସନ କାର୍ଯ୍ୟ ନିମନ୍ତେ ବିଶେଷ ହଲ ଇତ୍ୟାଦି ବ୍ୟତୀତ ବର୍ତ୍ତମାନର କଲେଜ ପାଠାଗାରଟି ସେ ସମୟର ମହାରାଣୀଙ୍କ ସ୍ନାନାଗାର ଥିଲା। ଯେଉଁଥିରେ ବେଲଜିୟମର ବ୍ଲୁ ଟାଇଲସ ଲାଗିବା ସହ ସୂର୍ଯ୍ୟାଲୋକରେ କକ୍ଷଟି ନୀଳରଙ୍ଗର ଆଲୋକରେ ଆଲୋକିତ ହୋଇ ଉଠୁଥିଲା। ଏହି ପ୍ରାସାଦର ପଛପଟେ ଥିବା ରାଜବଂଶର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣର ସମ୍ମୁଖ ଭାଗରେ ସେ ସମୟରେ ବାରିପଦା ସହରକୁ ବୁଲି ଆସୁଥିବା ଲୋକମାନଙ୍କର ତଥ୍ୟ ରଖିବା ନିମନ୍ତେ ଭିସା କାର୍ଯ୍ୟାଳୟ ଭଳି ଏକ କାର୍ଯ୍ୟାଳୟ ରହିଥିଲା। ଏହି କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ମିରରର ସଦସ୍ୟ କୁମାରେଶ ନାୟକ ଓ ଋଷିରାଜ ପଟ୍ଟନାୟକ ଓ ଅପର୍ଣ୍ଣା ସିଂହ ପରିଚାଳନା କରିଥିଲେ। ଏହା ସହ ଭବିଷ୍ୟତରେ ନିଜ ଜନ୍ମଭୂମିର ଐତିହ୍ୟ ଓ ଇତିହାସର ପ୍ରଚାର ପ୍ରସାର ଓ ସୁରକ୍ଷା ନିମନ୍ତେ ସଂକଳ୍ପ ନେଇଥିଲେ।

# ପ୍ରାଥମିକ ବିଦ୍ୟାଳୟ ବାରଣ୍ଡା ପାଲଟିଛି ବାର୍

ଓଡ଼ଗାଁ,୨୮।୯ (ସମିସ)



ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଭାଡିକିଳା ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାଉଁଶଗାଡ଼ିଆର ଅତିରିକ୍ତ ଶ୍ରେଣୀଗୃହ ବାରଣ୍ଡା ଏବେ ଯେମିତି ବିଅର ବାର୍ ପାଲଟି ଯାଇଛି। ସ୍ଥାନୀୟ କେତେକ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ସ୍କୁଲ ଭଳି ପବିତ୍ର ଅନୁଷ୍ଠାନର ଅମର୍ଯ୍ୟାଦା ଘଟି ଚାଲିଛି। ଓଡ଼ଗାଁ - ବାଉଁଶଗାଡ଼ିଆ ରାସ୍ତାର ରଗଡିମଡା ଗ୍ରାମ ବାଙ୍କ ପରବର୍ତ୍ତୀ ମୁଖ୍ୟ ରାସ୍ତା ବାମ କଡ଼ରେ ଅବସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାଉଁଶଗାଡ଼ିଆ ବାରଣ୍ଡାରେ ପ୍ରତ୍ୟେହ ସନ୍ଧ୍ୟା ଗଡ଼ିଗଲେ ମଦ୍ୟ ପାନ କରିବା ଏବେ ସାଧାରଣ ଘଟଣା ପାଲଟି ଯାଇଛି। ସ୍କୁଲରେ ଏହି ପଞ୍ଚାୟତ ଅଞ୍ଚଳର କୁନି କୁନି ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମଦ୍ୟପ ଅସାମାଜିକ ବ୍ୟକ୍ତିମାନଙ୍କ ଭୟରେ ପ୍ରଶାସନିକ ସ୍ତରରେ ଅଭିଯୋଗ ପାଇଁ କେହି ଆଗଭର ହେଉନାହାନ୍ତି। ତେବେ ବିଭିନ୍ନ କ୍ଷେତ୍ରରେ ଏନେଇ ଅସନ୍ତୋଷ ବ୍ୟକ୍ତ କରୁଥିବା ଜଣାପଡିଛି। ଏପରିକି ଉକ୍ତ ଅସାମାଜିକ ବ୍ୟକ୍ତିମାନଙ୍କ ଛୁଆ ଓ ସମ୍ପର୍କୀୟ ମାନେ ମଧ୍ୟ ଏଠାରେ ଅଧ୍ୟୟନ ବେଳେ ସେଥିପ୍ରତି ମଧ୍ୟ ସେମାନଙ୍କର ନିଘା ନଥାଏ। ମଦ୍ୟପାନ ପରେ ନିଶାଖୋର ବ୍ୟକ୍ତି ମାନେ ହିତାହିତ ଜ୍ଞାନ ଭୁଲି ବିଭିନ୍ନ ଅଶ୍ରାବ୍ୟ ଭାଷାରେ ପାଟି କରି ଗାଳିଗୁଲଜ ହେଉଥିବା ସହ ମଦ୍ୟପାନ ପରେ କାଚ ବଟଲ, ଚାଖଣା ଜରି ସହିତ ବଟଲ ଭାଙ୍ଗି ସେଠାରେ ଛାଡ଼ି ଆସିଥାନ୍ତି। ଏପରି ସ୍ଥଳେ ସକାଳେ ସ୍କୁଲ ଖୋଲିଲେ କୋମଳମତି ଛାତ୍ରଛାତ୍ରୀ ସ୍କୁଲରେ ପହଞ୍ଚୁଥିବା ବେଳେ ଅକସ୍ମାତ୍ ସେମାନଙ୍କ ପାଦରେ କାଚର ଆଘାତ ଲାଗିବାର ସମ୍ଭାବନା ରହିଛି। ତେବେ ପ୍ରଥମତଃ ସ୍କୁଲ ସରିବା ପରେ ଶିକ୍ଷକ କର୍ମଚାରୀ ଫାଟକରେ ତାଲା ଲଗାଇବା ସହିତ ନିକଟସ୍ଥ ଶରଦ୍ଧାପୁର ପୁର ଗ୍ରାମବାସୀଙ୍କ ପରି ମିଳିତ ଭାବେ ଅଭିଯୋଗ କରିବାର ଆବଶ୍ୟକତା ରହିଛି। ଅନ୍ୟଥା ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳ ଯୁବକମାନଙ୍କ ଉପରେ ଏହାର ପ୍ରଭାବକୁ ଏଡାଇ ଦିଆଯାଇନପାରେ।

## ବଦଳିକୁ ନେଇ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ

ଓଡ଼ଗାଁ: ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଜିଲ୍ଲାରେ ବଡ଼ ଧରଣର ଶିକ୍ଷକ ବଦଳି ପ୍ରକ୍ରିୟା ଚାଲିଥିବା ବେଳେ ଏକ ଲମ୍ବା ତାଲିକା ପ୍ରକାଶ ପାଇଛି। ସେଥିରେ ଓଡ଼ଗାଁ ବ୍ଲକରୁ ପ୍ରାୟ ୪୦ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କ ବଦଳି ବଦଳି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବ୍ଲକ ବାହାରକୁ ବଦଳି କରାଯାଇଛି। ସେମାନଙ୍କ ପ୍ରତି ବଦଳରେ ଜଣେ ବି ଶିକ୍ଷକ ଓଡ଼ଗାଁ ବ୍ଲକକୁ ଆସିନାହାନ୍ତି। ଓଡ଼ଗାଁ ବ୍ଲକର ବିଦ୍ୟାଳୟରେ ବିଷୟ ଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ ରହିଥିବା ବେଳେ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକଙ୍କୁ ନେଇ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ରୁ ୯ ଜଣ ଶିକ୍ଷକ ପରିବର୍ତ୍ତେ ଦୁଇରୁ ତିନି ଜଣ ଶିକ୍ଷକଙ୍କୁ ନେଇ ପାଠପଢ଼ା ଚାଲିଥିଲା। ଏବେ ୧୦ ଜଣ ଶିକ୍ଷକଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯିବା ପରେ ଛାତ୍ରଛାତ୍ରୀ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ଦିଆଯାଇଛି। କିଛି ଶିକ୍ଷୟତ୍ରୀଙ୍କୁ ପ୍ରାୟ ୨୦ ରୁ ୨୫ କିଲୋମିଟର ଦୂର ଉପାନ୍ତ ଅଞ୍ଚଳକୁ ବଦଳି କରାଯାଇଥିବା ଜଣାପଡିଛି। ଯାହାକୁ ନେଇ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏଭଳି କାରଣରୁ ପ୍ରାଥମିକ ଶିକ୍ଷା ଏକପ୍ରକାର ଭୁଶୁଡି ପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଯଥାଶୀଘ୍ର ଏଥିରେ ପରିବର୍ତ୍ତନ କରା ନଗଲେ ଶିକ୍ଷକମାନେ ଆନ୍ଦୋଳନାତ୍ମକ ପନ୍ଥା ଅପଣାଇବେ ବୋଲି ଶୁଣାଯାଉଛି।

# ପାଣ୍ଡୁସାହୁ ପାଟଣାରେ ବିଶ୍ୱଶାନ୍ତି ମହାଯଜ୍ଞ

କଣ୍ଟିଲୋ,୨୮।୯ (ସମିସ): କଣ୍ଟିଲୋ ପାଣ୍ଡୁସାହୁ ପାଟଣାରେ ବିଶ୍ୱଶାନ୍ତି ମହାଯଜ୍ଞ ୫୨ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏଥିପାଇଁ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ପ୍ରତି ବର୍ଷ ଦଶହରା ଅବସରରେ ପାଳନ ହେଉଥିବା ଏହି ଯଜ୍ଞ ଉତ୍ସବ ଗଣପର୍ବ ରୂପେ ପରିଗଣିତ ହେବା ସହ ବର୍ଣ୍ଣାଢ୍ୟ ଢଙ୍ଗରେ ପାଳିତ ହୋଇଥାଏ। ଗ୍ରାମ ବାହାରେ ରହୁଥିବା ବନ୍ଧୁ, ପରିଜନ, ଏହି ସମୟରେ ଏକାଠି ହୋଇଥାନ୍ତି। ଆଜି ପୂର୍ବାହ୍ନରେ



ଗ୍ରାମର ମହିଳା ପୁରୁଷ ମହାନଦୀ ଘାଟରେ ଏକତ୍ର ହୋଇ କଳସ ଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞସ୍ଥଳୀରେ ପହଞ୍ଚିବା ପରେ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତାକାଲି ଠାରୁ ୪ଦିନ ବ୍ୟାପି ୫୨ କୁଣ୍ଡିୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଅନୁଷ୍ଠିତ ହେବ। ଏହାର ପୂର୍ଣ୍ଣାହୁତି ଆସନ୍ତା ୧ତାରିଖରେ ଅନୁଷ୍ଠିତ ହେବ। ଏଥିସହ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ କଥାମୃତ ଅନୁଷ୍ଠିତ ହେବ। ୨ରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ସନ୍ଧ୍ୟାରେ ରାବଣ ପୋଡି, ୩ରେ ବାଲ୍ୟଲୀଳା ଓ ମେଲୋଡି, ୫ତାରିଖରେ ଗ୍ରାମ କଳାକାରଙ୍କୁ ନେଇ ସାମାଜିକ ନାଟକ "ହା କୃଷ୍ଣ ବୋଲି ଯାଉ ଜୀବ' ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି।

# ନନ୍ଦିଘୋର ୧୨ ନଂ ୱାର୍ଡ ରାସ୍ତା ପାଲଟିଛି ଶୋଚନୀୟ

ଶରଣକୁଳ,୨୮।୯ (ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଗ୍ରାମ ପଞ୍ଚାୟତର ୧୨ ନମ୍ବର ୱାର୍ଡରେ (ପାଇକ ସାହି) ଜଗନ୍ନାଥ ମନ୍ଦିରର ପୂର୍ବ ପାଶ୍ୱର୍ ପାଚେରିକୁ ଲାଗିଥିବା ସାହିର ରାସ୍ତା ଏବେ ବେହାଲ ହୋଇପଡ଼ିଛି। ନନ୍ଦିଘୋର ଗ୍ରାମ ପଞ୍ଚାୟତର ୧୨ ନମ୍ବର ୱାର୍ଡରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥାର ନଗ୍ନ ଚିତ୍ର ଦେଖିବାକୁ ମିଳୁଛି। ରାସ୍ତାଟି ଅଳ୍ପ ବର୍ଷା ହେଲେ ଏକ ଚବକାର ଭ୍ରମ ସୃଷ୍ଟି କରୁଥିବା ବେଳେ ଯାତାୟତରେ ସାହି ବାସିନ୍ଦାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାସ୍ତାଟିରେ ଯେଉଁ ଭଳି ଭାବରେ ପାଣି ଜମି ରହିଛି ଛୋଟ ଛୋଟ ପିଲାମାନେ ସେଠାରେ ପଡି ଯାଉଥିବା ଦେଖିବାକୁ ମିଳିଛି। ପାଣି ରହିଥିବା ରାସ୍ତାଟି ଖାଲ ହୋଇ ଥିବାରୁ ଟିକିଏ ବି ବର୍ଷା ହେଲେ ରାସ୍ତାଟି ରେ ପାଣି ଜମି ରହୁଛି। ରାସ୍ତାର କୌଣସି ପାଶ୍ୱର୍କୁ ପାଣି ନିଷ୍କାସନ ହୋଇ ପାରୁନଥିବାରୁ ଏପରି ପାଣି ଜମି ରହୁଛି। ଯାହାକି ଯିବା ଆସିବାରେ ଜନସାଧାରଣଙ୍କ ପାଇଁ ବହୁ ଅନ୍ତରାୟ ସୃଷ୍ଟି କରୁଛି। ବିଶେଷ କରି ଛୋଟ ଛୋଟ ଅଙ୍ଗନବାଡ଼ି ଶିଶୁ ଓ ସ୍କୁଲ ପିଲାମାନେ ଯିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥି ସହିତ ଦୁର୍ଘଟଣା



ଘଟିବାର ସମ୍ଭାବନା ଦେଖାଯାଇଛି। ଏ ବିଷୟରେ ସାହି ବାସିନ୍ଦା ସ୍ଥାନୀୟ ସରପଞ୍ଚ ଏବଂ ଓଡ଼ଗାଁ ବ୍ଲକରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେବଳ ଆଶ୍ୱାସନା ମିଳିବା ଛଡ଼ା କାର୍ଯ୍ୟପନ୍ଥା ଶୂନ୍ୟ ବୋଲି ସାହିର ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ଅଭିଯୋଗ। କେବଳ ଏତିକି ନୁହେଁ ଗ୍ରାମର ଗ୍ରାମ ଦେବତୀ ମା'ବାଉତୀ ଦେବୀଙ୍କ ସମ୍ମୁଖସ୍ଥ ଡ୍ରେନ ପୋତି ହୋଇଗଲାଣି। ଫଳରେ ଆବର୍ଜନା ପାଣି ରାସ୍ତା ଉପରକୁ ମାଡ଼ି ଆସୁଅଛି। ତାହାରି ଭିତରେ ଲୋକମାନେ ଯିବା ଆସିବାପାଇଁ ବାଧ ହେଉଛନ୍ତି। ଏହି ଡ୍ରେନଟିକୁ ପୁନଃରୁଦ୍ଧାର କରାଯାଇ ନୂତନ ଭାବରେ ନିର୍ମାଣ କରିବା ପାଇଁ ବିଗତ ଦୁଇ ବର୍ଷ ପୂର୍ବେ କେତେକ ଗ୍ରାମବାସୀ ଯାଇ ମା'ଙ୍କ ଗହ୍ମାପୂର୍ଣ୍ଣମୀ ଯାତ୍ରା ପୂର୍ବରୁ ନିର୍ମାଣ କରିବା ପାଇଁ ଲିଖିତ ଭାବରେ ୨୦୨୩ ମସିହା ଅଗଷ୍ଟ ୧୫ ତାରିଖ ଦିନ ବିଡ଼ିଓ, ବ୍ଲକ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ମାନ୍ୟବର ବିଧାୟକଙ୍କୁ ଜଣାଇଥିଲେ। ଯଥା ଶୀଘ୍ର କରିଦେବା ପାଇଁ ମଧ୍ୟ ପ୍ରତିଶୃତି ଦେଇଥିଲେ। ହେଲେ କାର୍ଯ୍ୟ ଘର ଶୂନ୍ୟ। ପଞ୍ଚାୟତ ତଥା ବ୍ଲକ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିବା ଫଳରେ ପ୍ରତି ବର୍ଷ ବର୍ଷା ସମୟରେ ଓ ବର୍ଷା ପରେ ମଧ୍ୟ ଡ୍ରେନେଜ୍ ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ତେଣୁ ଯଥାଶୀଘ୍ର ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ସପ୍ତମୀ ପୂଜା

ଗଣିଆ,୨୮।୯ (ସମିସ): ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ସପ୍ତମୀ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ବ୍ଲକର ୮ଟି ପଞ୍ଚାୟତର ପୂର ପଲ୍ଲୀରେ ପୂଜା ମଣ୍ଡପ ଗୁଡିକ ଆକର୍ଷଣୀୟ ତୋରଣ ଓ ସୁନ୍ଦର ସାଜସଜ୍ଜା ବେଶ୍ ମନୋଲୋଭା ହୋଇଛି। ଆଜିଠାରୁ ସପ୍ତମୀ ପୂଜା ଅବସରରେ ଗଣିଆ ବଜାର କମିଟି ତରଫରୁ ସ୍ଥାନୀୟ ଜଳାଶୟରୁ କଳସ ଶୋଭାଯାତ୍ରା କରାଯାଇ ଘଟସ୍ଥାପନ କରାଯାଇଥିଲା। ପରେ ପରେ ଘଣ୍ଟ ଘଣ୍ଟା, ଖୋଳ କୀର୍ତ୍ତନ କରି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଗଣିଆ ବଜାରରେ ୧ ତାରିଖ ଏବଂ ୨ ତାରିଖ ଦୁଇ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍‌ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଛି। ସଭାପତି ଦାଶରଥି ସାହୁ ଏବଂ ସମ୍ପାଦକ ପ୍ରଭାତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ପାଳିତ ହୋଇଯାଇଛି। ଅକ୍ଟୋବର ୫ ତାରିଖ ରବିବାର ଦିନ ଭସାଣି ହେବ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି।

# ବିଶ୍ୱ ଜଳାତଙ୍କ ଦିବସ ସଚେତନତା ଶିବିର



ଭାପୁର,୨୮।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଜଳାତଙ୍କ ଦିବସ ଉପଲକ୍ଷେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଭାପୁର ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୁପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଜ୍ୟୋତିର୍ମୟୀ ପାତ୍ର, ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା, ଏଲ୍ଆଇ ସହଦେବ ବାରିକ, ଅବସରପ୍ରାପ୍ତ ଭେଟେନାରୀ ଟେକନିସିଆନ ବ୍ରଜମୋହନ ଜେନା ଭାଗ ନେଇଥିଲେ। ଏହି ସଚେତନତା ଶିବିରରେ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଶିବିରରେ ପଶୁମାନଙ୍କଠାରୁ କିପରି ଜଳାତଙ୍କ ରୋଗ ମଣିଷ ଶରୀରକୁ ନ ବ୍ୟାପିବ ସେ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯାଇଥିଲା।

# ମାଙ୍କଡ଼ା ବୋଝେଇ ମିନି ଟ୍ରକ୍ ଜବତ, ଚାଳକ ଗିରଫ

ଓଡ଼ଗାଁ,୨୮।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରୋହିବାଙ୍କ ଓ କୋମଣ୍ଡ ଅଞ୍ଚଳରେ ଥିବା ପଥର ଖଣିରେ ପ୍ରଶାସନିକ ଚଢ଼ଉ ହୋଇଛି। ଚୋରାରେ ବିଳମ୍ବିତ ରାତିରେ ପଥର ଚାଲାଣ ହେଉଥିବା ବେଳେ ଓଡ଼ଗାଁ ପୁଲିସ ରବିବାର ସକାଳୁ ପାଟ୍ରୋଲିଂ କରୁଥିବା ସମୟରେ ଏକ ବେଆଇନ ମାଙ୍କଡ଼ା ପଥର ବୋଝେଇ ମିନି ଟ୍ରକ୍‌କୁ ଜବତ କରିଥବଲେ। ଏ ନେଇ ୩୦୪/୨୫ରେ ଏକ ମାମଲା ରୁଜୁ କରି ଚାଳକକୁ ଗିରଫ କରିଛନ୍ତି। ଚାଳକ ଜଣକ ସ୍ଥାନୀୟ କୋମଣ୍ଡ ଗାଁର ତ୍ରିଲୋଚନ ସାହୁ(୨୮)। ପ୍ରକାଶ ଥାଉକି କୋମଣ୍ଡ ଅଞ୍ଚଳରେ କୌଣସି ମାଙ୍କଡ଼ା ଖଣି ନିଲାମ ହୋଇନଥିବା ବେଳେ ପଥର କଟାଯାଇ ଚାଲାଣ ହେବା ଅଭିଯୋଗ ହୋଇଆସୁଛି।

## ବିଲ୍ ନ ମିଳିବାରୁ ହୋଇପାରୁନି ପ୍ରାଣୀ ଚିକିତ୍ସାଳୟ ନୂତନ ଗୃହ ନିର୍ମାଣ

# ପୁରୁଣା ଛାତରୁ ଗଳୁଛି ପାଣି; ଖସୁଛି ସିମେଣ୍ଟ ଛେଲା




ଗଣିଆ,୨୮।୯ (ସମିସ): ଛାତରୁ ଗଳୁଛି ପାଣି, ଖସୁଛି ସିମେଣ୍ଟ ଛେଲା। ତଥାପି ସେହି ଅସୁରକ୍ଷିତ ଘରେ ଚାଲିଛି ପ୍ରାଣୀ ଚିକିତ୍ସାଳୟ। ଚିକିତ୍ସାଧିକାରୀ ବସୁଥିବା ଛାତରୁ ଖସୁଛି ସିମେଣ୍ଟ ଛେଲା। ଅତ୍ୟନ୍ତ ଅସୁରକ୍ଷିତ ଘରେ ଦୟନୀୟ ଅବସ୍ଥାରେ ଏହି କାର୍ଯ୍ୟାଳୟ ଚାଲୁଥିବା ବେଳେ କେହି ବି ଏହାର ସାମାନ୍ୟ ମରାମତି ବି କରୁ ନାହାନ୍ତି। ବିଭାଗୀୟ ଅଧିକାରୀ ବାରମ୍ବାର ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ ଅବସ୍ଥା ଯଥା ପୂର୍ବଂ ତଥା ପରଂଅବସ୍ଥାରେ ରହିଛି। ଏପରିକି ବିଭାଗ ପରିସରରେ ୭୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏକ ନୂତନ ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ୩ ବର୍ଷରୁ ଅଧିକ ସମୟ ହେବ ଅଧପନ୍ତରିଆ ହୋଇ ପଡ଼ିରହିଛି। ନୂତନ ଗୃହଟିର ଛାତ ପଡିଯାଇଥିଲେ ମଧ୍ୟ କାନ୍ଥ ଗୁଡିକ ଅଧାଗଢା ଅବସ୍ଥାରେ ରହିଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ତଥା ବିଭାଗୀୟ ଅଧିକାରୀଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଠିକାଦାରଙ୍କ ବିଲ୍ ହୋଇନଥିବାରୁ ଗୃହ ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଠିକାଦାରଙ୍କ ବିଲ୍ ନହେବା ପାଇଁ କିଏ ଦାୟୀ। ୭୦ ଲକ୍ଷରୁ ଅଧିକ ଟଙ୍କାର ଏହି ଗୃହ ଏବେ କୌଣସି କାର୍ଯ୍ୟରେ ଲାଗି ପାରୁନାହିଁ। ନୂତନ ଗୃହ କାର୍ଯ୍ୟ ସଂପୂର୍ଣ୍ଣ ନହେଲେ ବି ପୁରାତନ ଗୃହଟି ଯଦି ମରାମତି ହୋଇ ଯାଆନ୍ତା ତେବେ ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ବିପଦରୁ ବଞ୍ଚି ପାରନ୍ତେ। ଆଶା ଆଶଙ୍କା ତଥା ଭୟଭୀତ ଅବସ୍ଥାରେ ଏହି କାର୍ଯ୍ୟାଳୟରେ ଅଧିକାରୀମାନେ କାର୍ଯ୍ୟ କରୁଛନ୍ତି। କେତେବେଳେ ଯେ କିଛି ବି ଅଘଟଣ ଘଟିବ କହିହେବ ନାହିଁ। ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ତଥା ରାଜ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ନାବାଳିକା ଅପହରଣକାରୀ ଯୁବକ ଗିରଫ

ଓଡ଼ଗାଁ,୨୮।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ତଥା ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତ ବେରୁହାଁବାରୀ ଗାଁର ମହେନ୍ଦ୍ର ସାହୁଙ୍କ ପୁଅ ଜିତୁ ସାହୁ (୨୩)ଙ୍କୁ ନାବାଳିକା ଅପହରଣ ଅଭିଯୋଗରେ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାବାଳିକା ନିଖୋଜ ହୋଇଥିବା ନେଇ ଗତ ଅଗଷ୍ଟ ୨୬ ତାରିଖରେ ନାବାଳିକାର ଅଭିଭାବକ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ୨୬୫/୨୫ରେ ଏକ ଅପହରଣ ମାମଲା ରୁଜୁକରି ଅଭିଯୁକ୍ତ ଯୁବକକୁ ଖୋଜିବା ଜାରି ରଖିଥିଲେ। ଅପହୃତା ନାବାଳିକା ଉଦ୍ଧାର ହେବା ପରେ କୌଣସି ପ୍ରକାର ଡାକ୍ତରୀ ପରୀକ୍ଷା ପାଇଁ ରାଜି ହୋଇନଥିଲେ। ସେ ଅପହୃତ ହୋଇନାହାନ୍ତି ବୋଲି ବୟାନ ରେକର୍ଡ ସମୟରେ କହିଥିଲେ। ପରେ ନାବାଳିକାକୁ ପୁଲିସ ତାର ଅଭିଭାବକଙ୍କୁ ହସ୍ତାନ୍ତର କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

## ବନମାଳିପୁର ବାର୍ଷିକ ଚ୍ୟାଲେଞ୍ଜ କପ୍ ଉଦ୍‌ଘାଟିତ

# ସେମିରେ ରଘୁନାଥ ଦେବ କ୍ରିକେଟ କ୍ଲବ୍

ଖଣ୍ଡପଡ଼ା,୨୮।୯ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୩୭ତମ ବାର୍ଷିକ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆଜି ଉଦଘାଟନୀ ମୁକାବିଲାରେ ପଙ୍ଗାରସିଂହ ରଘୁନାଥ ଦେବ କ୍ରିକେଟ କ୍ଲବ ଏବଂ କଟକ ବିଏନ୍‌ସିସି ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ରଘୁନାଥ ଦେବ କ୍ରିକେଟ କ୍ଲବ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ କରିଥିଲା। ଜବାବରେ କଟକ ବିଏନସିସି କ୍ରିକେଟ କ୍ଲବ ୧୧.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୭୩ ରନରେ ସୀମିତ ରହିଥିଲା। ବିଜୟୀ ଦଳର ନିରଞ୍ଜନ ବେହେରା ୨୭ ବଲରୁ ୩୩ ରନ ଏବଂ ବୋଲିଂରେ ୪ ଓଭରରେ ୨୧ ରନ ଦେଇ ୪ ୱିକେଟ ନେବା ସହିତ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚକୁ ଧୀରେନ ତ୍ରିପାଠୀ ଓ ଜିତେନ୍ଦ୍ର କୁମାର ସାହୁ ପରିଚାଳନା



କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରା, ଭାରତୀୟ ରେଳ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ରାଧାନାଥ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ଗଦାଧର ତ୍ରିପାଠୀ, ବରିଷ୍ଠ ସଂଗଠକ ନିରଞ୍ଜନ ସୁବୁଦ୍ଧି, ସମାଜସେବୀ ଝରିଆ ବେହେରା, ପ୍ରଦୀପ୍ତ ଦାଶ, ଉଦ୍ଧବ ପରିଡା ପ୍ରମୁଖ ଉପସ୍ଥିତ ରହି ପାରମ୍ପରିକ ଭାବେ ପୂଜାର୍ଚ୍ଚନା ସହ ଖେଳକୁ ଉଦଘାଟନ କରିଥିଲେ। ଆସନ୍ତାକାଲି ଦ୍ୱିତୀୟ ଲିଗ ମ୍ୟାଚରେ ରଣପୁର ଫ୍ରେଣ୍ଡସ କ୍ଲବ ଏବଂ ମାଣିଆବନ୍ଧ ଏମସିଜିସି କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ଧୀରେନ ତ୍ରିପାଠୀ ସୂଚନା ଦେଇଛନ୍ତି।

# ହାଇୱା ଧକ୍କାରେ ୭ ଗାଈ ମୃତ

ନୟାଗଡ଼/ଦଶପଲ୍ଲା,୨୮।୯ (ସମିସ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅନ୍ତର୍ଗତ ବାଣିଗିରି ଘାଟି ଗଡ଼ାଣି ନିକଟରେ ହାଇୱା ଦୁର୍ଘଟଣାରେ ୭ଟି ଗାଈଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ହାଇୱା ରାସ୍ତାପାଶ୍ୱର୍ ଜମିକୁ ଓଲଟି ପଡ଼ିଛି। ଆଜି ଦିନ



୧୧ ବେଳେ ଦୁର୍ଗା କମ୍ପାନୀର ଏହି ଡଷ୍ଟ ବୋଝେଇ ହାଇୱାଟି ବାଣିଗିରି ଘାଟି ଦେଇ ବାଣିଗୋଛା ଅଭିମୁଖେ ଯାଉଥିଲା। ରାସ୍ତାରେ ବୁଲୁଥିବା ଗାଈଙ୍କୁ ଧକ୍କା ଦୁର୍ଘଟଣା ଗସ୍ତ ହୋଇଥିବା ଜଣାପଡ଼ିଛି। ଦଶପଲ୍ଲା ଅଗ୍ନିଶମ ବାହିନୀ ଓ ବାଣିଗୋଛା ପୁଲିସ ଉଦ୍ଧାର କାର୍ଯ୍ୟ କରିଛନ୍ତି। ଗାଈ ଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରାଯାଇଛି। ଏନେଇ ବାଣିଗୋଛା ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି।

## ନୟାଗଡ଼ ଜଙ୍ଗଲରେ ବାଉଁଶର ଅଭାବ ନାହିଁ

# କେବେ ପ୍ରତିଷ୍ଠା ହେବ କାଗଜ ଶିଳ୍ପ

ନୟାଗଡ଼,୨୮।୯ (ସମିସ)

ଘଞ୍ଚ ଜଙ୍ଗଲ ଓ ସବୁଜିମା ପରିବେଶ ପାଇଁ ପରିଚୟ ଲାଭ କରିଛି ନୟାଗଡ଼ ଜିଲ୍ଲା। ନୟାଗଡ଼ ଜିଲ୍ଲା ମଧ୍ୟରେ ୩ଟି ବନଖଣ୍ଡ କାର୍ଯ୍ୟ କରୁଛି। ରଣପୁର ବ୍ଲକର କିଛି ଅଞ୍ଚଳ ତଥା ରଣପୁର ବନାଞ୍ଚଳ ଖୋର୍ଦ୍ଧା ବନଖଣ୍ଡ ଅଧିନରେ ଆସୁଥିବା ବେଳେ ନୟାଗଡ଼ ବନଖଣ୍ଡ ଅଧିନରେ ନୟାଗଡ଼, ଓଡ଼ଗାଁ ପଞ୍ଚରିଡ଼ା, ମହୀପୁର, ଗଣିଆ, ଦଶପଲ୍ଲା ଓ ଖଣ୍ଡପଡ଼ା ବନାଞ୍ଚଳ କାର୍ଯ୍ୟ କରୁଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ନୟାଗଡ଼ ଜିଲ୍ଲାର ୩ଟି ବନାଞ୍ଚଳ ରହିଛି। ବାଣିଗୋଛା ପୂର୍ବ ବନାଞ୍ଚଳ, ବାଣିଗୋଛା ପଶ୍ଚିମ ବନାଞ୍ଚଳ ଏବଂ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ରହିଛି। ଏହି ବନାଞ୍ଚଳ ମଧ୍ୟରେ ଘଞ୍ଚ ଜଙ୍ଗଲ ଭରପୁର ଭାବେ ରହିଛି। ମୁଖ୍ୟତଃ ନୟାଗଡ଼ ଜିଲ୍ଲାର ଜଙ୍ଗଲ ଗୁଡ଼ିକରେ ଉନ୍ନତମାନର ବାଉଁଶ ଉତ୍ପାଦିତ ହେଉଛି। ବାଉଁଶ ପାଇଁ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡ଼ିକ ନୟାଗଡ଼ ଉପରେ ନିର୍ଭର କରିଥାନ୍ତି। ଅନେକ ଜଙ୍ଗଲରେ ବାଉଁଶ ଆପେ ଆପେ ନଷ୍ଟ ହେଉଥିବା ଏବଂ ଜଙ୍ଗଲ ନିଆଁରେ ଧ୍ୱଂସ ପାଉଥିଲେ ମଧ୍ୟ ଏହାକୁ କଞ୍ଚାମାଲ ଭାବେ ବ୍ୟବହାର କରିବା ଉପରେ ଆଜି ପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଉନାହିଁ। କିଛି ବ୍ୟବସାୟୀ ବାଉଁଶ ସଂଗ୍ରହ କରି କେବଳ ବାଙ୍ଗାଲୋର ଧୂପକାଠି କମ୍ପାନୀକୁ ରପ୍ତାନୀ କରୁଛନ୍ତି। ତାହା ମାତ୍ର ଉପାଦିତ ବାଉଁଶର ୩ ପ୍ରତିଶତ ବୋଲି ଜଣାଯାଇଛି। ୯୦ ପ୍ରତିଶତ ବାଉଶଁ ଜଙ୍ଗଲ ମଧ୍ୟରେ ବଢ଼ି ଜଙ୍ଗଲ ମଧ୍ୟରେ ନଷ୍ଟ ହେଉଛି। ନୟାଗଡ଼ ଜିଲ୍ଲାରେ ବହୁ ବର୍ଷ ତଳୁ ଏକ କାଗଜ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବି ହେଇ ଆସୁଛି। ସିପିଆଇଏମ ନେତା ବିଶ୍ୱନାଥ ମହାପାତ୍ର, ଶରତ ବେହେରା ବାରମ୍ବାର ଏନେଇ ଦାବି ଉପସ୍ଥାପନ କରିଛନ୍ତି। କାଗଜ ଶିଳ୍ପ ପ୍ରତିଷ୍ଠା ହୋଇପାରିଲେ କଞ୍ଚାମାଲର ସଦୁପଯୋଗ ହେବା ସହ ଅନେକ ଯୁବକଙ୍କୁ ନିଯୋଜନ ମିଳିପାରିବ ବୋଲି ଆଶା ରହିଛି। ରାଜ୍ୟରେ ଉନ୍ନତମାନର କାଗଜ ଶିଳ୍ପର ଅଭାବ କାରଣରୁ ଅନେକ ଖବରକାଗଜ ଶିଳ୍ପ କାଗଜ ପାଇଁ ବିଦେଶ ଉପରେ ନିର୍ଭରଶୀଳ। କାଗଜର ମୂଲ୍ୟ ବୃଦ୍ଧି ପାଇଁ ଏବେ ବିଭିନ୍ନ କମ୍ପାନୀ ସଙ୍କଟ ଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଞ୍ଚଳରେ ଏକ କାଗଜ ଶିଳ୍ପ ପ୍ରତିଷ୍ଠା କରାଯିବା ଆବଶ୍ୟକ ବୋଲି ବରିଷ୍ଠ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସର୍ଭେ କରାଯାଇ ଏହା ଉପରେ ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି ଦଶପଲ୍ଲାର ଅଖିଳ ନାୟକ କହିଛନ୍ତି। ଶିଳ୍ପ ବିହୀନ ନୟାଗଡ଼ ଜିଲ୍ଲାରେ ଖଣି, ଖାଦାନ ନଥିବା ବେଳେ ରବି ଋତୁରେ ମଧ୍ୟ ଜଳସେଚନ ସୁବିଧା ନାହିଁ। ଫଳରେ କେବଳ ଖରିଫ ଚାଷ କରି ବର୍ଷ ଯାକ ପାଇଁ ଖାଦ୍ୟ ସଂଗ୍ରହ ବାଧ୍ୟତା ମୂଳକ ହୋଇଛି। ଶିଳ୍ପ ବିହୀନ ନୟାଗଡ଼ ଜିଲ୍ଲାରେ କାଗଜ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ବୁଡ଼ିବାକୁ ବସିଛି ବାଉଁଶ କାରିଗରଙ୍କ କୁଳବେଉସା

ନୟାଗଡ଼: ସମାଜର ପରିବର୍ତ୍ତନ ସହତାଳ ଦେଇ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦିନକୁ ଦିନ ବାଉଁଶ ତିଆରି ଉପକରଣର ଚାହିଦା କମିବାରେ ଲାଗିଛି। ବଜାରରେ ବାଉଁଶ ଉପକରଣ ବଦଳରେ ଆଲୁମିନିୟମ, ଷ୍ଟିଲ, ପ୍ଲାଷ୍ଟିକ ଓ ପଲିଥିନ୍ ତିଆରି ଉପକରଣ ସ୍ଥାନ



ନେଇଥିବା ଦେଖାଯାଉଛି। ଫଳରେ କେତେକ ସମ୍ପ୍ରଦାୟ କୌଳିକ ତଥା ପରମ୍ପରାଗତ ବୃତ୍ତିରୁ ଦୂରେଇ ଯାଇ ଅନ୍ୟ ବୃତିକୁ ଆପଣେଇ ନେଉଚନ୍ତି। ଆଉ କେତେକ ନିଜ ବୃତ୍ତି ପ୍ରତି ବିମୁଖ ହେଉଥିଲେହେଁ ପରମ୍ପରାଗତ ବୃତିକୁ ଛାଡି ନପାରି ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଗ୍ରାମ ନିକଟସ୍ଥ ଜଙ୍ଗଲ ଗୁଡ଼ିକରୁ ବାଉଁଶ ଅଭାବ ଯୋଗୁ ଏହି କାରିଗରମାନେ ନିଜ ବୃତ୍ତି ପ୍ରତି ବିମୁଖ ହେଉଥିବା ଅନ୍ୟ ଏକ କାରଣ ପାଲଟିଥିବା ଜଣାପଡିଛି। ବଜାରରେ ପଲିଥିନ, ପ୍ଲାଷ୍ଟିକ ଓ ଷ୍ଟିଲ ତିଆରି ସାମଗ୍ରୀର ବହୁଳ ପ୍ରଚଳନ ଯୋଗୁ ସେମାନଙ୍କର ବୃତ୍ତି କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଥିବା ଜଙ୍ଗଲ ଗୁଡ଼ିକରେ ପୂର୍ବ ଭଳି ପ୍ରଚୁର ପରିମାଣରେ ବାଉଁଶ ଗଛ ଆଉ ଦେଖିବାକୁ ମିଳୁନି। ବିଭିନ୍ନ ଗ୍ରାମବାସୀ ପାଳି କରି ଜଙ୍ଗଲ ଜଗୁଥିବାରୁ ଅଧିକାଂଶ ସମୟ ଅଞ୍ଚଳ ବାହାରୁ ସ୍ୱଳ୍ପ ପରିମାଣରେ ବାଉଁଶକୁ ଅଧିକ ଦାମ୍ ଦେଇ କିଣିଥାନ୍ତି। ସାମଗ୍ରୀ ତିଆରି କରି ସ୍ୱଳ୍ପ ରୋଜଗାରରେ ଆଜିକାଲିର ବ୍ୟୟବହୁଳ ସମାଜରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି କୁହନ୍ତି ବାଉଁଶ କାରିଗର ବାଣୀ ନାୟକ।

# ରିଆମାଳ ଦୁର୍ଗାପୂଜାର ପ୍ଲାଟିନମ୍ ଜୁବୁଲି





**ଷଷ୍ଠୀ ପୂଜା ଓ ଖଣ୍ଡା ପରିକ୍ରମା ଆରମ୍ଭ**

ରିଆମାଳ,୨୮।୯(ସମିସ)

ଦେବଗଡ଼ ଜିଲ୍ଲା ରିଆମାଳ ଶାରଦୀୟ ଦୁର୍ଗାପୂଜା ପାଳନ ଚଳିତ ବର୍ଷ ୭୫ ବର୍ଷରେ ଉପନୀତ ହୋଇଛି। ଏହି ଅବସରରେ ପ୍ଲାଟିନମ ଜୁବୁଲି ପାଳନ ଆଜି ଠାରୁ ମହାଆଡମ୍ବରରେ ଆରମ୍ଭ ହୋଇଛି। ବାମଣ୍ଡାଗରେ ପ୍ରସିଦ୍ଧ ଶାରଦୀୟ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଛି ରିଆମାଳ। ପୂଜା କମିଟିର ସଭାପତି ଆଇନଜୀବୀ ପ୍ରମୋଦ ନନ୍ଦ, ସମ୍ପାଦକ ନାରାୟଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ଆନନ୍ଦ ଉଲ୍ଲାସର ସହ ସହଯୋଗ କରୁଛନ୍ତି। ଦଶହରା ଢୋଲର ଶବ୍ଦ ଗାଁ ସାରା ଲୋକଙ୍କ ମନରେ ଆନନ୍ଦ ଭରିଛି। ଆଜି ଷଷ୍ଠୀ ପୂଜା ସହ ବିଲ୍ୱାଭିବାସ, କଳସ ଯାତ୍ରା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ବେଲ ଗଛ ମୂଳରେ ଦେବୀଙ୍କ ଆହ୍ୱାନ କରି ପୂଜାର୍ଚ୍ଚନା କରି ମାଙ୍କୁ ପୂଜା ମଣ୍ଡପକୁ ଆଣାଯାଇଥିଲା। ବେଲ ବରଣୀ ସହ ଖଣ୍ଡା ପରିକ୍ରମା କରାଯାଇଥିଲା। ଖଣ୍ଡାକୁ ପୂଜା ମଣ୍ଡପରୁ ଗାଁ ପରିକ୍ରମା ପରେ ଫରେଷ୍ଟ ଅଫିସ୍, ଥାନା, ଶିବ ମନ୍ଦିରେ ପୂଜାର୍ଚ୍ଚନା କରାଯାଇ ଥିଲା। ରେଙ୍ଗାଳିରୁ ପାଇକ ଆଖଡା, ଦୁଲଦୁଲି ବାଦ୍ୟ, ରିଆମାଳ, ବାବରାକୋଟ, ଡାଳବାହାଲି ପୁରୁଷ ଓ ମହିଳା ସଂକୀର୍ତ୍ତନ ଯୋଗ ଦେଇଥିଲେ। ଭଜନ ଗାନ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ରଜାବନ୍ଧରୁ କଳସ ଯାତ୍ରା ହୋଇଥିଲା। ସେହିପରି ପୂଜା ମଣ୍ଡପରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ଆକର୍ଷଣୀୟ ଭାବେ ସୁସଜ୍ଜିତ ହୋଇ ରହିଛି। ମଣ୍ଡପର ମୁଖ୍ୟ ଫାଟକ କପଡାର ତୋରଣ ସହ ଲାଇଟ ଗେଟ୍, ଲଟୁମାଳରେ ଅଧିକ ମନଲୋଭା ହୋଇଛି। ପୂଜକ ଚନ୍ଦ୍ରଶେଖର ଶତପଥୀ, ଧୁବେଇ ନନ୍ଦ ଓ କର୍ତ୍ତା ସଦାନନ୍ଦ ସାହୁ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏଥିରେ ଶୁକଦେବ ବସନ୍ତରା ସହଯୋଗ କରୁଛନ୍ତି। କୋଷାଧ୍ୟକ୍ଷ ଟିକେଶ୍ୱର ନନ୍ଦ, ଉପସଭାପତି ଅମୂଲ୍ୟ ସାହୁ, ଗୋଲବଦନ ବିଶ୍ୱାଳ (ଗୁନୁ), ସହ ସମ୍ପାଦକ ନିରଞ୍ଜନ ବେହେରା, ସରୋଜ ସାହୁଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

## ମହାଲକ୍ଷ୍ମୀ ପୂଜା ମଣ୍ଡପର ମୁଖ୍ୟ ଫାଟକ ଉଦ୍‌ଘାଟିତ

**ବୈଠକରେ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ**

ରିଆମାଳ,୨୮।୯(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ମାଁ ମହାଲକ୍ଷ୍ମୀ ପୂଜା ମଣ୍ଡପର ମୁଖ୍ୟ ଫାଟକ ରବିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ରିଆମାଳ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଯୋଗ ଦେଇଥିଲେ। କମିଟି ସଭାପତି ବିରେନ ପ୍ରଧାନଙ୍କ ସଭାପତିତ୍ୱରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୂଜା ଶାନ୍ତି ଶୃଙ୍ଖଳା ସହ କିଭଳି ହେବ ଓ ପୂଜାର ଉନ୍ନତି ଦିଗରେ ସମିତି ଅଧ୍ୟକ୍ଷ ବକ୍ତବ୍ୟ ପ୍ରଦାନ କରିଥିଲେ। ୧୯୮୪ ମସିହାରେ ଆରମ୍ଭ ହୋଇଥିବା ପୂଜା ଚଳିତ ବର୍ଷ ୪୨ ବର୍ଷରେ ପଦାର୍ପଣ କରିଛି। ୭୫୦ ଟଙ୍କାର ଅଟକଳ ବ୍ୟୟରେ ପୂଜା ଆରମ୍ଭ ହୋଇ ଆଜି ୧୦ ଲକ୍ଷ ଟଙ୍କାରେ ପହଞ୍ଚିଛି। କୋଷାଧ୍ୟକ୍ଷ ଶମ୍ଭୁଲାଲ ଅଗ୍ରୱାଲ ଚଳିତ ବର୍ଷର ବ୍ୟୟ ବାବଦରେ କହିଥିଲେ। ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଗୋଲବଦନ ବିଶ୍ୱାଳ ପରିଚାଳନା କରିଥିବା ବେଳେ ସମ୍ପାଦକ ତ୍ରିନାଥ ବିଶ୍ୱାଳ, ଅବସରପ୍ରାପ୍ତ ପୋଷ୍ଟ ଅଫିସର ତ୍ରିଲୋଚନ ବେହେରା ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁରେଖା ସାହାଣୀଙ୍କ ସମେତ ମହିଳା ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ତେବେ ପୂଜା ପାଇଁ ନୃତ୍ୟ ପ୍ରତିଯୋଗିତା, ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେବଗଡ ଆଦର୍ଶ ନୃତ୍ୟାନୁଷ୍ଠାନ, ଭୁବନେଶ୍ୱରର ଭକ୍ତିକୁସୁମ, ପୂଜାର ଶ୍ରୀମହିର ଭଜନ ସନ୍ଧ୍ୟା ଦ୍ୱାରା ଭଜନ ସମାରୋହ କାର୍ଯ୍ୟକ୍ରମ, ପୁରୀର ଟେନ୍ ଷ୍ଟାର ଡ୍ୟାନ୍ସ ଗ୍ରୁପ୍, ଯାଜପୁରର କିଙ୍ଗ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ରେକର୍ଡ ଡ୍ୟାନ୍ସ ସହ ଅଭିନେତ୍ରୀ ଶୀତଲ ପାତ୍ର ଓ ଅଙ୍କିତ ମିଶ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଅନ୍ନପ୍ରସାଦ ବଣ୍ଟନ ବ୍ୟବସ୍ଥା ମଧ୍ୟ ହୋଇଛି।

## ପଞ୍ଚାୟତ ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା



ବରଗଡ଼,୨୮।୯(ସମିସ): ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ବିଭାଗ ମୁଖ୍ୟ ଡ.ଶେଷନ୍ ବିଶିଙ୍କ ପୌରୋହିତ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଇଂରାଜୀ ବିଭାଗର ବିଭାଗ ମୁଖ୍ୟ ଡ.ଉମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭାଗ ମୁଖ୍ୟ ଡ.ବିଶି ନବାଗତ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ବିଭାଗ ତରଫରୁ ସ୍ୱାଗତ ଜଣାଇଥିଲେ। ଅଧ୍ୟାପିକା ଡ.ସ୍ମିତା ପାଣିଗ୍ରାହୀ, ଡ.ସୁନୀତା ବେହେରା, ଛନ୍ଦାରାଣୀ ବେସନ, ଅଧ୍ୟାପକ ଡ.ଅନନ୍ତ ମେହେର, ଯୋଗେନ୍ଦ୍ର ମେହେର ଓ ଶାନ୍ତନୁ ସୁନା ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହ ବହୁ ଉପାଦେୟ ତଥା ସଦୁପଦେଶ ପ୍ରଦାନପୂର୍ବକ ଉଦବୋଧନ ଦେଇଥିଲେ। ଏହି ଅବସରରେ ନୂତନ ସଦସ୍ୟ ଭାବେ ଯୋଗ ଦେଇଥିବା ଅଧ୍ୟାପକ ଶାନ୍ତନୁ ସୁନାଙ୍କୁ ମଧ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀ ସ୍ୱାଗତ ଜଣାଇଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ଉତ୍ତମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱାଗତ ସଭାରେ ଛାତ୍ରୀ କସ୍ତୁରୀ ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ର ଚିରନ୍ତନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସଭା ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀଙ୍କ ତରଫରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭାଗର ଉଭୟ ନୂତନ ଓ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ସଙ୍ଗୀତ, ନୃତ୍ୟ ଓ ଅଭିନୟ ପରିବେଷଣ କରିଥିଲେ। ସ୍ୱାଗତ ସମାରୋହରେ ବିଭାଗର ସ୍ନାତକ ଦ୍ୱିତୀୟ ଓ ତୃତୀୟ ଏବଂ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

ରିଆମାଳ,୨୮।୯(ସମିସ): ରିଆମାଳ ବ୍ଲକ୍ ଅଧୀନ ସ୍ଲପଘଟି ଶିବ ମନ୍ଦିର ପ୍ରାଙ୍ଗଣରେ ଥିବା ବୈଠକ ଗୃହ ଠାରେ ରବିବାର ରିଆମାଳ ବ୍ଲକ୍ ନାଗରିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଛି। ଆଧାତ୍ମିକ ଚିନ୍ତାଧାରା ଓ ବାର୍ଦ୍ଧକ୍ୟ ସମୟର ଜୀବନଶୈଳୀ ଉପରେ ଆଲୋଚନା ହୋଇଥିଲା। ନାଗରିକ ମଞ୍ଚର ଉପସଭାପତି ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଚିନ୍ତାମଣି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନାଗରିକ ମଞ୍ଚ ସଭାପତି ଜନାର୍ଦ୍ଦନ ପ୍ରଧାନଙ୍କ ଆହ୍ୱାନ କ୍ରମେ ବୈଠକ ଅନୁଷ୍ଠିତ ହୋଇଥିଲା। ହରିଶ୍ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ନାଗରିକ ମଞ୍ଚର ସଦସ୍ୟ ହେମନ୍ତ ପ୍ରଧାନ ଜନ୍ମଦିନ ପାଳିତ ହୋଇଥିଲା। ବ୍ରହ୍ମଚାରୀ ସର୍ବେଶ୍ୱର ଚୈତନ୍ୟ ଜୀ ବୈଠକରେ ଯୋଗ ଦେଇ ଜୀବନର ଅନ୍ତିମ ସଦଗତି ପାଇଁ ସମାଜ ଓ ଦେଶ ପ୍ରତି ନିଜକୁ ଉତ୍ସର୍ଗିକୃତ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ।

## ଝାରସୁଗୁଡ଼ା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ପ୍ରସ୍ତୁତି



- **ଅକ୍ଟୋବର ୧୪ରେ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ ଘେରଉ**
- **ଝାରସୁଗୁଡ଼ା ଡିଭିଜନରୁ ଯୋଗଦେବେ ୫୦୦ କେନ୍ଦୁପତ୍ର ତୋଳାଳି**

ଝାରସୁଗୁଡ଼ା,୨୮।୯(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଝାରସୁଗୁଡ଼ା ଡିଭିଜନ ପକ୍ଷରୁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଅରଣ୍ୟ ଭବନରେ ଅକ୍ଟୋବର ୧୪ ତାରିଖରେ ହେବାକୁ ଥିବା ସମାବେଶ ତଥା ଧାରଣା ସମ୍ପର୍କରେ ସୂଚନା ଦେଇଥିଲେ। ସମାବେଶରେ ମୁଖ୍ୟତଃ ସିଜିନାଲ କର୍ମଚାରୀ ମାନଙ୍କ ମାସିକ ମଜୁରୀ ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରୀ ଅନୁପାତରେ ଧାର୍ଯ୍ୟ କରିବା, କନ୍ୟା ବିବାହ ସହାୟତା, ବନ୍ଧେଇ ଶ୍ରମିକ ମାନଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ତଥା ତୋଳାଳି ଓ ବନ୍ଧେଇ ଶ୍ରମିକ ମାନଙ୍କ ଯଥାକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୪୬୦ ଓ ୭୦୦ ଟଙ୍କା ସହାୟତା ଦିଆଯିବା, କାର୍ଯ୍ୟକାରୀ ହୋଇନଥିବା ଏବଂ ତୋଳାଳି ମାନଙ୍କ ପତ୍ର ଦର ବୃଦ୍ଧି ଦାବିରେ ଏହି ସମାବେଶ ତଥା ଧାରଣାରେ ସାରା ରାଜ୍ୟରୁ ୫ ହଜାର ତୋଳାଳି କର୍ମଚାରୀ ସମବେତ ହେବାକୁ ଥିବା ବେଳେ ଝାରସୁଗୁଡ଼ା ଡିଭିଜନରୁ ୫୦୦ ତୋଳାଳି ଏବଂ ଶ୍ରମିକ ମାନେ ଯୋଗ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଯୁଗ୍ମ ସମ୍ପାଦକ ଅଶୋକ ମାଝୀ, ଅଲେକ ସାହୁ, କପିଲ ସା, ତିଳକ ମାଝୀ, ମନବୋଧ ପଣ୍ଡା, ରମେଶ ପଟେଲ, ଗୋବର୍ଦ୍ଧନ ପଧାନ, କଳାକାହ୍ନୁ ସେଟ୍, ଥବିର ଖମାରୀ, ଜିତୁ ନାଗ, ଆନନ୍ଦ, ଶ୍ରୀବତ୍ସ ସାହୁ, ରମେଶ ଭୋଇ, ଜଗଦୀଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା,୨୮।୯(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଲଖନପୁର ବ୍ଲକ୍ ଅଧୀନ ବାଘମୁଣ୍ଡା ଗାଁରେ ସିଂହାରପୁର ଭଗତ ସିଂହ ଶାଖା, ଧର୍ମପଦ ଶାଖା ବାଘମୁଣ୍ଡା, ଲିମେଇ ଟିକିରା ପ୍ରଭାତ ଶାଖା ମିଳିତ ଆନୁକୂଲ୍ୟରେ ବିଜୟା ଦଶମୀ ଉତ୍ସବ ତଥା ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଘମୁଣ୍ଡା ସ୍ଥିତ



ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ସ୍ୱୟଂ ସେବକ ମୁଖ୍ୟ ଅତିଥି ପଞ୍ଚୁଲାଲ୍ ବିଶ୍ୱାଳ (ପ୍ରଖ୍ୟାତ ସଞ୍ଚାର ବାହକ), ମୁଖ୍ୟ ବକ୍ତା ମନୋଜ ନାୟକ (ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବୌଦ୍ଧିକ ପ୍ରମୁଖ ଝାରସୁଗୁଡ଼ା ଜିଲ୍ଲା), ସମ୍ମାନିତ ଅତିଥି ବିହାରୀ ସାହୁ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଶ୍ରୀ ନାୟକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଇତିହାସ, ସଂଘର୍ଷ ତଥା ଉପଲବ୍ଧିକୁ ବଖାଣିଥିଲେ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ସ୍ୱୟଂ ସେବକ ଈଶ୍ୱର ବିଶ୍ୱାଳଙ୍କ ଦ୍ୱାରା ଦେଶାତ୍ମବୋଧକ ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଧର୍ମପଦ ଶାଖାର କାର୍ଯ୍ୟବାହ ସନତ ସାହୁ ପରିଚାଳନା କରିଥିଲେ। ଶେଷରେ ପ୍ରାର୍ଥନା କରି କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା।

## ଟ୍ରକ୍ ଚୋରି ଅଭିଯୋଗରେ ୩ କୋର୍ଟ ଚାଲାଣ

ଝାରସୁଗୁଡ଼ା,୨୮।୯(ସମିସ): ଟ୍ରକ ଚୋରି ଅଭିଯୋଗରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସଦର ଥାନା ପୁଲିସ ରବିବାର କୋର୍ଟଚାଲାଣ କରିଛି। ଝାରସୁଗୁଡ଼ା ଜିଲ୍ଲା ସଦର ଥାନା ଅଧୀନ ଡିପୁପଡାର ସଞ୍ଜୟ ଯାଦବ ଗତ ୨୦ ତାରିଖ ତାଙ୍କ ଟ୍ରକ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ପାର୍କ କରିଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଟ୍ରକ ଚୋରି କରି ନେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡ଼ା ସଦର ଥାନା ପୁଲିସ ଅପରେସନ ନେତ୍ର ଅନୁଯାୟୀ ସିସିଟିଭି ଓ ଅନ୍ୟାନ୍ୟ ଉପକରଣ ଆଧାରରେ ତଦନ୍ତ କରି ଟ୍ରକକୁ ଛତିଶଗଡ ରାଜ୍ୟ ରାୟପୁରରୁ ଜବତ କରିଛି। ଏହି ଘଟଣାରେ ପୁଲିସ ରବିବାର ଡିପୁପଡାର ବିକାଶ ଯାଦବ(୨୭), ବିହାର ଅରୁବାଲ ଜିଲ୍ଲାର ଅମରଜିତ (୨୫) ଏବଂ ବିହାର ଜହନାବାଦର ରମେଶ (୪୦)କୁ ଗିରଫ କରି କୋର୍ଟଚାଲାଣ କରିଛି। ଜବତ ହୋଇଥିବା ଚୋରି ଟ୍ରକର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଓଭରବ୍ରିଜ ରେଳ ଧାରଣା ନିକଟରୁ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା,୨୮।୯(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅଧୀନ ରାଜପୁର ଓଭରବ୍ରିଜର ରେଳ ଧାରଣା ନିକଟରେ ରବିବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତ ଯୁବକ ଜଣକ ରାଜପୁର ଗାଁର ବିପିନ ସାହୁ (୪୦) ବୋଲି ଜଣାପଡିଛି। ସେପଟେ ମୃତଦେହ ପଡିଥିବା ଦେଖି ରେଳ କର୍ମଚାରୀ ଓ ସ୍ଥାନୀୟ ଲୋକ ମାନେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ସୂଚନା ରହିଛି। ତେବେ ଯୁବକଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଛି ସେନେଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ କରାଯାଉଛି।

## ହରଦିପ ସିଂ ବରଗଡ଼ ଜିଲ୍ଲା କଂଗ୍ରେସର ନୂଆ ସଭାପତି

ବରଗଡ଼,୨୮।୯(ସମିସ): ବରଗଡ଼ ଜିଲ୍ଲା କଂଗ୍ରେସ ନେତୃତ୍ୱ ଦୌଡ଼ରେ ମାସାଧିକ କାଳ ଲାଗି ରହିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଦୃଢ଼ ନେତୃତ୍ୱକୁ ଦଳ ପ୍ରାଧାନ୍ୟ ଦେଇ ବରଗଡ଼ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ହରଦୀପ ସିଂହଙ୍କୁ ବରଗଡ଼ ଜିଲ୍ଲା ନୂତନ ସଭାପତି ଭାବେ ଦାୟିତ୍ୱ ମିଳିଛି। ଶ୍ରୀ ସିଂହ କଂଗ୍ରେସ ଦଳରୁ ଛାତ୍ର ରାଜନୀତି ଅରମ୍ଭ କରି ପର୍ଯ୍ୟାୟ କ୍ରମେ ଯୁବ କଂଗ୍ରେସ ସଭାପତି, ନଗର ସଭାପତି, ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ତୁଲାଇ ସାରିଛନ୍ତି। ବରଗଡ଼ ଜିଲ୍ଲା କଂଗ୍ରେସ ପାଇଁ ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧୪ ଯାଏ ଜିଲ୍ଲାର ବିଭିନ୍ନ ବିଧାନସଭା କ୍ଷେତ୍ର ବୁଲି ଥିଲେ।। କର୍ମୀ ଓ



ସଂଗଠକଙ୍କ ସହ ଆଲୋଚନା କରିଥିଲେ। ଆଶାୟୀ ପ୍ରାର୍ଥୀଙ୍କ ସଂକ୍ରାନ୍ତରେ ରିପୋର୍ଟ ସଂଗ୍ରହ କରିଥିଲେ। ଯାହା ଆଧାରରେ ପର୍ଯ୍ୟବେକ୍ଷକ ଏଆଇସିସିକୁ ରିପୋର୍ଟ ପ୍ରଦାନ କରିଥିଲେ। ତଦନୁଯାୟୀ ଜିଲ୍ଲା କଂଗ୍ରେସ ସଭାପତି ନାଁରେ ମୋହର ମାରିଛନ୍ତି। ହାଇକମାଣ୍ଡ ଜିଲ୍ଲା ସଭାପତି ଆଶାୟୀ ଦୌଡ଼ରେ ବରିଷ୍ଠ କଂଗ୍ରେସ ନେତା, ସୁଭେନ୍ଦୁ ସାହୁ, ନୀପନ ଦାଶ, ପାଣ୍ଡବ କର୍ଣ୍ଣ, ପ୍ରତାପ ଚନ୍ଦ୍ର ନାୟକ, ଯୁଗଳ ପ୍ରସାଦ ସିଂହ, ଆଇନଜୀବୀ ସରୋଜ ଷଡଙ୍ଗୀ, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ରହିଥିଲେ।

## ଉଟୁଣିଆଁରେ ବାଘ ପାଦଚିହ୍ନ

ରିଆମାଳ,୨୮।୯(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବନାଞ୍ଚଳ ଉଟୁଣିଆଁ ପଞ୍ଚାୟତ ଅଧୀନ ବାବାଜୀମଠ ଗାଁରେ ରବିବାର ବାଘ ପାଦଚିହ୍ନ ଦେଖିବାକୁ ମିଳିଛି। ତେବେ ଏଯାଏଁ ବାଘର ସନ୍ଧାନ ମିଳି ନ ଥିବା ଜଣାପଡିଛି। ଘଟଣାକୁ ନେଇ ଜଙ୍ଗଲ ଅଞ୍ଚଳରେ ବସବାସ କରିଥିବା ଜନସାଧାରଣ ଭୟଭୀତ



ଅବସ୍ଥାରେ ରହିଛନ୍ତି। ଦିନ କିମ୍ବା ରାତି ସମୟରେ କେହି ଘରୁ ବାହାରୁ ନାହାଁନ୍ତି। ଗତ ୧୦ ଦିନରୁ ଊର୍ଦ୍ଧ୍ୱ ହେଲା ଏହି ଖବର ଚାରିଆଡେ ପ୍ରଚାରିତ ହେଉଛି। ବନବିଭାଗ ପକ୍ଷରୁ ରେଞ୍ଜର ନିରଞ୍ଜନ ଧରୁଆଙ୍କ ନେତୃତ୍ୱରେ ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଚାରିଆଡେ ଖୋଜାଖୋଜି କରୁଛନ୍ତି। ଜଙ୍ଗଲକୁ ନ ଯିବାକୁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ବାରଣ କରାଯାଉଛି। ରିଆମାଳର ବିଭିନ୍ନ ସୀମାରେ ୧୪ଟି କ୍ୟାମେରା ଲଗାଯାଇଛି। ହେଲେ ମଧ୍ୟ ବାଘର ସନ୍ଧାନ ମିଳିପାରି ନାହିଁ।

## ଜିଲ୍ଲାସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର



ଝାରସୁଗୁଡ଼ା,୨୮।୯(ସମିସ): ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଜିଲ୍ଲାସ୍ତରୀୟ ବିଦ୍ୱତ ପରିଷଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ପ୍ରମୁଖ ବିଜୟ ଦାସ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପତ୍ରପାଲି ଉଚ୍ଚ ବିଦ୍ୟାଳୟର ପୂର୍ବ ପ୍ରଧାନଆଚାର୍ଯ୍ୟ ଉପେନ୍ଦ୍ର ନାଥ ସରାଫ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ନିଜର ବକ୍ତବ୍ୟରେ ପଞ୍ଚ ପରିବର୍ତ୍ତନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟମନ୍ଦିରର ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର, ସଭାପତି ଗୋବିନ୍ଦ ସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମ ସମାପନ କରିଥିଲେ।

## ଚିନ୍ତାନାୟକ କିସନ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ

ବରଗଡ଼,୨୮।୯(ସମିସ): ବିଶିଷ୍ଟ ସମାଜବାଦୀ ଚିନ୍ତାନାୟକ କିସନ ପଟ୍ଟନାୟକଙ୍କ ୨୧ ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବରଗଡ଼ ସ୍ଥିତ ଯଦୁମଣି ପ୍ରଧାନ ଅଡିଟୋରିଅମ ଠାରେ ଚାଷୀ ନେତା ଅଶୋକ ପ୍ରଧାନଙ୍କ ସଭାପତିତ୍ୱ ଏବଂ କିସନ ପଟ୍ଟନାୟକ ସମତା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଲିଂଗରାଜଙ୍କ ସଞ୍ଚାଳନରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଛି। ସଭାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ଡ.ଲକ୍ଷ୍ମଣ ଯାଦବ ଯୋଗଦେଇ 'ଶୂଦ୍ର ଭାରତର ସ୍ୱପ୍ନ ଏବଂ ସମ୍ବିଧାନର' ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯେତେବେଳେ ସାରା ବିଶ୍ୱରେ ଏବଂ ଆମ ଦେଶରେ ଭୂମଣ୍ଡଳୀକରଣର, ଜଗତିକରଣର କୌଣସି ବିକଳ୍ପ ନାହିଁ ବୋଲି ନୀତି ଅନୁସରଣ କରାଯାଉଥିଲା ସେହି ସମୟରେ କିସନ ପଟ୍ଟନାୟକ 'ବିକଳ୍ପ ହୀନ ନୁହେଁ ଏ ଦୁନିଆଁ' ଶୀର୍ଷକ ବହି ଲେଖିଯାଇଛନ୍ତି। ଆଜି ଜଗତିକରଣର ଅର୍ଥନୀତି ରାଜନୀତି କାରଣରୁ ସମସ୍ତ ସରକାରୀ ଅନୁଷ୍ଠାନ ଗୁଡିକୁ ଘରୋଇ କରଣ କରିଦିଆଯାଇଛି। ଯଦି କୌଣସି ସରକାରୀ ଅନୁଷ୍ଠାନ ରହିବ ନାହିଁ ତାହେଲେ ବହୁଜନ ମାନଙ୍କ ସଂରକ୍ଷଣର କୌଣସି ଅର୍ଥ ରହିବ ନାହିଁ। ଦେଶକୁ କମ୍ପାନି ପୁଞ୍ଜିପତିଙ୍କ ସ୍ୱାର୍ଥର ରାଜନୀତିରୁ ମୁକ୍ତ କରି ଏକ ସମତା, ଭାଇଚାରା ଆଧାରିତ ସମାଜବାଦୀ ରାଷ୍ଟ୍ର ନିର୍ମାଣ ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ ଲଢ଼େଇ କରିବାର ସ୍ୱପ୍ନ ହିଁ ଡକ୍ଟର ବାବା ସାହେବ ଭୀମରାଓ ଆମ୍ବେଦକର, ଡକ୍ଟର ରାମ ମନୋହର ଲୋହିଆ ଏବଂ କିସନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିପାରିବ ବୋଲି ଡକ୍ଟର ଯାଦବ କହିଥିଲେ। ଏହି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ବିଶିଷ୍ଟ ଚାଷୀ ନେତା ତଥା କିସନ ପଟ୍ଟନାୟକ ସମତା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଲିଂଗରାଜ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ କଳାହାଣ୍ଡି, ରାୟଗଡା, ବଲାଙ୍ଗିର, ସମ୍ବଲପୁର, ଝାରସୁଗୁଡା ଏବଂ ବରଗଡ଼ ଆଦି ଅଞ୍ଚଳରୁ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଡ.ଲକ୍ଷ୍ମଣ ଯାଦବଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟ କିସାନ ଆନ୍ଦୋଳନର ବରିଷ୍ଠ ନେତା ଅରୁଣ ସାହୁ ମଞ୍ଚାସୀନ ଥିଲେ ଏବଂ ସୀତାରାମ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।

## ତିଲେଇବଣି ବ୍ଲକ୍‌ରେ ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୨୮।୯(ସମିସ): ତିଲେଇବଣି ବ୍ଲକ୍ ସଦର ମହକୁମାରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପ୍ରତିନିଧି ନଗେନ ପଣ୍ଡା ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ବ୍ୟକ୍ତିଗତ ଏବଂ ସାମୂହିକ ମୋଟ ୧୨ଟି ଅଭିଯୋଗ ହୋଇଥିଲା। ବିଶେଷ କରି ରାସ୍ତା ନିର୍ମାଣ, ବିଦ୍ୟୁତ ସଂଯୋଗ, ମନ୍ଦିର ଉନ୍ନତିକରଣ, କ୍ଲବ୍ ଗୃହ ତଥା ଗାଁ ମଣ୍ଡପ ପୁନରୁଦ୍ଧାର, ଆବଶ୍ୟକ ଶିକ୍ଷକ ନିଯୁକ୍ତି, ପକ୍କାଘର ପ୍ରଦାନ ଏବଂ ଭୂମିହୀନଙ୍କୁ ଜମି ପ୍ରଦାନ ଆଦି ଅଭିଯୋଗ ହୋଇଥିଲା। ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକଙ୍କ ପ୍ରତିନିଧି ଶ୍ରୀ ପଣ୍ଡା ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଫୁଟବଲ୍ ପ୍ରତିଯୋଗିତାରେ ମନୋରମା କ୍ଲବ୍ ଚାମ୍ପିଅନ୍

ଦେବଗଡ଼,୨୮।୯(ସମିସ)



ବାରକୋଟ ବ୍ଲକ୍ ବସାଲଇ ପଞ୍ଚାୟତ ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ୧୬ଟି ଦଳକୁ ନେଇ ଚାଲଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଟାଇବ୍ରେକର ଯୋଗେ ଲଇମୁରା ଆଭେଞ୍ଜୋର ଇଲେଭେନ ଦଳକୁ ପରାସ୍ତ କରି ଦେବଗଡ଼ର ମନୋରମା କ୍ଲବ୍ ଚାମ୍ପିଅନ ହୋଇଛି। ସେହିପରି ଦୁଇଟି ଦଳକୁ ନେଇ ମହିଳା ବର୍ଗରେ ଅନୁଷ୍ଠିତ ମ୍ୟାଚ୍‌ରେ ଜୋଡା ଟାଟା ଫାଉଣ୍ଡେସନ ଦଳକୁ ପରାସ୍ତ କରି ଦେବଗଡ଼ ମନୋରମା କ୍ଲବ୍ ବିଜୟ ଲାଭ କରିଛି। ରେଫରୀ ଭାବେ ପରେଶ ପ୍ରଧାନ, ପରେଶ ଭୋଇ, ସରୋଜ ଗଡନାୟକ ଏବଂ ଲକ୍ଷ୍ମଣ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜକ ଅନୁଷ୍ଠାନର ସଭାପତି ରଞ୍ଜନ ଦେହୁରୀ ଏବଂ ସମ୍ପାଦକ ଓମ ପ୍ରକାଶ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆଜି ସନ୍ଧ୍ୟାରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହିତ ୧୮ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ମହିଳା ବର୍ଗରେ ବିଜୟ ଲାଭ କରିଥିବା ଦଳକୁ ମଧ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ସମାଜସେବୀ ବସନ୍ତ ପାତ୍ର, ଲୋକନାଥ ସାମଲ, ରୀନା ସ୍ୱାଇଁ, ରୀନା ପ୍ରଧାନ, ରୋଜାଲିନ ନାୟକ ଏବଂ ରଶ୍ମିତା ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପୋଲ ଭୁଶୁଡ଼ି ଯାତାୟାତ ବାଧାପ୍ରାପ୍ତ

ମାଲକାନଗିରି, ୨୮ ।୯ (ସମିସ)



ମାଲକାନଗିରି ଜିଲ୍ଲାରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହି ବର୍ଷା ଯୋଗୁଁ ଅନେକ ସ୍ଥାନରେ ରାସ୍ତା ଧୋଇ ହୋଇଯିବା, ମାଟି ଅତଡା ଖସିବା ଓ ବିଭିନ୍ନ ସ୍ଥାନରେ ରାସ୍ତା ଦବି ଯାଇ ନଷ୍ଟ ହୋଇଯାଇଥିବା ଭଳି ଚିତ୍ର ସାମ୍ନାକୁ ଆସିଥିଲା । ତେବେ ଏହାରି ମଧ୍ୟରେ ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଅଣ୍ଡରାପାଲି ପଞ୍ଚାୟତ ଠାରୁ ପଣସପୁଟ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଏକ ଛୋଟିଆ ପୋଲ ମଧ୍ୟ ଏହି ବର୍ଷା ଯୋଗୁଁ ଭୁଶୁଡ଼ି ପଡ଼ିବାରୁ ଦୁଇଟି ପଞ୍ଚାୟତକୁ ଏହି ରାସ୍ତା ଦେଇ ଯାତାୟାତ ଠପ୍ ହୋଇଯାଇଥିବା ସ୍ଥାନୀୟ ଜନ ପ୍ରତିନିଧି ଓ ଲୋକେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଅଣ୍ଡରାପାଲି ପଞ୍ଚାୟତ ଠାରୁ ପଣସପୁଟ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଛୋଟିଆ ପୋଲ ତଥା କଲଭର୍ଟ ରହିଥିବା ବେଳେ ଏହା ବର୍ଷା ଯୋଗୁଁ ଭୁଶୁଡ଼ି ପଡ଼ିଛି । ଫଳରେ ଏହି ରାସ୍ତା ଦେଇ କୌଣସି ଯାନ ଯାତାୟାତ କରିବା ସମ୍ଭବ ହେଉନାହିଁ । ଉଭୟ ପଞ୍ଚାୟତକୁ ସଂଯୋଗ କରିବାର ଏହା ମୁଖ୍ୟରାସ୍ତା ରହିଥିବା ବେଳେ ପୋଲ ଭାଙ୍ଗିବାରୁ ଲୋକେ ଯାତାୟତରେ ନାହିଁ ନଥିବା ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି । ରାସ୍ତା କାମ ନିମ୍ନମାନର ଯୋଗୁଁ ବର୍ଷାରେ ପୋଲଟି ଭାଙ୍ଗି ପଡ଼ିଥିବା ଅଭିଯୋଗ ହୋଇଛି । ତୁରନ୍ତ ଏହି ରାସ୍ତା ନିର୍ମାଣ କରି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

# ଡାବୁଗାଁରେ ଦୂର୍ଗାପୂଜା ଆରମ୍ଭ

ଡାବୁଗାଁ, ୨୮ ।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଦୂର୍ଗା ମଣ୍ଡପ ଠାରେ ରବିବାର ମା'ଦୁର୍ଗାଙ୍କ ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଛି । ଆଜି ଅପରାହ୍ନରେ ମାଁ ଠାକୁରାଣୀ ମନ୍ଦିର ପୁଷ୍କରିଣୀରେ ଜଳାଧିବାସ ସହ ଗଙ୍ଗା ଆବାହନ କରାଯାଇ ବିଲ୍ୱବରଣ କରାଯାଇଥିଲା । ଏହି କଳସ ଯାତ୍ରାରେ ଗ୍ରାମର ବହୁ ସଂଖ୍ୟକ ବାଳିକା ଓ ମହିଳା ମାନେ କଳସ ମୁଣ୍ଡାଇ ବାଜା ବଜାଇ ବାଣ ଫୁଟାଇ ମହାଆଡମ୍ବରରେ ଶୋଭାଯାତ୍ରାରେ ମା'ଙ୍କ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ । ରାତିରେ ଷଷ୍ଠୀ ପୂଜା କରାଯାଇଥିଲା । ସୋମବାର ଚକ୍ଷୁ ଦାନ କରିବା ସହ ମାଁଙ୍କୁ ଆବାହନ କରାଯାଇ ମାଁଙ୍କ ସପ୍ତମୀ ପୂଜା କରାଯିବ । ଏଥିରେ ମୁଖ୍ୟ ପୂଜକ ଶିବ ପ୍ରସାଦ ପଣ୍ଡାଙ୍କ ସହ ଅନ୍ୟମାନେ ପୂଜା କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ଅନ୍ୟ ପୂଜକ ମାନେ ପୂଜାରେ ସହାୟତା କରୁଛନ୍ତି । ମହା ଆଡମ୍ବରରେ ଦୂର୍ଗା ପୂଜା ପାଳନ ହେଉଛି । ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି ଡାବୁଗାଁ ସହର । ଏଥିରେ ପୂଜା କମିଟି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଉପସଭାପତି ଦିବ୍ୟରଞ୍ଜନ ରାୟପାତ୍ର, ସମ୍ପାଦକ ସନ୍ତୋଷ ରାୟପାତ୍ର, ସହ ସମ୍ପାଦକ ଶୁଭଜିତ ପାଣିଗ୍ରାହୀ, କୋଷାଧକ୍ଷ ଭଗବାନ ପାତ୍ର ଓ ସୁରେଶ ଚନ୍ଦ୍ର ବେହେରା, ଭଦ୍ରବ୍ୟକ୍ତି ଜି. ସାଇ ରାଜୁ, ପ୍ରକାଶ ଚନ୍ଦ୍ର ପଣ୍ଡା, ଜି. ସତ୍ୟା ରାଓ, ଜଗନ୍ନାଥ ବିଶୋଇ, ଜି. ପ୍ରକାଶ ରାଓ, ବବଲୁ ତ୍ରିପାଠୀ, ଆର. ଶଙ୍କର ରାଓ, ସୌଭାଗ୍ୟ ବିଶ୍ୱାଳ, ଏମ୍. ବାସୀ ରାଓ, ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



## ସାହିତ୍ୟ ଟୁଙ୍ଗୀର ଶାରଦୀୟ ବିଚିତ୍ରା 'ଶକ୍ତିରୂପେଣ ସଂସ୍ଥିତା'



ଜୟପୁର, ୨୮ ।୯ (ସମିସ): ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ସଭାପତି ଉଦୟ ଶଙ୍କର ଜାନକୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ଟୁଙ୍ଗୀରେ ଶକ୍ତିରୂପେଣ ସଂସ୍ଥିତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଶାରଦୀୟ ବିଚିତ୍ରା ଶକ୍ତିରୂପେଣ ସଂସ୍ଥିତା ନେଇ ଭାରତୀୟ ପରମ୍ପରା, ଦୁର୍ଗାପୂଜା, ଶାରଦୀୟ ଉତ୍ସବକୁ ଓ ସାହିତ୍ୟକୁ ନେଇ ଆଲୋଚନା ସହ କବିତା ପାଠ ହୋଇଥିଲା । ଏଥିରେ ସଂଧାରାଣୀ ସାହୁ, ପ୍ରମୋଦ ରାଉଳ, ଅଧ୍ୟାପକ ମୃତ୍ୟୁଞ୍ଜୟ ସାହୁ, ତପନ କିରଣ ତ୍ରିପାଠୀ, ବୈରାଗୀ ଚରଣ ସାହୁ, ଅଧ୍ୟାପକ ଆଲୋକ ମହାରଣା ଆଲୋଚକ ଭାବେ ଯୋଗଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ କବିତା ପାଠୋତ୍ସବରେ ମିନତୀ ପଟ୍ଟନାୟକଙ୍କ ସଂଯୋଜନା ଅନନ୍ତ ବିଜୟ ଧୀବର, ନାରାୟଣ ସଗର ପ୍ରମୁଖ କବିତା ପାଠ କରିଥିଲେ ।

## ଫେରାର ମହିଳା ମାଓବାଦୀ ଗିରଫ



ମାଲକାନଗିରି, ୨୮ ।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଂକେର ଜିଲ୍ଲାରେ ଗତ ୨୨ ତାରିଖରେ ଟେକାପାଣି ଜଙ୍ଗଲରେ ପୋଲିସ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ହୋଇଥିବା ଏନ୍‌କାଉଣ୍ଟରରେ ନକ୍ସଲ କମାଣ୍ଡରଙ୍କ ମହିଳା ସୁରକ୍ଷା କର୍ମୀ ଆହତ ହୋଇଥିଲା । ପୋଲିସ ଠାରୁ ବର୍ତ୍ତୀ ଯାଇ ଆହତ ମହିଳା ନକ୍ସଲ ଲୁଚି ପଳାଇଥିବା ବେଳେ ଆଜି ତାଙ୍କୁ ଗିରଫ କରିଛି ପୁଲିସ । ସୂଚନା ଅନୁଯାୟୀ ସେପ୍ଟେମ୍ବର ୨୨ ତାରିଖରେ ଟେକାପାଣି ଜଙ୍ଗଲରେ ନକ୍ସଲବାଦୀଙ୍କ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏହି ସମୟରେ ନକ୍ସଲ କମାଣ୍ଡର ପ୍ରସାଦଙ୍କ ଉପସ୍ଥିତି ଖବର ମିଳିଥିଲା । ଏନ୍‌କାଉଣ୍ଟର ପରେ ନକ୍ସଲମାନେ ଖସିଯିବାରେ ସଫଳ ହୋଇଥିଲେ । କିନ୍ତୁ ପୋଲିସ ପାଖରେ ଠୋସ୍ ସୂଚନା ଥିଲା ଯେ ରେଶମା ନାମକ ଜଣେ ମହିଳା ନକ୍ସଲ ଗୁଳିବିଦ୍ଧ ହୋଇଛନ୍ତି । ଏହା ପରେ ପୋଲିସ ଏବଂ ବିଏସଏଫର ଏକ ମିଳିତ ଦଳ ତାଙ୍କ ସନ୍ଧାନରେ ନିୟୋଜିତ ଥିଲା । ଏହି ସମୟରେ, ମହିଳା ନକ୍ସଲ ଆଲପାରସ ନିକଟସ୍ଥ ଏକ ଗାଁରେ ରହି ନିଜର ଚିକିତ୍ସା କରୁଥିବା ସୂଚନା ପାଇ ତାଙ୍କୁ ଘେରି ଗିରଫ କରାଯାଇଥିଲା । ଆହତ ନକ୍ସଲଙ୍କ ଗିରଫ ପରେ ଚିକିତ୍ସା ଜାରି ରହିଥିବା ନେଇ ଅତିରିକ୍ତ ଏସପି ଆକାଶ ଶ୍ରୀମଲ୍ କହିଛନ୍ତି । ରେସମାଙ୍କ ଗୋଡରେ ଗୁଳି ବାଜିଥିବା ବେଳେ ବେକରେ ଆଘାତ ଲାଗିଛି ବୋଲି ଜଣାପଡ଼ିଛି ।

## ମରଣଯନ୍ତା ପାଲଟିଥିବା ଏନ୍‌ଏଚ୍ ମରାମତି କଲେ ଯୁବଗୋଷ୍ଠୀ



ମାଲକାନଗିରି, ୨୮ ।୯ (ସମିସ): ଶୋଚନୀୟ ରାସ୍ତା ପଥଚାରୀଙ୍କ ପାଇଁ ମରଣ ଯନ୍ତା ପାଲଟିଥିବା ବେଳେ ଏହାର ମରାମତି ଦିଗରେ ବିଭାଗ ଦୃଷ୍ଟି ଦେଉ ନଥିବାରୁ ସ୍ଥାନୀୟ ଅଞ୍ଚଳର ଯୁବକ ମାନେ ଶ୍ରମଦାନ କରି ଜାତୀୟ ରାଜପଥର କଲେ ଅସ୍ଥାୟୀ ମରାମତି । କିଛି ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲାରୁ । ମାଲକାନଗିରି ଜିଲ୍ଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ଅନେକ ସ୍ଥାନ ନଷ୍ଟ ହେବାକୁ ବସିଥିବା ବେଳେ ବିଶେଷ କରି ଜିଲ୍ଲାର ପୋଟେରୁ ଠାରୁ ମୋଟୁ ମଧ୍ୟରେ ରାସ୍ତାରେ ଅନେକ ବଡ଼ ବଡ଼ ଗର୍ତ୍ତ ସହ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । କିଛି କିଛି ସ୍ଥାନରେ ରାସ୍ତା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଥିବା ବେଳେ ତାହା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟିବାରେ ଲାଗିଛି । ଏପରି କି ଶୋଚନୀୟ ରାସ୍ତା ଯୋଗୁଁ ଅନେକ ଲୋକେ ଦୁର୍ଘଟଣାର ଶିକାର ହୋଇ ନିଜର ଜୀବନ ହରାଉଥିବା ମଧ୍ୟ ନଜିର ରହିଛି । ଜିଲ୍ଲାର କାଙ୍ଗୁରକୋଣ୍ଡା ଠାରୁ ଏମପିଭି ୬୪ ଗ୍ରାମ ମଧ୍ୟରେ ରହିଥିବା ରାସ୍ତାଟି ମଧ୍ୟ ଅନେକ ସ୍ଥାନରେ ପିଚୁ ଉଠି ବଡ଼ ବଡ଼ ଗର୍ତ୍ତ ହୋଇ କ୍ରମାଗତ ଭାବେ ଦୁର୍ଘଟଣା ହେଉଥିବାରୁ ସ୍ଥାନୀୟ ଯୁବ ପିଢ଼ୀ ଏହି ରାସ୍ତା ମରାମତି କରିବା ପାଇଁ ଅଣ୍ଟା ଭିଡିଛନ୍ତି । ସ୍ଥାନୀୟ ଯୁବକ ମାନେ ରାସ୍ତାରେ ଥିବା ବଡ ବଡ ଗର୍ତ୍ତକୁ ମାଟି ଓ ପଥର ପକାଇ ଏହାକୁ ସମତଳ କରୁଥିବା ଦେଖିବାକୁ ମିଳିଛି । ଆଜି ଅନେକ ଯୁବକ ଯୁବତୀ ଶ୍ରମ ଦାନ କରି ନିଜସ୍ୱ ଉଦ୍ୟମରେ ଏହି ରାସ୍ତାରେ ଥିବା ଗର୍ତ୍ତ ଗୁଡିକୁ ସମତଳ କରିଛନ୍ତି । ତେବେ ଯୁବକ ମାନେ ପ୍ରକାଶ କରିଛନ୍ତି ଯେ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ବିଗତ ଦିନରେ ଅନେକ ଦୁର୍ଘଟଣା ଘଟିଛି, ଯାହାକି ସେମାନଙ୍କ ମନରେ ଗଭୀର ଆଘାତ ଦେଇଛି । ଏହି ରାସ୍ତା ଦେଇ ନୀତି ପ୍ରତିଦିନ ଅନେକ ସରକାରୀ ଅଧିକାରୀ ମାନେ ଯାତାୟତ କରୁଥିଲେ ମଧ୍ୟ ଏହାର ମରାମତି ଦିଗରେ ବିଶେଷ ଦୃଷ୍ଟି ଦିଆଯାଉ ନଥିବାରୁ ରାସ୍ତାଟି ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ତେଣୁ ଲୋକଙ୍କ ଜୀବନ ରକ୍ଷା ପାଇଁ ଏହି ରାସ୍ତାରେ ଥିବା ଗର୍ତ୍ତ ଗୁଡିକୁ ନିଜ ଉଦ୍ୟମରେ ସମତଳ କରିବାକୁ ପ୍ରୟାସ କରିଛୁ । ତେବେ ଯୁବଗୋଷ୍ଠୀଙ୍କ ଏଭଳି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ବେଶ ପ୍ରଶଂସା କରାଯାଇଛି ।

## ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



କୋରାପୁଟ, ୨୮ ।୯ (ସମିସ): ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ସଭାପତି ତଥା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ସଭାପତି ଶଶି ଭୂଷଣ ଦାସଙ୍କୁ ବ୍ରହ୍ମପୁର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । ବ୍ରହ୍ମପୁରର ଗେଟ୍ ବଜାର ସ୍ଥିତ ଏକ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ୩୩ ତମ ବାର୍ଷିକ ଉତ୍ସବ ଓ ସମ୍ବିଧାନିକ ସମ୍ମିଳନୀରେ ଶ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ନଳିନୀକାନ୍ତ ଓଝା, ଏ ସନ୍ୟାସି ରାଓ, ଲକ୍ଷ୍ମଣ ମଲ୍ଲିକ, ପର୍ଶୁରାମ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । କେ ଟୁନା ଦୋରା ବୈଠକରେ ସଭାପତିତ୍ୱ କରିଥିଲାବେଳେ ଦୟାନିଧି ପାଢ଼ୀ ସମ୍ପାଦକ ବିବରଣୀ ପାଠ କରିଥିଲେ, । ବୈଠକରେ ମୁଖ୍ୟତଃ କର୍ମଚାରୀ ମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା, ସମସ୍ୟା ଓ ଦାବୀ ଉପରେ ଆଲୋଚନା କରା ଯାଇ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଅନୁରୋଧ କରିଥିଲେ । ଏହି ଅବସରରେ ଶଶୀ ଭୂଷଣ ଦାଶଙ୍କୁ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯେଉଁମାନେ ଚାକିରିରୁ ଅବସର ଗ୍ରହଣ କରିଥିଲେ, ସେମାନଙ୍କୁ ମଧ୍ୟ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଜରିଆରେ ଜିଲ୍ଲା ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲ୍ଲା ଶାଖାର କର୍ମକର୍ତ୍ତା ନିର୍ବାଚନ କରାଯିବା ପରେ ରାଜ୍ୟ ସଂଘ ଉକ୍ତ ତାଲିକାକୁ ଅନୁମୋଦନ କରିଥିଲେ ।

## ଦୁର୍ଗାପୂଜାରେ ଆଧ୍ୟାତ୍ମିକମୟ ଗ୍ରାମାଞ୍ଚଳ



ଜୟପୁର, ୨୮ ।୯ (ସମିସ): ଜୟପୁର ସହରରେ ନବରାତ୍ର ଦୁର୍ଗାପୂଜା ମହା ଆଡମ୍ବରରେ ପାଳନ କରାଯାଇଛି । ଆଜି ଷଷ୍ଠୀ ତିଥିରେ ବ୍ଲକର କୁମୁଲିପୁଟ, ଆମ୍ବାଗୁଡା, ରଣ୍ଡାପାଲ୍ଲୀ, ବିଜେ-୨ ଏବଂ ବାରିଣିପୁଟ ଗ୍ରାମଠାରେ ଦେବୀ ମହିଷାଶୁର ମର୍ଦ୍ଦିନୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି । କୁମୁଲିପୁଟ ଗ୍ରାମଠାରେ ମଣ୍ଡପ କରାଯାଇ ୬୮ ତମ ବାର୍ଷିକ ଦଶହରା ପାଳନ କରାଯାଉଛି ବୋଲି ପୂଜା କମିଟିର ସଭାପତି ସୁଦୀପ ପଦ୍ଧାର ପ୍ରକାଶ କରିଛନ୍ତି । କୁମୁଲିପୁଟ, ଆମ୍ବାଗୁଡା, ରଣ୍ଡାପାଲ୍ଲୀ ଏବଂ ବିଜେ-୨ରେ ମୁଖ୍ୟତଃ ବଙ୍ଗାଳୀ ସମ୍ପ୍ରଦାୟର ଲୋକମାନେ ଏହି ପୂଜାର୍ଚ୍ଚନା କରୁଥିଲେ ସୁଦ୍ଧା ସ୍ଥାନୀୟ ଲୋକମାନେ ମଧ୍ୟ ସାମିଲ ହେଉଛନ୍ତି । ଏହିପରି ନିଷ୍ଠା ଓ ବୈଦିକ ରୀତିନୀତିରେ ଷଷ୍ଠୀ ତିଥିରୁ ଦଶମୀ ପର୍ଯ୍ୟନ୍ତ ଏହି ପୂଜା ଆୟୋଜନ କରାଯାଉଛି । ଏଥିରେ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ହୋମଯଜ୍ଞ ଓ ଚଣ୍ଡିପାଠ କରାଯାଉଛି । ସେହିପରି ସଦରଥାନା ପୁଲିସ ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇ ଶାନ୍ତିଶୃଙ୍ଖଳାର ସହିତ ପୂଜାର୍ଚ୍ଚନା କରାଯାଉଛି ।

## ଦକ୍ଷତା ବିକାଶ ସଚେତନତା କାର୍ଯ୍ୟକ୍ରମ




ରାୟଗଡ଼ା, ୨୮ ।୯ (ସମିସ): ରାୟଗଡ଼ା ଜିଲ୍ଲା ମେରା ଯୁବା ଭାରତ ଆନୁକୂଲ୍ୟରେ ସରକାରୀ ଆଇଟିଆଇ ରାୟଗଡ଼ା ସହାୟତାରେ ସମ୍ମିଳନୀ କକ୍ଷରେ ପିଏମ ବିଶ୍ୱକର୍ମା ଯୋଜନାକୁ ନେଇ ଏକ ସ୍ୱାବଲମ୍ବୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭରମ୍ଭ କରିଥିଲେ । ଯୁବକ ଯୁବତୀ ମାନେ କିଭଳି ଭାବରେ ବିଭିନ୍ନ ଦକ୍ଷତା ହାସଲ କରି ସ୍ୱାବଲମ୍ବୀ କିମ୍ବା ଆମ ନିର୍ଭରଶୀଳ ହୋଇ ଦେଶର ଅର୍ଥନୀତି ବିକାଶରେ ନିଜକୁ ସାମିଲ କରିପାରିବେ, ତାହା ଉପରେ ଉପସ୍ଥିତ ଥିବା ଯୁବକ ଓ ଯୁବତୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଶକ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଖିଳ ରଞ୍ଜନ ପଣ୍ଡା, ସରକାରୀ ଶିଳ୍ପତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ବିନୟ କୁମାର ବଶନ୍ତରାୟ ଏବଂ ସିଟିଟିସିର ସିନିୟର୍ କନସଲଟାଣ୍ଟ ଅରୁଣ କୁମାର ସର୍ଯ୍ୟ ଏବଂ ଶିଳ୍ପ ତାଲିମ ଅନୁଷ୍ଠାନର ତାଲିମ ଅଧିକରୀ ନିଶିକାନ୍ତ ଶର୍ମା ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନାରେ ଯୁବକ ଯୁବତୀ ମାନେ ସାମିଲ ହୋଇ ଆ । ନିର୍ଭରଶୀଳ ହୋଇପାରିବେ ତାହା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ମେରା ଯୁବା ଭାରତର ଏମଟିଏସ ଲକ୍ଷ୍ମୀନାରାୟଣ ସେଠୀ କାର୍ଯ୍ୟକ୍ରମର ବିଷଦ ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଶିଳ୍ପ ତାଲିମ ଅନୁଷ୍ଠାନ ସହ ତାଲିମ ଅଧିକାରୀ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୁବକ ଯୁବତୀ ମାନେ ଆସି ଅଂଶ ଗ୍ରହଣ କରିଥିଲେ ।

# ସବ୍ ଜୁନିଅର ବ୍ୟାଡମିଣ୍ଟନ ର୍ୟାଙ୍କିଂଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ରାୟଗଡ଼ା, ୨୮ ।୯ (ସମିସ)





ଓଡ଼ିଶା ବ୍ୟାଡ଼ମିଣ୍ଟନ ସଂଘ (ଓଏସବିଏ) ଆନୁକୂଲ୍ୟରେ ତଥା ରାୟଗଡ଼ା ଜିଲ୍ଲା ବ୍ୟାଡ଼ମୀଣ୍ଟନ ସଂଘର ସହଯୋଗରେ ରାୟଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ବ୍ୟାଡ଼ମିଣ୍ଟନ ହଲ ଠାରେ ଅନୁଷ୍ଠିତ ହେଉଥିବା ୩ ଦିନିଆ ୧୭ ବର୍ଷ ଓ ୧୫ ବୟସରୁ କମ ରାଜ୍ୟସ୍ତରୀୟ ସବ-ଜୁନିଅର ରେଙ୍କିଙ୍ଗ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟର ଚିଫ ରେଫରୀ ସୁଧୀର କୁମାର ମିଶ୍ରଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଆକାଶବାଣୀ ଉଦ୍‌ଘୋଷାକ ସୂର୍ଯ୍ୟ ପାଣିଗ୍ରାହୀଙ୍କର ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଆପଲ୍ଲାସ୍ୱାମୀ କାଡ୍ରକା ଯୋଗ ଦେଇଥିବା ବେଳେ, ରାୟଗଡ଼ ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘର ସଭାପତି ହିମାଂଶୁ ଶେଖର ପାଣ୍ଡିଆ, ସମ୍ପାଦକ ସୁରେଶ ଚନ୍ଦ୍ର ପଣ୍ଡା, ଉପସଭାପତି ହେମନ୍ତ ଗୁଲାନି, ଟୁର୍ନାମେଣ୍ଟ ଡାଇରେକ୍ଟର ତାରାକାନ୍ତ ଦାସ, ଟୁର୍ଣ୍ଣାମେଣ୍ଟ ଓବଜର୍ଭର ପ୍ରୀତପାଲ ସିଂ, ମ୍ୟାଚ ରେଫରୀ ସୁଧୀର କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ କାଡ୍ରକା ତାଙ୍କର ବକ୍ତବ୍ୟ ରେ କହିଲେ ଯେ, ଯୁବପୀଢିମାନେ ବ୍ୟାଡ଼ମିଣ୍ଟନ ଖେଳ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଏକ ଶୁଭ ସୂଚନା । ଆଜିର ଦିନରେ ସମସ୍ତେ ଖେଳ ପ୍ରତି ଆଗ୍ରହ ପ୍ରକାଶ ଉଚିତ । ଯଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି କହିଥିଲେ । ବାଳକ ଓ ବାଳିକା ବର୍ଗରେ ରାଜ୍ୟରୁ ପ୍ରାୟ ୧୫୦ ଜଣ ଖେଳାଳି ଏହି ର୍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି । ଟୁର୍ଣ୍ଣାମେଣ୍ଟରେ ସିଙ୍ଗିଲ୍ସ, ଡବଲ୍‌ସ, ମିକ୍ସ ଡବଲ୍‌ସ ବର୍ଗରେ ମ୍ୟାଚ ଗୁଡିକ ଅନୁଷ୍ଠିତ ହୋଇଥିଲା । ୧୫ ବର୍ଷରୁ କମ୍ ବର୍ଗରେ ବାଳକ ସିଙ୍ଗିଲ୍ସ ବିଭାଗରେ ହର୍ଷିତ ପ୍ରିୟଦର୍ଶୀ ବେହେରା ବିଜେତା ଓ ଆୟଙ୍କ କୁମାର ସାହୁ ଉପ ବିଜେତା, ବାଳିକା ସିଙ୍ଗିଲ୍ସ ବିଭାଗରେ ସମୃଦ୍ଧିରାଜ ବିଶ୍ୱାଳ ବିଜେତା, ଅଦିତି ସ୍ୱାଇଁ ଉପବିଜେତା, ବାଳକ ଡବଲସ ରେ ଆୟଙ୍କ କୁମାର ସାହୁ ଓ ହର୍ଷିତ ପ୍ରିୟଦର୍ଶୀ ବେହେରା ବିଜେତା, ନୀତେଶ ପଟ୍ଟନାୟକ ଓ ସାଇ ଚନ୍ଦ୍ର ମହାନ୍ତି ଉପବିଜେତା, ବାଳିକା ଡବଲସ ବିଭାଗରେ ବୁଡୁସ୍ପୁ ଲକ୍ଷ୍ମୀ ରେ‡ୀ ଓ ରୀତିକା ଦାସ ବିଜେତା, ଅଲ୍ୟାଶା ପ୍ରଧାନ ଓ ସାଧିକା ସମ୍ପୂର୍ଣ୍ଣା ଦାସ ଉପ ବିଜେତା ହୋଇଥିବା ବେଳେ ମିକ୍ସ ଡବଲସ ବିଭାଗରେ ହର୍ଷିତ ପ୍ରିୟଦର୍ଶୀ ବେହେରା ଓ ଆଦ୍ୟାଶା ମହାପାତ୍ର ବିଜେତା ଓ ଦିପ୍ତିମୟ ଶର୍ମା ଓ ଆଲ୍ୟାଶା ପ୍ରଧାନ ଉପବିଜେତା ହୋଇଥିଲେ । ସେହିପରି ୧୭ ବର୍ଷରୁ କମ ବର୍ଗର ପୁରୁଷ ସିଙ୍ଗିଲ୍ସ ବିଭାଗରେ ସୌମ୍ୟଜିତ ସାହୁ ବିଜେତା ଓ ବିଭୁଦତ୍ତ ବିଶ୍ୱାଳ ଉପବିଜେତା, ବାଳିକା ସିଙ୍ଗିଲ୍ସ ବିଭାଗରେ ସମୃଦ୍ଧିରାଜ ବିଶ୍ୱାଳ ବିଜେତା ଓ ସାଧିକା ସମୃଦ୍ଧି ଦାସ ଉପବିଜେତା ହୋଇଥିଲେ । ବାଳକ ଡବଲସ ବିଭାଗରେ ଅଂଶୁମାନ ସିଂ ଓ ଓଜୋଦୀପ ମାଝୀ ବିଜେତା ଓ ଅଂଶୁମାନ ପୁରୋହିତ ଓ ରେହାନ ପ୍ରଧାନ ଉପବିଜେତା ହୋଇଥିଲେ, ବାଳିକା ଡବଲସ ବିଭାଗ ରେ ବୁଡୁସ୍ପୁ ଲକ୍ଷ୍ମୀ ରେ‡ୀ ଓ ରୀତିକା ଦାସ ବିଜେତା ଓ ଜେସିକା ସାହୁ ଓ ସୋଫିଆ ପାଢ଼ୀ ଉପବିଜେତା, ମିକ୍ସଡ଼ ଡବଲସ ବିଭାଗରେ ସୋମ୍ୟଜିତ ସାହୁ ଓ ଜେସିକା ସାହୁ ବିଜେତା ତଥା ଅଂଶୁମାନ ସିଂ ଓ ଅଂଶୀକା ବିରୋକ ଉପବିଜେତା ହୋଇଥଲେ । ସେପ୍ଟେମ୍ବର ୨୬ରୁ ୨୮ ଯାଏଁ ତିନିଦିନ ବ୍ୟାପି ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଓଡ଼ିଶା ରାଜ୍ୟ ବ୍ୟାଡ଼ମୀଣ୍ଟନ ସଂଘ ଅନୁମୋଦିତ ଟେକ୍ନିକାଲ ଅଫିସିଆଲ ଅବ୍‌ଜରଭର ଅସିତ ପଟ୍ଟନାୟକ ଟୁର୍ନାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଓଏସବିଏର ଟେକ୍ନିକାଲ ଅଫିସିଆଲ ସମୀର କୁମାର ସାହୁ, ଭୈରବ ଜୈନ, ବଦ୍ରି ନାରାୟଣ ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, ବିଶ୍ୱମୋହନ ଅଚାରୀ, ସିଦ୍ଧାର୍ଥ ମିଶ୍ର, ଜୟରାମ ବର୍ମା, ସୁବ୍ରତ ପୁରୋହିତ, ସନ୍ଦୀପ ଗଡ଼ନାୟକ, ସୁମନ ପାଣିଗ୍ରାହୀଙ୍କ ସମେତ ୨୪ ଜଣ ରେଫରୀ ମ୍ୟାଚ ଗୁଡିକୁ ପରିଚାଳନା କରିଥିଲେ ।












# ସିଟି କଟକ

## ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା



ଗଡ଼ଚଣ୍ଡୀଙ୍କ ମହାସରସ୍ୱତୀ ବେଶ



ଝାଞ୍ଜିରୀମଙ୍ଗଳାଙ୍କ ଜୟଦୁର୍ଗା ବେଶ



ବାସନ୍ତୀ ଦୁର୍ଗାଙ୍କ ଅନ୍ନପୂର୍ଣ୍ଣା ବେଶ



ଧାକୁଲେଇଙ୍କ ଚାମୁଣ୍ଡା ବେଶ

## ସିଏମ୍‌ସି ପକ୍ଷରୁ ପାର୍ବଣ ପ୍ରସ୍ତୁତି ଅନୁଧ୍ୟାନ



କଟକ, ୨୮।୯(ସମିସ): ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ରବିବାର ସକାଳେ କଟକ ମହାନଗର ନିଗମ(ସିଏମସି)ର ବରିଷ୍ଠ ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନ ବୁଲି ସ୍ଥିତାବସ୍ଥା ଅନୁଧ୍ୟାନ କରିଥିଲେ। ମେୟର ସୁବାସ ସିଂହ, କମିସନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟର, ନିଗମ ଯନ୍ତ୍ରୀ ପ୍ରମୁଖ ସାମିଲ ଥିଲେ। ରାସ୍ତା ଉପରକୁ ବାହାରିଥିବା ଗଛଗୁଡିକର ଡାଳଗୁଡିକୁ କାଟିବା ସହ ଯାହା କିଛି ସମସ୍ୟା ଅଛି ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏ ଅଞ୍ଚଳରେ ରାସ୍ତା କାମକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଝଟକୁଛନ୍ତି ମହାମାୟୀ












ଦୁଲୁକୁଛି ଐତିହାସିକ ରୌପ୍ୟନଗରୀ। ଝଟକୁଛି ମହାମାୟାଙ୍କ ମଣ୍ଡପ। ଆକାଶ, ପାଣି ଓ ପବନରେ ଆଧ୍ୟାତ୍ମିକତାର ମହକ। ୧୭୦ଟି ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି। ଏଥର ଚାନ୍ଦି ମେଢ଼ ସଂଖ୍ୟା ୩୭ ରେ ପହଞ୍ଚିଛି। ୧୨୦କୁଇଣ୍ଟାଲରୁ ଅଧିକ ଓଜନର ଚାନ୍ଦି ବ୍ୟବହାର ହୋଇଥିବା ବେଳେ ୯ଟି ମେଢ଼ରେ ପ୍ରାୟ ୯୭କେଜିରୁ ଅଧିକ ଓଜନର ସୁନା ଅଳଙ୍କାର ବ୍ୟବହୃତ ହୋଇଛି। ସହରରେ ନିର୍ମିତ ମେଢ଼ ଗୁଡ଼ିକ ସୁନା-ଚାନ୍ଦି ଅଳଙ୍କାରରେ ଝଲସି ଉଠୁଛି। ଆଜି ମଣ୍ଡପରେ ଷଷ୍ଠୀ ପୂଜା ସମାପନ ହୋଇଛି। ଆସନ୍ତା କାଲି ତଥା ସୋମାବାର ମହାସପ୍ତମୀରେ ମା'ଙ୍କର ଚକ୍ଷୁଦାନ କରାଯିବ। ମଙ୍ଗଳବାର ମହାଷ୍ଟମୀରେ ସନ୍ଧିପୂଜା କରାଯିବ। କ୍ରମଶଃ ସହର ମଧ୍ୟରେ ପୂଜା ଦେଖିବାକୁ ଭିଡ଼ ଜମି ଆସିଲାଣି। ଆଖି ଝଲସିଲା ଭଳି ତୋରଣ ସାଙ୍ଗକୁ ଅତ୍ୟାଧୁନିକ ଏଲ୍‌ଇଡି ଆଲୁଅରେ ଯେମିତି କଟକ ସହରଟି ପାର୍ବଣମନସ୍କ ହୋଇ ଉଠିଛି..



### ଡ୍ରିମ୍‌ସରେ ବିଶ୍ୱ ପର୍ଯ୍ୟଟନ ଦିବସ

## 'ପର୍ଯ୍ୟଟନ ଶିଳ୍ପର ବିକାଶରେ ହୋଟେଲ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'





**କଟକ, ୨୮।୯(ସମିସ):** ଡ୍ରିମ୍‌ସ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଆଭାସି ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କହିଲେ, ପର୍ଯ୍ୟଟନ ଶିଳ୍ପକୁ ଆଗକୁ ନେବାରେ ହୋଟେଲ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଜନସଚେତନତା ସୃଷ୍ଟି ଲାଗି ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କ ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ଶିକ୍ଷାନୁଷ୍ଠାନର 'ଡିନ୍' ବିକାଶ କୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଆଶୁତୋଷ ଜେନା, ଉତ୍କଳ ଜେନା, ସ୍ମୃତି ସେନାପତି, ସର୍‌ଫର୍ଜ କାଦ୍ରୀ, ଦେବୀପ୍ରିୟା ସାମଲ, ଖଗେଶ୍ୱର ସାହୁ, ସଂଘମିତ୍ରା ଦାଶ, ଲକ୍ଷ୍ମୀକାନ୍ତ ସେଠୀ ପ୍ରମୁଖ ସାମିଲ ଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସାମୂହିକ ସଂକଳ୍ପ

**କଟକ, ୨୮।୯(ସମିସ):** ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଛି ଦୁର୍ଗାପୂଜା ଉତ୍ସବ। ଏଥିପାଇଁ ରବିବାର ଐଶ୍ୱର୍ଯ୍ୟ ଶୁଦ୍ଧ ଷଷ୍ଠୀ ଜ୍ୟେଷ୍ଠ ନକ୍ଷତ୍ର ଅବସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସାମୂହିକ ସଂକଳ୍ପ, ଗଣପତି ପୂଜା, ପୁଣ୍ୟବଚନ, ନବଗ୍ରହ ହୋମ, ମହାଲକ୍ଷ୍ମୀ ହୋମ, ସୁବ୍ରମଣ୍ୟ ହୋମ, ସୁଦର୍ଶନ ହୋମ, ପୂର୍ଣ୍ଣାହୂତି ସାଙ୍ଗକୁ ବିଷ୍ଣୁ ସହସ୍ର ନାମ ପାରାୟଣ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ହୋମଯଜ୍ଞ ସାଙ୍ଗକୁ ଅନ୍ୟାନ୍ୟ ପୂଜାବିଧି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଡମିନ୍ ଅଫିସର ସୌରଭ ବାୱେଜା, ଆଦର୍ଶ ସିକ୍ୟୁରିଟି ଅଫିସର ସୁବେଦାର ସିଂହ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେପ୍ଟେମ୍ବର ୨୨ ତାରିଖରୁ ନବରାତ୍ରି ସହ ଆରମ୍ଭ ହୋଇଥିବା ଏହି ଉତ୍ସବରେ ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଶ୍ରୀ ସୁଦର୍ଶନ ହୋମ ଏବଂ ଲଳିତ ସହସ୍ର ନାମପାରାୟଣ ହୋଇଥିଲା।





## ଦୁଇ ନୂତନ ଚାନ୍ଦି ମେଢ଼ ଉଦ୍‌ଘାଟିତ





କଟକ, ୨୮।୯(ସମିସ)

ଆଜି କଟକ ସହରର ଚାନ୍ଦି ମେଢ଼ ତାଲିକାରେ ଆଉ ଦୁଇଟି ନୂତନ ମେଢ଼ ସାମିଲ ହୋଇଛନ୍ତି। ଯୋବ୍ରା ମା' ଦୁର୍ଗା ମନ୍ଦିର ପରିଚାଳନା କମିଟି ଓ ଗୋପାଳଜୀଉ ଲେନ ମଠସାହିରେ ଆଜି ନୂତନ ଚାନ୍ଦି ମେଢ଼ ଉଦ୍‌ଘାଟିତ ହୋଇଯାଇଛି। ସେହିପରି ବାମ୍ପି ସାହି ହରପାର୍ବତୀଙ୍କର ନୂତନ ପିତ୍ତଳ ମେଢ଼ ମଧ୍ୟ ଆଜି ଉଦଘାଟିତ ହୋଇଯାଇଛି।

ଯୋବ୍ରା ମା' ଦୁର୍ଗା ମନ୍ଦିର ପରିଚାଳନା କମିଟି ଚାନ୍ଦି ମେଢ ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅଢ଼େଇ କ୍ୱିଣ୍ଟାଲ ଚାନ୍ଦିରେ ଏହି ମେଢ଼ ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଧର୍ମପତ୍ନୀଙ୍କ ସମେତ ପୂର୍ବତନ ବିଧାୟକ ତଥା କମିଟିର ମୁଖ୍ୟ ଉପଦେଷ୍ଟା ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ, ସିଏମସି କମିଶନର କିରଣଦୀପ କୌର ସାହୋତା, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ପୂର୍ବତନ ବିଧାୟକ ପ୍ରତାପ ଜେନା, ଇଂ ମହମ୍ମଦ ମୋକିମ୍, ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋବ୍ରା ମା' ଦୁର୍ଗା ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, କାର୍ଯ୍ୟକାରୀ ସଭାପତି ତପନ ବେହେରା, ଯୁଗ୍ମ ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, କୋଷାଧ୍ୟକ୍ଷ ମଳୟ ବେହେରା, ସହକୋଷାଧ୍ୟକ୍ଷ ଗଗନ ମହାନ୍ତି, ଯୋବ୍ରା ମା' ଦୁର୍ଗା ଯୁବକ ସଂଘର ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ କନିଷ୍କ ଜେନା, କାର୍ଯ୍ୟକାରୀ ସଭାପତି ମାନସ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


- ଯୋବ୍ରା ମା' ଦୁର୍ଗା ମନ୍ଦିର ପରିଚାଳନା କମିଟି
- ଗୋପାଳଜୀଉ ଲେନ୍ ମଠସାହିର ନୂଆ ଚାନ୍ଦି ମେଢ଼
- ବାମ୍ପିସାହିରେ ନୂତନ ପିତ୍ତଳ ମେଢ଼ ଉଦ୍‌ଘାଟିତ

## ଲଦାଖ ଦମନ-ପୀଡ଼ନକୁ ସିପିଆଇ(ଏମ୍)ର ନିନ୍ଦା

**କଟକ, ୨୮।୯(ସମିସ):** ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର କଟକ ଜିଲ୍ଲା କମିଟି ଲଦାଖର ଲୋକଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଦ୍ୱାରା କରାଯାଇଥିବା ନୃଶଂଶ, ଅତ୍ୟନ୍ତ ନିଷ୍ଠୁର ଦମନ-ପୀଡନକୁ ତୀବ୍ର ନିନ୍ଦା କରିଛି। ଏହି ହିସାଂତ୍ମକ ଆକ୍ରମଣ ଯୋଗୁଁ ଚାରି ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନେକ ଆହତ ହୋଇଛନ୍ତି। ଅର୍ଥପୂର୍ଣ୍ଣ ଆଲୋଚନା ଜରିଆରେ ସମ୍ପୃକ୍ତ ହେବା ପରିବର୍ତ୍ତେ, କେନ୍ଦ୍ର ସରକାର ଅନଶନକାରୀଙ୍କୁ ବଳପୂର୍ବକ ଗିରଫ କରି ଏହାର ଜବାବ ଦେବାକୁ ପସନ୍ଦ କରିଥିଲେ, ଯାହା କେବଳ ଲୋକଙ୍କ ମଧ୍ୟରେ ବ୍ୟାପକ ବିରୋଧ ଏବଂ ଅଶାନ୍ତି ସୃଷ୍ଟି କରିଥିଲା। ପାରମ୍ପରିକ, ଚିରାଚରିତ ଭାବେ ଶାନ୍ତିପୂର୍ଣ୍ଣ ସ୍ଥାନରେ ଏହି ହିଂସା ପାଇଁ ଦାୟୀ ପରିସ୍ଥିତି ସୃଷ୍ଟି କରିବା ପରେ ମଧ୍ୟ କେନ୍ଦ୍ର ସରକାର ଏବେ ଆନ୍ଦୋଳନକାରୀଙ୍କୁ ଦୋଷାରୋପ କରୁଛନ୍ତି। ସିପିଆଇ(ଏମ୍) କଟକ ଜିଲ୍ଲା କମିଟି କେନ୍ଦ୍ର ସରକାରଙ୍କୁ ତୁରନ୍ତ ସମସ୍ତ ଦମନକାରୀ ପଦକ୍ଷେପ ବନ୍ଦ କରିବାକୁ ଏବଂ ଆନ୍ଦୋଳନର ପ୍ରତିନିଧିଙ୍କ ସହ ଅର୍ଥପୂର୍ଣ୍ଣ ଆଲୋଚନା ଓ ବୁଝାମଣା କରିବାକୁ ଅନୁରୋଧ କରିଛି।








## ଛେଣ୍ଡ ହାଉସିଂବୋର୍ଡ଼ ଫେଜ୍-୩ ଦୁର୍ଗାପୂଜା

# ମହାକାଳେଶ୍ୱରର ଜ୍ୟୋତିର୍ଲିଙ୍ଗ ତୋରଣ ମୁଖ୍ୟ ଆକର୍ଷଣ









**ରାଉରକେଲା, ୨୮।୯ (ସମିସ)**

ନବରାତ୍ରି ପୂଜା ଅବସରରେ ତନ୍ତ୍ରମନ୍ତ୍ରରେ ସମସ୍ତ ଦୈବୀପୀଠ ଗୁଞ୍ଜରିତ ହେଉଥିବା ବେଳେ ମା' ଦୁର୍ଗାଙ୍କ ପୂଜା ପାଇଁ ରାଉରକେଲାର ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଦୁର୍ଗା ପୂଜା ପାଇଁ ରାଉରକେଲା ସହର ଚଳଚଞ୍ଚଳ ହୋଇଛି। ବିଭିନ୍ନ ଆକର୍ଷଣୀୟ ତୋରଣ, ବିଭିନ୍ନ ରଙ୍ଗର ଝିକମିକ୍ ରଙ୍ଗୀନ ଲାଇଟ ସାଙ୍ଗକୁ ସୁନ୍ଦର କ୍ଲାସିକାଲ ଓ ଓରିଏଣ୍ଟାଲ ପ୍ରତିମୂର୍ତ୍ତି ପ୍ରସ୍ତୁତ କରି ସହରବାସୀଙ୍କୁ ଭେଟି ଦେବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଦୌଡରେ ଆଗଧାଡିରେ ରହିବାକୁ ରାଉରକେଲାର ଛେଣ୍ଡ ହାଉସିଂ ବୋର୍ଡ଼ କଲୋନୀ, ଫେଜ୍ - ୩ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଉଛି ମହାକାଳେଶ୍ୱରର ଜ୍ୟୋତିର୍ଲିଙ୍ଗ। ୬୦୦ରୁ ଊର୍ଦ୍ଧ୍ୱ ବାଉଁଶ, କାଠ ବଟମ୍, ଦୁଇ ପ୍ରକାର ରଙ୍ଗର କପଡ଼ା ବ୍ୟବହୃତ କରାଯାଇ ପ୍ରସ୍ତୁତ ହେଉଥିବା ଏହି ତୋରଣ ଚଳିତ ପୂଜାର ଏକ ପ୍ରମୁଖ ଆକର୍ଷଣ ସାଜିବ ବୋଲି କମିଟି ପକ୍ଷରୁ କୁହାଯାଇଛି। କୋଲକାତାରୁ ୧୫ ଜଣ କୁଶଳୀ କାରିଗର ଏହି ତୋରଣ ନିର୍ମାଣ କରୁଛନ୍ତି। ଯାଜପୁର ଅଞ୍ଚଳର ଧରଣୀଧର ଜେନା ମୂର୍ତ୍ତି ନିର୍ମାଣ କରୁଛନ୍ତି। ରାଉରକେଲା ସହରର ସୋନୁ ଡେକୋରେଟର୍ସ ଆଲୋକ ସଜ୍ଜା ଦାୟିତ୍ୱ ନେଇଛନ୍ତି। ଏଥିରେ ୧୫ ଜଣ ଲୋକ ନିୟୋଜିତ ହୋଇଛନ୍ତି। ଚଳିତ ବର୍ଷର ଦୁର୍ଗାପୂଜାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ପାଇଁ ସ୍ଥାନୀୟ ମହିଳାମାନେ ଆଗଭର ହୋଇଥିବା ବେଳେ ଅଞ୍ଚଳର ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀମାନେ ସହାୟତା ପ୍ରଦାନ କରୁଛନ୍ତି। କମିଟିର ଉପସଭାପତି ସଙ୍ଗୀତା ତ୍ରିପାଠୀ, ଜାନକୀଲତା ପାତ୍ର, ସଞ୍ଜୀବ ପ୍ରଧାନ, ମିଥିଳେଶ କୁମାର, ଯୁଗ୍ମ ସମ୍ପାଦକ ବବି ମହାନ୍ତି, ପ୍ରଜ୍ଞା ତ୍ରିପାଠୀ, ସଞ୍ଜୟ ସେନାପତି, ଉଦୟ ମହାନ୍ତି, ପ୍ରଶାନ୍ତ ପତି ପୂଜାରେ ସମସ୍ତଙ୍କ ସକ୍ରିୟ ଯୋଗଦାନ ପାଇଁ ଅନୁରୋଧ କରିଛନ୍ତି। ପୂଜା କମିଟିର ସଭାପତି ରାଜେନ୍ଦ୍ର କୁମାର ରଥ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ ସହ ପୂଜାକୁ ଆକର୍ଷଣୀୟ କରିବା ପାଇଁ ମହିଳାମାନଙ୍କର ଉଦ୍ୟମ ପ୍ରଶଂସନୀୟ ବୋଲି କରିଛନ୍ତି। କମିଟିର ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ଦାସ ଏଥର ପୂଜାକୁ ସବୁ କ୍ଷେତ୍ରରେ ଏକ ନମ୍ବର କରିବା ପାଇଁ ଜୋରଦାର ଉଦ୍ୟମ କରାଯାଉଥିବା ପ୍ରକାଶ କରିଛନ୍ତି। ତୋରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଞ୍ଚି ଥିବା ବେଳେ ପୂଜା ପଡ଼ିଆରେ ମୀନାବଜାର ସାଙ୍ଗକୁ ବିଭିନ୍ନ ରକମର ଦୋଳି ପିଲାମାନଙ୍କୁ ବହୁତ ଆନନ୍ଦ ଦେବ ବୋଲି ଶ୍ରୀ ଦାସ କହିଛନ୍ତି। କମିଟିର କୋଷାଧ୍ୟକ୍ଷ ମନୋରଞ୍ଜନ ବାରିକ ପୂଜାକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ଅନୁରୋଧ କରିଛନ୍ତି।

## ମା' ଶାରଳାଙ୍କ ଶାରଦୀୟ ନବରାତ୍ରି



**ରାଉରକେଲା, ୨୮।୯ (ସମିସ):** ରାଉରକେଲା ମହାନଗର ନିଗମର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଶିଳ୍ପାଞ୍ଚଳ ସ୍ଥିତ ଲେବରଟେନାମେଣ୍ଟର ମା' ଶାରଳାଙ୍କ ମନ୍ଦିରରେ ମା'ଙ୍କ ଷୋଡ଼ଶ ଦିବସୀୟ ଶାରଦୀୟ ଦୁର୍ଗାସ୍ତୋବ ତଥା ଶାରଦୀୟ ନବରାତ୍ରି ପୂଜା ଗତ ୧୪ ତାରିଖରୁ ଆରମ୍ଭ ହୋଇଛି। ଏହା ଅକ୍ଟୋବର ୨ ତାରିଖ ଦଶହରା ଦିନ ସମାପନ ହେବ। ପ୍ରତ୍ୟହ ସକାଳୁ ସୂର୍ଯ୍ୟ ପୂଜା, ସନ୍ଧି ପୂଜା, ଘଟ ସ୍ଥାପନ ଓ ସନ୍ଧ୍ୟାରେ ଆଳତୀ ପରେ ପ୍ରତିଷ୍ଠିତ ଗାୟକ ଗାୟିକାଙ୍କ ଦ୍ୱାରା ଭଜନ, କୀର୍ତ୍ତନ ଓ ନାମ ସଂକୀର୍ତ୍ତନ ହେଉଛି। ଏହି ସମୟରେ ମା'ଙ୍କର ନିଶା ମଙ୍ଗଳା ଓଷା ମଧ୍ୟ ଅନୁଷ୍ଠିତ ହେଉଛି। ଏହି ସବୁ ପୂଜା ବିଧିକୁ ଯାଜପୁରର ପୂଜକ ଜ୍ଞାନ ରଞ୍ଜନ ମିଶ୍ର, ରଘୁନାଥ ମିଶ୍ର ଓ ଅନ୍ୟ ପୂଜକ ରାଧାଶ୍ୟାମ ପାଢ଼ୀ, ଶଶିକାନ୍ତ ପାଣିଗ୍ରାହୀ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତ୍ୟେକ ଦିନ ମଧ୍ୟାହ୍ନ ଓ ରାତ୍ରିରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ମା ଶାରଳାଙ୍କ ଏହି ପୂଜା ଶ୍ରୀ ଚରଣ ଦାସୀ ଶାରଳା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଛି।




# ଆର୍‌ଏସ୍‌ପିରେ ଗର୍ଭାଶୟ କର୍କଟ ସଚେତନତା ମାସ





**ରାଉରକେଲା, ୨୮।୯ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନାର ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓଏଚଏସସି) ପକ୍ଷରୁ ଗର୍ଭାଶୟ କର୍କଟ ସଚେତନତା ମାସ ପାଳନ ଉପଲକ୍ଷେ ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଇସ୍ପାତ ଜେନେରାଲ୍ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ଡା. ପ୍ରତିଭା ଷଡଙ୍ଗୀ ମୁଖ୍ୟଅତିଥି ଏବଂ ବକ୍ତା ଭାବରେ ଯୋଗ ଦେଇଥିଲେ। ଅତିରିକ୍ତ ସିଏମଓ ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଡ. ସୁରେନ୍ଦ୍ର କୁମାର ମଧ ମଞ୍ଚରେ ଉପସ୍ଥିତ ଥିଲେ। ଏହି ସଚେତନତା ଅଧିବେଶନରେ ଆର୍‌ଏସ୍‌ପିର ବିଭିନ୍ନ ବିଭାଗର ୪୩ ଜଣ ମହିଳା ଅଧିକାରୀ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଡ. ଷଡଙ୍ଗୀ ପଲିସିଷ୍ଟିକ୍ ଗର୍ଭାଶୟ ରୋଗ (ପିସିଓଡି), ଗର୍ଭାଶୟ କର୍କଟ ଏବଂ ଅଷ୍ଟିଓପୋରୋସିସ୍ ଉପରେ ଆଲୋଚନା କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ବିନା ଦ୍ୱିଧାରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଡ. ସୁରେନ୍ଦ୍ର କୁମାର ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହ ଓଏଚଏସସି ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସେବାର ରୂପରେଖ ପ୍ରଦାନ କରିଥିଲେ। ଓଏଚଏସସିର ବୃତ୍ତିଗତ ସ୍ୱଚ୍ଛତା ଟେକ୍ନିସିଆନ କିଶୋର ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**କୁତ୍ରା, ୨୮।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବିଜୁ ଏକ୍ସପ୍ରେସ ୱେ ରାସ୍ତାର କୁତ୍ରା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଅଜଣା ଗାଡ଼ିର ଧକ୍କାରେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟିଛି। ମୃତକ ଭୋଗରା ଗ୍ରାମର ବସନ୍ତ ମହାନନ୍ଦିଆ(୪୦) ବୋଲି ଜଣାପଡ଼ିଛି। ସେ ତାଙ୍କ ବାଇକ୍‌ରେ କୁତ୍ରାରୁ ବିରିଙ୍ଗାଟୋଲିକୁ ଯାଉଥିବାବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କୁତ୍ରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ କୁତ୍ରାର ଏକ ହୋଟେଲରେ କାମ କରୁଥିଲେ ବୋଲି ଜଣାପଡ଼ିଛି। ପୁଲିସ ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଛି।


## ୮ କେଜି ଗଞ୍ଜେଇ ଜବତ; ୨ ମହିଳା ଗିରଫ

**ରାଉରକେଲା, ୨୮।୯ (ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଇଦଗା ପଡ଼ିଆ ନିକଟ ଜନତା ନିବାସ ଗଳି ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ କରିବା ଅଭିଯୋଗରେ ୨ ଜଣ ମହିଳାଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ମହିଳା ଦ୍ୱୟ ହେଲେ ବୌଦ୍ଧ ଜିଲ୍ଲା କଣ୍ଠାମାଳ ଥାନା ଅନ୍ତର୍ଗତ ଲାବରକଣି ଗାଁର ନମିତା ଷଣ୍ଢ(୪୫) ଏବଂ ଜାହ୍ନବୀ ବଗର୍ତ୍ତୀ(୪୨)। ସେମାନଙ୍କ ନିକଟରୁ ୮ କିଲୋଗ୍ରାମ ଓଜନ ଗଞ୍ଜେଇ ସହ ମୋବାଇଲ ଫୋନ ଓ ୮୦୦ ଟଙ୍କା ଜବତ କରାଯାଇଥିବା ଜଣାପଡ଼ିଛି।

# ଏନ୍‌ଏସ୍‌ଏସ୍ ପୂଜା ବିଶେଷ ଶିବିର ଉଦ୍‌ଯାପିତ



**ବଣାଇଁ, ୨୮।୯ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଯୋଜିତ ଏବଂ ବଣାଇଁଗଡ଼ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ୭ ଦିନିଆ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ପୂଜା ବିଶେଷ ଶିବିର ସୁଣ୍ଡିକୋଣଠାରେ ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଡ଼. ଜେନାମଣି ସାହୁଙ୍କ ଅଧକ୍ଷତାରେ ଗତ ୨୨ତାରିଖରୁ ୨୮ ପର୍ଯ୍ୟନ୍ତ ଚାଲିଥିବା ୭ ଦିନିଆ ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ବିଭିନ୍ନ ସାମାଜିକ ସଚେତନତା, ସ୍ୱଚ୍ଛତା ଅଭିଯାନ ଓ ସମୁଦାୟ ସେବାମୂଳକ କାର୍ଯ୍ୟକ୍ରମ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର ଦୁଇ କାର୍ଯ୍ୟକାରୀ ଅଧିକାରୀ ବିଜୟ ବେହେରା ଓ ଜୟନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପକ ହେମନ୍ତ ବା ଓ ଅଧାପିକା ପ୍ରଜ୍ଞା ପରିମିତା ପ୍ରଧାନ ଉପସ୍ଥିତ ଥିଲେ। ଶିବିରରେ ଯୋଗଦେଇଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସର୍ଟିଫିକେଟ୍ ବଣ୍ଟନ କରାଯାଇଥିଲା। ଶେଷରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, କଲେଜ ପ୍ରଶାସନ ଓ ସୁନ୍ଧିକୋଣ ଗ୍ରାମବାସୀଙ୍କୁ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।








## ଭାରତୀୟ ଆଇନଜୀବୀ ସଂଘର କର୍ମଶାଳା

# 'ଗଣତନ୍ତ୍ର, ସମ୍ବିଧାନର ସୁରକ୍ଷାରେ ଆଇନଜୀବୀଙ୍କ ପ୍ରମୁଖ ଭୂମିକା ରହିଛି'




**ରାଉରକେଲା, ୨୮।୯ (ସମିସ):** ଭାରତୀୟ ଆଇନଜୀବୀ ସଂଘ ପକ୍ଷରୁ ଏକ କର୍ମଶାଳା ଆଇଟିଡିଏ ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ସଂଘର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ସଦାନନ୍ଦ ସାହୁ, ସୁନ୍ଦରଗଡ଼ ବାର୍ ଆସୋସିଏନର ସଭାପତି ଧର୍ମେଶ ପଟେଲ, ବଣାଇ ବାର୍ ଆସୋସିଏନର ପୂର୍ବତନ ସଭାପତି ବିନୟ ଦାସ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଆଇନଜୀବୀ, ଆଇନ ଛାତ୍ରମାନଙ୍କୁ ଗଣତନ୍ତ୍ର, ସମ୍ବିଧାନର ସୁରକ୍ଷାରେ ଆଇନଜିବୀମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସରରେ ଦୁଇଟି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। "ସ୍ୱାଧୀନ ମତ ପ୍ରକାଶ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ରାଜ୍ୟ ଶକ୍ତି' ବିଷୟବସ୍ତୁ ଉପରେ ଆଲୋଚନାରେ ରାଉରକେଲା ଆଇନ ମହାବିଦ୍ୟାଳୟର ସହ ପ୍ରାଧାପିକା ସମ୍ପାଦିକା ମହାନ୍ତି, ବିହାରର ପାଟନା ଜିଲ୍ଲା ବାର୍ ଆସୋସିଏନର ଆଇନଜୀବୀ ଶକ୍ତି ଗାୟତ୍ରୀ ପଣ୍ଡା ଯୋଗଦେଇ ମତ ପ୍ରକାଶର ସ୍ୱାଧୀନତା ଗଣତନ୍ତ୍ରର ମୂଳ ଭିତ୍ତି ବୋଲି କହିବା ସହ ଏହା ଗଣତନ୍ତ୍ରକୁ ଶକ୍ତି ସଲିସ କରିଥାଏ। କିନ୍ତୁ ବ୍ୟକ୍ତି ସ୍ୱାଧୀନତା ନାମରେ ମାନବଙ୍କୁ ନିଜ ଭାବନା, ଧାରଣା ଓ ସତ୍ୟକୁ କହିବାର ଏହା ସର୍ବଦା ସୀମାହୀନ ନୁହେଁ। ଘୃଣା, ହିଂସା କିମ୍ବା ଭ୍ରାନ୍ତି ସୂଚନା ପ୍ରସାରଣ କଲେ ଏହାର ନକରାତ୍ମକ ପରିଣାମ ସମାଜକୁ ବିପଥଗାମୀ କରିଥାଏ ବୋଲି କହିଥିଲେ। ପ୍ରଯୁକ୍ତିବିଦ୍ୟାର ଭୂମିକା ସୋସିଆଲ ମିଡ଼ିଆ, ଇଣ୍ଟରନେଟ୍ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସ୍ୱରକୁ ବହୁଗୁଣା ବୃଦ୍ଧି କରିଦେଇଛି। ଏହା ଗୋଟିଏ ପଟୁ ସୁଯୋଗ ହେଲେ ଅନ୍ୟପଟୁ ସୂଚନାର ନିୟନ୍ତ୍ରଣ, ବିଭ୍ରାନ୍ତି ପ୍ରଚାର ଓ ଡାଟା ସୁରକ୍ଷା ପାଇଁ ଚାଲେଞ୍ଜ ସୃଷ୍ଟି କରିଛି ବୋଲି ବକ୍ତାମାନେ କହିଥିଲେ। ସେହିପରି 'ନ୍ୟାୟିକ ସକ୍ରୀୟତା ନ୍ୟାୟପଳିକା ଓ ବିଧାନପାଳିକା ମଧ୍ୟରେ ଏକ ନିରନ୍ତର ସଂଘର୍ଷ' ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକ ଭାବେ ରାଉରକେଲା ଆଇନ ମହାବିଦ୍ୟାଳୟର ସହ ପ୍ରାଧାପିକା ପ୍ରଜ୍ଞାପରମିତା ଓ ଶକ୍ତି ଗାୟତ୍ରୀ ପଣ୍ଡା ଯୋଗଦେଇ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ଚିରନ୍ତର ସଂଘର୍ଷ ନ୍ୟାୟାଳୟ ଆଇନର ଅର୍ଥକୁ ବ୍ୟାଖ୍ୟା କରି ସୀମାବଦ୍ଧ ନ ହୋଇ ନାଗରିକ ସାମାଜିକ ନ୍ୟାୟ, ମୌଳିକ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷିତ କରିବା ପାଇଁ ସ୍ୱୟଂ ପଦକ୍ଷେପ ନିଏ ବୋଲି କହିଥିଲେ। ଯେତେବେଳେ ବିଧାନପାଳିକା କିମ୍ବା ସରକାର ନିଜ ଦାୟିତ୍ୱରେ ବିଫଳ ହୁଏ, ସେତେବେଳେ ନାଗରିକଙ୍କ ଅଧିକାର ରକ୍ଷା ପାଇଁ ନ୍ୟାୟାଳୟ ହସ୍ତକ୍ଷେପ କରିଥାଏ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ମହମ୍ମଦ ରଫିକ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନନ୍ତ ନାରାୟଣ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସନାତନ ବିଶ୍ୱାଳ, ଚନ୍ଦ୍ରଭାନୁ ଦାସ ବକ୍ତବ୍ୟ ଦେଇଥିଲେ। ଆଇନଜୀବୀ ବିଦ୍ୟାନନ୍ଦ ପ୍ରଧାନ, ମହମ୍ମଦ ସର୍ଜିଲ, ପିତାମ୍ବର ପାଣିଗ୍ରାହୀ, ରବିନାରାୟଣ ସି, ସୁରେଶ ଦାସ, ଭାଗବତ ସାହୁ, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ପିକେ ରାଉତ ଧନ୍ୟବାଦ ଦେଇଥିଲେ।



# ଭୁବନେଶ୍ୱର କଟକ





ମା' କଟକ ଚଣ୍ଡୀଙ୍କ ବଗଳାମୁଖୀ ବେଶ







କଟକ: ଆଜିଠୁ ମଣ୍ଡପରେ ମା'ଙ୍କ ପୂଜା ଆରମ୍ଭ

ଆମ ଦଶହରା; ଆମ ପରମ୍ପରା

## ଢିଙ୍କି କୁଟା, ମାଛ କଟା, ବେସର ବଟା...



ରଙ୍ଗରୂପରେ ବିକଶିତ ସହରଟିଏ ହୋଇପାରେ କଟକ, ହେଲେ ଏଠାକାର ପରମ୍ପରା, ଚଳଣିରେ ଏବେ ବି ଭରି ରହିଛି ଗାଁର ମହକ। ଭାଦ୍ରବର ଖୁଦୁରୁକୁଣୀ ଓଷା, କାର୍ତ୍ତିକର ପଞ୍ଚୁକ ପାଞ୍ଚଦିନ, ଚୈତ୍ରର ଝାମୁଯାତ୍ରା, ଏଠି ସବୁ ପାଳନ ହୁଏ ସେ ପୁଣି ଜାକଜମକରେ। ବରଷ ବଦଳେ, ହେଲେ ରୌପ୍ୟନଗରୀରେ ପରମ୍ପରା ଅକ୍ଷୁଣ୍ଣ ରୁହେ। ଏମିତି ବି କେହିକେହି କୁହନ୍ତି, ଏକ ବଡ ଗାଁର ନାଁ ହେଉଛି କଟକ। ଦୁର୍ଗାପୂଜା ଭିତରେ କିଛି ନିଆରା କାର୍ଯ୍ୟକ୍ରମ ଆୟୋଜନ କରି ଏବେ ବି ପୁରୁଣା ପରମ୍ପରାର ଟେକ ରଖିଛି ଛତ୍ରବଜାର। ଏଠାକାର ଦୁର୍ଗା ପୂଜା ମଣ୍ଡପରୁ ଅଳ୍ପ ଦୂରରେ ଏକ ନିଆରା ମଞ୍ଚ ନଜରରେ ପଡେ। ଦେଖଣାହାରୀ ଯେଉଁଠି ଘଡିଏ ଅଟକି ଯିବାକୁ ବାଧ ହୁଏ। ଢ଼ିଙ୍କି କୁଟା, ମାଛ କଟା, ବେସର ବଟାରୁ ନେଇ ଓଡ଼ିଆ ଘରର ସବୁ ଚଳଣିର ଚିତ୍ର ଏଠି ଜଳଜଳ ହୋଇ ଦିଶୁଥାଏ, କିଛି ନାଚୁଥିବା କଣ୍ଢେଇମାନଙ୍କ ଭିତରେ..

ଛତ୍ରବଜାରରେ ଦୁର୍ଗା ପୂଜା ବହୁ ପୁରୁଣା। ବ୍ୟବସାୟିକ ପେଣ୍ଠସ୍ଥଳୀ ଛତ୍ରବଜାରରେ ଦୁର୍ଗାପୂଜା ମହାଆଡମ୍ବରରେ ଆୟୋଜନ ହୁଏ। ତେବେ ଦୁର୍ଗା ପୂଜା କମିଟିକୁ ସମର୍ଥନ କରି ଏଠାରେ ଏକ ନିଆରା ମଞ୍ଚ ଆୟୋଜନ କରି ଆସୁଛି ଛତ୍ରବଜାର କାର୍ତ୍ତିକେଶ୍ୱର ପୂଜା କମିଟି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରାୟ ୫୦ବର୍ଷ ହେବ ଏହି ମଞ୍ଚ ଏଠାରେ ହୋଇ ଆସୁଛି। ଅଧିକାରୀ ପ୍ରଭାକର ବାରିକ, ସମ୍ପାଦକ କାର୍ତ୍ତିକ ଖୁଣ୍ଟିଆଙ୍କ ଅମଳରେ ଏହା ଆରମ୍ଭ ହୋଇଥିଲା। କଣ୍ଢେଇ ଦ୍ୱାରା ସବୁ ଓଡ଼ିଆ ଘର ଚଳଣିକୁ ପ୍ରଦର୍ଶନ କରିବାର ନିଆରା ଯୋଜନାକୁ ସଫଳ ରୂପ ଦେଇଥିଲେ ଶିଳ୍ପୀ ମାୟାଧର ବେହେରା। ଏମାନେ ଏବେ ନାହାନ୍ତି। ସେମାନଙ୍କ ପରପୀଢ଼ୀ ଏହି ପରମ୍ପରାକୁ ଆଗେଇ ନେଇ ଚାଲିଛି। ମଞ୍ଚରେ ୩୦ରୁ ଅଧିକ କଣ୍ଢେଇ ସଜେଇ ହୋଇ ଥୁଆ ହୋଇଥାନ୍ତି। କିଛି ଜଣ ଢ଼ିଙ୍କି କୁଟୁଥିବା ବେଳେ ଆଉ କେହି ମାଛ କାଟୁଥାଏ। ଆଉ କେହି ପଥର ଚକିରେ ବେସର ବାଟୁଥାଏ। ଏମିତି ବି କେହି କୁଲା ପାଛୁଟୁଥାଏ। କଣ୍ଢେଇ ମାନଙ୍କ ଉପରେ ନିୟନ୍ତ୍ରଣ ରଖିବାକୁ ସମସ୍ତଙ୍କ ହାତ ଆଉ ପାଦରେ ଦଉଡି ବନ୍ଧା ହୋଇଥାଏ। ସାହିର କିଛି ଯୁବକ ଦଉଡି ଦ୍ୱାରା କଣ୍ଢେଇକୁ ନଚାଉଥାନ୍ତି। ଏଭଳି ପରମ୍ପରା କଟକରେ କେବଳ ଛତ୍ରବଜାରରେ ହିଁ ବହୁବର୍ଷ ହେବ ଦେଖିବାକୁ ମିଳୁଛି।










ଝାରପଡ଼ା ଦୁର୍ଗାପୂଜା ସମିତି

## ଉନ୍ମୋଚନ ହେଲା ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର



ଭୁବନେଶ୍ୱର,୨୮।୯(ସମିସ): ଝାରପଡା ଦୁର୍ଗାପୂଜା ସମିତିର ସଭାପତି ଶିଖର ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମା' ଦୁର୍ଗା ଓ ତାଙ୍କ ପାଶ୍ୱର୍ ଦେବାଦେବୀଙ୍କର ସମସ୍ତ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର ଉନ୍ମୋଚନ ଉତ୍ସବ ଅରବିନ୍ଦ ସ୍କୁଲ ନିକଟସ୍ଥ ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସମିତିର ଆବାହକ ଶ୍ରୀଧର ଜେନା ସ୍ୱଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ଏହି ଅଳଙ୍କାରଗୁଡ଼ିକ ସାଂସଦ ଅପରାଜିତା ଷଡଙ୍ଗୀ ଉନ୍ମୋଚନ କରିଥିଲେ। ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ମେୟର ସୁଲୋଚନା ଦାସ ଓ ଝାରପଡ଼ା ଗ୍ରାମବାସୀଙ୍କ ସମେତ ଏହି ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଧରଣୀଧର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




## ସରିଲା ବିଲ୍ୱବରଣ, ଆଜି ମହାସପ୍ତମୀ

ଭୁବନେଶ୍ୱର,୨୮।୯(ସମିସ): ଧରାପୃଷ୍ଠରେ ଅବତରଣ କରଛନ୍ତି ମା' ଜଗତ୍‌ଜନନୀ। ସଞ୍ଜ ହେଲେ ଚିକିମିକି ରଙ୍ଗୀନ ଆଲୋକମାଳାରେ ଝଲସୁଛି ସହରର ରାସ୍ତାଘାଟଠାରୁ ଗଳିକନ୍ଦି। ମଣ୍ଡପଗୁଡ଼ିକରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଲାଇଟ୍ ଗେଟ୍‌ଗୁଡ଼ିକ ନିଜ ମୋବାଇଲ୍ ବା ନିଜ କ୍ୟାମେରାରେ କଏଦ କରିବାକୁ ଯୁବଗୋଷ୍ଠୀଙ୍କ

### ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ପୂଜା ମଣ୍ଡପ
### ସବୁଠି ଭକ୍ତିମୟ ପରିବେଶ

ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଷଷ୍ଠୀରେ ମା'ଙ୍କ ବିଲ୍ୱାଧିଭବାସ ଅନୁଷ୍ଠିତ ହେବାପରେ ବିଭିନ୍ନ ରୀତିନୀତି ଅନୁଯାୟୀ ଷଷ୍ଠୀର କର୍ମ ସମ୍ପନ୍ନ ହୋଇଛି। ରାଜଧାନୀର ବିଭିନ୍ନ ମଣ୍ଡପରେ ସୋମବାର ମା'ଙ୍କ ଚକ୍ଷୁଦାନ ପାଇଁ ପ୍ରସ୍ତୁତି ହୋଇଛି। ଷଷ୍ଠୀରେ ମା'ଙ୍କ ବିଲ୍ୱବରଣ କରାଯାଇ କାଲି ମହାସପ୍ତମୀ ପୂଜା ସହ ମା'ଙ୍କ ଚକ୍ଷୁଦାନ କରାଯିବ। ମଙ୍ଗଳବାର ମହାଷ୍ଟମୀ ପୂଜା ଆରମ୍ଭ ହେବ। ଏଥିପାଇଁ ପୂଜାମଣ୍ଡପଗୁଡ଼ିକ ଚଳଚଞ୍ଚଳ ହୋଇଛି। ଭଳିକି ଭଳି ସୁଉଚ୍ଚ ତୋରଣ ଓ ଆଲୋକମାଳାରେ ସଜେଇ ହୋଇଛି ରାଜଧାନୀର କୋଣ ଅନୁକୋଣରେ ଥିବା ପୂଜାମଣ୍ଡପ।

ଶାସ୍ତ୍ର ଅନୁଯାୟୀ ବେଲ ଗଛ ମୂଳେ ମା'ଙ୍କ ଅବସ୍ଥାନ। ସେଥିପାଇଁ ପୂଜାର୍ଚ୍ଚନା କରାଯାଇ ୬ଷ୍ଠୀରେ ମା'ଙ୍କୁ



ସେଠାରୁ ପୂଜାମଣ୍ଡପକୁ ଆବାହନ କରାଯାଇଥିଲା। ସୋମବାର ଅର୍ଥାତ୍ ସପ୍ତମୀରେ ମା'ଙ୍କ ମୃଣ୍ମୟୀଙ୍କ ମୂର୍ତ୍ତିର ମୁହଁ ଖୋଲାଯିବ। ଅଷ୍ଟମୀରେ ଶ୍ରଦ୍ଧାଳୁମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ମା'ଙ୍କ ପୂଜାର୍ଚ୍ଚନା କରିପାରିବେ ସେଥିପାଇଁ ସମସ୍ତ ପ୍ରସ୍ତୁତି ହୋଇଛି। ବମିଖାଲ, ରସୁଲଗଡ଼, ନୟାପଲ୍ଲୀ, ବରମୁଣ୍ଡା, ସହିଦନଗର, ଝାରପଡ଼ା, ପୁରୁଣା ଷ୍ଟେସନ୍ ବଜାର, ଆଇଗିଣିଆ, ଲକ୍ଷ୍ମୀସାଗର ଆଦି ବିଭିନ୍ନ ପୂଜାମଣ୍ଡପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହେବ ବୋଲି ମଣ୍ଡପ ପକ୍ଷରୁ ସୂଚନା ରହିଛି।

## ଜମିଲାଣି ମୀନାବଜାର

### ଦୋଳି ସାଙ୍ଗକୁ ଖାଦ୍ୟର ମଜା ନେବେ ଲୋକେ
### ଭଲ ବ୍ୟବସାୟ ଆଶାରେ ବେପାରୀ, ବର୍ଷାକୁ ଡର



ଭୁବନେଶ୍ୱର,୨୮।୯(ସମିସ):

ପାର୍ବଣ ପାଇଁ ଚଳଚଞ୍ଚଳ ହୋଇ ପଡ଼ିଛି ଗାଁ ରୁ ସହର। ଛୋଟରୁ ବଡ଼ ସମସ୍ତେ ମା'ଦଶଭୁଜାଙ୍କୁ ସ୍ୱାଗତ କରିବାରେ ଲାଗିପଡ଼ିଛନ୍ତି। ଏଥିସହିତ ବିଭିନ୍ନ ମେଢ଼ ବୁଲିବା ସାଙ୍ଗକୁ ମୀବା ବଜାରରେ ମଧ୍ୟ ଲୋକଙ୍କ ଭିଡ଼ ଜମିଲାଣି। ବାହାରୁ ବେପାରୀମାନେ ଆସି ବିଭିନ୍ନ ମଣ୍ଡପ ପାଖରେ ଭିଡ଼ ଜମାଇଛନ୍ତି। କେଉଁ ବେପାରୀ ନିଜର ଦୋକାନ ସାମଗ୍ରୀକୁ ସଜାଡ଼ିବାରେ ଲାଗିଛନ୍ତି ତ ଆଉ କିଏ ବ୍ୟବସାୟ ଆରମ୍ଭ କଲେଣି। ସହରରେ ୧ଶହ ରୁ ଅଧିକ ମଣ୍ଡପ ରହିଛି। ଏହି ସବୁ ମଣ୍ଡପ ପାଖରେ ରାମଦୋଳି, ବ୍ରେକ୍‌ଡ୍ୟାନ୍ସ, ଘୋଡ଼ା ଚକ୍ରି, ଡ୍ରାଗନ ଦୋଳି, ଟୋରା ଟୋରା ସହ ବିଭିନ୍ନ ଖାଦ୍ୟର ପସରା ମଧ୍ୟ ମେଲିଛି। ଏଥିସହିତ ମହିଳାଙ୍କ ସାମଗ୍ରୀ, ସହ ବାହାର ବିଭିନ୍ନ ପ୍ରକାରର ଖାଦ୍ୟ ସହ ଆସବାବ ପତ୍ର ଆଦି ଦେଖିବାକୁ ମିଳିଛି। ଯେଉଁଥିପାଇଁ ଛୋଟରୁ ବଡ଼ ସମସ୍ତେ ବେଶ୍ ମନୋରଞ୍ଜନ କରୁଥିବା ଦେଖିବାକୁ ମିଳିଛି। ଖୋଲା ଆକାଶ ତଳେ କୁନି କୁନି ପିଲାମାନେ ଏହି ମୀନା ବଜାରର ମଜା ନେଉଛନ୍ତି। ଏଥିସହିତ ଲୋକମାନେ ମଣ୍ଡପ ଆଗରେ ଫଟୋ ଉଠାଇବାର ମଜା ମଧ୍ୟ ନେଇ ପାରୁଛନ୍ତି। ଟିକେ ସନ୍ଧ୍ୟା ହୋଇଗଲେ ବିଭିନ୍ନ ମଣ୍ଡପ ପାଖରେ ଲୋକଙ୍କ ଭିଡ଼ ଜମିଯାଉଛି। କିଏ ଫଟୋ ଉଠାଇବାରେ ବ୍ୟସ୍ତ ରହିଛନ୍ତି ତ ଆଉ କିଏ ମଣ୍ଡପକୁ ଦେଖିବାରେ ବ୍ୟସ୍ତ ରହିଛନ୍ତି।

ଦୁର୍ଗା ପୂଜା ପାଇଁ ଅନେକ ବେପାରୀ ବାହାରୁ ୧୫ ଦିନ ଆଗରୁ ଆସି ବିଭିନ୍ନ ମଣ୍ଡପ ପାଖରେ ଡ଼େରା ପକାଇଛନ୍ତି। ଏହି ବେପାରୀ ମାନଙ୍କ ମଧ୍ୟରୁ ଅନେକ ରାଜସ୍ଥାନ, ଗୁରୁରାଟ, ବିହାର, ଉତ୍ତର ପ୍ରଦେଶ ଆଦି ରାଜ୍ୟରୁ ଆସିଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲ ଓ ସ୍ଥାନୀୟ ବେପାରୀମାନେ ମଧ୍ୟ ରହିଛନ୍ତି। ସେମାନେ ଭଲ ବେପାର ଆଶାରେ ରହିଥିବାବେଳେ କେବଳ ବର୍ଷାକୁ ଡର ଲାଗୁଛି ବୋଲି କହିଛନ୍ତି କେତେକ ବ୍ୟବସାୟୀ।

ଉତ୍ତର ପ୍ରଦେଶରୁ ଆସିଥିବା ବେପାରୀ ସୋମ ପ୍ରକାଶ କହିଛନ୍ତି କେବଳ ବର୍ଷା ନହେଲେ ବେପାର ଭଲ ଜମିବ। ଆଗକୁ ବର୍ଷା ଥିବାରୁ ଟିକେ ଆଶଙ୍କାରେ ରହିଛୁ ବୋଲି ସେ କହିଛନ୍ତି।

# ବିଛାଖଣ୍ଡିରେ ବ୍ଲାଷ୍ଟିଂ ସୃଷ୍ଟି ହେଉଛି ମୃଦୁ ଭୂମିକମ୍ପ



**କବାଟବନ୍ଧ, ୨୮।୯ (ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଛାଖଣ୍ଡି କଳାପଥର ଖାଦାନ ବ୍ଲାଷ୍ଟିଂରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି। ଶନିବାର ରାତିରେ ହୋଇଥିବା ବ୍ଲାଷ୍ଟିଂ ଉକ୍ତ ଅଞ୍ଚଳରେ ଏକ ମୃଦ୍ୟୁ ଭୂମିକମ୍ପର ଭ୍ରମ ସୃଷ୍ଟି କରିଥିଲା। ପ୍ରଚଣ୍ଡ ଶବ୍ଦ ଭୟଙ୍କର କମ୍ପନ ସୃଷ୍ଟି କରି ମାଟି ଥରି ଉଠିଥିଲା। ସାରା ରାଜ୍ୟରେ ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନେକ ସମୟରେ ବିଭିନ୍ନ ଘଟଣାରେ ଛନ୍ଦି ହୋଇ ବିବାଦରେ ରହିଥିବା ବେଳେ କଳାପଥର ଚୋରା ଚାଲାଣକୁ ନେଇ ଚର୍ଚ୍ଚାର ପରିସରକୁ ଆସିଥାଏ। ଏହି ତହସିଲ ଅନ୍ତର୍ଗତ ରେଖିଦେଇପୁର ରାଜସ୍ୱ ନିରୀକ୍ଷକ ଅଧୀନ ବିଛାଖଣ୍ଡି ମୌଜାରେ ରହିଥିବା କଳାପଥର ଖାଦାନରୁ ଲିଜଧାରୀ ଅତି ଚତୁରତାର ସହିତ ବିଭାଗୀୟ ଅଧିକାରୀଙ୍କୁ ହାତ କରି ବେଆଇନ ଭାବେ କୋଟି କୋଟି ଟଙ୍କାର କଳାପଥର ଲୁଟ୍ କରୁଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ ବିଛାଖଣ୍ଡି ମୌଜାରେ ବର୍ତ୍ତମାନ ଲଘୁ ଖଣିଜ ବିଭାଗ ଅଧୀନରେ ରହିଥିବା ତଥା ପୂର୍ବରୁ ରାଜସ୍ୱ ବିଭାଗ ପକ୍ଷରୁ ହାତଗଣତି କେତୋଟି କଳାପଥର ଖାଦାନକୁ ଲିଜ୍ ସୂତ୍ରରେ ଦିଆଯାଇଥିବା ବେଳେ ଲିଜ୍ ପରିସୀମା ମଧ୍ୟରୁ କେତେ ପରିମାଣର ପଥର ଉତ୍ତୋଳନ କରାଯିବ, ତାହାର ଅନୁମତି ଦିଆଯାଇଛି। କିନ୍ତୁ ଲିଜ୍‌ଧାରୀ ସରକାରଙ୍କୁ ଚକମା ଦେଖାଇ ଲିଜ୍ ବାହାରୁ ମୂଲ୍ୟବାନ କଳାପଥର ଦିନରାତି ହରିଲୁଟ କରୁଥିବା ଜଣାପଡ଼ିଛି। ଲିଜ୍ ଏରିଆ ଭିତରେ ଅତ୍ୟଧିକ କଳାପଥର ଖନନ ପାଇଁ ଜରିମାନା ଭୟରେ କଳାପଥର ଉତ୍ତୋଳନ ପାଇଁ ଲିଜ୍ ଏରିଆ ପଥର ଉତ୍ତୋଳନ କରି ଚୋରାଚାଲାଣ କରାଯାଉଥିବା ଜଣାପଡ଼ିଛି। ଏହି ତହସିଲ ଅଧୀନ ବିଭିନ୍ନ ମୌଜାରେ କଳାପଥର ମାଫିଆଙ୍କ ଉପରେ କୋଟି କୋଟି ଟଙ୍କା ଜରିମାନା ହୋଇଥିଲେ ବି ପ୍ରଶାସନ ତାହା ଆଦାୟ କରିବାରେ ଅସମର୍ଥ ହୋଇଛି। ଜରିମାନା ଦେବା ବଦଳରେ ପ୍ରଶାସନ ଅଧିକାରୀଙ୍କୁ ମୋଟା ଅଙ୍କର ଟଙ୍କା ଦେଇ ଏହି ବେଆଇନ କଳାପଥର ଖନନ କରାଯାଉଥିବା ଅଭିଯୋଗ ହେଉଛି। ଏହା ଦ୍ୱାରା କଳାପଥର ମାଫିଆ ଏବଂ ପ୍ରଶାସନ ଅଧିକାରୀମାନେ ଫାଇଦା ନେଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। କେସ ଏବଂ ବିଭିନ୍ନ ମକଦ୍ଦମାରେ ଛନ୍ଦି ହୋଇ ଜରିମାନା ଦେବା ଅପେକ୍ଷା ସଲାସୁତୁରା ଏବଂ ଉତ୍ତମ ବୁଝାବଣାରେ ବେଆଇନ ଖଣି ଲୁଟ କରିବାର ମାଷ୍ଟର ମାଇଣ୍ଡ ସାଜିଛନ୍ତି ଖୋଦ ପ୍ରଶାସନିକ ଅଧିକାରୀମାନେ। କହିବାକୁ ଗଲେ କିଛି ଅସାଧୁ ଅଫିସରଙ୍କ ପାଇଁ ବିଛାଖଣ୍ଡି ବେଇଆନ ବ୍ଲାଷ୍ଟିଂ ଚାଲିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଅଣଦେଖା କରିବାକୁ ବାଧ ହୋଇଛି ପ୍ରଶାସନ। ବିନା ଟ୍ରାଞ୍ଜିଷ୍ଟ ପାସ୍‌ରେ ଶହ ଶହ ଟ୍ରିପ୍ କଳାପଥର ପରିବହନର ଅଭିଯୋଗକୁ ମଧ୍ୟ ଅଣଦେଖା କରୁଛି ପ୍ରଶାସନ। କାର୍ଯ୍ୟାନୁଷ୍ଠାନ ନ ହେବାରୁ ମାଫିଆଙ୍କୁ ନିର୍ଭୟରେ ବେଆଇନ ଉତ୍ତୋଳନ କରିବା ପାଇଁ ପ୍ରଶାସନ ଏକ ପ୍ରକାର ପ୍ରୋତ୍ସାହିତ କରିବା ଭଳି ମନେ ହେଉଛି।

ବେଳେବେଳେ ପ୍ରଶାସନ ପକ୍ଷରୁ କଳାପଥ ପଥର ମାଫିଆଙ୍କୁ ଆଗୁଆ ସୂଚନା ଦେଇ ନାମକୁ ମାତ୍ର ଚଢ଼ଉ କରାଯାଇଛି। ଫଳରେ ସୂଚନା ପାଇ ମାଫିଆମାନେ ସତର୍କ ହୋଇ ଲିଜ୍ ବାହାର ଅଞ୍ଚଳରୁ ଗାଡ଼ି, ମେସିନ ଏବଂ କମ୍ପ୍ରେସର ନେଇଯାଉଛନ୍ତି। ବର୍ଷ ବର୍ଷ ଧରି ଏହି ଅଞ୍ଚଳକୁ କୌଣସି କୌଣସି ଅଧିକାରୀ ମାନେ ମଧ୍ୟ ଚଢ଼ଉ କରିବାକୁ ଆସୁନାହାଁନ୍ତି। ଯାହାକି ମାଫିଆଙ୍କୁ ସହଯୋଗ କରୁଥିବା ସ୍ୱଷ୍ଟ ଅନୁମେୟ କରାଯାଉଛି। ପ୍ରଶାସନ ଓ ପଥର ମାଫିଆଙ୍କ ଏଭଳି ସମ୍ପର୍କ ପାଇଁ ସାଧାରଣ ଲୋକଙ୍କର ପ୍ରଶାସନ ଉପରୁ ଭରସା ତୁଟିଯାଉଛି ଓ ତୁରନ୍ତ ଏପରି ଅସାଧୁ ଅଫିସର ଓ କଳାପଥର ମାଫିଆ ପିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ସହିତ କଳାପଥର ଚୋରା ଚାଲାଣରେ ମଧ୍ୟ ରୋକ ଲାଗିପାରନ୍ତା। ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## କନକଦୁର୍ଗା ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ



**ବରୀ, ୨୮।୯ (ସମିସ):** ବରୀ ଶିକ୍ଷା ମଣ୍ଡଳ ଅଧୀନସ୍ଥ କନକ ଦୁର୍ଗା ବିଦ୍ୟାପୀଠ ପରିସରରେ ସୁବର୍ଣ୍ଣଜୟନ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର କମିଟିର ସଭାପତି ରାଜେନ୍ଦ୍ର ସାମଲ ସଭାପତିତ୍ୱ କରି ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ କାର୍ଯ୍ୟକ୍ରମ କିଭଳି ଶୃଙ୍ଖଳାର ସହ ଶେଷ ହୋଇପାରିବ ସେ କ୍ଷେତ୍ରରେ ମତରଖିଥିଲେ। ଏତଦ୍ ବ୍ୟତୀତ ସୁବର୍ଣ୍ଣ ଜୟନ୍ତୀ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯିବା ସହିତ ପୂର୍ବତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷାବିତମାନେ ଯେଭଳି ଅଂଶଗ୍ରହଣ କରିପାରିବେ ସେ କ୍ଷେତ୍ରରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ଦଳାଇ, ପୂର୍ବତନ ପ୍ରଧାନ ଶିକ୍ଷକ ବୈଷ୍ଣବ ଚରଣ ପତି, ବୃନ୍ଦାବନ ପରିଡ଼ା, ମନୋଜ ଦାଶ, ପୂର୍ବତନ ଛାତ୍ର ମହାମାୟା ପ୍ରସାଦ ବିଶ୍ୱାଳ, ଦେବିଦତ୍ତ ସାମଲ, ଶୁଭ୍ରାଂଶୁ ସାମଲ, ସୁଶାନ୍ତ ବେହେରା, ମିତ ରଞ୍ଜନ ସାମଲ, ମହେନ୍ଦ୍ର ସ୍ୱାଇଁ, ଶାନ୍ତନୁ ସାମଲ, ପ୍ରତୀକ କୁମାର ସ୍ୱାଇଁ, ପ୍ରଶାନ୍ତ ପଢ଼ିହାରୀ, ମଧୁସୂଦନ ସେଠୀ, ସୁଦ୍ଧାଞ୍ଜୟ ସାମଲ, ଶୁଭମ ସ୍ୱାଇଁଙ୍କ ସମେତ ବହୁ ପୂର୍ବତନଛାତ୍ର ଯୋଗ ଦେଇଥିଲେ।

## ସଙ୍ଗୀତ, ନୃତ୍ୟ ଓ ଚିତ୍ରକଳା ଶିକ୍ଷାକେନ୍ଦ୍ର ଶୁଭାରମ୍ଭ



**ସୁକିନ୍ଦା, ୨୮।୯ (ସମିସ):** ସୁକିନ୍ଦା ସଦର ମହକୁମାରେ ଏକ ସଙ୍ଗୀତ, ନୃତ୍ୟ ଓ ଚିତ୍ରକଳା ଶିକ୍ଷାକେନ୍ଦ୍ର ରାଜାସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମାଞ୍ଚଳରେ ରହୁଥିବା କୁନିକୁନି ପିଲାମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସୁଯୋଗ ନଥିବାରୁ ଏଭଳି ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି କଳାପ୍ରେମୀ ଯୁବକ ଜଗନ୍ନାଥ ସାମଲ। ଏହି ଶିକ୍ଷା କେନ୍ଦ୍ରରେ ଅତି କମ୍ ଦେୟରେ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ତବଲା ବାଦନ, ଓଡ଼ିଶୀ ନୃତ୍ୟ, ଆଧୁନିକ ନୃତ୍ୟ ଓ ଚିତ୍ରକଳା ଶିକ୍ଷା ଆଦି ଶିଖିବାର ସୁଯୋଗ ରହିଛି। ଗତ କିଛି ବର୍ଷ ହେବ ଜଗନ୍ନାଥ ନିଜସ୍ୱ ଖର୍ଚ୍ଚରେ ସୁକିନ୍ଦାରେ ଏକ ମଞ୍ଚ ପ୍ରସ୍ତୁତ କରୁଛନ୍ତି। ଯେଉଁଥିରେ ସୁକିନ୍ଦା ତଥା ଆଖପାଖ ଅଞ୍ଚଳର ଶତାଧିକ କୁନି କୁନି ପ୍ରତିଭାଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ମିଳୁଛି। ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ଗୁରୁ ସୁଶାନ୍ତ କୁମାର ସେନାପତି, ତବଲା ବାଦକ ପ୍ରତାପ କିଶୋର ମହାପାତ୍ର, ନୃତ୍ୟ ଗୁରୁ କୋଦଣ୍ଡ ବାରିକ, ଆଧୁନିକ ନୃତ୍ୟ ଗୁରୁ ହରେକୃଷ୍ଣ ମହାନ୍ତ, କଳାକାର ବିନ୍ଧାଣି, ଚିତ୍ରକଳା ଗୁରୁ ଅର୍ଜୁନ ବାରିକଙ୍କୁ ମୁଖ୍ୟ ଅତିଥି ରାଜା ସାହେବ୍ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଚାହାଣି ପୁରସ୍କାର ଘୋଷଣା

**ପାଣିକୋଇଲି, ୨୮।୯ (ସମିସ):** ଯାଜପୁର ଜିଲ୍ଲାରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ଚାହାଣି'ର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପୂଜା ସଂଖ୍ୟା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଶିଷ୍ଟ ଲେଖକ, ଗାଳ୍ପିକ ଡ. ସଚ୍ଚିଦାନନ୍ଦ କର ଓ ଶିଶୁ ସାହିତ୍ୟିକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ 'ଚାହାଣି' ପୁରସ୍କାର ପ୍ରଦାନ କରାଯିବ। ସେହିପରି ବରିଷ୍ଠ ସମ୍ବାଦିକ ପ୍ରଦୀପ କୁମାର ଦାସ ଏବଂ ଡା. ନିର୍ମଳେନ୍ଦୁ ପୃଷ୍ଟିଙ୍କୁ 'ଚାହାଣି' ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଉଦ୍‌ଘାଟକ ଭାବେ ଶ୍ରମିକ ନେତା ମାୟାଧର ନାୟକ, ଅତିଥି ଭାବେ ଡ. ରାଜକିଶୋର ପାଢ଼ୀ, ପ୍ରଧାପକ ମନୋରଞ୍ଜନ ମହାନ୍ତି, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ପ୍ରାକ୍ତନ ପ୍ରଶାସକ ଜିଲ୍ଲାପାଳ ସରୋଜ କୁମାର ସାମଲ, ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ବୃନ୍ଦାବନ ସାହୁ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଅଧ୍ୟାପକ ଦାମୋଦର ବେହେରା, ଶିକ୍ଷାବିତ ବଟକୃଷ୍ଣ ସ୍ୱାଇଁ, ଡ. ଦୈତାରୀ ଧଳ, ବ୍ରଜକିଶୋର ଦାଶ, ଅନନ୍ତ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମ ଅକ୍ଟୋବର ୫ ତାରିଖ କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଚାହାଣିର ସମ୍ପାଦକ ଡ. ଚନ୍ଦ୍ରକାନ୍ତ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

## ଦେଶୀ ମଦ ଜବତ; ଜଣେ ଗିରଫ

**ପାଣିକୋଇଲି, ୨୮।୯ (ସମିସ):** ପାଣିକୋଇଲି ପୁଲିସ ଦେଶୀ ମଦ ଜବତ କରିବା ସହ ବେପାରୀକୁ ଗିରଫ କରିବାରେ ସକ୍ଷମ ହୋଇଛି। ସନ୍ଧ୍ୟା ପାଟ୍ରୋଲିଂ ସମୟରେ ପାଣିକୋଇଲି ଥାନା ଅନ୍ତର୍ଗତ ନୂଆପଦା ଛକ ତଥା ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଦେଶୀ ମଦର ଚୋରା କାରବାର ଖବର ପାଇ ପୁଲିସ ସଦଳବଳେ ଚଢ଼ଉ କରିଥିଲା। ସେଠାରେ ସନ୍ଦେହଜନକ ଭାବେ ଜଣଙ୍କୁ ଧରିବା ପରେ ତା' ନିକଟରୁ ୧୦.୬୨୦ଲିଟର ମଦ ଜବତ କରି ତାକୁ ଥାନାକୁ ଆଣିଥିଲେ। ଏନେଇ ଓଡ଼ିଶା ଅବକାରୀ ନିୟମ ୫୨(୨) ରେ ଏକ ମାମଲା ୩୧୩/୨୫ ରୁଜୁ କରାଯାଇ ମଦ ବେପାରିକୁ ଗିରଫ କରାଯାଇଥିଲା। ଉତ୍ତରପ୍ରଦେଶ ରାଜ୍ୟ ଚାନ୍ଦୁଆଲି ଜିଲ୍ଲା ସାହେବ ଗଞ୍ଜ ଥାନା କିରାଇଗାଁର ଛବିନାଥ ଯାଦବଙ୍କ ପୁଅ ରାମନିବାସ ଯାଦବ (୪୦) କୁ ଗିରଫ କରାଯାଇଥିଲା। ରାମନିବାସ ଦୀର୍ଘ ବର୍ଷ ହେବ ପାଣିକୋଇଲି ଅଞ୍ଚଳରେ ରହି ଦେଶୀ ମଦର ଚୋରା କାରାବାର ଚଳାଇ ଆସିଛି। ଏବେ ତାର ନୂଆ ଠିକଣା ନୂଆପଦା ଛକ ପାଲଟିଛି।

## କବିବର ରାଧାନାଥ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା



**ପ୍ରୀତିପୁର, ୨୮।୯ (ସମିସ):** କବିବର ରାଧାନାଥ ରାୟ ଓଡିଆ ସାହିତ୍ୟର ଯୁଗସ୍ରଷ୍ଟା। ସେ ଥିଲେ ପ୍ରଗତିରେ ଅଗ୍ରଦୂତ। ସେ ପାର୍ବତୀ, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ଓଷା, ଚିଲିକା, ମହାଯାତ୍ରା ଭଳି କାଳଜୟୀ କାବ୍ୟ ରଚନା କରି ଓଡ଼ିଆ ଜାତିକୁ ପ୍ରେରଣା ସୃଷ୍ଟି କରିଯାଇଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଯାଇଛନ୍ତି। ଆଜି ଅଖିଳଚକ୍ର ପକ୍ଷରୁ ମଇଁନ୍ଦା ଉଦୟଭାନୁ କ୍ଲବ ସହଯୋଗିତାରେ କ୍ଲବ ଗୃହରେ କବିବର ରାଧାନାଥଙ୍କ ଜୟନ୍ତୀ ପ୍ରାଧାପକ ପ୍ରସନ୍ନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଆଲୋଚନାଚକ୍ରରେ ଡ. ରବୀନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ଦେଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଶ୍ରୀହରି ଧଳ, ସହ ସମ୍ପାଦକ ଗୌରାଙ୍ଗ ସ୍ୱାଇଁ, କବି ସନ୍ତୋଷ କୁମାର ବେଉରିଆ, କବି ଜିତେନ୍ଦ୍ର କୁମାର ବେଉରିଆ, ମନୋରଞ୍ଜନ ଧଳ, ସୁଚିତ୍ରା ବେଉରିଆ ପ୍ରମୁଖ କବିଙ୍କ କାବ୍ୟ କୃତୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ପ୍ରାଧାପକ ରାଉତ ଯୁବ ସମାଜ ପୂଜ୍ୟପୂଜାକୁ ଅବହେଳା ନକରିବା ପାଇଁ ଆହ୍ୱାନ ଦେଇଥିଲେ। ଏହା ବ୍ୟତିତ ଅଶୋକ କୁମାର ନାୟକ, ଅଖିଳ କୁମାର ଧଳ, ଭକ୍ତି ପ୍ରସାଦ ପରିଡ଼ା, ଜୀତେନ୍ଦ୍ର ପରିଡ଼ା, ପ୍ରଭାତ କୁମାର ନାଥଶର୍ମ୍ମା, ସୁଧାଂଶୁ ନାଥଶର୍ମ୍ମା, ରୋହନ ସାମଲ, ପାର୍ଥସାରଥୀ ପରିଡ଼ା, ସୌମ୍ୟ ରଞ୍ଜନ ପରିଡ଼ା, ପ୍ରସନ୍ନ କୁମାର ସାମଲ, ପ୍ରଭାତ ଶର୍ମ୍ମା, ବିରଞ୍ଚି କୁମାର ଧଳ, ସମରକାନ୍ତ ବିନ୍ଧାଣୀ, ସୁରେନ୍ଦ୍ର କୁମାର ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା, ୨୮।୯ (ସମିସ):** ଯାଜପୁର ଜିଲ୍ଲାର ନବନିଯୁକ୍ତ ସଭାପତି ମାଗୁଣୀ ଜେନା ଆଜି ଧର୍ମଶାଳା ଗସ୍ତରେ ଆସିଥିବା ବେଳେ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କର୍ମୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭା ପରେ କୃଷକ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ବାବୁଲି ମଲିକ, ଦୀପକ ବଳ, ପୂର୍ଣ୍ଣଚନ୍ଦ୍ର ତରେଇ, ସଞ୍ଜୟ କୁମର ରାଉତ, ଶୁଶିଲ ଡୋରା, ହରିମୋହନ ରାଉତ, ନକୁଳ ଜେନା, ଅମରେନ୍ଦ୍ର ସାମଲ, ପ୍ରମୋଦ ମହାନ୍ତି, ସାଗର ପାଳ, ମହମ୍ମଦ ଇକ୍‌ବାଲ, କାର୍ତ୍ତିକ ସାହୁ, ଦେବାଶିଷ ପରିଡ଼ା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ।



## ଓସିଏସ୍ ପାଇଲେ ସୁକିନ୍ଦାର ସଚ୍ଚିଦାନନ୍ଦ



**ସୁକିନ୍ଦା, ୨୮।୯ (ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖରଡ଼ି ଗ୍ରାମର ଚହଳି ନାୟକ ଓ ସଞ୍ଜୁଲତା ବେହେରାଙ୍କ ସୁପୁତ୍ର ସଚ୍ଚିଦାନନ୍ଦ ନାୟକ (ଭିକି) ଚଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୪୯ ରାଙ୍କରେ କୃତକାର୍ଯ୍ୟ ହୋଇ ସମଗ୍ର ସୁକିନ୍ଦା ଅଞ୍ଚଳ ପାଇଁ ଗର୍ବ ଏବଂ ଗୌରବ ଆଣିଦେଇଛନ୍ତି। ସଚ୍ଚିଦାନନ୍ଦଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସଚ୍ଚିଦାନନ୍ଦ ଖରଡ଼ି ସରକାରୀ ବିଦ୍ୟାଳୟରେ ପ୍ରାଥମିକ ଓ ଆମ୍ବଳବା ସରକାରୀ ଉଚ୍ଚ ବିଦ୍ୟାଳୟରେ ମ୍ୟାଟ୍ରିକ ପାଠ ଶେଷ କରିଥିଲେ। ସଚ୍ଚିଦାନନ୍ଦଙ୍କ ବାପା ଓ ମା' ଉଭୟ ଶିକ୍ଷକ।

## ଅନନ୍ୟା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



**ଯାଜପୁର, ୨୮।୯ (ସମିସ):** ଅନନ୍ୟା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ମା'ବିରଜା ରଥଦାଣ୍ଡରେ ତ୍ରିଦିନାତ୍ମକ ଅନନ୍ୟା ବକ୍ତୃତାମାଳା ଓ ବାର୍ଷିକ ଉତ୍ସବ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ବିରଜା ମହାସପ୍ତମୀରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଉପଜିଲ୍ଲାପାଳ ତଥା ବିରଜା ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟର ଅଧ୍ୟକ୍ଷ ତାପସ ରଞ୍ଜନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଉପସଭାପତି ବିଭୂତିଭୂଷଣ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସହସଂଯୋଜିକା ମନିସା ରାଉତ ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ହୃଷୀକେଶ ପତି ସ୍ତୋତ୍ରପାଠ କରିଥିଲେ। ଅନନ୍ୟା ସାହିତ୍ୟ ସଂସଦର ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରାବନ୍ଧିକ ସୂର୍ଯ୍ୟମଣୀ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ବିରଜା ସେବା ସମିତିର ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ମିଶ୍ର, ଯାଜପୁରର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶରତ ଚନ୍ଦ୍ର ପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ଡ. ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡିଏବି ଡ୍ୟାନ୍ସ ଗ୍ରୁପର ପ୍ରଯୋଜକ ସନ୍ତୋଷ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ନୃତ୍ୟ ଶିଳ୍ପୀମାନେ ବହୁ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଉତ୍ସବରେ ଅଧ୍ୟକ୍ଷ ଅଶୋକ କୁମାର ରାଉତ, ଅଧିକାରୀ ନବକିଶୋର ଦାସ, ପ୍ରଦୀପ କୁମାର ଦାସ, ଭରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅନନ୍ୟା ସାହିତ୍ୟ ସଂସଦର ଗଣମାଧ୍ୟମ ସଂଯୋଜକ ଆଦିତ୍ୟ କୁମାର ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସୁବାସ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସମାଜରେ ଜାତି ବ୍ୟବସ୍ଥା' ଆଲୋଚନାସଭା




**ଦାନଗଦି, ୨୮।୯ (ସମିସ):** ସମାଜରେ ଜାତି ବ୍ୟବସ୍ଥା ଶୀର୍ଷକ ଆଲୋଚନା ସଭା ମୂଳନିବାସୀ ଛାତ୍ର ଓ ଯୁବ ମଞ୍ଚ ଦାନଗଦି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଧର୍ମପଦ ଜେନାଙ୍କ ସଭାପତିତ୍ୱରେ ରାଜ୍ୟ ସଚିବ ମୂଳ ନିବାସୀ ଛାତ୍ର ଯୁବ ସମ୍ମୁଖ୍ୟର ସୁଜିତ କୁମାର ମଲ୍ଲିକ, ବିଶ୍ୱରଞ୍ଜନ ମଲ୍ଲିକ, ତାପସ ମଲ୍ଲିକ, ସଂଯୋଜକ ଶୁଭ୍ରଜ୍ୟୋତି ମଲ୍ଲିକ, ଜଗନ୍ନାଥ ମଲ୍ଲିକ, ମିକି ଜେନା, ସାବିତ୍ରୀ ବାହିନୀ, ପୂଜାରିଣୀ ଜେନା, ଲିଜା ଜେନା, ଉର୍ମି ଜେନା, ବୈଶାଖୀ ପେରାଇ, ସାଗର ଜେନା, ଆଶିଷ ମଲ୍ଲିକ, ସୁବ୍ରତ ଜେନା, ସମୀର ଜେନା, ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର ପ୍ରମୁଖ ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ।

## ବିରଳ ଗାଡ଼ ଭାଲୁ ଉଦ୍ଧାର

**ସୁକିନ୍ଦା, ୨୮।୯ (ସମିସ):** ସୁକିନ୍ଦା ବନ ବିଭାଗ ଦ୍ୱାରା ଜାମୁପଶି ରାସ୍ତାରୁ ଏକ ବିରଳ ଗାଡ଼ ଭାଲୁ ଉଦ୍ଧାର ହୋଇଥିବା ଦେଖିବାକୁ ମିଳିଛି। ରବିବାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ଜାମୁପଶି ଗ୍ରାମ ରାସ୍ତାରେ ଏକ ଜନ୍ତୁ ଦେଖି ଲୋକେ ଭୟଭୀତ ହୋଇ ତୁରନ୍ତ ସୁକିନ୍ଦା ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସେହି ଜନ୍ତୁଟିକୁ ଉଦ୍ଧାର କରି ତାର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସୁସ୍ଥଥିବା ଜାଣିପାରିଥିଲେ। ଏହା ଏକ ଗାଡ଼ ଭାଲୁ ବୋଲି ଫରେଷ୍ଟର ମନୋରମା ଜଣାଇଛନ୍ତି। ଏହି ଜନ୍ତୁକୁ ବନବିଭାଗ କର୍ମଚାରୀ ରବିବାର ସନ୍ଧ୍ୟାରେ ନିକଟ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ିଦେଇଥିବା ଜଣାପଡ଼ିଛି।



## ଖଣି ଅଞ୍ଚଳରେ ଦଶହରା ଆକର୍ଷିତ କରୁଛି ଦକ୍ଷିଣ ଭାରତୀୟ ତୋରଣ





**କାଳିଆପାଣି, ୨୮।୯ (ସମିସ):** ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ତରଫରୁ ଖଣି ଅଞ୍ଚଳରେ ଚଳିତ ବର୍ଷ ଦଶହରାରେ ଆକର୍ଷିତ କରୁଛି ଦକ୍ଷିଣ ଭାରତୀୟ କୁଚୁପୁଡି ତୋରଣ ସହ ଦୁର୍ଗା ମା'ଙ୍କ ଆଗମନ। ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ନୂତନ ଢଙ୍ଗରେ ଖଣି ଅଞ୍ଚଳରରେ ଦକ୍ଷିଣ ଭାରତୀୟ ସାଂସ୍କୃତିକ ପରମ୍ପରାକୁ ଲୋକଲୋଚନକୁ ଆଣିବାକୁ ଉଦ୍ୟମ କରାଯାଇଛି। ଦୁର୍ଗାପୂଜା କମିଟି ସଭ୍ୟ ବିଦ୍ୟାଧର ପାତ୍ରଙ୍କ ନେତୃତ୍ୱରେ ସରପଞ୍ଚ କନକଲତା ସର୍ଦାରଙ୍କ ସମେତ କମିଟି ସଭ୍ୟ ଧନେଶ୍ୱର ମହାନ୍ତ, ରମାକାନ୍ତ ପଲେଇ, ବିଭୂତି ପ୍ରଧାନ, ପ୍ରାଣକୃଷ୍ଣ ମହାନ୍ତ, ସମ୍ରାଟ ସାମଲ ଜଗବନ୍ଧୁ ମହାନ୍ତ, ମନୋଜ ମହାନ୍ତ, ବାପୁ ଭଞ୍ଜ, କାର୍ତ୍ତିକ ପାତ୍ର, ପବିତ୍ର ମହାନ୍ତ, ତପନ ପାତ୍ର, ବେଣୁଧର ମହାନ୍ତ, ସନାତନ ମହାନ୍ତ, ବାବୁଲି ବାରିକ, ମୋତିଲାଲ୍ ମହାନ୍ତ, ବଳରାମ ଦାସ, କୁନା ଭଞ୍ଜ, ଦିଲୀପ ମହାନ୍ତ, ମଳୟ ଦଳବେହେରା ଅନ୍ୟାନ୍ୟ କମିଟି ମେମ୍ବର ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି। ୭ ତାରିଖ ପର୍ଯ୍ୟନ୍ତ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲି। ଅକ୍ଟୋବର ୩ରୁ ୭ ତାରିଖ ପର୍ଯ୍ୟନ୍ତ ଯାତ୍ରା ରାଜନନ୍ଦିନୀ ଅପେରା ପରିବେଷଣ କରିବ।

## ଜହ୍ନାରେ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର

**ଶଙ୍ଖଚିଲା, ୨୮।୯ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନାର ପୁରାତନ କ୍ଲବ ମହାଲକ୍ଷ୍ମୀ ଯୁବକ ସଂଘ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର ଆସନ୍ତା ୭ ତାରିଖ କରାଯିବାକୁ ନିଷ୍ପତ୍ତି ହୋଇଛି। 'ନଟବର ବିଶ୍ୱାଳ ସ୍ମୃତି ସଂସଦ' ସହଯୋଗରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ବିକ୍ରମ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ଲଲାଟେନ୍ଦୁ ନାୟକ, ପଦ୍ମନାଭ ବିଶ୍ୱାଳ, ପ୍ରକାଶ ବେହେରା, ଗୟାଧର ପାଢ଼ୀ, ଅମିତ ବିଶ୍ୱାଳ, କାର୍ଯ୍ୟକ୍ରମର ସଂଯୋଜକ ପ୍ରଭାସ ରାଉତ, ସହ ସଂଯୋଜକ ଅଭୟ ବିଶ୍ୱାଳ, ଯୁବକ ସଂଘର ଦିଲ୍ଲୀପ ବିଶ୍ୱାଳ, ବିକାଶ ବେହେରା, ଅରୁଣ କବି ପ୍ରମଖୁ ଉପସ୍ଥିତି ରହି ଆଲୋଚନା କରିଥିଲେ। ବ୍ୟବସ୍ଥା ପ୍ରମୁଖ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଟୋ-ବାଇକ୍ ଧକ୍କା: ୩ ଆହତ

ନାରାୟଣପାଟଣା, ୨୮।୯ (ସମିସ): ଆଜି ଅପରାହ୍ଣରେ ଏକ ଅଟୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଅଟୋ ମାଲିକ ସହ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ତିନି ଆହତଙ୍କୁ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତରିତକୁ ସ୍ଥାନାନ୍ତର କରାଯାଇଛି। ଆହତ ଦୁଇ ମୋଟର ସାଇକଲ ଆରୋହୀ ତେନ୍ତୁଳିପଦର ପଞ୍ଚାୟତର ଡଙ୍ଗାପାଇଁ ଗ୍ରାମର ହୋଇଥିବା ବେଳେ ଅଟୋ ଟି ବାଲିପେଟାର ବୋଲି ଜଣାପଡ଼ିଛି। ସୂଚନା ପାଇଁ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଅପରାହ୍ଣ ୧୨ ଟା ବେଳେ ସାପ୍ତାହିକ ହାଟ ଗହଳି ଥିବାରୁ ହାଟକୁ ଆସି କାମ ସାରି ନିଜ ଘରକୁ ତେନ୍ତୁଳିପଦର ପଞ୍ଚାୟତର ଡଙ୍ଗା ପାଇ ମୋଟରସାଇକେଲରେ ଫେରୁଥିବା ବେଳେ ମଶାଣି ନିକଟ ଘାଟିରେ ବିପରୀତ ଦିଗରୁ ବାଲିପେଟାର ଅନିଦି କୁଳଦୀପ ନିଜ ଓଟୋ ଓଡି ୧୦ ଇ ୬୮୦୫ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ମାଲିକଙ୍କ ସହ ଦୁଇଜଣ ମୋଟର ସାଇକଲ ଆରୋହୀ ଆହତ ହୋଇଥିଲେ। ଦୁଇ ଯୁବକ ଲୋକନାଥ ବିଶୋଇ (୨୨) ଓ ଦେବାଶିସ ସାହୁ (୧୬) ଗୁରୁତର ଅବସ୍ଥାରେ ପଡ଼ି ଛଟପଟ ହେଉଥିଲେ। ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡା. ରାଜେଶ କୁମାର ଗୁଇଁ ଗୁରୁତର ଦୁଇ ମୋଟରସାଇକେଲ ଆରୋହୀଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି।

## ସୁଶାନ୍ତ କୁମାର ନାୟକ ସମ୍ମାନିତ

ରାୟଗଡ଼ା, ୨୮।୯ (ସମିସ): 'ଅପୂର୍ବା'ର ବାର୍ଷିକ ଉତ୍ସବରେ 'ପଞ୍ଚବଟୀ'ର ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କୁ ସମ୍ପାଦକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ସମ୍ବାଦ ଗ୍ରୁପର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ବିଶିଷ୍ଟ କବି ହର ପ୍ରସାଦ ଦାସ, ସମ୍ମାନିତ ଅତିଥି ବିଶିଷ୍ଟ ଗାଳ୍ପିକ ପଦ୍ମଜ ପାଳ, 'ଅପୂର୍ବା'ର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପତି ପ୍ରମୁଖଙ୍କ ଉପସ୍ଥିତିରେ ମାନପତ୍ର, ଉପଢୌକନ ପ୍ରଦାନ କରି ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥିପାଇଁ ଅପୂର୍ବା ଅନୁଷ୍ଠାନକୁ ରାୟଗଡ଼ା ଅଞ୍ଚଳର ସାହିତ୍ୟିକ ମାନେ କୃତଜ୍ଞତା ଜଣାଇବା ସହ କବି ସୁଶାନ୍ତ ନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପୁସ୍ତକ 'ବ୍ରହ୍ମାଣ୍ଡ' ଗ୍ଲୋବାଲ୍ ବେଷ୍ଟସେଲର

ରାୟଗଡ଼ା, ୨୮।୯ (ସମିସ): ରାୟଗଡ଼ାର ସୁରେଶ କୁମାର ମହାପାତ୍ର ଓ ତାଙ୍କ ସହଧର୍ମିଣୀ ଜ୍ୟୋତିର୍ମୟୀ ମହାପାତ୍ରଙ୍କ ସାହିତ୍ୟିକ ପ୍ରୟାସ 'ବ୍ରହ୍ମାଣ୍ଡ : ଦି ଡିଭାଇନ୍ ଆର୍କିଟେକ୍‌ଚର ଅଫ୍ ଦି ୟୁନିଭର୍ସ' ଆଜି ବିଶ୍ୱବ୍ୟାପୀ ସ୍ତରରେ ସୁନାମ କମାଇଛି। ବ୍ଲୁ ରୋଜ୍ ପବ୍ଲିଶର୍ସ, ଲଣ୍ଡନ୍ ମାଧ୍ୟମରେ ପ୍ରକାଶିତ ଏହି ପୁସ୍ତକ ଆମାଜନ୍, ଫ୍ଲିପକାର୍ଟ ଓ ଗୁଗୁଲ୍ ପ୍ଲେ ଷ୍ଟୋର୍ରେ ଉପଲବ୍ଧ ହେଉଥିବା ସହ ଗ୍ଲୋବାଲ୍ ବେଷ୍ଟସେଲର୍ ଭାବରେ ସ୍ଥାନ ପାଇଛି। ଏହି ଅପୃଥକ କୃତିଟି ସନାତନ ଧର୍ମ, ହିନ୍ଦୁ ପୁରାଣ ଓ ପୌରାଣିକ କସ୍ମୋଲୋଜିକୁ ବିଜ୍ଞାନସମ୍ମତ ଆଧାରରେ ବିଶ୍ଳେଷଣ କରିଛି। ଏଥିରେ ସନାତନ ଧାର୍ମିକ ଦୃଷ୍ଟିଭଙ୍ଗୀ ସହ ମେଟାଫିଜିକ୍ସ ଉଲ୍ଲେଖ୍ୟ ଚର୍ଚ୍ଚା ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏହି ବିଶେଷ ସାହିତ୍ୟିକ ସଫଳତା ପାଇଁ ସାହିତ୍ୟିକ ଡା. ଦୁଷ୍ମନ୍ତ କୁମାର ମହାନ୍ତି, ପ୍ରଫେସର କୃଷ୍ଣପ୍ରିୟା ସାହାଣୀ, ଡା. ରାଜେଶ ପାଢ଼ି (ନିର୍ଦ୍ଦେଶକ, ସେଞ୍ଚୁରିଆନ ୟୁନିଭର୍ସିଟି), ସତ୍ୟନାରାୟଣ ଗନ୍ତାୟତ, ଦ୍ୱିତୀଚନ୍ଦ୍ର ସାହୁ ଓ ଅନେକ ସାହିତ୍ୟିକ ବ୍ୟକ୍ତିବିଶେଷ ସୁରେଶ ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସ୍ଥାନୀୟ ସହିତ ବିଶ୍ୱସ୍ତରର ପାଠକମାନଙ୍କର ପ୍ରଶଂସା, ଏହି ପୁସ୍ତକକୁ ଆହୁରି ବିଶେଷ କରିଦେଇଛି।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଉତ୍ସବ



ମୁନିଗୁଡ଼ା, ୨୮।୯ (ସମିସ): ବିଜୟା ଦଶମୀ ଉପଲକ୍ଷେ ଅମ୍ବାଦଳା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଶତବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ହାଇସ୍କୁଲ ପଡ଼ିଆରେ ବିଜୟା ଦଶମୀ ଉତ୍ସବ ପାଳନ କରିଛି ଅମ୍ବାଦଳା ମଣ୍ଡଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଗୁପ୍ତେଶ୍ୱର ସୁନା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଶିକ୍ଷକ ମୁନେସ ଭାଇ, ଖଣ୍ଡ କାର୍ଯ୍ୟବାହ ବିନୟ ଗୁରୁଜୀ, ମଣ୍ଡଳ କାର୍ଯ୍ୟବାହ ସରୋଜ ପଟ୍ଟନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ପଶ୍ଚିମ ପ୍ରାନ୍ତ ପର୍ଯ୍ୟବରଣ ସଂଯୋଜକ କାମତା ଭାଇ ଯୋଗଦେଇ ଆରଏସଏସ ଆଜି ବିଶ୍ୱର ସର୍ବବୃହତ ସାମାଜିକ ସଂଗଠନରେ ପରିଣତ ହୋଇଥିବା କହିଥିଲେ। କାର୍ଯ୍ୟକ୍ରମରେ ଶାଖା କାର୍ଯ୍ୟବାହ ରାଜା ଆଚାରୀ, ବିଦ୍ୟା ଭାଇ, ଜଗ ପୃଷ୍ଟି, ନରେଶ ଶର୍ମା, ପଟ୍ଟୀ ଭାଇ, ସନ୍ତୁ କଜରଲା, ବଟିଆ ପୃଷ୍ଟି, ସନ୍ତୋଷ ନାହାକ, ସୁବାସ ସେନାପତି, କିରଣ ଭାଇ, ଯଦୁମଣି ଗୌଡ଼ଙ୍କ ସମେତ ୧୦୧ ସ୍ୱୟଂସେବକ ଗଣବେଶରେ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥଲେ।

**କାମ ଦେଲାନି ଆୟୁଷ୍ମାନ କାର୍ଡ**

# ସୁନା ଅଳଙ୍କାର ବିକି ଘରକୁ ଫେରିଲେ ରୋଗୀ

ରାୟଗଡ଼ା, ୨୮।୯ (ସମିସ)

ଡବଲ ଇଞ୍ଜିନ ସରକାରଙ୍କ ଆୟୁଷ୍ମାନ କାର୍ଡ କାମରେ ଆସୁନି। ଫଳରେ କାର୍ଡକୁ ଭରସା କରି ଚିକିତ୍ସା ପାଇଁ ଦୂରଦୂରାନ୍ତ ମେଡିକାଲକୁ ଯାଇ ହନ୍ତସନ୍ତ ହୋଇ ଫେରୁଛନ୍ତି ରୋଗୀ। ଆଉ ଭୟରେ ବଡ଼ ମେଡିକଲରେ ଉଚ୍ଚ ଚିକିତ୍ସା ସେବା ପାଇବା ଭୁଲି ନିକଟସ୍ଥ ମେଡିକଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି ରୋଗୀ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଡାଙ୍ଗଲୋଡି ଗ୍ରାମପଞ୍ଚାୟତ ସଦର ଡାଙ୍ଗଲୋଡି ଗାଁର ବୃନ୍ଦାବନ ରାଉଳା(୪୭)ଙ୍କ ନିକଟରେ। ଗତ ୫ମାସ ହେଲା କିଡନୀ ରୋଗରେ ପୀଡିତ ଅଛନ୍ତି ବୃନ୍ଦାବନ। ଉଚ୍ଚ ଚିକିତ୍ସା ନିମନ୍ତେ ସେ ଆନ୍ଧ୍ର ବିଶାଖାପାଟଣମର ଏକ ଘରୋଇ ମେଡିକଲକୁ ଗତ ଏକ ମାସ ତଳେ ଯାଇଥିଲେ। ଆୟୁଷ୍ମାନ କାର୍ଡରେ ଥିବା ଅର୍ଥ ସାହାର୍ଯ୍ୟରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଫେରିବେ ବୋଲି ବଡ଼ ଆଶା ରଖିଥିଲେ। କିନ୍ତୁ ପରିତାପର ବିଷୟ, ଉକ୍ତ ମେଡିକଲରେ ଆୟୁଷ୍ମାନ କାର୍ଡ କାମ କରିବନି ବୋଲି ମେଡିକାଲ କର୍ତ୍ତୃପକ୍ଷ ଜଣାଇବା ସହ ଚିକିତ୍ସା ବିଲ ବାବଦକୁ ବକେୟା ୩ ଲକ୍ଷ ଟଙ୍କା ପୈଠ କରିବାକୁ ପଡ଼ିବ ବୋଲି ରୋକଠୋକ୍ ଜଣାଇଥିଲେ।



ଏହା ଶୁଣି କିଡନୀ ରୋଗୀ ବୃନ୍ଦାବନ ଓ ତାଙ୍କ ପରିବାରଙ୍କ ଗୋଡ ତଳୁ ମାଟି ଖସି ଯାଇଥିଲା। ବକେୟା ବିଲ୍ ନ ପୈଠ କରିବା ଯାଏଁ ମେଡିକଲ କର୍ତ୍ତୃପକ୍ଷ ବୃନ୍ଦାବନଙ୍କୁ ଛାଡି ନ ଥିଲେ ବୋଲି ବୃନ୍ଦାବନ ପ୍ରକାଶ କରିଛନ୍ତି। ପରେ ତାଙ୍କ ସ୍ତ୍ରୀ ଘରକୁ ଫେରି ଘରେ ଥିବା କିଛି ସୁନା ଅଳଙ୍କାର, ଜମି ବିକ୍ରି କରି ବକେୟା ଅର୍ଥ ପୈଠ କରିବା ପରେ ବୃନ୍ଦାବନକୁ ମେଡିକଲ କର୍ତ୍ତୃପକ୍ଷ ଛାଡିଥିଲେ। ଆୟୁଷ୍ମାନ କାର୍ଡ ଜୀବନ ରକ୍ଷକ କାର୍ଡ ବୋଲି ଡିଣ୍ଡିମ ପିଟୁଥିବା ଡବଲଇଞ୍ଜିନ ସରକାରଙ୍କ ଏହି ସରକାରୀ ସ୍ୱାସ୍ଥ୍ୟ କାର୍ଡକୁ ଘରୋଇ ମେଡିକଲମାନେ ଗ୍ରହଣ କରୁ ନ ଥିବା ବେଳେ




କାର୍ଡ ଉପରେ ଭରସା କରି ଚିକିତ୍ସା ପାଇଁ ଯାଉଥିବା ରୋଗୀମାନେ ମେଡିକାଲରେ ଲକ୍ଷାଧିକ ଟଙ୍କାର ବିଲ୍ ଦେଖି ଛାନିଆ ହେବା ସହ ନିଜ ଘର, ଜମି, ସୁନା ଅଳଙ୍କାର ବିକ୍ରି କରି ଟଙ୍କା ପଇଠ କରି ନିରୂପାୟ ହୋଇ ଫେରୁଛନ୍ତି। ୬ମାସ ଧରି କିଡନୀ ରୋଗରେ ପୀଡ଼ିତ ବୃନ୍ଦାବନ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ରାୟଗଡ଼ ସଦର ବ୍ଲକ କେରଡା ପଞ୍ଚାୟତର ସମିତି ସଭ୍ୟଙ୍କ ପୁଅ ମଧ ଆନ୍ଧ୍ରର ଏକ ମେଡିକଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବେଳେ ସେଠାରେ ମଧ ଆୟୁଷ୍ମାନ କାର୍ଡ କାମରେ ଆସି ନ ଥିଲା। ଯାହାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଏକ ଲକ୍ଷ ଟଙ୍କା ବିଲ ବାବଦକୁ ପୈଠ କଲା ପରେ ମର ଶରୀର ଛାଡିବେ ବୋଲି କହିଥିଲେ। ସେହିପରି ବିଶାଖାପାଟଣମରେ ଆୟୁଷ୍ମାନ କାର୍ଡ କାମ ଦେଇ ନ ଥିବାରୁ ସମସ୍ତ ଟଙ୍କା ବାନ୍ଧିବା ପରେ ଏବେ ବୃନ୍ଦାବନଙ୍କ ଗରିବ ପରିବାର ବହୁ କଷ୍ଟରେ ଜୀବନ ଅତିବାହିତ କରୁଥିବା ନେଇ ଡାଙ୍ଗଲୋଡି ଗାଁର ଆଶାଦିଦି କୁମତି ମାଣ୍ଡାଙ୍ଗି ପ୍ରକାଶ କରିଛନ୍ତି। ଏହି ରଙ୍ଗମରା ସରକାର ଯଦି ଆୟୁଷ୍ମାନ କାର୍ଡରେ ଗରିବ ଅସହାୟ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ପାରୁ ନାହାନ୍ତି, ତେବେ କାହିଁକି ଏଭଳି ଏକ କାର୍ଡ ପ୍ରଣୟନ କରି ଲୋକଙ୍କୁ ଉଚ୍ଚ ଚିକିତ୍ସା ନାଁରେ ଅନ୍ଧାରକୁ ଠେଲି ଦେଉଛନ୍ତି ବୋଲି ରାୟଗଡ଼ା କଂଗ୍ରେସ ବିଧାୟକ କାଡ୍ରକା ଆପାଲାସ୍ୱାମୀ ପ୍ରଶ୍ନ କରିଛନ୍ତି। ବୃନ୍ଦାବନ ଜଣେ ରାଜମିସ୍ତ୍ରୀ ହୋଇଥିବା ବେଳେ କିଡନୀ ରୋଗରେ ପୀଡିତ ହେବା ଦିନ ଠାରୁ ସେ ଆଉ କାମକୁ ଯାଇ ପାରୁ ନ ଥିବା ବେଳେ ସ୍ତ୍ରୀ ତାଙ୍କର ଦିନ ମଜୁରିଆ ଭାବେ ଖଟି ପରିବାର ଭରଣ ପୋଷଣ କରୁଛନ୍ତି। ସରକାର କିମ୍ବା ପ୍ରଶାସନ ତାଙ୍କ ପ୍ରତି ଦୃଷ୍ଟି ଦେଇ ଆର୍ଥିକ ସହାୟତା ନଚେତ୍ ଉଚ୍ଚ ଚିକିତ୍ସା ନିମନ୍ତେ ସାହାର୍ଯ୍ୟ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସୁନାବେଶରେ ଦର୍ଶନ ଦେଉଛନ୍ତି ମା' ମଝିଘରିଆଣୀ

ରାୟଗଡ଼ା, ୨୮।୯ (ସମିସ): ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ନବରାତ୍ରି ପୂଜା ଧୁମଧାମରେ ଚାଲିଛି। ପ୍ରତି ବର୍ଷ ଚୈତ୍ର ଓ ଆଶ୍ୱିନ ମାସରେ ନବରାତ୍ରି ପୂଜା ମା 'ମଝିଘରିଆଣୀଙ୍କ ମୁଖ୍ୟ ପର୍ବ। ନବରାତ୍ରି ଓ ଚୈତ୍ର ପର୍ବ ବେଳେ ମାଆ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ବର୍ଷରେ ଦୁଇ ଥର ମାଆଙ୍କ ସୁନାବେଶ ଭଳି



ବିରଳ ବେଶ ଦର୍ଶନ ପାଇଁ ଓଡ଼ିଶା ତଥା ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ ଆଦି ରାଜ୍ୟରୁ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ଦଶହରା ନବରାତ୍ର ପୂଜା ମା'ଙ୍କ ଏକ ପ୍ରମୁଖ ପର୍ବ ଭାବେ ବେଶ ପରିଚିତ। ବାର୍ଷିକ ଚୈତ୍ର ପର୍ବରେ ମନ୍ଦିର ପୂଜକ ନିଆଁ ଉପରେ ଚାଲିବା ସହ କଣ୍ଟା ଦୋଳିରେ ଝୁଲନ୍ତି। ସେହିପରି ଦଶହରା ନବରାତ୍ର ପୂଜା ଆରମ୍ଭ ପୂର୍ବରୁ ମା'ଙ୍କ ଖଣ୍ଡା ପୂଜା ହୁଏ। ବର୍ଷତମାମ ଅଦୃଶ୍ୟ ଭାବେ ରଖାଯାଇଥିବା ୫ଟି ଖଣ୍ଡା ମଧ୍ୟରୁ ଗୋଟିଏ ଖଣ୍ଡାକୁ ତହସିଲ ଅଫିସ୍ ପରିସରରେ ପୂଜା କରାଯାଇଥାଏ। ଚଳନ୍ତି ପ୍ରତିମା ଭାବେ ମା'ଙ୍କ ଖଣ୍ଡା ପୂଜାପାଉଥିବାରୁ ଦୈବ ଦୁର୍ବିପାକ, ମହାମାରୀର ପ୍ରାଦୁର୍ଭାବ ପଡୁନଥିବା ବିଶ୍ୱାସ ରହିଛି। ମହାଷ୍ଟମୀରେ ମା' ଚାମୁଣ୍ଡା ରୂପେ ପୂଜା ପାଇଥାନ୍ତି। ମା'ଙ୍କ ପୀଠରେ ବଳିପ୍ରଥା ପ୍ରଚଳିତ। ଚୈତ୍ର ଶୁକ୍ଳ ପକ୍ଷ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜା ଉପାସନା ହୁଏ। ସେହିପରି ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ଦଶମୀ ଯାଏଁ ସୁନାବେଶରେ ମା ଦର୍ଶନ ଦିଅନ୍ତି। ମଝିଘରିଆଣୀଙ୍କ ସବୁଠାରୁ ଆକର୍ଷଣ ହେଲା ସୁନାବେଶ। ସୁନା ଅଳଙ୍କାରରେ ଝଲସୁଛନ୍ତି ମାଆ। ସୁନାର ମସ୍ତକ ମୁକୁଟ, ମଥାମଣି, ମଥାପଟି, ଭ୍ରୂଲତା, ଚକ୍ଷୁ, ତୃତୀୟ ନୟନ, କର୍ଣ୍ଣ, ନାସା, ନୋଥ, କର୍ଣ୍ଣ କୁଣ୍ଡଳ, ମୁଖ ହାର ପରିଧାନ କରିଥାନ୍ତି।। ମାଆଙ୍କ ଅପୂର୍ବ ବେଶରେ ଶ୍ରଦ୍ଧାଳୁ ଅଭିଭୂତ ହୋଇ ପଡ଼ନ୍ତି। ସେହିପରି ମାଆଙ୍କର ବର୍ଷର ଦୁଇଟି ବିଶେଷ ଉତ୍ସବ ହେଉଥିବାରୁ ମାଆ ଶ୍ରଦ୍ଧାଳୁଙ୍କ ପାଇଁ ଏଭଳି ଅପରୂପ ବେଶ ଧାରଣ କରିଥାନ୍ତି ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ। ମାଆଙ୍କୁ ସୁନାବେଶରେ ଦର୍ଶନ କରିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାରୁ ମନ୍ଦିର ପରିଚାଳନା କମିଟି ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ଏଲିଟ୍ କ୍ଲବ୍‌ରେ ଚଢ଼ଉ:୧୬ ଜୁଆଡ଼ି ଗିରଫ

**● ବାଇକ୍, ଟଙ୍କା ଓ ମୋବାଇଲ ଫୋନ ଜବତ**



କୋରାପୁଟ, ୨୮।୯ (ସମିସ): ଶନିବାର ବିଳମ୍ବିତ ରାତିରେ କୋରାପୁଟ ଟାଉନ୍ ଥାନା ପୁଲିସ ସ୍ଥାନୀୟ ଏଲିଟ କ୍ଲବରେ ଚଢ଼ଉ କରି ୧୬ ଜଣ ଜୁଆଡିଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। କୋରାପୁଟ ଏସ୍‌ପିଙ୍କ ସରକାରୀ ବାସଭବନ ନିକଟରେ ଥିବା ଏଲିଟ କ୍ଲବରେ ଏକ ବଡ଼ ଧରଣର ଜୁଆ ଖେଳ ଚାଲୁଥିବା ସୂଚନା ବିଶ୍ୱସ୍ତ ସୂତ୍ରରୁ ପାଇ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ବିଳମ୍ବିତ ରାତିରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ପୁଲିସ ଟିମ୍ ୧୬ ଜଣ ଜୁଆଡିଙ୍କୁ କାବୁ କରି ନେଇଥିବାବେଳେ ୧୬ଟି ବାଇକ୍ ସହ ୧୬ ଟି ମୋବାଇଲ ଫୋନ, ୩୦ ପ୍ୟାକେଟ ତାସ, ନଗଦ ୬୬୯୮୨ ଟଙ୍କା ଜବତ କରିଥିଲେ। କୋରାପୁଟ ଟାଉନ ଥାନାରେ ଏ ନେଇ ଏକ ମାମଲା (କେଶ ନଂ ୨୩୬/୨୫) ରୁଜୁ ହୋଇଥିବାବେଳେ ସମସ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ା ଯାଇଥିବା ଜଣା ପଡ଼ିଛି। ସବ୍ ଇନ୍ସପେକ୍ଟର ଉମେଶ କୁମାର ଧାରୁଆ ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

## ସିଆଇଏସ୍‌ଏଫ ପକ୍ଷରୁ ରକ୍ତଦାନ ଶିବିର

ସେମିଳିଗୁଡ଼ା/ଦାମନଯୋଡ଼ି, ୨୮।୯ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ସ୍ଥିତ ନାଲକୋ ସିଆଇଏସଏଫ ତରଫରୁ ରବିବାର ଏକ ରକ୍ତଦାନ ଶିବିର ଦରବାର ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବରିଷ୍ଠ କମାଣ୍ଡାଣ୍ଟ ସତ୍ୟଦେବ ଆର୍ୟ୍ୟା ଓ ତାଙ୍କ ସହଧର୍ମିଣୀ ପୁନମ୍ ଆର୍ୟ୍ୟା ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦ୍‌ଘାଟନ କରିଥିଲେ। ପୂନମ ଆର୍ୟ୍ୟା ନିଜେ ପ୍ରଥମେ ରକ୍ତଦାନ କରି ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଆର୍ଯ୍ୟା ରକ୍ତଦାନ ଦ୍ୱାରା ଆମର ଫାଇଦା ହେଇଥାଏ ଓ କୋରାପୁଟ ମେଡ଼ିକାଲ କଲେଜରେ ରକ୍ତର ଅଭାବ ବିଷୟରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମାଣ୍ଡାଣ୍ଟ ନରେନ୍ଦ୍ର ସିଂ, ଅମୁଧନ୍ ଏମ (ଅସିଷ୍ଟାଣ୍ଟ କମାଣ୍ଡାଣ୍ଟ), ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦୀପକ ସରୱାଗ, ଇନ୍ସପେକ୍ଟର ଆରକେ ମହାରଣା, ଆର୍‌କେ ପ୍ରଧାନ, ଏସ କେ ସେନ, ଏମ୍ ରେହମାନ୍, ଏସ ନାଗେସ, ରାନୀ ଜାକବ ଓ ଏଫ୍ ବିଡିଓ ର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ତ୍ରିପାଠୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସହିଦ ଲକ୍ଷ୍ମଣ ନାୟକ ବ୍ଲଡ ସେଣ୍ଟର୍ ଅଫିସର ଡଃ ଏମ୍ ଏସ. ବଳିଆରସିଂହ ଓ ଓଡ଼ିଶା ରକ୍ତଦାତା ମହାସଂଘର ପ୍ରଦୀପ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ରକ୍ତ ଭଣ୍ଡାରର ରକ୍ତ ସଂଗ୍ରହକାରୀ ରଞ୍ଜିତ ସାହୁ, ରବୀନ୍ଦ୍ର ମିଶ୍ର, ଅଜିତ ଗୌଡ଼ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ବହୁସଂଖ୍ୟାରେ ଯବାନ ସ୍ୱେଚ୍ଛାକୃତ ଭାବେ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ। ଉକ୍ତ ଶିବିରକୁ ଆର୍ କେ ମହାରଣା ଇନ୍ସପେକ୍ଟର, ମଞ୍ଜିତ୍ ସିଂ ଓ ପ୍ରଦୀପ ତ୍ରିପାଠୀ ପରିଚାଳନା କରିଥିଲେ। ଶିବିରରୁ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ



ସ୍ଥିତ ଓଡ଼ିଶା ରକ୍ତ ଭଣ୍ଡାର ଦ୍ୱାରା ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡେଙ୍ଗୁ ରୋଗୀମାନଙ୍କ ପାଇଁ ପ୍ଲେଟଲେଟର ଆବଶ୍ୟକତା ସମୟରେ ସିଆଇଏସଏଫର ଏହି କାର୍ଯ୍ୟକୁ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡଃ ନରେଶ ଚନ୍ଦ୍ର ସାହୁ ପ୍ରଶଂସା କରିଥିଲେ। ଓଡ଼ିଶା ରକ୍ତଦାତା ମହାସଂଘ ତରଫରୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଇଥିଲା।

## ସାବୁନ ତିଆରି କରି ସ୍ୱାବଲମ୍ବୀ ଆଶା ଏସ୍‌ଏଚ୍‌ଜି

ପୋଡ଼ାଗଡ଼, ୨୮।୯ (ସମିସ): ଏସ୍‌ଏଚ୍‌ଜି ଗ୍ରୁପ ହେଲା ପରେ ଗାଁ ଗହଳିର ମହିଳା ମାନେ ସ୍ୱାବଲମ୍ବୀ ହୋଇଥିବା ଅନେକ ଉଦାହରଣ ରହିଛି। ଅନେକ ଗାଁ ଗହଳିରେ ମହିଳା ମାନେ ସ୍ୱଳ୍ପ ସୁଧରେ ବ୍ୟାଙ୍କରୁ ଋଣ ଆଣି ବିଭିନ୍ନ ପ୍ରକାର ବ୍ୟବସାୟ ସ୍ୱାବଲମ୍ବୀ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଏକ ଏସ୍‌ଏଚ୍‌ଜି ଗ୍ରୁପ ଚାରି ପ୍ରକାର ସାବୁନ ତିଆରି କରି ସ୍ୱାବଲମ୍ବୀ ହୋଇଛନ୍ତି। ପୋଡ଼ାଗଡ଼ ପଞ୍ଚାୟତ ସଦର ମହକୁମା ସ୍ଥିତ ଖ୍ରୀଷ୍ଟିଆନ ସାହିର ଆଶା ଏସ୍‌ଏଚଜି ଗ୍ରୁପ, ଯାହାକି ୧୦ ଜଣ ମହିଳାଙ୍କୁ ନେଇ ଗତ ୨୦୦୫ ମସିହାରେ



ଗଠିତ ହେଇଥିଲା। ଆଶା ଏସ୍‌ଏଚଜି ପ୍ରଥମେ ପୋଡ଼ାଗଡ଼ ଗ୍ରାମପଞ୍ଚାୟତ ତରଫରୁ ୫୦୦୦୦ ଟଙ୍କା ଲୋନ୍ ଆକାରରେ ଆଣି ସାବୁନ ତିଆରି କରିବା ଆରମ୍ଭ କରିଥିଲେ। ଉକ୍ତ ୫୦୦୦୦ ହଜାର ପରିଶୋଧ କରିବା ପରେ ପୁଣି ଆଣିଲେ ୧୦୦୦୦୦ ଆଣିଥିଲେ। ଏହା ପରେ ଏବେ ୩୦୦୦୦୦ ଟଙ୍କା ଆଣି ଚାରି ପ୍ରକାର ସାବୁନ ଯଥା ଆଲବେରା, ଚନ୍ଦ, ନିମ୍, ହଳଦୀ ସାବୁନ ପ୍ରସ୍ତୁତ କରୁଛନ୍ତି। ଏହାସହ ମହମବତୀ ମଧ ପ୍ରସ୍ତୁତ କରାଯାଉଥିବା ଗ୍ରୁପର ସଭାପତି ମାଳବିକା କୁଲଦୀପ ଓ ସମ୍ପାଦକ ସଞ୍ଜିତା କୁଲଦୀପ କହିଛନ୍ତି। ସରକାରଙ୍କ ସହାୟତା ଯଦି ମିଳେ ବା ବିକ୍ରି ନିମନ୍ତେ ବଜାର ବ୍ୟବସ୍ଥା କଲେ ଅଧିକ ବ୍ୟବସାୟୀ ହୋଇ ପାରନ୍ତା ବୋଲି ସେମାନେ କହିଛନ୍ତି। ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ନିଜ ଗ୍ରାମରେ ବା ସାହିରେ ହିଁ ସେମାନେ ସାବୁନ ବିକ୍ର କରୁଥିବା ଦେଖିବାକୁ ମିଳିଛି। ସରକାର ମାର୍କେଟ ବ୍ୟବସ୍ଥା କରିବାକୁ ଦାବି ହେଉଛି।

**ଦଶହରା ପାଇଁ ଚଳଚଞ୍ଚଳ କୋରାପୁଟ ସହର**

# ଆକର୍ଷଣୀୟ ତୋରଣରେ ସଜେଇ ହେଉଛି ପୂଜା ମଣ୍ଡପ

କୋରାପୁଟ, ୨୮।୯ (ସମିସ)

ଶାରଦୀୟ ଦୁର୍ଗାପୂଜା ବା ପବିତ୍ର ଦଶହରା ପାଇଁ ଚଳଚଞ୍ଚଳ ହୋଇଉଠିଛି କୋରାପୁଟ ସହର। ଆନନ୍ଦ ଉଲ୍ଲାସରେ ଭକ୍ତିମୟ ପରିସରରେ ବିଭିନ୍ନ ପୂଜା ମଣ୍ଡପରେ ପୂଜା ଆରମ୍ଭ ହୋଇଛି। ଆଜି ଷଷ୍ଠୀ ପୂଜା ଅବସରରେ ମଣ୍ଡପରେ ମାନଙ୍କରେ ଦୁର୍ଲଭ ସିଂହବାହିନୀ ଓ ମହିସାମର୍ଦ୍ଦିନୀ ପୂଜା ହୋଇଛି। ରଙ୍ଗୀନ ଆଲୋକ, ସୁଉଚ୍ଚ ତୋରଣ ଓ ପାର୍ଶ୍ୱ ଦେବାଦେବୀଙ୍କୁ ନେଇ ପୂଜାମଣ୍ଡପ ଗୁଡିକ ଚହଟୁଛି। ସହରର ଜେଲ୍, ପୁଲିସ, ଘରୋଇ ବସ ମାଲିକ ସଂଘ, ଓଏସ୍‌ପି ତୋରଣରେ ସଜ୍ଜିତ ହୋଇଛି ପୂଜା ମଣ୍ଡପ। ଦର୍ଶକ ମାନଙ୍କ ପାଇଁ ସନ୍ଧ୍ୟାରେ ମେଲୋଡି, ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି। ସପ୍ତମୀ, ମହାଷ୍ଟମୀ, ମହା ନବମୀ ସମେତ ଦଶହରା ଦିନ ମଧ ସହରରେ ପ୍ରବଳ ଜନଗହଳିକୁ



ଆଖି ଆଗରେ ରଖି ପୁଲିସ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସହରରେ ଶାରଦୀୟ ଦୁର୍ଗା ପୂଜା ପାଇଁ ଅମାବାସ୍ୟା ଠାରୁ କଳସ ସ୍ଥାପନ କରାଯାଇସାରିଛି। ଶାବର ଶ୍ରୀକ୍ଷେତ୍ରରେ ମା' ବିମଳାଙ୍କ ପୀଠରେ ଅର୍ଦ୍ଧରାତ୍ର ଯାଏଁ ନଅଟି ବେଶରେ ଦଶହରା ପର୍ଯ୍ୟନ୍ତ ପୂଜା ଓ ହୋମ କରାଯାଉଛି। ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁସୁମାଣ୍ଡା, ସ୍କନ୍ଦମାତା, କାଳରାତ୍ରି, ମହାଗୌରୀ, ସିଦ୍ଧିଦାତ୍ରୀ ଏବଂ ପତରସୌରୁଣୀ ବା ପର୍ଣ୍ଣସବରୀ ବେଶରେ ଦର୍ଶନ ଦେଉଛନ୍ତି ମା'। ଅନ୍ୟପଟେ କୋରାପୁଟ ଅଧିଷ୍ଠାତ୍ରୀ ଗ୍ରାମଦେବୀ ମା'ମୁତ୍ୟାଲୁମା, ବାଟ ମଙ୍ଗଳା ଓ କନକଦୁର୍ଗା ଭଳି ଶକ୍ତିପୀଠ ଗୁଡିକରେ ରୀତିନୀତି ଅନୁସାରେ ପୂଜା ଆରମ୍ଭ ହୋଇଯାଇଛି। ସହରରେ ପୁଲିସ ବିଭାଗ, ଜେଲ ବିଭାଗ, ଘରୋଇ ବସ ମାଲିକ ସଂଘ ତରଫରୁ ଶାରଦୀୟ ଦୁର୍ଗା ଉତ୍ସବ ମୃଣ୍ମୟୀ ମୂର୍ତ୍ତୀ ପୂଜା ଆରମ୍ଭ ହୋଇଯାଇଛି। ଦଶହରା ଦିନ ପୂର୍ଣ୍ଣାହୁତି ହୋଇ ବିସର୍ଜନ ହେବ ବୋଲି ଜଣାପଡ଼ିଛି। କୋରାପୁଟ ପୁଲିସ ପଡ଼ିଆ ଓ ମଣ୍ଡଳ କାରାଗାର ଠାରେ ଅନୁଷ୍ଠିତ ହେଉଥିବା ଦଶହରା ଉତ୍ସବ ପ୍ରତିବର୍ଷ ମାଙ୍କ ଦର୍ଶନ ସହ ଭକ୍ତଙ୍କ ମଧ୍ୟରେ ବିଭିନ୍ନ ସାମାଜିକ ସଚେତନତାର ବାର୍ତ୍ତା ପ୍ରସାର କରି ଆସିଛି। ଅନେକ ସମୟରେ ଏହି ବାର୍ତ୍ତା ମାଧ୍ୟମରେ ପୁଲିସ ସହ ସାଧାରଣ ଲୋକଙ୍କ ସମ୍ପର୍କ ସୁଦୃଢ଼ କରିବା ପାଇଁ ପ୍ରୟାସ କରାଯାଉଥିବା ବେଳେ ପୁଲିସ ପଡ଼ିଆରେ ସ୍ଥାପିତ ପୂଜା ପେଣ୍ଡାଲରେ ଚଳିତ ବର୍ଷ ଦିବ୍ୟ ଜନନୀଙ୍କ ମୃଣ୍ମୟୀ ମୂର୍ତି ସହ ଟ୍ରାଫିକ୍ ସୁରକ୍ଷାର ବାର୍ତ୍ତା ଦିଆଯାଉଛି।

## ସୁନାବେଡ଼ାରେ ବିଶ୍ୱ ବଧିର ଦିବସ

ସୁନାବେଡ଼ା, ୨୮।୯ (ସମିସ): ସୁନାବେଡା ସ୍ଥିତ କୋରାପୁଟ ଜିଲ୍ଲା ବଧିର ସଂଘ ପକ୍ଷରୁ ୬୮ ତମ ବିଶ୍ୱ ବଧିର ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଶେଖ ଇବ୍ରାହିମଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୁନାବେଡା ପୌରାଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ସେମିଳିଗୁଡା ପ୍ରେସ କ୍ଲବର ସଭାପତି ଡଃ ଅଜୟ କୁମାର ସାହୁ ଏବଂ ସୁନାବେଡା ୧ ନଂ ୱାର୍ଡ଼ର କାଉନସିଲର ତଥା ସମାଜସେବୀ ସ୍ୱର୍ଣ୍ଣ ପ୍ରଭା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କୁ ଅନ୍ତର୍ଜାତୀୟ ବଧିର ଦିବସର ଶୁଭେଚ୍ଛା ଜଣାଇବା ସହ ଉକ୍ତ



ଦିବସ ପାଳନର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସଭାପତି ଶ୍ରୀ ଇବ୍ରାହିମ କୋରାପୁଟ ଜିଲ୍ଲାରେ ଥିବା ବେକାର ଯୁବକ ଯୁବତୀଙ୍କୁ ରୋଜଗାରକ୍ଷମ କରିବା, ସଂଘ କାର୍ଯ୍ୟାଳୟ ପରିସରର ବିକାଶ ଏବଂ ସୁନାବେଡା ସ୍ଥିତ ଶ୍ରବଣ ବାଧିତ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା କରିବା ପାଇଁ ଦାବି ଉପସ୍ଥାପିତ କରିଥିଲେ। ନିଜର ବକ୍ତବ୍ୟରେ ମୁଖ୍ୟ ଅତିଥି ଡଃ ପାତ୍ର, ସୁନାବେଡା ମ୍ୟୁନିସ୍‌ପାଲିଟି ତରଫରୁ ସଂଘ କାର୍ଯ୍ୟାଳୟ ଓ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ସହ ଅନ୍ୟାନ୍ୟ ଦାବି ସମ୍ପର୍କରେ ମଧ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଡ. ଅଜୟ ସାହୁ ଏବଂ ଶ୍ରୀମତୀ ପଟ୍ଟନାୟକ ବଧିର ସଂଘର ସଦସ୍ୟ ମାନଙ୍କ ସାମଗ୍ରିକ ବିକାଶ ପାଇଁ ସହଯୋଗ ପ୍ରଦାନ କରିବା ନେଇ ଆଶ୍ୱସନା ଦେଇଥିଲେ। କାର୍ଯ୍ୟକ୍ରମରେ ସୁନାବେଡା ଶ୍ରବଣ ବାଧିତ ବିଦ୍ୟାଳୟର କର୍ମଚାରୀ ଚିନ୍ତାମଣି ପ୍ରଧାନ ବିଶେଷ ଅତିଥି ତଥା ଇଣ୍ଟରପ୍ରିଟର ଭାବେ ଯୋଗ ଦେଇ ଅତିଥି ମାନଙ୍କ ବକ୍ତବ୍ୟକୁ ସାଙ୍କେତିକ ଭାଷାରେ ଅନୁବାଦ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଧିର ସଂଘର ସାଧାରଣ ସମ୍ପାଦକ ସ୍ୱର୍ଗତ ଚିନ୍ତାମଣି ପୃଷ୍ଟିଙ୍କ ଅକାଳ ବିୟୋଗରେ ଏକ ଶୋକସଭାର ଆୟୋଜନ କରାଯାଇ ସ୍ୱର୍ଗତ ପୃଷ୍ଟିଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋଚନା କରି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଥିଲା। ଶେଷରେ ସଂଘର ଯୁଗ୍ମ ସମ୍ପାଦକ ବ୍ରହ୍ମା ଚରଣ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଶତାଧିକ ସଦସ୍ୟ ଓ ସଦସ୍ୟା ଯୋଗ ଦେଇଥିଲେ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ



**କୁଜଙ୍ଗ, ୨୮।୯(ସମିସ):** ଜିଲ୍ଲାନାସୀ ପଞ୍ଚାୟତର ସାହାରାଡିଆ ଗ୍ରାମରେ ଗତକାଲି ଜଣେ ଯୁବକଙ୍କୁ ୩ ଜଣ ଅଭିଯୁକ୍ତ ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ କରିଥିବା କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ବିକ୍ରମ ପ୍ରଧାନଙ୍କ ଅଭିଯୋଗ ପରେ ୩୫୬/୨୫ରେ ମାମଲା ରୁଜୁ କରାଯାଇ ତିନି ଅଭିଯୁକ୍ତ ଜିଲ୍ଲାନାସୀ ଗ୍ରାମରେ ଜଣକ ଘର ପଛପଟେ ଲୁଚିଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା। ତେବେ ସେମାନେ ଫେରାର ହୋଇଯାଇଥିଲେ। ବିକ୍ରମ ପ୍ରଧାନ ତାଳଦଣ୍ଡା ବଜାରରୁ ନିଜ ଗ୍ରାମ ସାହାରାଡିଆକୁ ଫେରୁଥିବା ସମୟରେ ତାଳଦଣ୍ଡା ବଜାର ନିକଟରେ ସାହାରାଡିଆ ଗ୍ରାମର ଦେବାଶିଷ ଦାସ, ମୁନୁ ବେହେରା ଓ ବରିହାଡିଆ ଗ୍ରାମର ଆଲୋକ ଦାସଙ୍କ ସମେତ ଅନ୍ୟ ସାତଜଣ ଯୁବକ ଦୁର୍ବ୍ୟବହାର କରିଥିଲେ। ବିକ୍ରମ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିବା ସହିତ ବନ୍ଧୁକ ପଛପଟରେ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ଏଥିରେ ବିକ୍ରମ ଗୁରୁତର ଆହତ ହୋଇଥିଲେ।

## ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ପଟ୍ଟାମୁଣ୍ଡାଇ, ୨୮।୯(ସମିସ):** ଆଦର୍ଶ ଥାନା ଅନ୍ତର୍ଗତ ଦକ୍ଷିଣଦିଆ ଗ୍ରାମରେ ଏକ ସୁନା ଚେନ୍ ଲୁଟ ଘଟଣା ଘଟିଛି। ଦୁଇଜଣ ଦୁର୍ବୃତ୍ତ ଜଣେ ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ଆଦର୍ଶ ଥାନା ପୁଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦକ୍ଷିଣଦିଆ ଗ୍ରାମରେ ବିଜୟ ଭାସ୍କର ରାଉତଙ୍କ ବାସୁଦେବ ଭେରାଇଟି ଷ୍ଟୋର ରହିଛି। ଆଜି ବିଜୟ ନ ଥିବାରୁ ତାଙ୍କ ବୃଦ୍ଧା ମାଆ ଦୋକାନରେ ବସିଥିଲେ। ଦିନ ୧୧ଟା ସମୟରେ ବାଇକ୍‌ରେ ଆସି ଦୁଇଜଣ ଯୁବକ ଦୋକାନ ନିକଟରେ ପହଞ୍ଚି ପାନ ଦେବାକୁ ବିଜୟଙ୍କ ମାଆଙ୍କୁ କହିଥିଲେ। ସେ ପାନ ଭାଙ୍ଗୁଥିବା ସମୟରେ ଦୁଇ ଯୁବକ ହଠାତ ବୃଦ୍ଧା ପିନ୍ଧିଥିବା ୧୨ ଗ୍ରାମ ଓଜନର ସୁନା ଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ବୃଦ୍ଧାଙ୍କ ପୁଅ ବିଜୟ ଘରକୁ ଫେରି ସୁନା ଚେନ ଲୁଟ ବିଷୟ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୁଲିସ ଲୁଟ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅଳପୁଆରେ ମନ୍ କି ବାତ କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ, ୨୮।୯(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୫ନଂ ଜୋନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରାହ୍ମଣୀ ମଣ୍ଡଳ ଉପସଭାପତି କିଶୋର ରାଉତ, ବ୍ରାହ୍ମଣୀ ମଣ୍ଡଳ ପୂର୍ବତନ ସଭାପତି ଦିଲ୍ଲୀପ ବିଶ୍ୱାଳ, ଅଳପୁଆ ପଞ୍ଚାୟତ ସଭାପତି ବ୍ରଜବିହାରୀ ଧଳ, ବରିଷ୍ଠ ନେତା ବିଜେପି ନେତା ଅଧ୍ୟାପକ ଅଶୋକ ନାୟକ, ଡମ୍ବୁରୁଧର ବିଶ୍ୱାଳ, ଦେବାଶିଷ ଧଳ, ନିର୍ମଳ ମହାନ୍ତି, ନିରାକାର ବିଶ୍ୱାଳ, ବନବିହାରୀ ଦାଶ, ପରମାନନ୍ଦ ସାମଲ, ଭିକାରି ବାରିକ ପ୍ରମୁଖ ପଞ୍ଚାୟତ ଓ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍‌ର ୧୨୬ତମ ଅଧ୍ୟାୟ ଦେଖିଥିଲେ।

## ଦୋଶିଆ ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ



**ମାଳିପୁର, ୨୮।୯(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦୋଶିଆ ପଞ୍ଚାୟତରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୋଶିଆ ପଞ୍ଚାୟତ ସଭାପତି ରବୀନ୍ଦ୍ର ଗାହାଣଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଦୋଶିଆ ପଞ୍ଚାୟତ ଅଫିସ, ସ୍କୁଲ, ଦୋଶିଆ ବଜାର ସହିତ ମୁଖ୍ୟ ରାସ୍ତା ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଜିତ ରାଉତ, ଅକ୍ଷୟ ସେଠୀ, ପ୍ରଦୀପ ସାହୁ, ଅଶୋକ ସ୍ୱାଇଁ, ଗୋଲେକ ସ୍ୱାଇଁ, ଅକ୍ଷୟ ସାମଲ, ଅଜୟ ରାଉତ, ବଳରାମ ସ୍ୱାଇଁ, ଅର୍ଜୁନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଜ୍ଞାନପ୍ରଭା ମିଶନ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର



**ପଟ୍ଟାମୁଣ୍ଡାଇ, ୨୮।୯(ସମିସ):** ଜ୍ଞାନପ୍ରଭା ମିଶନ ଓ ଜଗତପୁର ସଦଗୁରୁ ହସ୍‌ପିଟାଲ ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ହାଇସ୍କୁଲରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍କଟ ରୋଗ ବିଶେଷଜ୍ଞ ଡା. ସୁଲଗ୍ନା ମହାନ୍ତି ଯୋଗଦେଇ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ଶତାଧିକ ରୋଗୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜ୍ଞାନପ୍ରଭା ମିଶନ ସମ୍ପାଦକ ଶାରଦାନନ୍ଦ ଗିରି, ସ୍ୱାମୀ ସତ୍ୟାମୟା ନନ୍ଦଗିରି ଓ ସମାଜସେବୀ ମନୋଜ ରାଉତ ପରିଚାଳନା କରିଥିଲେ।

### ରାଜପଥ ସମ୍ପ୍ରସାରଣ କାମରେ ବ୍ୟବହାର ହେଉଛି ପାଉଁଶ, ଜିପ୍‌ସମ୍

# ଦୂଷିତ ହେଉଛି ପରିବେଶ; କାର୍ଯ୍ୟାନୁଷ୍ଠାନ ଦାବି

**ମାର୍ଶାଘାଇ, ୨୮।୯(ସମିସ)**



ପାରାଦୀପ-ଚଣ୍ଡିଖୋଲ ରାଜପଥର ସମ୍ପ୍ରସାରଣ କାମ ଚାଲିଛି। ରାଜପଥ ସମ୍ପ୍ରସାରଣ କାମରେ ମାଟି ବଦଳରେ ଆସ, ଜିପ୍‌ସମ ବ୍ୟବହାର କରାଯାଉଛି। ତେବେ ଆସ, ଜିପ୍‌ସମ ବ୍ୟବହାର କରାଯିବା ବ୍ୟବସ୍ଥା ଥିବା ଠିକାସଂସ୍ଥା ପ୍ରକାଶ କରିଛି। ଠିକା ସଂସ୍ଥା ଆସ ଓ ଜିପ୍‌ସମ୍ ଗୁଣ୍ଡ ବ୍ୟବହାର ସହିତ ଆବଶ୍ୟକ ପରିମାଣ ମାଟି, ବାଲି ଓ ମୋହରମ ବ୍ୟବହାର କରୁନାହିଁ। ରାଜପଥ ସମ୍ପ୍ରସାରଣ କାମରେ ଆସଗୁଣ୍ଡରେ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷିତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

ରାଜପଥର ଗୋପ ଛକ-ମାର୍ଶାଘାଇ ଥାନା ପର୍ଯ୍ୟନ୍ତ ୨୨ କିମି ସମ୍ପ୍ରସାରଣ କାମ ରାଜବୀର କନଷ୍ଟ୍ରକସନ କମ୍ପାନୀ କରୁଛି। ରାଜପଥର ଛଘରିଆ, ମାର୍ଶାଘାଇ କ୍ରସିଂ, ଶିଳିପୁର ଛକ, ହିନ୍ଦୁଳିଆ-ଆଦର୍ଶ ବିଦ୍ୟାଳୟ, ହଳଦିଆଗଡ଼ା, ବଡ଼ପାଳଛକ ସମେତ ଅନେକ ସ୍ଥାନରେ 'ଅଣ୍ଡର ପାସ ରୋଡ଼' ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏସବୁ ସ୍ଥାନରେ ରାଜପଥକୁ ଉଭୟ ପାର୍ଶ୍ୱରେ ୱାଲ ନିର୍ମାଣରେ ମାଟି ବଦଳରେ ବ୍ୟାପକ ପରିମାଣ ଆସ ଓ ଜିପ୍‌ସମ ବ୍ୟବହାର କରାଯାଉଛି। ରାଜପଥରେ ଅହରହ ଭାରୀଯାନ ସମେତ ଅନ୍ୟ ଗାଡ଼ି ଚଳାଚଳ ସମୟରେ ଏହା ଉଡ଼ି ପରିବେଶକୁ ଦୂଷିତ କରିବା ସହ ଯାତାୟାତ ସମ୍ଭବପର ହେଉନି। ଏପରିକି ଆସ ପ୍ରଦୂଷଣରେ ଗଛପତ୍ର ରଙ୍ଗ ବଦଳିଯାଉଥିବା ଅଭିଯୋଗ ହେଉଛି। ତାଳଚେରରୁ ଆସୁଥିବା ହଜାର ହଜାର ଟନ ଆସଗୁଣ୍ଡ ପ୍ରକଳ୍ପ କାମରେ ବ୍ୟବହାର ଯୋଗୁଁ ପରିବେଶକୁ ପ୍ରଦୂଷିତ କରୁଥିବା ଅଭିଯୋଗ ହେଉଛି। ଆସ ବ୍ୟବହାର ସମୟରେ ଠିକା ସଂସ୍ଥା ପାଣି ବ୍ୟବହାର କରୁ ନ ଥିବାରୁ ରାଜପଥରେ ଭାରୀଯାନ ଯାତାୟତ ସମୟରେ ରାଜପଥ ଧୂସର ଆସ୍ତରଣ ଯୋଗୁଁ ପରିବେଶ ପ୍ରଦୂଷଣ ହେବା ସହ ଯାତାୟାତ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ଦୁର୍ଘଟଣା ଘଟି ନିରୀହ ଜୀବନ ଚାଲିଯାଉଥିବା ନଜିର ରହିଛି। ରାଜପଥରେ ପାହାଡ଼ ଭଳି ଜମା ହୋଇଥିବା ଆସଗୁଣ୍ଡ ଲୋଡ୍ ଓ ଅନ୍‌ଲୋଡିଂ ସମୟରେ ପାଣି ବ୍ୟବହାର ପ୍ରତି ଠିକା ସଂସ୍ଥା ଗୁରୁତ୍ୱ ଦେଉ ନ ଥିବାରୁ ଆସଗୁଣ୍ଡ ଓ ଜିପ୍‌ସମ ମାର୍ଶାଘାଇ ଅଞ୍ଚଳର ଜଳବାୟୁକୁ ପ୍ରଦୂଷିତ କରୁଥିବା ସମାଜସେବୀ ରଜନୀକାନ୍ତ ନାୟକ ଅଭିଯୋଗ କରିଛନ୍ତି। ଜିପ୍‌ସମ ବର୍ଷାଜଳ ମାଧ୍ୟମରେ ନଦୀ, କେନାଲରେ ମିଶୁଥିବାରୁ ପାଣିକୁ ପ୍ରଦୂଷିତ କରୁଥିବା ଅଭିଯୋଗ ହେଉଛି। ରାଜପଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜନବସତି ପ୍ରଦୂଷିତ ହେବା ସହ ରାଜପଥରେ ଯାତାୟାତ କରୁଥିବା ବାଇକ୍ ଆରୋହୀ ପ୍ରଦୂଷଣର ଶିକାର ହେଉଛନ୍ତି। ଏଥିସହ ଲୋକେ ଶ୍ୱାସକ୍ରିୟାଜନିତ ରୋଗର ଶିକାର ହେବା ସହ ହୃଦଘାତଜନିତ ରୋଗର ଶିକାର ହେବା ଆଶଙ୍କା ଦେଖାଦେଉଛି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ନିକଟରେ ସ୍ଥାନୀୟ ଲୋପ୍ରତିନିଧିଙ୍କ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ରାଜପଥ ପ୍ରକଳ୍ପ କାମରେ ଠିକା ସଂସ୍ଥା ପରିବେଶ ପ୍ରଦୂଷଣ ଓ ଆବଶ୍ୟକତାଠାରୁ ଢେର ପରିମାଣର ଆସ ବ୍ୟବହାର ପ୍ରତି ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଚାନ୍ଦୋଳ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ



**ଡେରାବିଶ, ୨୮।୯(ସମିସ):** କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଚାନ୍ଦୋଳ ବଜାର କମିଟି ପକ୍ଷରୁ ସ୍ଥାନୀୟ ଆଦିଶ୍ରୀ ମଣ୍ଡପରେ ସଭାପତି ଶିବାଶିଷ ମହାନ୍ତିଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜାରେ ଶାନ୍ତିଶୃଙ୍ଖଳା, ବଜାରରେ ସିସି କ୍ୟାମେରା ମରାମତି, ଷ୍ଟ୍ରିଟଲାଇଟ ମରାମତି, ପରିମଳ ଓ ସ୍ୱାସ୍ଥ୍ୟ ସେବା, ବାସୀଖାଦ୍ୟ, ସନ୍ଧ୍ୟା ସମୟରେ ବଜାର ମଧ୍ୟକୁ ଭାରୀଯାନ ଚଳାଚଳ ଉପରେ ରୋକ ଲଗାଇବା, ପକେଟ ମାର ଓ ମଦୁଆଙ୍କ ଉପରେ କଡ଼ା ନଜର ରଖାଯିବା ଉପରେ ପଦକ୍ଷେପ ନେବାକୁ ସମସ୍ତ ୧୬ଟି ପୂଜା କମିଟି କର୍ମକର୍ତ୍ତା ମତ ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ଆରକ୍ଷୀ ଉପଖଣ୍ଡ ଅଧୀକ୍ଷକ ଜ୍ୟୋତି ରଞ୍ଜନ ଗୌଡ଼ା ସରକାରଙ୍କ ନୂଆ ଗାଇଡଲାଇନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ ପୂର୍ବ ବର୍ଷଠାରୁ ଚଳିତ ବର୍ଷ ଅଧିକ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦେଇଥିଲେ। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱ ଦିଆଯିବାକୁ ଦାନପୁର ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ କମଳାକାନ୍ତ ବେହେରା ଓ ମୃତ୍ୟୁଞ୍ଜୟ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ହାଟ ଭିତରେ ଯେପରି ପରିଷ୍କାର ପରିଚ୍ଛନ୍ନ ରଖାଯିବ, ପ୍ରତିଦିନ ବ୍ଲିଚିଙ୍ଗ ପାଉଡର ପକାଯିବା ଉପରେ ନିୟନ୍ତ୍ରିତ ବଜାର କମିଟି ସୁପରଭାଇଜର ନରେନ୍ଦ୍ର ଚନ୍ଦ୍ର ମଲ୍ଲିକ କହିଥିଲେ।

ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲ୍ଲିକ ପୂଜା ଆରମ୍ଭରୁ ଭସାଣି ପର୍ଯ୍ୟନ୍ତ ବଜାର ସଫେଇ କରାଯିବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ଉପଦେଷ୍ଟା ଅଧ୍ୟକ୍ଷ ପ୍ରମୋଦ ସାହୁ କହିଥିଲେ, ଯେଉଁ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଚବିଶ ଘଣ୍ଟା ପୂର୍ବରୁ ଶାନ୍ତି କମିଟିକୁ ଲିଖିତ ଆକାରରେ ଜଣାଇଲେ, ସେଠାରେ ଫୋର୍ସ ମୁତୟନ କରାଯିବ ବୋଲି ପ୍ରକାଶ କରିଥିଲେ। ପୂଜା ଆରମ୍ଭରୁ ଭସାଣି ପର୍ଯ୍ୟନ୍ତ ସମସ୍ତ ପୂଜା ମଣ୍ଡପ ସଭାପତି ଓ ସମ୍ପାଦକ ନିୟମ ପାଳନ କରିବାକୁ ଉପଦେଷ୍ଟା ଉପାଧ୍ୟକ୍ଷ ସରୋଜ ପଣ୍ଡା ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦୋଳ ସମିତି ସଭ୍ୟଙ୍କ ପ୍ରତିନିଧି ଜୟନ୍ତ ଶତପଥୀ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲ୍ଲିକ, ପଲାଇ ସରପଞ୍ଚ ଅକ୍ଷୟ ସାହୁ, ଦାନପୁର ସରପଞ୍ଚଙ୍କ ପ୍ରତିନିଧି ଉମେଶ ତ୍ରିପାଠୀ, ବଜାର ଉପଦେଷ୍ଟା ସଦସ୍ୟ ଦେବରାଜ ମହାପାତ୍ର, ବ୍ରଜକିଶୋର ବେହେରା, ବିଚିତ୍ରାନନ୍ଦ ନାୟକ, ମିହିର ସାମଲ ଓ ସଞ୍ଜିତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବଜାର କମିଟି ଉପଦେଷ୍ଟାଙ୍କୁ ନେଇ ଶାନ୍ତି କମିଟି ଓ ପୁଲିସ ସହାୟତା କେନ୍ଦ୍ର ଖୋଲାଯିବା ନେଇ କମିଟି ସମ୍ପାଦକ ସୁଦୀପ୍ତ ନାୟକ ପ୍ରସ୍ତାବ ଦେଇଥିଲେ। ଉପସଭାପତି ଲଲାଟେନ୍ଦୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଜୟଦୁର୍ଗାଙ୍କ ପୀଠ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା



**ରାଜନଗର, ୨୮।୯(ସମିସ):** ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ବାଙ୍କୁଆଳର ମା' ଜୟଦୁର୍ଗାଙ୍କ ପୀଠରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଆଜିଠୁଁ ପୂଜାନୀତି ଆରମ୍ଭ ହୋଇଛି। ଆଜି ବାଜା, ବାଣ ରୋଷଣୀ ଓ ନାମ ସଂକୀର୍ତ୍ତନ କରାଯାଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡାଙ୍ଗମାଳ, ଖମାରସାହି ଓ କୃଷ୍ଣନଗର ପଞ୍ଚାୟତର ଶହ ଶହ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଧ୍ୱନୀ ମଧ୍ୟରେ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୀଠରୁ ଶ୍ରଦ୍ଧାଳୁ ଯାଇ ନଳିତାପାଟିଆସ୍ଥ ବୈତରଣୀ ନଦୀରୁ କଳସରେ ପାଣି ଭରି ପୁଣି ମା'ଙ୍କ ପୀଠକୁ ଫେରିଥିଲେ। ଦୁର୍ଗାପୂଜା ପାଇଁ ବିଲ୍ୱବରଣ କରାଯାଇଛି। ମା' ଜୟଦୁର୍ଗା ମନ୍ଦିର ପରିଚାଳନା କମିଟି ଓ ମା'ପରିବାର ପକ୍ଷରୁ ଏହି ଦୁର୍ଗାପୂଜା ପରିଚାଳନା କରାଯାଉଛି।

## ବିଭିନ୍ନ ମଣ୍ଡପରେ ମା' ଦୁର୍ଗାଙ୍କ ବିଲ୍ୱାଧିବାସ

**ଡେରାବିଶ, ୨୮।୯(ସମିସ):** ଡେରାବିଶ ବ୍ଲକ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ଆଜି ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ବିଲ୍ୱାଧିବାସ ଅନୁଷ୍ଠିତ ହୋଇଛି। ଆଜି ଷଷ୍ଠୀପୂଜା ଉପଲକ୍ଷେ ବ୍ଲକ ଅଧୀନସ୍ଥ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର, ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି ପୂଜା ମଣ୍ଡପ, ପଲେଇ ପଞ୍ଚାୟତର ନାଲୁବାବା ଆଶ୍ରମ ସବଳଙ୍ଗସ୍ଥ ଜୟ ଭାରତୀ ସାଥୀସମାଜ ପରିସର, ହରିଅଙ୍କ ପଞ୍ଚୟତ ଅନ୍ତର୍ଗତ ଭୋଳହାଟ, ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମର ବଟ ମହାପୁରୁଷ, ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର, ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଓ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଛଚିଣା, ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର, କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ବାବୁରାମପାଟଣାରେ ମା'ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି। ଆସନ୍ତାକାଲି ମହାସପ୍ତମୀ, ମଙ୍ଗଳବାର ମହାଷ୍ଟମୀ ଓ ସନ୍ଧିପୂଜା ସହିତ ବୁଧବାର ମହାନବମୀ ପୂଜା ପରେ ଗୁରୁବାର ବିଜୟା ଦଶମୀ ଉତ୍ସବ ପାଳିତ ହେବ।

## ଦୁର୍ଗାପୂଜା ପାଇଁ ରାଜନଗର ଉତ୍ସବମୁଖର



**ରାଜନଗର, ୨୮।୯(ସମିସ):** ଶାରଦୀୟ ଦୁର୍ଗାପୂଜା ପାଇଁ ରାଜନଗର ଉତ୍ସବମୁଖର ହୋଇଉଠିଛି। ଆରମ୍ଭ ହୋଇଛି ମା'ଦୁର୍ଗାଙ୍କ ଆରାଧନା। ରାଜନଗର ଦେବୀଘରେ ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା ପାଇଁ ଆଜି ସନ୍ଧ୍ୟାରେ ବିଲ୍ୱବରଣ ନୀତି ହୋଇଛି। ବେଲ ବୃକ୍ଷରେ ମା'ପାର୍ବତୀ ଅବସ୍ଥାନ କରିଥା'ନ୍ତି। ଏଥିପାଇଁ ଅକାଳ ଶୋଧନ ସମୟରେ ଜଗତ୍‌ଜନନୀ ମା'ଦୁର୍ଗାଙ୍କୁ ବେଲ ବୃକ୍ଷରୁ ଆମନ୍ତ୍ରଣ କରି ଅଣାଯାଏ। ଏଥିସହିତ ଅଧିବାସ, ବୋଧନ ଓ ଆମନ୍ତ୍ରଣ କରାଯାଏ। ଏହି ବେଲବରଣରୁ ମା'ଙ୍କ ଷଷ୍ଠୀ ପୂଜା ଆରମ୍ଭ ହୋଇଛି। ଆଜି ସନ୍ଧ୍ୟାରେ ଦେବୀଘରୁ ଥାଟପାଟରେ ରୋଷଣୀରେ ମା'ଙ୍କ ବିଲ୍ୱବରଣ ପାଇଁ ରାଜନଗର ଗାଁର ବଡଦାଣ୍ଡରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବିଜୟ ନନ୍ଦ, ରବିନାରାୟଣ ମିଶ୍ର, ପ୍ରଦୀପ ମିଶ୍ର, ହେମନ୍ତ ମିଶ୍ର, ରଜନୀକାନ୍ତ ଦେବତା, ସୂର୍ଯ୍ୟନାରାୟଣ ମିଶ୍ର, ଅଭୟ ମିଶ୍ର, ହରପ୍ରସାଦ ଷଡଙ୍ଗୀ ପ୍ରମୁଖ ପୂଜାନୀତି ସମ୍ପନ୍ନ କରିଥିଲେ। ଶାରଦୀୟ ଦୁର୍ଗାପୂଜା କମିଟିର ସଭାପତି ତଥା ଆଇଆଇସି ନରେଶ ସାହୁ, ସମ୍ପାଦକ ପ୍ରଭାତ ମିଶ୍ର, ରମେଶ ଲାଲ, ଚିତ୍ତରଞ୍ଜନ ଦାସ, ବାଇଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଅମ୍ବିକାଙ୍କ ପୀଠରେ ପାର୍ବଣ ଉତ୍ସବ

**ଡେରାବିଶ, ୨୮।୯(ସମିସ):** ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ ପୀଠରେ ଆଜିଠାରୁ ପାର୍ବଣ ପୂଜା ଆରମ୍ଭ ହୋଇଛି। ଆଜି ପୂର୍ବାହ୍ନରେ ଦେବୀଙ୍କ ମହାସ୍ନାନ, କଳସ ଯାତ୍ରା, ଘଟସ୍ଥାପନ, ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୁରୁପୂଜା, ଗୋପୂଜା, ଦ୍ୱାରପାଳ ପୂଜା, ମା'ଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ ଆଦି ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨ ତାରିଖ ଯାଏ ମା'ଙ୍କ ପୀଠରେ ସପ୍ତମୀ, ମହାଷ୍ଟମୀ, ସନ୍ଧିପୂଜା ଓ ନିକଟରେ ଥିବା ଶୁକ୍ଳେଶ୍ୱର ମହାଦେବଙ୍କ ଅଭିଷେକ ଶେଷରେ ଅପରାଜିତା ପୂଜା ଓ ବିଜୟା ଦଶମୀ ତିଥିରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ନେତାଜୀ କ୍ଲବ୍ ଫୁଟବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ

**ରାଜକନିକା, ୨୮।୯(ସମିସ):** ରାଜକାନିକା ବ୍ଲକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନେତାଜୀ କ୍ଲବ୍ ପକ୍ଷରୁ ବିଗତବର୍ଷ ଭଳି ଚଳିତ ବର୍ଷ ଫୁଟବଲ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜକନିକା, ଚାନ୍ଦବାଲି ଓ ଆଳି ଅଞ୍ଚଳର ପିଲାଙ୍କ ପାଇଁ ଏହା ବଡ଼ ସୁଯୋଗ ଆଣିଛି। ତରାସ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏହି ଶିବିରରେ ରାଜକନିକା ବ୍ଲକର ତରାସ, ବାଙ୍ଗରକୁଆଁ, ଦେଉଳି, ମଲ୍ଲୀସାହାଡ଼ା ଗ୍ରାମର ୪୦ ଜଣ ଆଗ୍ରହୀ ଖେଳାଳିଙ୍କୁ ଭାଗ ନେଇଛନ୍ତି। ତରାସର ବହୁ ଯୁବ କୋଚ୍‌ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି କୋଚିଂରେ ରାଜ୍ୟର କେତେକ କୋଚ ଯୋଗଦେଇ ପ୍ରଶିକ୍ଷଣ ଦେବେ ବୋଲି ଜଣାଯାଇଛି। ୧୦ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ସ୍ଥାନୀୟ ଯୁବକ ସହଯୋଗ କରୁଛନ୍ତି। ଫୁଟବଲର ଏନ୍ତୁଡ଼ିଶାଳ କୁହାଯାଉଥିବା ତରାସ ନେତାଜୀ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ନିଶୁଳ୍କ ଫୁଟବଲ ଶିବିର ଆରମ୍ଭରେ ଫୁଟବଲପ୍ରେମୀ ଉତ୍ସାହିତ ହୋଇଛନ୍ତି। ମତୋ କଲେଜ ପ୍ରଶିକ୍ଷକ ଶିବପ୍ରସାଦ ମଲ୍ଲିକ ମୁଖ୍ୟ ପ୍ରଶିକ୍ଷକ ଅଛନ୍ତି। ସୁଜିତ ଜେନା, ସରୋଜ ଦାସ, ଭରତ ବାରିକ ଓ ସଞ୍ଜୀବ ନାୟକ ସହଯୋଗ କରୁଛନ୍ତି।

### ବିଦ୍ୟୁତ୍ ବିଲ୍ ନାଁରେ ଲୁଟୁଛି ଟାଟା ପାୱାର

# ଉପଭୋକ୍ତାଙ୍କ ପ୍ରତିବାଦ ପରେ ବି ଫଳ ଶୂନ୍

**ରାଜକନିକା, ୨୮।୯(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲାର ବିଜୁଳି ଉପଭୋକ୍ତାଙ୍କୁ ଜୁଲାଇ ମାସରେ ଦେଢ଼ଗୁଣ ଅଧିକ ବିଜୁଳି ବିଲ୍ ଦେଇ ଟାଟା ପାୱାର ଶୋଷଣ କରିଥିବା ପ୍ରତିବାଦରେ ଗତ ଅଗଷ୍ଟ ୨୯ ତାରିଖରେ ରାଜକନିକା ଉପଭୋକ୍ତା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଇତିମଧ୍ୟରେ ମାସେ ବିତିବା ପରେ ବି ରାଜକନିକା ସେକ୍ସନ ଟାଟା ପାୱାର କୌଣସି ସଠିକ୍ ତଥ୍ୟ ନ ଦେବାରୁ ପୁନଶ୍ଚ ଉପଭୋକ୍ତା ଜିଲ୍ଲାପାଳଙ୍କୁ ଟେଲିଫୋନ ଯୋଗେ ଜଣାଇବା ପରେ କେନ୍ଦ୍ରାପଡ଼ା କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ସମ୍ପୃକ୍ତ ଅଭିଯୋଗକାରୀଙ୍କ ନିକଟରେ ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜକନିକା ସେକ୍ସନ କମର୍ସିଆଲ ଜୁନିୟର ମ୍ୟାନେଜର ରଶ୍ମିରଞ୍ଜନ ପାଇକରାୟଙ୍କୁ ପଚାରିବାରୁ ସେ ଚଳିତ ମାସର ପ୍ରତି ବିଲ୍‌ରେ ୩୦ରୁ ୫୦ ଟଙ୍କା ଭିତରେ ଆଡ଼ଜଷ୍ଟ କହିବା କଥାରେ ତାଳମେଳ ରହୁ ନ ଥିବାରୁ ଟାଟା ପାୱାର ଶୋଷଣ ପଦାରେ ପଡ଼ିଛି। କାର୍ଯ୍ୟନିର୍ବାହୀ ଇଞ୍ଜିନିୟରଙ୍କ ଅଭିଯୋଗର ତଦନ୍ତ କରି ବିଲ ସମ୍ପର୍କରେ ତଦନ୍ତ କରି ବିଲ କମାଇବା କଥା କହି ଗୋଟିଏ ଦିନ ସମୟ ନେବା ପରେ ଜୁନିୟର ମ୍ୟାନେଜର ବିଲ ଆଡ଼ଜଷ୍ଟ ହୋଇଛି କହିବା ଶୋଷଣର ନୂଆ ଚାଲ ବୋଲି ଉପଭୋକ୍ତା ଅଭିଯୋଗ କରିଛନ୍ତି।

ରାଜକନିକା ବ୍ଲକର ଉଭୟ ଓଳାଭର ଓ ରାଜକନିକା ସେକ୍ସନର ଟିପିସିଓଏଲ ଅଧୀନରେ ଥିବା ୩୧ ହଜାରରୁ ଅଧିକ ଗ୍ରାହକଙ୍କ ସହ ଜିଲ୍ଲାର ଲକ୍ଷ ଲକ୍ଷ ଗ୍ରାହକଙ୍କ ଅଗଷ୍ଟ ମାସ ବିଲରେ ହଠାତ ଦେଢଗୁଣ ଅଧିକ ବିଲ ଆସିଥିଲା। ଏଭଳି ଆଶ୍ଚର୍ଯ୍ୟଜନକ ବିଲ ଦେଖି ମାସକ ପୂର୍ବରୁ କିଛି ଗ୍ରାହକ ରାଜକନିକା ସେକ୍ସନ ଜୁନିୟର ମ୍ୟାନେଜର ଓ ରାଜକନିକା ଗସ୍ତରେ ଥିବା ଜିଲ୍ଲାପାଳଙ୍କୁ ଓଳାଭର ଠାରେ ଭେଟି ଏଭଳି ବିଲର ତର୍ଜମା କରି ସଠିକ ବିଲ ଦେବାକୁ ଦାବି କରିଥିଲେ। ଘଟଣାର ମାସକ ପରେ ବିଲରେ ପରିବର୍ତ୍ତନ କରା ନ ଯାଇ ପୁଣି ଚଳିତ ମାସର ବିଲ ଆସିବାରୁ ଆଜି କିଛି ଗ୍ରାହକ ରାଜକନିକା ସେକ୍ସନ ସମ୍ପୃକ୍ତ ଜେଇଙ୍କୁ ପଚାରିବାରୁ ସେ ବାହାରେ ଅଛନ୍ତି, ଲାପଟପରେ ବିଲ ଅଛି ଦେଖିକି କହିବେ କହି କଥାକୁ ଫାଙ୍କିବାରୁ ଲୋକେ ଜିଲ୍ଲାପାଳଙ୍କୁ ମୋବାଇଲରେ ଜଣାଇବା ପରେ ଜିଲ୍ଲାପାଳ କାର୍ଯ୍ୟନିର୍ବାହୀ ଇଞ୍ଜିନିୟରଙ୍କୁ ଜଣାଇ ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସମ୍ପୃକ୍ତ ଇଞ୍ଜିନିୟର ଅଭିଯୋଗକାରୀଙ୍କୁ ଫୋନରେ ଆସନ୍ତାକାଲି ବୁଝିବାକୁ କହି ମୁଁ ଜିଲ୍ଲାପାଳଙ୍କୁ କେଶ ସମାଧାନ ହୋଇଗଲା ବୋଲି କହିବା ଟାଟା ପାୱାରର ଶୋଷଣ ମନୋଭାବକୁ ପଦାରେ ପକାଇଛି। ବିଜୁଳି ଆବଣ୍ଟନ ଦାୟିତ୍ୱ ନେବା ପରେ ବିଭିନ୍ନ ବାଟରେ ଗ୍ରାହକଙ୍କୁ ଶୋଷି ଚାଲିଥିବା ଟାଟା ପାୱାର ଅଗଷ୍ଟ ମାସର ବିଜୁଳି ବିଲରେ ନିର୍ଦ୍ଧାରିତ ବିଜୁଳି ଭଡାଠାରୁ ଦେଢଗୁଣ ଅଧିକ ଅର୍ଥ ରୂପକ ଟିକସ ଜାରି କରି ଶୋଷଣର ମାତ୍ରାକୁ ବଢ଼ାଇ ଦେଇଥିଲା। ୫୦ରୁ ଶହେ ପାଇଁ ଅଧିକ ସ୍ଲାବ ଓ ଶହେ ପରର ବିଲ ପାଇଁ ଆହୁରି ଅଧିକ ସ୍ଲାବ ନିର୍ଦ୍ଧାରଣ କରାଯାଇଛି। ତେବେ ପ୍ରତି ମାସର ବିଲ ଦେଇ ସର୍ବନିମ୍ନ ଟିକସ ଦେଉଥିବା ଗ୍ରାହକଙ୍କୁ ହଠାତ ଦେଢଗୁଣା ଅର୍ଥ ଭରିବାର ବିଲ ଦେଇ ଶୋଷିବା ବିରୁଦ୍ଧରେ ଗ୍ରାହକ ଆନ୍ଦୋଳନ ମୁଣ୍ଡ ଟେକିଛି। ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିଜେପିରେ ଫାଟ; ହୋଇପାରିଲାନି କାର୍ଯ୍ୟକ୍ରମ

**ପଞ୍ଚୁପାଣ୍ଡବ, ୨୮।୯(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବିଜେପି ନେତା ଓ କର୍ମୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ସେବାପକ୍ଷ ପାଳନ କରାଯାଉଛି। ତେବେ ରଘୁଦେଇପୁର ପଞ୍ଚାୟତରେ ଶନିବାର ଦିନ ଏକ କାର୍ଯ୍ୟକ୍ରମ ପାଇଁ ଦିନ ଧାର୍ଯ୍ୟ ହୋଇଥିଲେ ହେଁ ଦଳୀୟ ବିବାଦ ପାଇଁ ତାହା ହୋଇପାରିନି। ଏହି କାର୍ଯ୍ୟକ୍ରମକୁ ଛୋଟି ମଙ୍ଗଳପୁର ଦାୟିତ୍ୱରେ ଥିବା ଜିଲ୍ଲା ସଭାପତି ବିଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ସେ ପଞ୍ଚାୟତରେ ଥିବା ନେତା ଓ କର୍ମୀଙ୍କୁ କହିବାରୁ ସେମାନେ ସମୟ ଦେଇପାରିବେନି ବୋଲି କହିଥିଲେ। ଆମେ ଶୁକ୍ରବାର ଦିନ ନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ସନ୍ଥପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମ କରିଛୁ। ଆଉ ଜଣେ ନେତା କହିଛନ୍ତି ମୋତେ ଏକ ଦାୟିତ୍ୱ ଦଳ ଦେଇଛି। କିନ୍ତୁ କାର୍ଯ୍ୟକ୍ରମ ହେଲେ ମୁଁ ଜାଣିପାରୁନାହିଁ। ରଘୁଦେଇପୁର ପଞ୍ଚାୟତରେ କାର୍ଯ୍ୟକ୍ରମ ହେବା ସ୍ଥିର ହୋଇଥିବାବେଳେ ଅନ୍ୟ ଜାଗାରେ କାର୍ଯ୍ୟକ୍ରମ ହେବାରୁ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା କହିଛନ୍ତି। ଏ ବିଷୟରେ ବିଜେପି ନେତ୍ରୀ ମନୀଷା ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରି ନ ଥିଲା।



ନବରାତ୍ରରେ ବାରିପଦା ମା' ଅମ୍ବିକାଙ୍କ କାଳରାତ୍ରୀ ବେଶ

# ହାତୀ ଉପଦ୍ରବ; ଫସଲ ନଷ୍ଟ

**କରଞ୍ଜିଆ, ୨୮।୯ (ସମିସ):** କରଞ୍ଜିଆ ବନଖଣ୍ଡ ଅଧୀନ କରଞ୍ଜିଆ ରେଞ୍ଜ୍‌ର ସିଙ୍ଗଡ଼ା ସେକ୍ସନରେ ଥିବା ମୁର୍ଗାପାଟ ଗ୍ରାମର ତରଣୀ ପାତ୍ରଙ୍କ ଫାର୍ମରେ ହାତୀପଲ ପ୍ରାୟ ୩ଲକ୍ଷ ଟଙ୍କା ମୂଲ୍ୟର ଫସଲ ନଷ୍ଟ କରିଥିବାର ଜଣାପଡ଼ିଛି। ଗତକାଲି ରାତି ପ୍ରାୟ ୧ଟା ୩୦ ବେଳକୁ ୩୦ଟିକିଆ ହାତୀପଲ ମୁର୍ଗାପାଟ ଗ୍ରାମର ତରଣୀ ପାତ୍ରଙ୍କ ଫାର୍ମରେ ପହଞ୍ଚି ଥିଲେ। ତରଣୀ ଦୁଇ ଏକର ଜମିରେ ଧାନ ରୋଇଥିଲେ ହେଲେ ଫସଲକୁ ଯେତିକି ଖାଇ ନଥିଲେ ତାଠୁ ଅଧିକ ମାଡି ନଷ୍ଟ କରିପକାଇଛନ୍ତି। କଦଳୀ ବଗିଚାକୁ ମାଡିଦେଇ ସମ୍ପୂର୍ଣ ଉଜାଡି ପକାଇଛନ୍ତି। ଭଲ କିସମର ଲାଗିଥିବା ଅନେକ ଆମ୍ବ ଗଛକୁ ଖାଇବା ସହିତ ଉପାଡି ପକାଇଛନ୍ତି। ହାତୀପଲ ଯିବା ସମୟରେ ଫାର୍ମରେ ଲାଗିଥିବା ସ୍ପ୍ରିଙ୍କଲର ପ୍ଲାଷ୍ଟିକ ପାଇପକୁ ମାଡି ଭାଙ୍ଗି ଦେଇଛନ୍ତି। ହାତୀ ଦଳରେ ଏକ ଶିଶୁ ଶାବକ ଥିବାରୁ ଦଳଟି ଅନେକ ସମୟ ଧରି ଫାର୍ମରେ ରହିଥିଲେ। ରବିବାର ସକାଳୁ ବନ ବିଭାଗ କର୍ମଚାରୀ ଫାର୍ମକୁ ଯାଇ କ୍ଷତି ହୋଇଥିବାର ଦେଖିଥିଲେ।






## ପାର୍ବଣ ପାଇଁ ବାରିପଦା ଉତ୍ସବମୁଖର

# ସରିଲା ବିଲ୍ୱବରଣ; ଆଜି ମା'ଙ୍କ ମହାସପ୍ତମୀ









**ବାରିପଦା, ୨୮।୯ (ସମିସ)**

ଚଳିତବର୍ଷ ମା'ଙ୍କର ଆଗମନ ପାଇଁ ବାରିପଦା ସହରର ଉତ୍ସବମୁଖର ହୋଇଉଠିଛି। ସହର ତଥା ଆଖପାଖରେ ୩୦ଟି ସ୍ଥାନରେ ଦୁର୍ଗାମେଢ ପାଇଁ ପ୍ରସ୍ତୁତି ଶେଷ ହେବା ପରେ ଆଜି ବିଲ୍ୱବରଣ ସରିଛି। ପାରମ୍ପରିକ ରୀତିନୀତି ଅନୁସାରେ ବ୍ରାହ୍ମଣ କର୍ତ୍ତାଙ୍କ ସହିତ ବେଲଗଛ ନିକଟକୁ ଯାଇ ବରଣ କରି ମଣ୍ଡପକୁ ଫେରିଛନ୍ତି। ସୋମବାର ମହାସପ୍ତମୀ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ମୃଣ୍ମୟ ମୂର୍ତ୍ତି ଓ ମଣ୍ଡପ ଆକର୍ଷଣୀୟ ସାଜସଜ୍ଜାରେ ଝଟକୁଛି। ମୟୂରଭଞ୍ଜ ରାଜ୍ୟର ମହାରାଜା କୃଷ୍ଣଚନ୍ଦ୍ରଭଞ୍ଜ ଦେଓଙ୍କ ରାଜତ୍ୱ କାଳରୁ ରାଜପ୍ରସାଦ ପରିସରରେ ଥିବା କିଚକେଶ୍ୱରୀ ମନ୍ଦିର ସମ୍ମୁଖ ଦେବୀମାଳା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ୧୦୩ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ବର୍ତ୍ତମାନର ବାସିନ୍ଦା ଲଳିତମାଧବ ପ୍ରହରାଜ ପାରିବାରିକ ବ୍ୟବସ୍ଥା ମଧ୍ୟରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା କରୁଛନ୍ତି। ତାଙ୍କ କହିବାନୁଯାୟୀ, ଶହେ ବର୍ଷ ପୂର୍ବେ ତାଙ୍କ ପୂର୍ବପୁରୁଷ ରଘୁନାଥ ଗଡ଼ୁଆ ନଦିଆ ନବଦୀପରୁ ମା' ଦୁର୍ଗାଙ୍କ ମୂର୍ତ୍ତିକୁ ଆଣି ନିଜ ଘରେ ପୂଜାର୍ଚ୍ଚନା କରୁଥିଲେ। କିନ୍ତୁ ସେ ସମୟରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଅନୁରୋଧ କ୍ରମେ ସେହିମୂର୍ତ୍ତିକୁ ସାର୍ବଜନୀନ ଭାବେ ପୂଜାର୍ଚ୍ଚନା ପାଇଁ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଜିଲ୍ଲା ପ୍ରାଣୀ ମୁଖ୍ୟ ଚିକିତ୍ସାଳୟ ଓ ଗୋପବନ୍ଧୁ ଭବନ ସମ୍ମୁଖ ସହିଦ ପଡ଼ିଆଠାରେ ୧୯୩୪ମସିହାରୁ ବଙ୍ଗଳା ପରମ୍ପରା



ଅନୁଯାୟୀ, ଦୁର୍ଗାପୂଜା ଚଳିତବର୍ଷ ୯୨ ବର୍ଷରେ ପଦାର୍ପଣ କରିଛି। ଏହାବାଦ ବଡବଜାର ଟାଉନ ଥାନା ନିକଟରେ ସାର୍ବଜନୀନ ଦୁର୍ଗାପୂଜା ଏଥର ୬୯ ବର୍ଷରେ ପହଞ୍ଚିଥିବା ବେଳେ ବାରିପଦା ଷ୍ଟେସନ ଦୁର୍ଗାପୂଜା ୬୮ ବର୍ଷ ଓ ବାରିପଦା ପୌର କାର୍ଯ୍ୟାଳୟ ପରିସରରେ ଦୁର୍ଗାପୂଜା ୬୦ ବର୍ଷରେ ପଦାର୍ପଣ କରିଛି। ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ ଫ୍ରେଜର ହଷ୍ଟେଲ ସମ୍ମୁଖରେ ଯୁବ ସଂଘ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ଦୁର୍ଗାପୂଜା ୬୪ ବର୍ଷରେ ପଦାର୍ପଣ କରିଥିବା ବେଳେ ବଡବଜାରର ଶ୍ରୀରାଧାମୋହନ ମନ୍ଦିର ମାଉସୀ ବାଡି ଦୁର୍ଗାପୂଜା ୫୭ ବର୍ଷ, ମୁର୍ଗାବାଡି ଗୋଲେଇ ଦୁର୍ଗାପୂଜା ୪୫ ବର୍ଷ ଏବଂ ସୁନାମୁହିଁ ଦୁର୍ଗାପୂଜା ୪୩ ବର୍ଷରେ ପହଞ୍ଚିଛି। ପାଲବଣୀ ତୁଳସୀଚଉରାରେ ଓ ବଡବଜାରର ଶୀତଳା ମନ୍ଦିର ନିକଟ ବନଦୁର୍ଗା ୪୧ ବର୍ଷରେ ପହଞ୍ଚିଛି। କୃଷ୍ଣଚନ୍ଦ୍ର ଗୋଲେଇ ଏବଂ ଦାରୋଗାଡାହି ଗୋଲେଇଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା ଏଥର ୩୯ ବର୍ଷରେ ପଦାର୍ପଣ କରିଛି। ଭଞ୍ଜପୁରଠାରେ ସାର୍ବଜନୀନ ଦୁର୍ଗାପୂଜା ୩୮ ବର୍ଷରେ ପହଞ୍ଚିଥିବା ବେଳେ କମଳାନେହରୁ ବାଳିକା ହାଇସ୍କୁଲ ନିକଟରେ ହେଉଥିବା ଦୁର୍ଗାପୂଜା ୩୬ ବର୍ଷରେ ପହଞ୍ଚିଛି। କଟକ ଚାନ୍ଦିନୀଚୌକ ମେଢ଼ ଅନୁରୂପ ବାରିପଦାର ଲାଲବଜାର ଛକ ମା' ଦୁର୍ଗାଙ୍କ ପୂଜା ୩୧ବର୍ଷରେ ପଦାର୍ପଣ କରିଛି। ତକତପୁର ଓ ମଧୁବନ ଦୁର୍ଗାପୂଜା ଏଥର ୨୭ବର୍ଷରେ ପହଞ୍ଚିଥିବା ବେଳେ ମଧୁବନର ବାରୁଣୀରୋଡରେ ବାରୁଣେଶ୍ୱର ଦୁର୍ଗାପୂଜା ଏଥର ୧୬ବର୍ଷରେ ପହଞ୍ଚିଛି। ବାରିପଦା ବାଘଡାରୋଡ, କ୍ଷେତ୍ରପାଟଣା ଓ ବେଲଗଡ଼ିଆ ଆଦି ବିଭିନ୍ନ ସ୍ଥାନରେ ମଧ୍ୟ ଦୁର୍ଗାପୂଜା ଚାଲିଛି। କଲେଜ ଛକ(୪୯ବର୍ଷ)ଓ ଦୋଳିପଡ଼ିଆରେ ହରପାର୍ବତୀପୂଜା ହୋଇଆସୁଛି। ବାଘଡାରୋଡ ମହାବୀର ଦୁର୍ଗାପୂଜା କମିଟି ପକ୍ଷରୁ ଦୁଇବର୍ଷ ଧରି ମଣ୍ଡପ ପୂଜା ଆରମ୍ଭ ହୋଇଛି। ଅପରପକ୍ଷରେ ମା' ଅମ୍ବିକା ମନ୍ଦିର ସହିତ ବିଭିନ୍ନ ପୀଠରେ ଆଜି ସପ୍ତମୀ ପୂଜା ସରିଥିବା ବେଳେ ସୋମବାର ଅଷ୍ଟମୀ ପୂଜା ଅନୁଷ୍ଠିତ ହେବ। ସହରର ବିଭିନ୍ନ ସ୍ଥାନ ରଙ୍ଗୀନ ଆଲୋକମାଳାରେ ସଜେଇ ହେବା ସହ ସୁମଧୁର ଗୀତଧ୍ୱନି ଓ ଚଣ୍ଡୀପାଠର ସୁଲଳିତନାଦ ପରିବେଶକୁ ଆଧ୍ୟାତ୍ମିକ ଭାବାବେଗରେ ନିମଜ୍ଜିତ କରିବ।

ଦଶହରା ପର୍ଯ୍ୟନ୍ତ ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ମଧ୍ୟରେ ବାରିପଦାର ପ୍ରସିଦ୍ଧ ଦୋଳାଖେଚୁଡି, ରାମରୋଚକ ଅନ୍ନଭୋଗ ବଣ୍ଟନ, ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବ ପରିବେଶ ଭାବେ ପରିଚୟ ଦେବ। ମେଢ ଦର୍ଶନ, ସର୍ବସାଧାରଣ ପୂଜା ଓ ବଜାର ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶହରା ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ରୁଟ ପରିବର୍ତ୍ତନ ପୂର୍ବକ କଟକଣା ଜାରି କରିଛନ୍ତି। ରବିବାର ଦିନ ତମାମ ବିକ୍ଷିପ୍ତ ବର୍ଷା ପାଇଁ ପାର୍ବଣ ମାହଲ ଫିକା ପଡ଼ିଛି।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପଥ ସଞ୍ଚାଳନ କାର୍ଯ୍ୟକ୍ରମ



**କରଞ୍ଜିଆ, ୨୮।୯ (ସମିସ):** କରଞ୍ଜିଆ ଖଣ୍ଡ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷ ଉପଲକ୍ଷେ ଆଜି ପଥ ସଞ୍ଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦେବସ୍ଥଳୀ ଦୋଳପଡ଼ିଆଠାରୁ ପଥ ସଞ୍ଚଳ ବାହାରି କରଞ୍ଜିଆ ନଗର ପରିକ୍ରମା ପରେ ଦୋଳପଡ଼ିଆଠରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଡାକ୍ତର ଜନାର୍ଦ୍ଦନ ଚୌଧୁରୀ, ସଂଘ ଚାଳକ ଜଗବନ୍ଧୁ ମହାନ୍ତ, ମୁଖ୍ୟବକ୍ତା ଭାବରେ ପୂର୍ବ କ୍ଷେତ୍ରର ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୁଇଁଆ ଯୋଗଦେଇ ପ୍ରଥମେ ଭାରତ ମାତା ଓ ମାତା ଦୁର୍ଗା, ସଂଘ ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡ ଗେୱାର ଓ ଶ୍ରୀ ଗୁରୁଜୀଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ନିଜ ବକ୍ତବ୍ୟରେ କାର୍ଯ୍ୟକ୍ରମରେ ହିନ୍ଦୁ ଏକତା, ରାଷ୍ଟ୍ରୀୟ ଭାବନା ନିର୍ମାଣ ଗାଁଗାଁରେ ସୃଷ୍ଟି କରିବା ପରସ୍ପର ମାଧ୍ୟରେ ସଦଭାବନା ରଖି ଭାରତ ମାଆକୁ ପରମ ବୈଭବଶାଳୀ ରାଷ୍ଟ୍ର ଗଠନ କରିବା ଏହାର ମୁଖ୍ୟ ଉଦେଶ୍ୟ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଖଣ୍ଡ ସେବା ପ୍ରମୁଖ ଅରୁଣ କୁମାର ମହାନ୍ତ ଅତିଥି ପରିଚୟ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୧୭ଟି ବାଛୁରି ବୋଝେଇ ପିକ୍‌ଅପ୍ ଜବତ



**ମହୁଲଡିହା, ୨୮।୯ (ସମିସ):** ମହୁଲଡିହା ଥାନା ପୁଲିସ ଆନନ୍ଦପୁର-କରଞ୍ଜିଆ ନଂ ୫୩ ରାଜ୍ୟ ରାଜପଥରେ ପାଟ୍ରୋଲିଂ କରୁଥିବା ସମୟରେ ଆନନ୍ଦପୁର ଆଡୁ ଚୋରାରେ ବାଛୁରି ବୋଝେଇ କରି ଆସୁଥିବା ଏକ ପିକଅପ୍ ଭ୍ୟାନକୁ ଜବତ କରି ଥାନାକୁ ଆଣିଛି। ପ୍ରକାଶ ଥାଉ କି, କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ ଏନେଇ ବିଶେଷ ସୂତ୍ରରୁ ଖବର ପାଇଥିଲେ। ପରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଓ ପୁଲିସ କର୍ମଚାରୀଙ୍କ ସହିତ ରବିବାର ଭୋର ୪ଟାରେ ସାତକୋଶିଆରୁ ସୂଚନା ମୁତାବକ ସନ୍ଦେହରେ ଏକ ପିକଅପର ପିଛା କରି ମହୁଲଡିହା-ଭାଲିଆଡାଳ ରାସ୍ତାର ଗୌଡ଼ିଆବାହାଳି ଜଙ୍ଗଲରୁ ଗାଡିଟି ଜବତ କରି ଥାନାକୁ ଆଣିଛନ୍ତି। ମାତ୍ର ପିକଅପର ଡ୍ରାଇଭର ଅନ୍ଧାରରେ କୌଶଳ କ୍ରମେ ଖସିଯାଇଛି। ପିକଅପରେ ୧୭ଟି ବାଛୁରୀର ଗୋଡ଼କୁ ଗୋଡ଼ ଛନ୍ଦି ଗାଡ଼ିରେ ବୋଝେଇ ହୋଇଥିଲା। ବାଛୁରୀ ସହିତ ଗାଡ଼ିଟି ଥାନାକୁ ଆଣି ଥାନାଧିକାରୀ ଆନିମଲ ଆକ୍ଟରେ କେଶ ନମ୍ବର ୯୬/୨୫ରେ ମାମଲା ରୁଜୁକରି ତଦନ୍ତ କରୁଛନ୍ତି। ପ୍ରାଣୀ ଚିକିତ୍ସକ ସମସ୍ତ ବାଛୁରୀର ସ୍ୱାସ୍ଥ୍ୟ ପରୀକ୍ଷା ପରେ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି।

## ଘର ସମ୍ମୁଖରୁ ୨ଟି ବାଇକ୍ ଚୋରି

**ବାରିପଦା, ୨୮।୯ (ସମିସ):** ରଙ୍ଗାମାଟିଆ ଅଞ୍ଚଳରେ ଘର ସମ୍ମୁଖରୁ ୨ଟି ବାଇକ ଚୋରି ହୋଇଛି। ଏନେଇ ବାରିପଦା ସଦର ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଅର୍ଜୁନ ମୁର୍ମୁ ରାତିରେ ଘର ସମ୍ମୁଖରେ ବାଇକ ପାର୍କିଂରେ କରିଥିଲେ। ତେବେ ସକାଳୁ ଦେଖିବା ବେଳକୁ ଉକ୍ତ ସ୍ଥାନରେ ବାଇକ ନଥିଲା। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନପାଇ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ମଙ୍ଗଳ ସିଂ ରାତିରେ ଘର ସମ୍ମୁଖରୁ ବାଇକ ଚୋରି ମଧ୍ୟ ହୋଇଛି। ଦୁଇଟି ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା

# ଯୁବକଙ୍କ ଛାତିରେ ଲୁହାଛଡ଼ ପଶି ମୃତ୍ୟୁ

**ବାରିପଦା, ୨୮।୯ (ସମିସ):** ବାଉରା ଛକ ନିକଟରେ ଅଟୋ-ବାଇକ ମୁହାଁମୁହିଁ ଧକ୍କାରେ ଜଣେ ଯୁବକଙ୍କ ଛାତିରେ ଲୁହାଛଡ଼ ପଶିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସାନ ବ୍ରାହ୍ମଣମରା ଗ୍ରାମର ଲାଦୁ ହେମ୍ବ୍ରମ। ସୂଚନାନୁଯାୟୀ, ସେ ତାଙ୍କ ଝିଅକୁ ନେଇ ବାଇକରେ ଘରକୁ ଫେରୁଥିଲେ। ତେବେ ବାଉରା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଅଟୋ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଯାହାଫଳରେ ସେ ବାଇକରୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିଲେ। ରାସ୍ତା ପାର୍ଶ୍ୱରେ ଥିବା ଲୁହାଛଡ଼ଟି ତାଙ୍କ ଛାତିରେ ପଶି ଯାଇଥିଲା। ଏହାସହିତ ତାଙ୍କ ସାନ ଝିଅର ଗୋଡ ଭାଙ୍ଗିଯିବାରୁ ସେ ମଧ୍ୟ ଆହତ ହୋଇଥିଲେ। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ସଦରରେ ଏକ ମାମଲା ରୁଜୁ କରାଯାଇଛି।

# ଆସନ୍ତା ୧ରୁ ପନ୍ଦରଦିନିଆ ନାଟ୍ୟ କର୍ମଶାଳା

**ବାରିପଦା, ୨୮।୯ (ସମିସ):** ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂସ୍ଥା ଆନୁକୂଲ୍ୟରେ ବାରିପଦାରେ ୧୫ଦିନିଆ ଏକ କର୍ମଭିତ୍ତିକ ନାଟ୍ୟ କର୍ମଶାଳା ହେବାକୁ ଯାଉଅଛି। ଅକ୍ଟୋବର ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଏହି କର୍ମଶାଳାର ନିର୍ଦ୍ଦେଶକ ଭାବେ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରର ପୂର୍ବତନ ଅଧ୍ୟକ୍ଷ ଡଃ ନବୀନ କୁମାର ପରିଡ଼ା କାର୍ଯ୍ୟଭାର ତୁଲାଇବେ। ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଧୀର ବଶା ଏଥିରେ ସହଯୋଗ କରିବେ। ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ନୃତ୍ୟ କେନ୍ଦ୍ରରେ କର୍ମଶାଳା ହେବ ଏବଂ ଭାଗ ନେଇଥିବା କଳାକାରମାନଙ୍କ ଦ୍ୱାରା ୧୫ ତାରିଖ ଦିନ ସହିଦ ସ୍ମୃତି ଭବନରେ ନାଟକ ପରିବେଷିତ ହେବ। ୧୬ ବର୍ଷରୁ ୪୦ ବର୍ଷ ବୟସର ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ ଏଥିରେ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରାର୍ଥୀ ୩୦ ତାରିଖ ମଧ୍ୟରେ ୯୪୩୭୨୩୭୮୮୯, ୭୯୭୮୬୯୫୩୯୪ ଓ ୯୭୭୩୭୭୮୭୭୦ ମୋବାଇଲ ନମ୍ବରରେ ଅନଲାଇନ ପଞ୍ଜୀକରଣ କରିପାରିବେ।

# ଦୁଇଦିନିଆ ଅନ୍ତର୍ଦେଶୀୟ ଫାକଲ୍‌ଟି ଡେଭଲପ୍‌ମେଣ୍ଟ କାର୍ଯ୍ୟକ୍ରମ

**ବାରିପଦା, ୨୮।୯ (ସମିସ):** ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଓ ମ୍ୟାନେଜମେଣ୍ଟର ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ମିଳିତ ଉଦ୍ୟମରେ ଦୁଇଦିନିଆ ଅନ୍ତର୍ଦେଶୀୟ ଫାକଲ୍‌ଟି ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମର ନାୟକ ଅନଲାଇନ ମୋଡ୍‌ରେ ଉଦ୍‌ଘାଟନ କରିଥିବା ବେଳେ ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ରୁପାମଞ୍ଜରୀ ବେହେରା ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଅଭିପ୍ସା ନାୟକ ବିଶେଷଜ୍ଞମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଦୁଇଦିନ ଧରି ଦେଶ ଓ ବିଦେଶରୁ ବହୁ ବିଶେଷଜ୍ଞ ଆଲୋଚନାରେ ଭାଗନେଇ ନିଜର ମତ ଉପସ୍ଥାପନ କରିଥିଲେ। 'ଜୈବ ବିବିଧତା ପର୍ଯ୍ୟବେକ୍ଷଣ ଏବଂ ସଂରକ୍ଷଣ ଉପରେ ଉଦୀୟମାନ ଧାରା' ଶୀର୍ଷକ ବିଷୟବସ୍ତୁ ଉପରେ ବିଭିନ୍ନ ବକ୍ତା ସେମାଙ୍କର ମତ ରଖିଥିଲେ। ପ୍ରଥମ ଦିବସରେ ବାଂଲାଦେଶ ଷ୍ଟାମଫୋର୍ଡ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନୀ ପ୍ରଫେସର ଅହମଦ କାମରୁଜାମ ମଜୁମଦାର, ପଶ୍ଚିମବଙ୍ଗ ମେଦିନପୁରସ୍ଥିତ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. ପ୍ରିୟଙ୍କା ହାଲଦର ମଲ୍ଲିକ, ଅହମଦାବାଦ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନ ପ୍ରଫେସର ଡ. ରତ୍ନ ଘୋଷଲା, ମହାରାଷ୍ଟ୍ରରୁ ଆର୍ଟ୍ସ, ସାଇନ୍ସ ଆଣ୍ଡ କମର୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଜନାର୍ଦ୍ଦନ ନେହୁଲ ଭାଗନେଇ ନିଜ ନିଜର ମତ ରଖିଥିଲେ। ଦ୍ୱିତୀୟ ଦିବସରେ ଉପାଧ୍ୟକ୍ଷା ସଂଘମିତ୍ରା ରାଉତଙ୍କ ପୌରାହିତ୍ୟରେ କାର୍ଯ୍ୟକ୍ରମରେ ଗୁଜୁରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସୀମା ରାଉତ, ଓଡ଼ିଶା ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ବିଶ୍ୱଜିତ ମହାପାତ୍ର, ଲକ୍ଷ୍ନୌସ୍ଥିତ ଜାତୀୟ ପରୀକ୍ଷା କେନ୍ଦ୍ର ନିର୍ଦ୍ଦେଶକ ଡ. ବବିତା କୁମାରୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପୁରବୀ ସାଇକିଆ ଯୋଗଦେଇ ବିଷୟ ବସ୍ତୁ ଉପରେ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ୫୦ ଅଧ୍ୟାପକ ଓ ଅଧ୍ୟାପିକା ଏହି କାର୍ଯ୍ୟକ୍ରମ ଭାଗ ନେଇଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଗବେଷଣାରତ ବିଶେଷଜ୍ଞ କେଶରୀ ପ୍ରସାଦ ମଧ୍ୟ ଏଥିରେ ଅଂଶଗ୍ରହଣ କରି ଜୈବବିଧାତାର ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଭିଲପ୍ସା ଗିରି ସହାୟତା କରିଥିଲେ। ଶେଷରେ ଅଧ୍ୟାପିକା କସ୍ତୁରିବା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ହେରିଟେଜ୍ ୱାକ୍ସର ୧୮ ତମ ସଂସ୍କରଣ ଆୟୋଜିତ



**ବାରିପଦା, ୨୮।୯ (ସମିସ):** ଜିଲ୍ଲାର ଇତିହାସ, ଐତିହ୍ୟ ଓ ପର୍ଯ୍ୟଟନର ପ୍ରଚାରପ୍ରସାର ତଥା ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ମିରର ଓ ମୟୂରଭଞ୍ଜ ଲଭର୍ସ ସଂଗଠନ ଦ୍ୱାରା ଆୟୋଜିତ ହୋଇଆସୁଥିବା 'ମୟୂରଭଞ୍ଜ ହେରିଟେଜ ୱାକ୍ସର ୧୮ତମ ସଂସ୍କରଣ' ଆୟୋଜିତ ହୋଇଯାଇଛି। ବାରିପଦାର ବଡବଜାର ସ୍ଥିତ ମୟୂରଭଞ୍ଜ ରାଜପ୍ରାସାଦ ବା ବର୍ତ୍ତମାନର ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ପ୍ରାଥମିକ(ଜୁନିୟର କଲେଜ) ବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ପ୍ରାଙ୍ଗଣରେ କାର୍ଯ୍ୟକ୍ରମରେ ପ୍ରାୟ ୫୦ ଜଣ ଅଭିଯାତ୍ରୀ ଛାତ୍ରଛାତ୍ରୀ ଓ ଯୁବକଯୁବତୀ ସାମିଲ ହୋଇଥିଲେ। ମୟୂରଭଞ୍ଜ ରାଜପ୍ରାସାଦର ଗଠନ ଶୈଳୀ, ନିର୍ମାଣ ଇତିହାସ, ଶାସନ ବ୍ୟବସ୍ଥା ଏବଂ ସେ ସମୟର ଧର୍ମଧାରଣା ଓ ଜୀବନଶୈଳୀ ସମ୍ପର୍କରେ ଅନେକ କଥା ବୁଲିଦେଖିଥିଲେ। ମହାରାଣୀ ସୁମିତ୍ରା ଦେବୀ ଭଞ୍ଜଦେଓଙ୍କ ଦ୍ୱାରା ବାରିପଦାରେ ପ୍ରାରମ୍ଭିକ ଭାବରେ ନିର୍ମିତ ଏହି ରାଜପ୍ରାସାଦରେ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ମହାରାଜାମାନଙ୍କ ଦ୍ୱାରା ମଧ୍ୟ ଅନେକ ନିର୍ମାଣ କାର୍ଯ୍ୟ ହୋଇଥିଲା। ଏହି ରାଜପ୍ରାସାଦଟି ଇଂଲଣ୍ଡର ବକିଂହାମ ପ୍ୟାଲେସ ଶୈଳୀରେ ନିର୍ମିତ ଯେଉଁଥିରେ ପାଖାପାଖି ୧୫୬ଟି କକ୍ଷ ରହିଥିଲା। ରାଜପ୍ରାସାଦରେ ମୟୂରଭଞ୍ଜ ଛଉ ଉନ୍ନତିର ଶିଖର ଛୁଇଁଥିଲା। ଶୟନ କକ୍ଷ ବ୍ୟତୀତ ଦରବାର ହଲ, ମହାରାଜାଙ୍କ କକ୍ଷ, ଶାସନ କାର୍ଯ୍ୟ ନିମନ୍ତେ ବିଶେଷ ହଲ ଇତ୍ୟାଦି ବ୍ୟତୀତ ବର୍ତ୍ତମାନର କଲେଜ ପାଠାଗାରଟି ସେ ସମୟର ମହାରାଣୀଙ୍କ ସ୍ନାନାଗାର ଥିଲା। ଯେଉଁଥିରେ ବେଲଜିୟମର ବ୍ଲୁ ଟାଇଲସ ଲାଗିବା ସହ ସୂର୍ଯ୍ୟାଲୋକରେ କକ୍ଷଟି ନୀଳରଙ୍ଗର ଆଲୋକରେ ଆଲୋକିତ ହୋଇ ଉଠୁଥିଲା। ଏହି ପ୍ରାସାଦର ପଛପଟେ ଥିବା ରାଜବଂଶର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣର ସମ୍ମୁଖ ଭାଗରେ ସେ ସମୟରେ ବାରିପଦା ସହରକୁ ବୁଲି ଆସୁଥିବା ଲୋକମାନଙ୍କର ତଥ୍ୟ ରଖିବା ନିମନ୍ତେ ଭିସା କାର୍ଯ୍ୟାଳୟ ଭଳି ଏକ କାର୍ଯ୍ୟାଳୟ ରହିଥିଲା। ଏହି କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ମିରରର ସଦସ୍ୟ କୁମାରେଶ ନାୟକ ଓ ଋଷିରାଜ ପଟ୍ଟନାୟକ ଓ ଅପର୍ଣ୍ଣା ସିଂହ ପରିଚାଳନା କରିଥିଲେ। ଏହା ସହ ଭବିଷ୍ୟତରେ ନିଜ ଜନ୍ମଭୂମିର ଐତିହ୍ୟ ଓ ଇତିହାସର ପ୍ରଚାର ପ୍ରସାର ଓ ସୁରକ୍ଷା ନିମନ୍ତେ ସଂକଳ୍ପ ନେଇଥିଲେ।

# ରାତି ପାହିଲେ ମହାସପ୍ତମୀ; ଉତ୍ସବମୁଖର ପରିବେଶ



ଜି.ଉଦୟଗିରି,୨୮।୯(ସମିସ): ଆସିବେ ମା'। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଆଜି ବିଲ୍ୱବରଣ କରାଯାଇଥିବା ଆସନ୍ତାକାଲି ସୋମବାର ମହାସପ୍ତମୀ ପୂଜା ହେବ। ଚଳିତବର୍ଷ ପୂଜା ପାଇଁ ପ୍ରବେଶ ପଥ ସହିତ ଅସ୍ଥାୟୀ ମଣ୍ଡପରେ ତୋରଣ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଛି। ପୁରା ସହରକୁ ଆଲୋକମାଳାରେ ସୁସଜିତ କରାଯିବା ସହିତ ଆକର୍ଷଣୀୟ କରାଯାଇଛି। ୩୦ ତାରିଖ ମଙ୍ଗଳବାର ଦିନ ମହାଅଷ୍ଟମୀ ପୂଜା, ୧ ତାରିଖ ବୁଧବାର ମହାନବମୀ ପୂଜା ଚଣ୍ଡୀ ପାଠ ସହିତ ପୂର୍ଣ୍ଣା ହୂତି, ଗୁରୁବାରରେ ଦଶମୀ ପୂଜା ସହିତ ଘଟ ବିସର୍ଜନ, ଶୁକ୍ରବାର ଏବଂ ଶନିବାର ରେ ସାଂସ୍କୃତିକ କାର୍ଯକ୍ରମ, ରବିବାରରେ ମାଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ପୂଜା କମିଟି ସଭାପତି ଅରୁଣ କୁମାର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଜି.ଉଦୟଗିରି ପୂଜା ମଣ୍ଡପ ତରଫରୁ ଏହି ପୂଜା ବହୁ ବର୍ଷ ହେଲା ଆୟୋଜନ ହୋଇ ଆସୁଥିବା ସହିତ ଏହା ଅଞ୍ଚଳର ଏକ ମାତ୍ର ପୂଜା ମଣ୍ଡପ ହୋଇଥିବା ଯୋଗୁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଆସିଥାନ୍ତି। ଏହାସହିତ ଜି.ଉଦୟଗିରିର ଅଧିଷ୍ଠାତ୍ରୀ ଦେବୀ ମା ବରାଳିନିଙ୍କୁ ଆବାହନ କରାଯାଉଥିବାରୁ ଶ୍ରଦ୍ଧାଳୁଙ୍କ ଆସ୍ଥା ବିଶ୍ୱାସ ଦ୍ୱିଗୁଣିତ ହୋଇଥାଏ। ଏବେ ଠାରୁ ସହର ଚଳଚଞ୍ଚଳ ହେବା ସହିତ ଉତ୍ସବମୁଖର ହୋଇପଡିଛି।

# ଅଭିଶପ୍ତ ପଡ଼ିଗାଁ; ବିକାଶ ଅପହଞ୍ଚ





ବାଲିଗୁଡ଼ା,୨୮।୯(ସମିସ)

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ ଏବେ ବି କିଛି ଅଞ୍ଚଳବାସୀ ଅଭିଶପ୍ତ ଜୀବନ ବିତାଉଛନ୍ତି। ଏଭଳି ଏକ ଗାଁ ସହର ଠାରୁ ପାଖରେ ଥାଇ ମଧ୍ୟ ବିକାଶ ଠାରୁ ବହୁ ଦୂରରେ ରହିଛି। ସରକାର ଗମନାଗମନ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ପ୍ରଶାସନର ଅବହେଳା ଯୋଗୁଁ ଆଜି ବି ଗାଁ ରାସ୍ତା କାଦୁଅ ପଚପଚ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବ୍ଲକ ରେବିଙ୍ଗିଆ ପଞ୍ଚାୟତର ପଡ଼ିଗାଁକୁ ଭଲ ରାସ୍ତା ନଥିବା ଯୋଗୁଁ ବର୍ଷା ଦିନ ଆସିଲେ କାଦୁଅ ପଚପଚ ହୋଇ ଯିବା ଆସିବା କଷ୍ଟକର ହୋଇପଡୁଛି। ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ପରିବାର ଏହି କାଦୁଅ ପଚପଚ ରାସ୍ତାରେ ଚଳାଚଳ କରୁଛନ୍ତି। ଏହି କାଦୁଅ ରାସ୍ତାରେ ଛୋଟ ଛୋଟ ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ, କଲେଜ ଯିବା ଆସିବା କରୁଛନ୍ତି। କିନ୍ତୁ ଅଧିକ ବର୍ଷା ହେଲେ ପିଲାମାନେ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବା ସମ୍ଭବ ହୋଇପାରୁନି। ଅନେକ ଥର ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ପ୍ରଶାସନକୁ ନିବେଦନ କଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇପାରିନଥିବା ଅଞ୍ଚଳବାସୀ କହିଛନ୍ତି। ଏଥିସହ ପାନୀୟ ଜଳ ଗ୍ରାମବାସୀଙ୍କ ପାଇଁ ସାତ ସପନ ହୋଇଛି। ଆଜିବି ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି ଅଞ୍ଚଳବାସୀ। ଏତିକିରେ ମଧ୍ୟ ଦୁଃଖ ସରିନାହିଁ ଏହି ଅଞ୍ଚଳବାସୀଙ୍କ ପାଇଁ। ଗାଁକୁ ବିଦ୍ୟୁତ ଯୋଗାଯୋଗ ହୋଇଛି କିନ୍ତୁ ତାହା ଲୁଚକାଳି ଖେଳୁଛି ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।

ରାସ୍ତା ନିର୍ମାଣ ପାଇଁ ବାଲିଗୁଡ଼ା ବ୍ଲକ କାର୍ଯ୍ୟାଳୟ, ଆରଡି ବିଭାଗକୁ ଅନେକ ଥର ଗୁହାରି କରିଥିଲେ ମଧ୍ୟ ଏହି ରାସ୍ତା ନିର୍ମାଣ ହୋଇନଥିବା ଅଞ୍ଚଳବାସୀ କହିଛନ୍ତି। ସ୍ଥାନୀୟ ପ୍ରଶାସନ ଏହି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ରାସ୍ତା ଓ ପାନୀୟଜଳ ବ୍ୟବସ୍ଥା କରିବା ନିମନ୍ତେ ଅଞ୍ଚଳବାସୀ ଓ ଜନ ପ୍ରତିନିଧି ଦାବି କରିଛନ୍ତି।

# ସାପ କାମୁଡ଼ାରେ ମହିଳା ମୃତ



ପାରଳାଖେମୁଣ୍ଡି,୨୮।୯(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ପଞ୍ଚାୟତ ବାଲାଜିପୁର ଗ୍ରାମରେ ସର୍ପ ଦଂଶନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଉଛନ୍ତି ଜାନୀ କୁନି (୫୫)। ସେ ଗତରାତିରେ ଶୋଇଥିବା ବେଳେ ଏକ ସାପ ପ୍ରଥମେ ତାଙ୍କ ହାତକୁ ପରେ ଦୁଇ ଗୋଡ଼କୁ କାମୁଡ଼ି ଦେଇଥିଲା। କୁନି ଚିତ୍କାର କରିବାରୁ ପରିବାର ବର୍ଗ ଅନ୍ଧାରିଝୋଲା ଗ୍ରାମକୁ ଝଡ଼ାଫୁଙ୍କା ପାଇଁ ନେଇଥିଲେ। ସେ ଉପଶମ ଅନୁଭବ କରୁଥିବା କହିଥିଲେ। ପରେ ସକାଳ ୬ଟାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ବର୍ଗ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଗାରାବନ୍ଧ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ।

# ଆରଏସଏସର ଶତବାର୍ଷିକ ଓ ବିଜୟା ଦଶମୀ

ପାରଳାଖେମୁଣ୍ଡି,୨୮।୯(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀଶିଶୁ ବିଦ୍ୟା ମନ୍ଦିର ପରିସରରେ ଆରଏସଏସର ଶତ ବାର୍ଷିକ ଉଦଘାଟନ ଓ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆରଏସଏସ ଗଞ୍ଜାମ ଜିଲ୍ଲା କାର୍ଯ୍ୟବାହ ଭଗବାନ ତ୍ରୀପାଠି ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ତ୍ରୀପାଠି ସଂଘର ପ୍ରତିଷ୍ଠା ଓ ବିଜୟା ଦଶମୀ ପାଳନରେ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା କାର୍ଯ୍ୟବାହ ଗୌରାଙ୍ଗ ପାଣୀଗ୍ରାହୀ ଓ ଅନାଦି ପାଣୀଗ୍ରାହୀ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଶତାଧିକ ସ୍ୱୟଂସେବକ ପଦଯାତ୍ରାରେ ସହର ପରିକ୍ରମା କରିଥିଲେ।

# ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ଉଦ୍‌ଘାଟନ ଉତ୍ସବ

ରାୟଗଡ,୨୮।୯(ସମିସ): ଗଜପତି ଜିଲ୍ଲା ରାୟଗଡ଼ ଖଣ୍ଡ ପକ୍ଷରୁ ରବିବାର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆରଏସଏସର ଶତାବ୍ଦୀ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂଘ ଚାଳକ ରାଧାକୃଷ୍ଣ ଜାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଭିମନ୍ୟୁ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋ ସୁରକ୍ଷା ଜିଲ୍ଲା ସଂଯୋଜକ କୃଷ୍ଣ ଚନ୍ଦ୍ର ଭୂୟାଁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶାରୀରିକ ଶିକ୍ଷଣୀୟ ପ୍ରମୁଖ ଚୈତନ୍ୟ ମଲ୍ଲିକ ଯୋଗ ଦେଇ ରାଷ୍ଟ୍ରୀୟ ଜାଗରଣର ୧୦୦ ବର୍ଷର ଗାଥା ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଅୟୋଜିତ ୧୦୦ ତମ ଜୟନ୍ତୀ ଉତ୍ସବସ୍ଥଳରେ ପହଞ୍ଚିଥିଲା।। ଏଥିରେ ରାୟଗଡ଼ ଖଣ୍ଡର ଶତାଧିକ ସ୍ୱୟଂସେବକ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ପ୍ରସାଦ ଘଡାଇ ପରିଚାଳନା କରିଥିବା ବେଳେ ଶିକ୍ଷକ ତ୍ରିଲୋଚନ ପାତ୍ର ସହଯୋଗ କରିଥିଲେ।

# ବିପଦସଂକୁଳ ସ୍ଥିତିରେ ଗଦଗୁଡ଼ା ସମିତି ଗୃହ

ଟିକାବାଲି,୨୮।୯(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ବୁର୍ବିନାଯୁସ୍ଥିତ ଗଦଗୁଡା ବହୁମୁଖୀ ସମବାୟ ସମିତି କାର୍ଯ୍ୟାଳୟ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି କୋଠା ପୁରୁଣା ହୋଇଥିବାରୁ ଭଙ୍ଗାଦଦରାସ୍ଥିତିରେ ରହିଛି। ଏହା କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଏହି ବିପଦପୂର୍ଣ୍ଣ କୋଠା ଭିତରେ କାର୍ଯ୍ୟ ଚାଲୁ ରହିଛି। ଏହି କାର୍ଯ୍ୟାଳୟର କାନ୍ଥ ଓ ଛାତର ପ୍ଲାଷ୍ଟର ବାହାରି ପଡିଛି। କେତେକ ସ୍ଥାନରେ ଛାତରୁ ରଡ୍



## କର୍ମଚାରୀ ଓ ଚାଷୀ ଭୟଭୀତ

ବାହାରିଥିବା ଦେଖିବାକୁ ମିଳିଛି। ବର୍ଷା ସମୟରେ ଛାତରୁ ପାଣି ଗଳୁଥିବାରୁ କୋଠାର ଭିତ୍ତିଭୂମି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଏହି ବିପଦପୂର୍ଣ୍ଣ କାର୍ଯ୍ୟାଳୟରେ ନିୟୋଜିତ କର୍ମଚାରୀ ପ୍ରତିଦିନ ଜୀବନକୁ ବାଜି ଲଗାଇ କାମ କରିବାକୁ ବାଧ ହେଉଛନ୍ତି। କେବଳ କର୍ମଚାରୀ ନୁହଁନ୍ତି, ଏହି ସମବାୟ ସମିତି କାର୍ଯ୍ୟାଳୟକୁ ପ୍ରତିଦିନ ଶତାଧିକ ଚାଷୀ ସାର, କୃଷି ଋଣ ଏବଂ ଅନ୍ୟାନ୍ୟ ସମିତି କାର୍ଯ୍ୟ ପାଇଁ ଆସିଥାନ୍ତି। ଭଙ୍ଗାଦଦରା କୋଠା ଭିତରେ ଭିଡ଼ ଯୋଗୁଁ କୌଣସି ମୁହୂର୍ତ୍ତରେ କିଛି ଅଘଟଣ ଘଟିଲେ ବହୁ ଧନଜୀବନ ହାନି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ କର୍ମଚାରୀ ଓ କାର୍ଯ୍ୟାଳୟକୁ ଆସୁଥିବା ଚାଷୀ ଭୟଭୀତ ସ୍ଥିତିରେ ରହୁଛନ୍ତି। ସ୍ଥାନୀୟ କର୍ମଚାରୀ ଓ ସମିତିର ସଦସ୍ୟମାନେ ବାରମ୍ବାର ଉପରିସ୍ଥ ଅଧିକାରୀ ତଥା ସମବାୟ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ନୂତନ କୋଠା ନିର୍ମାଣ କିମ୍ବା ପୁରୁଣା କୋଠାର ମରାମତି ପାଇଁ ଅନୁଦାନ ଯୋଗାଇ ଦିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟାର ଗୁରୁତ୍ୱକୁ ବୁଝି କୋଠାର ସ୍ଥିତି ଯାଞ୍ଚ କରିବା ଏବଂ କୌଣସି ଦୁର୍ଘଟଣା ପୂର୍ବରୁ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହିତ ନୂତନ ଭବନ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ୪୨ ୟୁନିଟ୍ ରକ୍ତ ସଂଗୃହୀତ




ପାରଳାଖେମୁଣ୍ଡି,୨୮।୯(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡ଼ା ସ୍ଥିତ ବିକାଶ ବିଦ୍ୟାନିକେତନ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। 'ହେଲ୍ପ ଏଭର୍ ହର୍ଟ ନେଭର' ଅନୁଷ୍ଠାନ ପକ୍ଷରୁ ଆୟୋଜତି ଏହି ଶିବିରରେ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଯୋଗ ଦେଇ ନିଜେ ରକ୍ତଦାନ କରି ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଉପଲଡ଼ା ସହ ଆଖପାଖ ଗ୍ରାମର ଅନେକ ଯୁବକ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଅନୁଷ୍ଠାନର ସଭାପତି ବାଲା ପ୍ରଭାକର, ସମ୍ପାଦକ ମନୋଜ ପଟ୍ଟନାୟକ ଓ ଉପସଭାପତି ଗୁମ୍ମୁ ରାମକ୍ରିଷ୍ଣା ଅତିଥି ଭାବେ ମଞ୍ଚାସୀନ ଥିଲେ।

# ବିନା ଜିଏସ୍‌ଟି ବିଲ୍‌ରେ ଚାଲିଛି ସୁନା କାରବାର

ପାରଳାଖେମୁଣ୍ଡି,୨୮।୯(ସମିସ): ଗତ ୨୬ ତାରିଖ ସକାଳେ ପାରଳାଖେମୁଣ୍ଡି ପୁଲିସ ଦୈନିକ ବଜାର ଅଞ୍ଚଳରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିଲା। ସେହି ସମୟରେ ଦୈନିକ ବଜାର ଅଞ୍ଚଳର ପାଟ୍ରୋଲିଂ କରୁଥିବା ଏସ୍‌ଆଇ ପି.ବି. ସ୍ୱାଇଁ ଜଣେ ବ୍ୟକ୍ତି ସନ୍ଦେହଜନକ ଭାବେ ଏକ ବ୍ୟାଗ ଧରି ବଜାର ଛକରେ ଥିବା ଏକ ଲଜ୍‌କୁ ଯାଉଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକାଇ ତାଙ୍କ ବ୍ୟାଗ୍‌ରେ ଥିବା ସାମଗ୍ରୀ ବିଷୟରେ ପଚାରିଥିଲେ। ବ୍ୟକ୍ତି ଜଣକ କଟକ ସହରର ଚାନ୍ଦିନୀ ଚୌକ୍ ଅଞ୍ଚଳର ବାସୁଦେବ କର୍ମକାର ବୋଲି ପରିଚୟ ଦେଇଥିଲେ। ସେ ନିଜକୁ ଜଣେ ସୁନା ଏବଂ ରୂପା ବ୍ୟବସାୟୀ ବୋଲି କହିଥିଲେ। ଶ୍ରୀ କର୍ମକାର କୋଲକାତା ଓ କଟକରୁ ସୁନା ରୂପା ଅଳଙ୍କାର ଆଣି ପାରଳାଖେମୁଣ୍ଡି ସହରର କିଛି ସୁନା ଦୋକାନ କୁ ଯୋଗାଉଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣି ପାରିଥିଲା। କିନ୍ତୁ ସେ ତାଙ୍କ ପାଖରେ ଥିବା ଅଳଙ୍କାରର ପରିବହନ କିମ୍ବା ବ୍ୟବସାୟିକ କାରବାରକୁ ପ୍ରମାଣିତ କରିପାରିନଥିଲେ। ଏପରିକି କୌଣସି ବୈଧ କାଗଜପତ୍ର ଯେପରିକି ବିଲ୍, ଇନଭଏସ୍ କିମ୍ବା ଜିଏସଟି ଟ୍ରାଞ୍ଜିଟ୍ ପରମିଟ୍ ପ୍ରଦାନ କରିପାରି ନଥିଲେ।

ଉକ୍ତ ବ୍ୟବସାୟୀଙ୍କ ତଲାସୀ ନେବା ପରେ, ତାଙ୍କ ହ୍ୟାଣ୍ଡବ୍ୟାଗରୁ ମୋଟ ୬୬.୪୦୦ ଗ୍ରାମ ସୁନା ଅଳଙ୍କାର ଉଦ୍ଧାର କରାଯାଇଥିଲା। ଉକ୍ତ ସୁନା ଅଳଙ୍କାରକୁ ଜବତ କରାଯାଇଥିଲା ଏବଂ ଶ୍ରୀ କର୍ମକାରଙ୍କୁ ଅଧିକ ଯାଞ୍ଚ ଏବଂ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାକୁ ନିଆଯାଇଥିଲା। ଉକ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପର ସନ୍ଦେହଜନକ ଏବଂ ଆବଶ୍ୟକ ବ୍ୟବସାୟିକ କାଗଜପତ୍ର ନଥିବାରୁ ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୁପତି ଜିଏସଟି ବିଭାଗକୁ ଯୋଗାଯୋଗ କରିଥିଲେ। ପରେ ବ୍ରହ୍ମପୁରର ଜିଏସଟିର ଏନଫୋର୍ସମେଣ୍ଟ ୟୁନିଟ ପହଞ୍ଚି ୧ଲକ୍ଷ ୬୨ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। ପାରଳାଖେମୁଣ୍ଡିର କିଛି ଅସାଧୁ ସୁନା ବେପାରି ଜିଏସଟି ଫାଙ୍କିବା ସହ ଗ୍ରାହକଙ୍କୁ ହଜାର ହଜାର ଟଙ୍କାର ଚୁନ ଲଗାଉଥିବା ସ୍ପଷ୍ଟ ହୋଇଛି। ବିନା ଜିଏସଟିରେ ଆସୁଥିବା ଏହି ସୁନା ନିଶ୍ଚିତ ଭାବେ ଲୋକଙ୍କୁ ବିନା ବିଲ୍‌ରେ ବିକ୍ରୟ ହେଉଥିବ।

ଏଥିରେ ସରକାରଙ୍କ ରାଜସ୍ୱ ନଷ୍ଟ ହେବା ସହ ଲୋକେ ନିଜ ସୁନାକୁ ଆଇନ ଅନୁସାରେ ନିଜର କରିପାରିବେ ନାହିଁ। ପାରଳାଖେମୁଣ୍ଡି ପୁଲିସର ଏପରି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ୧୩ ଦିନ ହେଲା କଳିଙ୍ଗା ଘାଟି ବନ୍ଦ; ଜୀବନଜୀବିକା ପ୍ରଭାବିତ





ଜି.ଉଦୟଗିରି,୨୮।୯(ସମିସ)

କଳିଙ୍ଗା ଘାଟିରେ ହୋଇଥିବା ଭୟଙ୍କର ଭୂସ୍ଖଳନ ଯୋଗୁଁ ତେରଦିନ ଦେଲା ଯାତାୟାତ ବନ୍ଦ ରହିଥିବା ବେଳେ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏମିତି ଭୂସ୍ଖଳ ଆଗରୁ କେବେ ହୋଇନଥିଲା। ଘାଟି ଗୋଟିଏ ସ୍ଥାନକୁ ଛାଡ଼ି ଦେଲେ ଅନେକ ସ୍ଥାନରେ ବିପଦସଂକୁଳ ଅବସ୍ଥାରେରେ ରହିଛି। ଗତ ୧୬ ତାରିଖରେ ହୋଇଥିବା ଭୂସ୍ଖଳନରେ ୫୦ ଫୁଟ ରାସ୍ତା ୧୦୦ ଫୁଟ ତଳକୁ ଧୋଇଯିବା ସହିତ ପାହାଡ଼ର ବଡ଼ ବଡ଼ ପଥର ଧୋଇ ହୋଇଯାଇଥିଲା। ଉତ୍ତରାଖଣ୍ଡ ଭଳି ପ୍ରକୃତିର ତାଣ୍ଡବ କନ୍ଧମାଳରେ ଦେଖା ଦେବା ବହୁତ କିଛି ସଂକେତ ଦେଉଥିବା ବେଳେ ଆଗରୁ ସତର୍କ ହେବାରୁ ସମୟ ଆସିଛି ବୋଲି ପୁରୁଖା ଲୋକେ କହିଛନ୍ତି। ଭୂସ୍ଖଳନର ୧୩ ଦିନ ବିତି ଯାଇଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ଯାତାୟାତ ସ୍ୱାଭାବିକ କରିପାରିନି। ଜିଲ୍ଲାବାସୀ ସ୍ୱାଭାବିକ ଯାତାୟାତକୁ ଚାହିଁ ବସିଛନ୍ତି। ବିକଳ୍ପ ରାସ୍ତା ପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। କଳିଙ୍ଗାଠାରୁ ଘାଟିକୁ ଖସିବାର ତିନି କିମି ପରେ ଭଳିଆପାଟାରୁ ଦୁର୍ଗା ପ୍ରସାଦ ବାହାରିକୁ ପୂର୍ବରୁ ଏକ ଅଣଓସାରିଆ ରାସ୍ତା ଥିଲା, ଯାହା ପୂର୍ବରୁ ବ୍ୟବହାର କରାଯାଉଥିଲା। ଭଳିଆପଟାରୁ ଦୁର୍ଗାପ୍ରସାଦ ୮ କିଲୋମିଟର ହୋଇଥିବା ବେଳେ ଏବେ ଏହା ଉପରେ ଗୁରତ୍ୱ ଦେବା ସମୟ ଆସିଛି। ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି।

## ବିକଳ୍ପ ରାସ୍ତା ପ୍ରତି ଦୃଷ୍ଟି ଦେବାକୁ ଦାବି

ଭଲିଆପାଟା ଠାରୁ ଦୁର୍ଗା ପ୍ରସାଦକୁ ଆସୁଥିବା ୭ କିମି ଘାଟି ରାସ୍ତାରେ ଭିତରେ ବହୁତ ବିପଦସଂକୁଳ ସ୍ଥାନ ରହିଥିବା ବେଳେ, ଦୁର୍ଗା ପ୍ରସାଦରୁ ବିକଳ୍ପ ରାସ୍ତାରେ ସିଧା ଭାଲିଆପଟାରେ ପହଞ୍ଚି ହେବ। ଦୁଇ ଦିନ ପୂର୍ବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ସ୍ଥିତି ବୁଲି ଦେଖିବା ସହିତ ଘାଟିର ଆୟୁଷ ଆଉ ଅଧିକ ଦିନ ନାହିଁ ବୋଲି କହିଥିଲେ। ତେଣୁ ବିକଳ୍ପ ରାସ୍ତା ଭଳିଆପଟା ରାସ୍ତା ଦେଇ ଦୁର୍ଗା ପ୍ରସାଦକୁ ବାହାର କରିବାକୁ ସରକାର ଆଗରୁ ପ୍ରୟାସ କଲେ ଭଲ ହେବ। ଏବେ ଆଉ ଡେରି ନକରି ଏହି ବିକଳ୍ପ ରାସ୍ତା ଉପରେ ବିଚାର କରି ବାହାର କଲେ ଭବିଷ୍ୟତ ରେ ବହୁତ କାମରେ ଆସିବ। ତେଣୁ ଘାଟି ରାସ୍ତାର ଅବସ୍ଥା, ସ୍ଥାୟିତ୍ୱ ଭବିଷ୍ୟତ ରେ କେତେ ସୁରକ୍ଷିତ ତାହାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ ବିଭାଗ ବିକଳ୍ପ ରାସ୍ତା ବିଷୟରେ ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ଦାବି କରାଯାଉଛି।

# ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ପକ୍କାଘର



ପାରଳାଖେମୁଣ୍ଡି,୨୮।୯(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ନାମନଗଡ ପଞ୍ଚାୟତର ସଦରମହକୁମାରେ ପଦ୍ମିନୀ ପାଇକ ଓ ଉତ୍ତମ ପାଇକ ବାସ କରୁଛନ୍ତି। ପ୍ରକୃତ ହିତାଧିକାରୀ ହୋଇଥିଲେ ମଧ୍ୟ ସେମାନଙ୍କୁ ପକ୍କା ଘର ଖଣ୍ଡେ ମିଳିପାରୁନି। ୧୬ ବର୍ଷ ପୂର୍ବେ ସେମାନଙ୍କ ବିବାହ ହୋଇଥିବା ବେଳେ ତିନି ସନ୍ତାନର ସେମାନେ ପିତାମାତା। ଦୁଇ ପୁଅ ମଧ୍ୟରୁ ଜଣେ ଦଶମ ଅନ୍ୟ ଜଣେ ଅଷ୍ଟମରେ ପାଠ ପଢୁଥିବା ବେଳେ ଝିଅ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛି। ଉତ୍ତମ ପାଇକ ମଜୁରୀ କାମ କରି ଜୀବନର ଗାଡି ଟାଣି ନେଉଛନ୍ତି। ପରିବାର ପାଇଁ ପକ୍କା ଘରଟିଏ ଆଜି ପର୍ଯ୍ୟନ୍ତ ନଥିବା ବେଳେ ଦୁଇ ବଖରା ଝାଟିମାଟି ଘରେ ଦିନ କାଟୁଛନ୍ତି। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡିବା ପରେ ମଧ୍ୟ ଘର ଖଣ୍ଡିଏ ମିଳିପାରିନାହିଁ। ସପ୍ତାହକୁ ଦୁଇରୁ ତିନିଦିନ କାମ ମିଳୁଥିବା ବେଳେ ବର୍ଷା ଋତୁରେ ଉତ୍ତମଙ୍କୁ କୌଣସି କାମ ମିଳୁନାହିଁ। ଯାହାଫଳରେ ଘରର ମରାମତି ହେଉ କି ଘର ନିର୍ମାଣ ପାଇଁ ସ୍ୱପ୍ନ ବି ଦେଖିବା ସମ୍ଭବ ହେଉନନାହିଁ। ଅନେକ ଥର ବିଭିନ୍ନ ଯୋଜନାରେ ସେମାନଙ୍କୁ ଘର ପକ୍କା ଘର କରିବା ପାଇଁ ସର୍ଭେ ହେଉଛି। କିନ୍ତୁ ସର୍ଭେ ହେବା ପରେ ହଠାତ୍ ଅଜଣା କାରଣରୁ କଟିଯାଉଛି ଏବଂ କୌଣସି ଆବାସ ଯୋଜନାରେ ଆଜି ପର୍ଯ୍ୟନ୍ତ ସେମାନେ ସାମିଲ ହୋଇପାରିନାହାନ୍ତି। ଜୀବନ ଜୀବିକା ସହ ପକ୍କା ଘର ପାଇବା ପାଇଁ ଦମ୍ପତିଙ୍କ ଲଢ଼େଇ ଜାରି ରହିଛି। କୋଟି କୋଟି ଟଙ୍କା ବାସହରାଙ୍କୁ ବାସ ଯୋଗାଇବା ଯୋଜନାରେ ସେମାନଙ୍କୁ କେବେ ବାସଗୃହ ମିଳିବ ତାହା ଏବେ ପ୍ରଶ୍ନ ହୋଇଛି।



# ପୂଜା ପତ୍ରିକା 'ବାଟୋଇ' ଉନ୍ମୋଚିତ



ଭୁବନେଶ୍ୱର,୨୮।୯(ସମିସ): ଜୀବନ ଜିଜ୍ଞାସାର ଅଭିଯାତ୍ରୀ 'ବାଟୋଇ'ର ପାର୍ବଣ ସଂଖ୍ୟା ରବିବାର ଲୋହିଆ ଏକାଡେମୀଠାରେ ଉନ୍ମୋଚିତ ହୋଇଯାଇଛି। ଏହି ଉନ୍ମୋଚନ ଉତ୍ସବରେ ଓଡ଼ିଶାର ବିଶିଷ୍ଟ କବି ଫନୀ ମହାନ୍ତି, କବି ଆଶୁତୋଷ ପରିଡ଼ା, ଗାଳ୍ପିକା ଇନ୍ଦିରା ଦାଶ, କବି ପୀତାମ୍ବର ତରାଇ, ଡ. ପ୍ରଭାସ ଚନ୍ଦ୍ର ଆ.ର୍ଯ୍ୟ ଏବଂ ସମ୍ପାଦକ ଶତ୍ରୁଘ୍ନ ତରାଇ ପ୍ରମୁଖ ଯୋଗଦେଇ ସାହିତ୍ୟରେ ପତ୍ରିକାର ଭୂମିକା ଓ ଆଗାମୀ ପିଢ଼ିର ସାହିତ୍ୟିକଙ୍କୁ ଗଢ଼ିବାର କଳା ସମ୍ପର୍କରେ ମତ ରଖିଥିଲେ। ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ସଭାରେ ପୌରୋହିତ୍ୟ କରିଥିଲେ। ଉତ୍ସବ ପୂର୍ବରୁ ପ୍ରଫେସର ଅଞ୍ଜୁମନ ଆରା ଓ ଡ. ମମତା ସାହୁଙ୍କ ପୌରୋହିତ୍ୟରେ ୫୦ଜଣ କବି କବିତା ପାଠ କରିଥିଲେ। ଏହି ଅବସରରେ କବି ଶିବଶଙ୍କର ସାହୁ, ଗାଳ୍ପିକ ସୁନୀଲକାନ୍ତ ମିଶ୍ର, ପ୍ରାବନ୍ଧିକ ସୁଶୀଲ ବାଗ, କବି ରଞ୍ଜନ ବାଇ ଓ କବି ଦୀପୁନ ପୁହାଣଙ୍କୁ 'ବାଟୋଇ ଯୁବ ପ୍ରତିଭା' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରି.ଳନାରେ ଦେବଯାନୀ ରାୟ, ନୃସିଂହ ତରାଇ, ପ୍ରଭାତୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ। କବି ବଙ୍ଗାଳୀ ନନ୍ଦ, ନିରାକାର ଦାସ, ଅଭୟ ନାରାୟଣ ନାୟକ ପ୍ରମୁଖ କବିତା ପାଠ କରିଥିଲେ।

# 'ଜୀବନ ଦେଖି ଓ ଭୋଗି ସାହିତ୍ୟ ସାଧନା ହୁଏ'

ଭୁବନେଶ୍ୱର, ୨୮।୯(ସମିସ):



ପରିବେଶ ସାଙ୍ଗକୁ ଦେଖିଥିବା ଓ ଭୋଗିଥିବା ଜୀବନ ଜଣେ ଲେଖକକୁ ସୃଷ୍ଟିଶୀଳ ହେବାକୁ ଆଗ୍ରହୀ କରାଏ ବୋଲି ବିଶିଷ୍ଟ ସାହିତ୍ୟିକା ଚିରଶ୍ରୀ ଇନ୍ଦ୍ରସିଂ ପ୍ରକାଶ କରିଛନ୍ତି। ଶୁକ୍ରବାର ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀମତୀ ଇନ୍ଦ୍ରସିଂ 'ମୋ ସୃଜନ: ମୋ ଜୀବନ' ଶୀର୍ଷକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେ ତାଙ୍କ ସୃଜନ ପ୍ରେରଣା ଓ ପୃଷ୍ଠଭୂମି, ପ୍ରଥମ ପ୍ରକାଶିତ ଲେଖା ଓ ବହି, ନିଜର ପସନ୍ଦ, ଲେଖାଲେଖିର ବିଷୟବସ୍ତୁ, ସ୍ମରଣୀୟ ଘଟଣା, ପାଠକୀୟ ପ୍ରତିକ୍ରିୟା ସମେତ ସମକାଳୀନ ଓଡ଼ିଆ ଗଳ୍ପର ସ୍ଥିତି ସମ୍ପର୍କରେ ଉଲ୍ଲେଖ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର କୋଲକାତା କାର୍ଯ୍ୟାଳୟର ପ୍ରାକ୍ତନ ଅଧିକାରୀ ତଥା ପ୍ରାବନ୍ଧିକ ଡ଼. ମିହିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ଏ ମାସର କବି' ଭାବରେ ଯୋଗଦେଇ ତରୁଣ କବି ସଂଗ୍ରାମ ମହାରଣା ସ୍ୱରଚିତ କବିତା ପାଠ କରିଥିଲେ। ଟ୍ରଷ୍ଟର ସଭାପତି ସୂର୍ଯ୍ୟ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଲେଖକ ପ୍ରଦୀପ୍ତ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା କବିତା ପାଠୋତ୍ସବରେ ସ୍ନେହ ଦାସ ଲେଙ୍କା, ଜୟଶ୍ରୀ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ମନୋରଞ୍ଜନ ପାଣିଗ୍ରାହୀ, ଉଷାରାଣୀ ଆଚାର୍ଯ୍ୟ, ପ୍ରହରାଜ ଜୟ ନାରାୟଣ ନନ୍ଦ, ଅନୁସୟା ବାରିକ, ଅଲେଖ ରାଉତ, ଦେବରାଜ ବିଶୋଇ, ଅଙ୍କୁର ଦିଣ୍ଡା, ପ୍ରିୟରଞ୍ଜନ ସାହୁ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ପବିତ୍ର ମୋହନ ବାରିକ, ମଦନ ବିଶ୍ୱାଳ, କୁମୁଦିନୀ ଜୀ, ଅଶୋକ ସିଂହ, ସବିତା ଶତପଥି, ମିନତି ମିଶ୍ର, ମନମୋହନ ମିଶ୍ର ବିରଞ୍ଚି ଶତପଥି, ପୀତାମ୍ବର ଭୋଇ, ପ୍ରଣତି ପରିଡ଼ା, ଚନ୍ଦନ ସିଂହ, ଇତିଶ୍ରୀ ପତି, ଗୀତାଞ୍ଜଳି ଦଳାଇ, ଶୀତଳ ମିଶ୍ର, ସୁନନ୍ଦା ମିଶ୍ର ଓ ନିରୁପମା ରଥ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଆରମ୍ଭରେ ଅନୁଷ୍ଠାନର ସଦସ୍ୟା ମୋନିକା ମହାପାତ୍ରଙ୍କ ପରଲୋକରେ ନିରବ ପ୍ରାର୍ଥନା କରାଯାଇଥିଲା

# ଦେବଯୁଗ ପରିବାର ପକ୍ଷରୁ ସେବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୮।୯(ସମିସ): ଶାରଦୀୟ ପୂଜା ଅବସରରେ ରାଜ୍ୟରେ ରକ୍ତ ସଙ୍କଟ ଦୂର କରିବା ପାଇଁ ଦେବଯୁଗ୍ ପରିବାର ପକ୍ଷରୁ ରବିବାର ''ଦେବଯୁଗ୍ ବ୍ରହ୍ମ ବିନ୍ଦୁ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କେଦାରଗୌରୀ ରିସର୍ଟଠାରେ ଅନୁଷ୍ଠିତ ଏହି ଉତ୍ସବରେ ସଭାପତି ଦେବବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବିଧାୟକ ବାବୁ ସିଂ ଏକ ଟୋଲ୍ ଫ୍ରି ନମ୍ବର ଓ ଓ୍ୱେବସାଇଟ୍ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୦୦୦ ସ୍ୱେଚ୍ଛାସେବୀ ବିଭିନ୍ନ ଡାକ୍ତରଖାନାରେ ନିୟୋଜିତ ହେବେ, ଯେଉଁମାନେ



ଟୋଲ୍ ଫ୍ରି' ନମ୍ବର ଓ ୱେବ୍‌ସାଇଟ୍ ଜରିଆରେ ଯୋଗାଯୋଗ ପରେ ରୋଗୀଙ୍କୁ ବିନା ମୂଲ୍ୟରେ ରକ୍ତ ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନର ସଭାପତି କହିଛନ୍ତି। ଏହି ଅବସରରେ ରାଜଧାନୀର ସଫେଇ କର୍ମଚାରୀ, ଡାକବାଲା, ଖବରକାଗଜ ହକର, ଅଙ୍ଗନବାଡ଼ି ଓ ଆଶା କର୍ମୀ ସହ ବିଭିନ୍ନ ସେବା କ୍ଷେତ୍ରରେ କାର୍ଯ୍ୟରତ ୨୦୦ରୁ ଅଧିକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଜେପି ରାଜ୍ୟ ସଭାପତି ତଥା ଅଲିମ୍ପିକ୍ ସ୍ପୋର୍ଟସ୍ ପ୍ରେସିଡେଣ୍ଟ ସମୀର ମହାନ୍ତି ଓ ସଂଗ୍ରାମ କେଶରୀ ପାଇକରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଓଏମ୍ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ



ଭୁବନେଶ୍ୱର, ୨୮।୯(ସମିସ): ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅନ୍ତର୍ଗତ 'ସ୍ୱଚ୍ଛୋତ୍ସବ'ଏକ୍ ଦିନ୍, ଏକ ଘଣ୍ଟା, ଏକ୍ ସାଥ୍ -ଶ୍ରମଦାନ ବିଷୟ ସମ୍ପର୍କିତ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଟକର ଜଗତ୍‌ପୁର, ଭୁବନେଶ୍ୱର ନିଳାଦ୍ରୀ ବିହାରର ରାଧାକୃଷ୍ଣ ମନ୍ଦିର ପାର୍କ, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା, ସମ୍ବଲପୁର ଏବଂ ରାଉରକେଲା ଆଦି ସ୍ଥାନରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଦିଲ୍ଲୀପ କୁମାର ରାଉଳ ଏବଂ ଉପ-ଅଞ୍ଚଳ ମୁଖ୍ୟ ସଞ୍ଜୀବ କୁମାର ଦାଶଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ଶାଖାର ଶାଖା ମୁଖ୍ୟ, ବରିଷ୍ଠ ଅଧିକାରୀ ଓ କର୍ମଚାରୀଗଣ ଉପସ୍ଥିତ ରହିଥିଲେ।

# ସାହିତ୍ୟ ପତ୍ରିକା 'ଅପୂର୍ବା'ର ସ୍ୱନକ୍ଷତ୍ର

ଭୁବନେଶ୍ୱର,୨୮।୯(ସମିସ): ସାହିତ୍ୟ ପତ୍ରିକା ଏବଂ ପୁସ୍ତକ ପ୍ରକାଶନ ପ୍ରତିଷ୍ଠାନ 'ଅପୂର୍ବା ପ୍ରକାଶନୀ' ପକ୍ଷରୁ ଏହାର ୨୭ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଛି। ସ୍ଥାନୀୟ ଗୀତ ଗୋବିନ୍ଦ ସଦନ ସଭାଗୃହରେ ଅପୂର୍ବାର ଅଧ୍ୟକ୍ଷ କଥାକାର କ୍ଷୀରୋଦ ଚନ୍ଦ୍ର ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୌମ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ କବି ଓ ଚିନ୍ତକ ହରପ୍ରସାଦ ଦାସ ଓ ସମ୍ମାନିତ ଅତିଥିଭାବେ କଥାଶିଳ୍ପୀ ଡ. ପଦ୍ମଜ ପାଲ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଅପୂର୍ବାର ପ୍ରତିଷ୍ଠାତା ସମ୍ପାଦକ ଗାଳ୍ପିକ କ୍ଷୀରୋଦ ଚନ୍ଦ୍ର ପତି ସ୍ୱାଗତ ଭାଷଣ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କବିତା ଗୌରବ ସମ୍ମାନରେ କବି ରଞ୍ଜନ କୁମାର ଦାସ, ପ୍ରବନ୍ଧ ଗୌରବ ସମ୍ମାନରେ ଡ. ଦୀନବନ୍ଧୁ ଦାଶ, ଉପନ୍ୟାସ ଗୌରବ ସମ୍ମାନରେ ଆଣ୍ଡାମାନର ପିସିସିଏଫ୍ ତଥା କଥାକାର ଅଶୋକ ବିଶ୍ୱାଳ, ସମ୍ପାଦକ ଗୌରବ ସମ୍ମାନରେ ଆମ ପଞ୍ଚବଟୀ ପତ୍ରିକାର ସମ୍ପାଦକ ସୁଶାନ୍ତ କୁମାର ନାୟକ ଓ ରବି ମହାପାତ୍ର ସ୍ମୃତି ସମ୍ମାନରେ କଥାଶିଳ୍ପୀ ପଦ୍ମଜ ପାଲଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଅପୂର୍ବାର ୨୭ତମ ଶାରଦୀୟ ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହେବାସହ ଅପୂର୍ବା ପ୍ରକାଶନୀ ପ୍ରକାଶିତ ଡ. ଅଶୋକ ମହାନ୍ତିଙ୍କ ଲିଖିତ ପ୍ରବନ୍ଧ ପୁସ୍ତକ ଓଡ଼ିଆ ଗୀତିକବିତାରେ ଲୋକସଂସ୍କୃତି, ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ଲିଖିତ ଗଳ୍ପ ପୁସ୍ତକ ଗୋଧୂଳି ରଙ୍ଗ, ଦୁର୍ଗା ପ୍ରସାଦ ମହାରଣାଙ୍କ ଲିଖିତ ଗୀତିକବିତା ପୁସ୍ତକ ମିତପାଇଁ ପ୍ରୀତିଛନ୍ଦ, ପ୍ରଶାନ୍ତି ସାହୁଙ୍କ ଲିଖିତ କବିତା ପୁସ୍ତକ ନିରବତାର ଚିତ୍ରାଙ୍କନ ଲୋକାର୍ପିତ ହୋଇଥିଲା। ପତ୍ରିକାର ଜନ ସମ୍ପାଦକ ତ୍ରିଲୋଚନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୩୦ ତମ ଶ୍ରୀଜଗନ୍ନାଥ କଥା ଲହରୀ

## ଶ୍ରୀମନ୍ଦିରରେ ଦୁର୍ଗା ମାଧବ ଉପାସନା

ଭୁବନେଶ୍ୱର,୨୮।୯(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି ଆଜି ସାରା ବିଶ୍ୱର କୋଣେ ଅନୁକୋଣେ ଆଦୃତ ହୋଇ, ବିଶ୍ୱ ସସ୍କୃତିରେ ପରିଣତ ହୋଇପାରିଛି। ଏ ସମ୍ପର୍କରେ ବହୁ କଥା ଏବେ ମଧ୍ୟ ଜଣାଇବା ପାଇଁ ବାକି ଅଛି। ବୁଦ୍ଧ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଲୀଳା କ୍ଷେତ୍ର ଟ୍ରଷ୍ଟ, କାଙ୍କଣଶିଖରୀ ଆନୁକୂଲ୍ୟରେ, ୩୦ ତମ କଥା ଲହରୀର କଥାମୃତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପଦ୍ମଶ୍ରୀ ପ୍ର. ଡା. ଅଶୋକ କୁମାର ମହାପାତ୍ର ଏହି ବକ୍ତବ୍ୟ ରଖିଥିଲେ। ଶ୍ରୀମନ୍ଦିରରେ ବିମଳା ମା' ଭୈରବୀ ଓ ଶ୍ରୀଜଗନ୍ନାଥ ହେଉଛନ୍ତି ଭୈରବ, ଏହି ଅନନ୍ୟ ଦୁର୍ଗା ମାଧବ ଉପାସନା ପରମ୍ପରା ଆଉ ଅନ୍ୟ କୌଣସିଠାରେ ନାହିଁ। ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ପ୍ରଥମ ଆଠ ଦିନ ବିମଳା ମା'ଙ୍କର ମନ୍ଦିର ଓ ପର ଆଠ ଦିନ ମା' ନାରାୟଣୀଙ୍କ ମନ୍ଦିରରେ (ଦୋଳମଣ୍ଡପ ସାହି) ଏବଂ ଦଶହରା ଦିନ ଦୁର୍ଗା ମାଧବ, ମଦନ ମୋହନ, ରାମକୃଷ୍ଣଙ୍କ ସହ ଜଗନ୍ନାଥ ବଲ୍ଲଭ ବିଜେ କରି ଶ୍ରୀକ୍ଷେତ୍ରରେ ଅନନ୍ୟ ଗୁପ୍ତ ଗୁଣ୍ଡିଚା ଓ ଶାକ୍ତ ଗୁଣ୍ଡିଚା ପାଳନ କରିଥାନ୍ତି। ମୁଖ୍ୟ ପ୍ରବାଚକ ଭାବରେ ପଣ୍ଡିତ ଇଂ ପାର୍ଥ ସାରଥି ମହାନ୍ତି ଯୋଗଦେଇ ଉପରୋକ୍ତ କଥାମୃତ ରଖିଥିଲେ।



ପ୍ରାରମ୍ଭରେ ସ୍ଥପତି ଅରବିନ୍ଦ ଦାସଙ୍କ ଭଜନ ପରିଚାଳନାରେ ମଧୁସ୍ମିତା ବିଶ୍ୱାଳ ଶ୍ରୀଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଡା. ରବି ନାରାୟଣ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଉପଦେଷ୍ଟା ପଣ୍ଡିତ ଦେବେନ୍ଦ୍ର ଦାଶ ଧ୍ୟାନ ମନ୍ତ୍ର ପାଠ କରି ସଭ୍ୟମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କର ସମୂହ ସ୍ତୁତି ଗାନ କରିଥିଲେ। ସମ୍ପାଦକ ଦେବପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉପଦେଷ୍ଟା ସୁମିତ୍ରା ଜେନା, ଉପସଭାପତି ଶର୍ମିଷ୍ଠା ପ୍ରଭା ମହାନ୍ତି, ଓ ସୁଷମା ପାଣି ଓ ପ୍ରମିଳା ଶତପଥୀଙ୍କ ସହିତ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହିଥିଲେ।

# ବିଜୟା ଦଶମୀ ଉତ୍ସବ ଉତ୍ସବ -୨୦୨୫

ଭୁବନେଶ୍ୱର,୨୮।୯(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବୁଦ୍ଧେଶ୍ୱରୀ ନଗରଠାରେ ବିଜୟା ଦଶମୀ ଉତ୍ସବ ସ୍ଥାନୀୟ ବଡ଼ଗଡ଼ ବ୍ରିଟ୍ କଲୋନୀ ଅଞ୍ଚଳରେ ପାଳିତ ହୋଇଯାଇଛି। ଏଥିରେ ସଂଘର ସ୍ୱୟଂ ସେବକମାନେ ଆତ୍ମ ରକ୍ଷା ଶାରୀରିକ କଳା ପ୍ରଦର୍ଶନ କରି ଥିଲେ। ସ୍ୱୟଂ ସେବକମାନେ ପଥସଂଚାଳନ କାର୍ଯ୍ୟକ୍ରମ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ନାଟ୍ୟକାର ମନୋଜ କୁମାର ପଟ୍ଟନାୟକ ଯୋଗଦେଇ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ସଂଘ ଚାଳକ ଶ୍ରୀନିବାସ ମାନସିଂହ ଯୋଗ ଦେଇଥିଲେ। ଭାରତ ବର୍ଷର ବିଭିନ୍ନ ବିଭାଗରେ ଅନେକ ଉଚ୍ଚ ପଦାଧିକାରୀ ହେଉଛନ୍ତି ସଂଘ ଶାଖାର ସ୍ୱୟଂ ସେବକ। ଭାରତ ବର୍ଷର ସୁରକ୍ଷା କବଚ ସାଜି ଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତ୍ୟେକ ଭାରତୀୟ ପରିବାରର ଆଶା ଓ ଭରସା ବୋଲି ମୁଖ୍ୟବକ୍ତା ଶ୍ରୀନିବାସ ମାନସିଂହ ବକ୍ତବ୍ୟ ରଖିଥିଲେ। ବୁଦ୍ଧେଶ୍ୱରୀ ନଗର ସଂଘ ଚାଳକ ଅକ୍ଷୟ କୁମାର ବିଟ୍‌ଙ୍କ ନେତୃତ୍ୱରେ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ୫୧ ନମ୍ବର ୱାର୍ଡ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୯(ସମିସ): ଭୁବନେଶ୍ୱର ମହାନଗର ନିଗମର ୫୧ନମ୍ବର ୱାର୍ଡ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ କର୍ପୋରେଟର ବିନୟିନୀ ଜେନା ଓ ଅନ୍ୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଏବଂ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ କବିବର ରାଧାନାଥଙ୍କ ଜୟନ୍ତୀ

# 'ରାଧାନାଥ ଥିଲେ ଓଡ଼ିଆ କବିତାରେ ଆଧୁନିକ ଯୁଗର ସ୍ରଷ୍ଟା'

ଭୁବନେଶ୍ୱର,୨୮।୯(ସମିସ): କବିବର ରାଧାନାଥ ରାୟଙ୍କ ଜୟନ୍ତୀ ଓଡ଼ିଆ ଜାତିର ଏକ ସାରସ୍ୱତ ପର୍ବ। ସେ ଓଡ଼ିଆ କବିତାରେ ଆଧୁନିକତାର ନୂଆ ଧାରାର ପ୍ରବର୍ତ୍ତକ। ତାଙ୍କର କାବ୍ୟ ସୃଷ୍ଟି ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପରିଚିତି ଦେଇଛି ବୋଲି ଆଜି ତାଙ୍କର ଜୟନ୍ତୀ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ପିଏମ୍‌ଜି ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ତାଙ୍କର ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ପ୍ରଥମେ କବିବର ରାଧାନାଥଙ୍କ ଉପରେ ରଚିତ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କୁମାର ସାମନ୍ତରାୟ, ସମାଜସେବୀ ମନୋରଞ୍ଜନ




ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଦେବେନ୍ଦ୍ର ପ୍ରସାଦ ଜେନା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଦେଇଥିଲେ।

## କ୍ଲବ ଟାଉନ୍ ପଡ଼ିଆରେ ହେବ ଭସାଣି ମହୋତ୍ସବ

# ଭକ୍ତଙ୍କୁ ବଣ୍ଟାହେବ ଦେଢ଼ କ୍ୱିଣ୍ଟାଲ ଲଡୁ

ନନ୍ଦନକାନନ,୨୮।୯(ସମିସ): ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ପକ୍ଷରୁ ଡମଣା ନିକଟସ୍ଥ କ୍ଲବ୍ ଟାଉନ୍ ପଡ଼ିଆରେ ଚଳିତବର୍ଷ ୧୫ତମ ମା' ଦୁର୍ଗାଙ୍କ ଭସାଣି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଉତ୍ତର ନିର୍ବାଚନ ମଣ୍ଡଳୀର ପ୍ରାୟ ୧୪ଟି ମେଢ଼ ଅଂଶ ଗ୍ରହଣ କରିବେ ବୋଲି ସମ୍ମତି ଦେଇଥିବା ଭସାଣି କମିଟି ପକ୍ଷରୁ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ରୋଜଉଡ୍ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରାଯାଇଛି। ସନ୍ଧ୍ୟା ସାଢ଼େ ୫ ଟାରେ ମେଢ଼ଗୁଡ଼ିକ ପଡ଼ିଆ ମଧ୍ୟକୁ ପ୍ରବେଶ କରିବେ। ଭସାଣି ସମିତି ପକ୍ଷରୁ ସମସ୍ତ ମେଢ଼କୁ ପାଛୋଟି ଅଣାଯିବା ସହିତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ସନ୍ଧ୍ୟାଠାରୁ ମେଢ଼ ମେଲାଣି ନେବା ପର୍ଯ୍ୟନ୍ତ ରଙ୍ଗାରଙ୍ଗ ସାଂସ୍କୃତିକ



କାର୍ଯ୍ୟକ୍ରମ ଜାରି ରହିବ। ଯେଉଁଥିରେ ଓଡ଼ିଶାର ନାମୀଦାମୀ କଳାକାର ସଙ୍ଗୀତ ପରିବେଷଣ କରିବେ। ଏ ବର୍ଷର ମୁଖ୍ୟ ଆକର୍ଷଣ ୧ କ୍ୱିଣ୍ଟାଲ ୫୦ କେଜିର ଲଡୁ। ନୀଳାଦ୍ରିବିହାର ପୂଜା କମିଟି ଦ୍ୱରା ପ୍ରସ୍ତୁତ ଏହି ଲଡୁ ନିଲାମ ଡକାଯାଇ ଭକ୍ତଙ୍କ ମଧ୍ୟରେ ବଣ୍ଟାଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଭସାଣି ସମିତିର ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ର କହିଛନ୍ତି। ପ୍ଲାଷ୍ଟିକ, ଶବ୍ଦ ପ୍ରଦୂଷଣ, ନିଶା ମୁକ୍ତ ଓ ଶୃଙ୍ଖଳିତ ଭାସାଣି ପାଇଁ ସମସ୍ତଙ୍କୁ ନିବେଦନ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ରଶ୍ମୀରେଖା ଜେନା, ସମରେନ୍ଦ୍ର ସାହୁ, ନିଶାକର ସାହୁ, ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ଅଶୋକ ପାତ୍ର, ଟୁଟୁ ହାତୀ, ସୁଶୀଲ କାସ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଡକ୍ଟର ପ୍ରସନ୍ନ ରାଉତରାୟ ମହାପାତ୍ରଙ୍କ ପରଲୋକ

ବାଲିଅନ୍ତା,୨୮।୯(ସମିସ): ନହରକଣ୍ଠାର ଜମିଦାର, ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଭାଗବତ ପ୍ରଚାରକ ଡକ୍ଟର



ପ୍ରସନ୍ନ କୁମାର ରାଉତରାୟ ମହାପାତ୍ରଙ୍କର ଗତକାଲି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ସରଳାବାଳା, କନ୍ୟା ଡକ୍ଟର ସସ୍ମିତା ମହାନ୍ତି, ଜୟଶ୍ରୀ ଦେବତା, ଲୀନା ମିଶ୍ର, ଜାମାତା ବିମଳ ମହାନ୍ତି, ବିଭୁ ପ୍ରସାଦ ଦେବତା ଓ ସାରଦାନନ୍ଦ ମିଶ୍ର, ସାନ ଭାଇ ପ୍ରଦୀପ୍ତ କୁମାର ଛୋଟରାୟ, ଡକ୍ଟର ପ୍ରତାପ କୁମାର ଜଗଦେବ ମହାପାତ୍ର, ପୁତୁରା ଡକ୍ଟର ଜ୍ୟୋତି ରଞ୍ଜନ ରାୟଙ୍କ ସହିତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ନିଜ ଗ୍ରାମକୁ ଅଣାଯାଇ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ରଖାଯାଇଥିଲା। ଏଠାରେ ବିଧାୟକ ସୁଶାନ୍ତ କୁମାର ରାଉତ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାହା ପରେ ତାଙ୍କ ସବାଧାର ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପାଦନ ହୋଇଥିଲା। କନ୍ୟା ସସ୍ମିତା ମୁଖାଗ୍ନି ଦେଇଥିଲେ। ଡକ୍ଟର ମହାପାତ୍ର ତାଙ୍କ ଚାକିରୀ ଜୀବନ ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନାରେ ସମ୍ପାଦନ କରି ଜଣେ ଲୋକ ପ୍ରିୟ ଚିକିତ୍ସକ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ପରଲୋକରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଭାଗିରଥି ବଡ଼ଜେନାଙ୍କ ସହ ବହୁ ବ୍ୟକ୍ତି ଶୋକ ପ୍ରକଟ କରିଛନ୍ତି।

# ଜମି କିଣି ରାସ୍ତା ପାଇଁ ହୀନସ୍ତା କ୍ରେତା

ଭୁବନେଶ୍ୱର,୨୮।୯(ସମିସ):

ବିଲଡର ସଂସ୍ଥା ରାଜଧାନୀରେ ପ୍ଲଟିଂ ସ୍କିମ୍ କରୁଛନ୍ତି। ଲୋକଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦେବା ନେଇ ସମସ୍ତ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି। ଏନେଇ ବିଭିନ୍ନ ମାଧ୍ୟମରେ ବିଜ୍ଞାପନ ଦେଉଛନ୍ତି। ଲୋକେ ସେମାନଙ୍କ ଜୀବନଯାକର ଜମାପୁଞ୍ଜି ବିନିଯୋଗ କରି ଜାଗା ଖଣ୍ଡେ କିଣୁଛନ୍ତି। କିନ୍ତୁ ଜାଗା କିଣି ଘର ଖଣ୍ଡେ ପରେ ଜଣାପଡୁଛି ଜାଗାକୁ ଆଉ ରାସ୍ତା ନାହିଁ। ବିଲଡର ସଂସ୍ଥା ଅନ୍ୟକାହାର ରାସ୍ତାକୁ ଦେଖାଇ ଜମି ବିକ୍ରି କରି ଦେଉଛନ୍ତି।

ବିଲଡରଙ୍କୁ ଏ ସମ୍ପର୍କରେ ପଚରାପଚରି କରିବା ପରେ ଗ୍ରାହକଙ୍କୁ ମିଳୁଛି ମିଛ ପ୍ରତିଶ୍ରୁତିର ପାହାଡ଼। ଘରକୁ ରାସ୍ତା ପାଇଁ ପୁଣି ଦୌଡ଼ି ଦୌଡ଼ି ପଚଲ ଘୋରି ହୋଇଯାଉଛି। ଦୁଇ ତିନି ବର୍ଷ ଦୌଡ଼ିବା ପରେ ସିଧାସଳଖ ମନା କରିଦେଉଛନ୍ତି ଯେ ଆମେ ରାସ୍ତା ଦେଇ ପାରିବୁ ନାହିଁ, ତମେ ଯାହା କରିବା କଥା କର। ବାବୁ, ଆଜ୍ଞା, ଆପଣ କହି ଜମି ବିକ୍ରି କରିଥିବା ଗ୍ରାହକଙ୍କୁ ପରବର୍ତ୍ତି ସମୟରେ ଆଖି ଦେଖାଯାଉଛି। ଅସଭ୍ୟ ଭାଷାରେ ଗାଳି ଗୁଲଜ କରାଯାଉଛି। ଗୁଣ୍ଡା ପଠାଇ



ଧମକ ଦେବାକୁ ବି ପଛାଉ ନାହାନ୍ତି। ଏଭଳି ଘଟଣା ଏବେ ରାଜଧାନୀରେ ନିତିଦିନିଆ ହୋଇ ଗଲାଣି। ଭୁବନେଶ୍ୱର ସତ୍ୟବିହାର ଅଞ୍ଚଳରେ ଚାଲିଥିବା ରାଜଧାନୀ ସବୁଠାରୁ ବଡ଼ ପ୍ଲଟିଂ ପ୍ରୋଜେକ୍ଟରେ ଜମି କିଣିଥିବା ନିବେଶକାରୀ ଫସିଛନ୍ତି। ବିଲଡର ସଂସ୍ଥା ୩ଶହ ଏକର ଜମି ବିକ୍ରି କରିଦେଲା। କୋଟି କୋଟି ଟଙ୍କା କମାଇଲା। ହେଲେ ଲୋକେ ଏବେ ରାସ୍ତା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏ ନେଇ ବିଲଡର ସଂସ୍ଥା ସହ ଯୋଗାଯୋଗ କରିବାରୁ ସେ ତାଙ୍କ ସହଯୋଗୀଙ୍କୁ ପଠାଇ ନିବେଶକାରୀଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଉଛନ୍ତି। ୮ହଜାର ଲୋକଙ୍କୁ ଉକ୍ତ ସଂସ୍ଥାଠାରୁ ଜମି କିଣିଥିଲେ। ଥାନାରେ ଅଭିଯୋଗ କରିବାରୁ ଅଭିଯୋଗକୁ ଭିତ୍ତି କରି ପୁଲିସ ସମ୍ପୃକ୍ତ ବିଲଡର ସଂସ୍ଥା ବିରୋଧରେ ମାମଲା ରୁଜୁ କରିଛି।

ବିଲଡର ସଂସ୍ଥାମାନଙ୍କ ଏଭଳି ଠକାମିକୁ ଏଡ଼ାଇବା ଓଡ଼ିଶା ଡେଭଲପ୍‌ମେଣ୍ଟ୍ ଆଇନ୍ କାର୍ଯ୍ୟକାରୀ କରୁଛି। ବିଲଡର ସଂସ୍ଥା କୌଣସି ପ୍ଲଟିଂ ପ୍ରୋଜେକ୍ଟ ଆରମ୍ଭ କରିବା ପୂର୍ବରୁ ବିଡିଏ ଠାରୁ ଏହାର ଲେଆଉଟ୍ ଆପ୍ରୁଭାଲ ନେଇଥାନ୍ତି। ରାସ୍ତା ବିନା କୌଣସି ଲେଆଉଟ୍ ଦିଆଯାଏ ନାହିଁ। ଏହା ସହିତ ପ୍ରକଳ୍ପ ପାଇଁ ରେରା ଅନୁମତି ନିହାତି ଆବଶ୍ୟକ। ହେଲେ ଅଧିକାଂଶ ସଂସ୍ଥା କାହାଠାରୁ ବି ଅନୁମତି ନେଉ ନାହାନ୍ତି। ଅନୁମତି ନେବା ପରେ ବି ଜାଲିଆତି କରିବାକୁ ପଛାଉ ନାହାନ୍ତି।

ଅନ୍ୟପକ୍ଷରେ ପାର୍ଟ ପ୍ଲଟ୍‌କୁ ନେଇ ପରିବର୍ତ୍ତିତ କାଇଦା କାନୁନ୍ ଏଭଳି କିଣାବିକାକୁ ପ୍ରୋତ୍ସାହିତ କରୁଛି ବୋଲି ଓରୋରା ଆର୍କିଟେକ୍ଟ ବିମଳେନ୍ଦୁ ପ୍ରଧାନ ଚିନ୍ତା ପ୍ରକଟ କରିଛନ୍ତି। ଓଡିଏ ନିୟମର ସେକ୍ସନ ୧୫ ଏବଂ ୧୬ର ସମ୍ପର୍କରେ କହିଛନ୍ତି ଯେ ୨୦୨୫ ପରେ ଏହି ପରିବର୍ତ୍ତିତ ଆଇନ୍ ପ୍ରସ୍ତାବିତ ଯୋଜନାବଦ୍ଧ ଭୁବନେଶ୍ୱର ଗଠନ କରିବାରେ ବାଧା ସୃଷ୍ଟି ହେବ। କାରଣ ପରିବର୍ତ୍ତିତ ନିୟମ ପରେ ବିନା ପ୍ଲାନ୍ ଆପ୍ରୁଭାଲରେ ଏଭଳି ଜମି ବିକ୍ରି ସମ୍ଭବ ହୋଇପାରୁଛି।

# ଧରାପଡ଼ିଲା ପୁଲିସ ବାବୁଙ୍କ ପରକୀୟା ପ୍ରୀତି

ଭୁବନେଶ୍ୱର,୨୮।୯(ସମିସ): ଦୀର୍ଘଦିନ ଧରି ଚାଲିଥିବା ପୁଲିସ ବାବୁଙ୍କ ପରକୀୟା ପ୍ରୀତି ଆଜି ଧରାପଡ଼ିଛି। ଆଉ କେହି ନୁହେଁ ଖୋଦ୍ ପତ୍ନୀ ହାତରେ ଧରାପଡ଼ିଛନ୍ତି। ଭରତପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ସୂଚନା ଅନୁସାରେ, ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ କାର୍ଯ୍ୟରତ ଫିରୋଜ କୁମାର ପରିଡ଼ା ସପରିବାର କୋଳଥିଆ ଅଞ୍ଚଳରେ ରୁହନ୍ତି। ଘଟଣା ଦିନ ପତ୍ନୀ ଅଫିସକୁ ଯାଇଥିବା ବେଳେ ଫିରୋଜ ଏକାକୀ ଥିଲେ। ପତ୍ନୀ ଫେରିବା ବେଳକୁ ଫିରୋଜ ଆଉ କବାଟ ଖୋଲି ନଥିଲେ। ବାରମ୍ବାର କବାଟ ବାଡ଼େଇବାପରେ ମଧ୍ୟ ଉତ୍ତର ନ ଆସିବାରୁ ସେ ଧସେଇ ପଶିଥିଲେ। ଘର ଭିତରେ ସ୍ୱାମୀଙ୍କୁ ଅସଜ୍ଜିତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଖୋଜାଖୋଜି କରି ଘର ଭିତରୁ ଜଣେ ଯୁବତୀଙ୍କୁ ମଧ୍ୟ ଠାବ କରିଥିଲେ। ଏନେଇ ପତ୍ନୀ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ମା'ଙ୍କ ମହାସପ୍ତମୀ ପୂଜା ଉପଲକ୍ଷେ କଳସଯାତ୍ରା

ଢେଙ୍କାନାଳ, ୨୮ ।୯ (ସମିସ): ସ୍ଥାନୀୟ ଦୁର୍ଗାବଜାରସ୍ଥିତ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ଉପଲକ୍ଷେ ଭାଗୀରଥି ସାଗର କୂଳରୁ ପୂଜାର୍ଚ୍ଚନା କରାଯାଇ ମା' ସନ୍ତୋଷୀ କୀର୍ତ୍ତନମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ସହିତ ସହର ପରିକ୍ରମା କରାଯାଇ କଳସଯାତ୍ରା ଅନୁଷ୍ଠିତ ହୋଇଛି । ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନ ପରେ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ସପ୍ତସତୀ ଚଣ୍ଡୀପାଠ, ଯଜ୍ଞ ଓ ବିଭିନ୍ନ ପ୍ରକାର ଭୋଗ ମା'ଙ୍କ ପାଖରେ ଲାଗି ହୋଇଥିଲା । ମଧ୍ୟାହ୍ନରେ ଭକ୍ତମାନେ ପ୍ରସାଦସେବନ କରିଥିଲେ । ମୁଖ୍ୟ ପୂଜକ ଗତୀକୃଷ୍ଣ ମିଶ୍ର, ସହଯୋଗୀ ଶଶିଭୂଷଣ ହୋତା, ଅଜିତ କୁମାର ନନ୍ଦ ପୂଜା ସମ୍ପାଦନ କରିଥିବାବେଳେ କର୍ତ୍ତା ଭାବେ ପ୍ରଦୀପ କୁମାର ଛୋଟରାୟ ଓ ମଞ୍ଜୁବାଳା ଛୋଟରାୟ ଦାୟିତ୍ୱ ତୁଲାଇଥିଲେ । ପୁଷ୍ପାଞ୍ଜଳି ପଟ୍ଟନାୟକ, କଳ୍ପନା ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ପ୍ରତୀଶ ପଟ୍ଟନାୟକ, ହୀନ ପ୍ରଧାନ, ଶୁଭଲକ୍ଷ୍ମୀ ଦାସ, ପ୍ରଭାତୀ ମହାନ୍ତି, ଜ୍ୟୋତିର୍ମୟୀ ମହାନ୍ତି, ସଞ୍ଜୁକ୍ତା ସାହୁ, ସୁଶାନ୍ତ ଦାସ, ସୁକାନ୍ତ କୁମାର, ଲତା ମହାନ୍ତି, ବାସନ୍ତି ଦାସ, ଲିପ୍ସା ନନ୍ଦ, ବିନୋଦିନୀ ବେହେରା, ସଭାପତି ପ୍ରକାଶ କୁମାର ମହାନ୍ତି ଓ ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି ସହଯୋଗ କରିଥିଲେ ।



# ଲଗାଣ ବର୍ଷା ଉଜାଡ଼ିଦେଲା ଚାଷୀଙ୍କ ଜୀବିକା

ଢେଙ୍କାନାଳ, ୨୮ ।୯ (ସମିସ)

ଢେଙ୍କାନାଳ ଜିଲ୍ଲାରେ ଗତ ତିନିମାସ ଧରି ବର୍ଷା ଲାଗିରହିଛି । ଶୀତଋତୁରେ ପନିପରିବା ଚାଷ ପାଇଁ ଚାଷୀମାନେ ଚାହିଁ ବସିଥିବାବେଳେ ବର୍ଷା ଯୋଗୁଁ ଜମି ଅନୁକୂଳ ହେଉ ନ ଥିବାରୁ ଚାଷ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି ।

ଢେଙ୍କାନାଳ ଜିଲ୍ଲାରେ ଖରିଫ ଋତୁ ପରେ ପରେ ଅଗଷ୍ଟ ମାସରୁ ଉଚ୍ଚ ଜମିରେ ବିଭିନ୍ନ ପନିପରିବା ଚାଷ କରାଯାଏ । ଖରିଫ ଋତୁରେ ଧାନଚାଷ ସହ ରବି ଋତୁରେ ମୁଗ, ବିରି, ହରଡ଼, ବାଦାମ, ସୂର୍ଯ୍ୟମୁଖୀ, ଆଳୁ, କନ୍ଦମୂଳ ଓ ଅନ୍ୟାନ୍ୟ ପନିପରିବା ଚାଷ କରାଯାଏ । ଏହା ସହିତ ଅଗଷ୍ଟ ମାସରୁ ବିଭିନ୍ନ ଶାଗ, କୋବି, ମୂଳା, ଭେଣ୍ଡି, କଲରା, ଝୁଡ଼ୁଙ୍ଗ, ଜହ୍ନି, କଖାରୁ, କାଙ୍କଡ଼, ପୋଇ, ବାଇଗଣ, ସାରୁ ଚାଷ କରାଯାଏ । ମୁଖ୍ୟତଃ ଅଗଷ୍ଟ ମାସ ବେଳକୁ ବାଇଗଣ ଚାଷ କରାଯାଉଥିବା ବେଳେ ଫୁଲକୋବି ପାଇଁ ଚାରା ପ୍ରସ୍ତୁତ କରାଯାଇ ଲଗାଯାଇଥାଏ । ଏହା ସହ ଲଙ୍କା, ଟମାଟୋ ଚାଷ ପାଇଁ ଚାରା ପଡ଼ିବା ପରେ ଜମି ସାମାନ୍ୟ ପାଗ ହେବା ମାତ୍ରେ ଚାଷ କରାଯାଇଥାଏ । ଫଳରେ ଅକ୍ଟୋବର ଆରମ୍ଭରୁ ଚାଷୀମାନେ ଏହାକୁ ବିକ୍ରି କରି ଭଲ ରୋଜଗାର କରିଥାନ୍ତି । ଜିଲ୍ଲାରେ ମୋଟ ୮୭ ହଜାରରୁ ଅଧିକ ହେକ୍ଟର ଜମିରେ ପନିପରିବା ଚାଷ କରାଯାଏ । ଜିଲ୍ଲାର ଶଙ୍କରପୁର, ଗୋବିନ୍ଦପୁର ସହ ଗଁଦିଆ ଅଞ୍ଚଳରେ ଅଧିକ ଚାଷ କରାଯାଇ ସମଗ୍ର ଜିଲ୍ଲା ସମେତ ଜିଲ୍ଲା ବାହାରକୁ ମଧ୍ୟ ଯୋଗାଣ ହୋଇଥାଏ । କିନ୍ତୁ ଗତ ତିନିମାସ ଧରି ଲଗାଣ ବର୍ଷା ଯୋଗୁଁ ପନିପରିବା ଚାଷ ଆରମ୍ଭ ହୋଇପାରିନାହିଁ । ଉତ୍ପାଦନ ଆରମ୍ଭ ହୋଇ ନ ଥିବାରୁ ଏବେ ପରିବା ଦର ବି ଅଧିକ ରହିଛି । ଚାଷୀମାନେ ପନିପରିବା ଚାଷ ପାଇଁ ଚାରା ପ୍ରସ୍ତୁତ କରିଥିବା ବେଳେ ବର୍ଷା ବାଧକ ସାଜିଛି ।

**ବ୍ୟାପକ ପନିପରିବା ଫସଲ ପ୍ରଭାବିତ**

ଚଳିତ ବର୍ଷ ଜିଲ୍ଲାରେ ଜୁଲାଇ ମାସରେ ହାରାହାରି ୨୫୬ ମିମି ବର୍ଷା ରେକର୍ଡ କରାଯାଇଛି । ଭୁବନ ବ୍ଲକରେ ୪୯୩ ମିମି, ସଦର ବ୍ଲକରେ ୨୨୩ ମିମି, ଗଁଦିଆରେ ୨୩୭ ମିମି, ହିନ୍ଦୋଳରେ ୧୩୪ ମିମି, କାମାକ୍ଷାନଗରରେ ୨୬୧ ମିମି, କଙ୍କଡ଼ାହାଡ଼ରେ ୩୧୪ ମିମି, ଓଡ଼ାପଡ଼ାରେ ୨୧୧ ମିମି, ପରଜଙ୍ଗରେ ୧୭୫ ମିମି ବର୍ଷା ହୋଇଛି । ସେହିପରି ଅଗଷ୍ଟରେ ହାରାହାରି ୨୪୦.୫ ମିମି ବର୍ଷା ହୋଇଥିବା ବେଳେ ଭୁବନ ବ୍ଲକରେ ୩୧୭ ମିମି, ସଦର ବ୍ଲକରେ ୧୯୭ ମିମି, ଗଁଦିଆରେ ୨୫୮ ମିମି, ହିନ୍ଦୋଳରେ ୨୫୯ ମିମି କାମାକ୍ଷାନଗରରେ ୨୭୪ ମିମି, କଙ୍କଡ଼ାହାଡ଼ରେ ୨୦୭ ମିମି, ଓଡ଼ାପଡ଼ାରେ ୧୧୭ ମିମି, ପରଜଙ୍ଗରେ ୨୩୩ ମିମି ବର୍ଷା ହୋଇଛି । ସେପ୍ଟେମ୍ବର ମାସରେ ଆଜିସୁଦ୍ଧା ହାରାହାରି ୨୬୨.୮୭ ମିମି ବର୍ଷା ହୋଇଥିବା ବେଳେ ଭୁବନରେ ୪୮୦ ମିମି, ସଦର ବ୍ଲକରେ ୧୬୪ ମିମି, ଗଁଦିଆରେ ୨୬୬ ମିମି, ହିନ୍ଦୋଳରେ ୨୦୩ ମିମି, କାମାକ୍ଷାନଗରରେ ୨୭୫ ମିମି, କଙ୍କଡ଼ାହାଡ଼ରେ ୨୯୫ ମିମି, ଓଡ଼ାପଡ଼ାରେ ୧୪୭ ମିମି, ପରଜଙ୍ଗରେ ୨୭୦ ମିମି ବର୍ଷା ରେକର୍ଡ କରାଯାଇଛି । ବର୍ଷା ଲାଗିରହିବା ତଥା ମାଟି ପାଗ ହେଉ ନ ଥିବାରୁ ପରିବା ଚାଷ ଆଗେଇ ପାରୁନାହିଁ । ସୂଚନାଯୋଗ୍ୟ, ଜିଲ୍ଲାରେ ଉତ୍ପାଦିତ ଟମାଟୋ, ଫୁଲକୋବି, ବାଇଗଣ, ବିନ, ଝୁଡ଼ୁଙ୍ଗ ଆଦି ପରିବା ଭୁବନେଶ୍ୱର, କଟକ ଖାଉଟିମାନଙ୍କ ଚାହିଦା ମେଣ୍ଟାଇଥାଏ ।

## ନବରାତ୍ରର ସପ୍ତମ ଦିବସରେ ମା'ଙ୍କ କାଳରାତ୍ରି ବେଶ



ଢେଙ୍କାନାଳ, ୨୮ ।୯ (ସମିସ): ଶାରଦୀୟ ନବରାତ୍ରର ସପ୍ତମ ଦିବସରେ ମା'ଙ୍କ କାଳରାତ୍ରି ବେଶ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀ ରବିବାର କାଳରାତ୍ରି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ଭୋଗ ଲାଗି ହୋଇଥିଲା । ମଧ୍ୟାହ୍ନରେ ମହାସ୍ନାନ କରାଯାଇ ମା'ଙ୍କ କାଳରାତ୍ରି ବେଶ ଅନୁଷ୍ଠିତ ହୋଇଥିଲା । ଷୋଡ଼ଶ ଉପଚାରରେ ପୂଜା କରାଯାଇ ୧୦୦୮ ବେଲପତ୍ର ଲାଗି ହୋଇଥିଲା । ମଣ୍ଡଳ ପୂଜା, କଳସ ପୂଜା, ସପ୍ତଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି, ସନ୍ଧ୍ୟାରେ ଆଳତୀ ପରେ ପହଡ଼ ପଡ଼ିଥିଲା । ପୂଜକ ଲିଙ୍ଗରାଜ ପତିଶର୍ମା, ମନ୍ଦିର ପୂଜକ ଆପୁଲ ରଣା ଓ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା ।



ସେହିପରି ସ୍ଥାନୀୟ କୁଞ୍ଜକାନ୍ତ ଠାରେ ମା' ବନଦୁର୍ଗାଙ୍କ ପୀଠରେ ମା'ଙ୍କ କାଳରାତ୍ରି ବେଶ ଅନୁଷ୍ଠିତ ହୋଇଛି । ପୂଜକ କାମାକ୍ଷାପ୍ରସାଦ କରଶର୍ମା, ଚିତ୍ତରଞ୍ଜନ ଦାସଶର୍ମା, ମନ୍ଦିର ପୂଜକ ସୂର୍ଯ୍ୟକାନ୍ତ ମିଶ୍ରଶର୍ମା, କର୍ତ୍ତା ରଞ୍ଜନ ପାଣି, ମିନତୀ ପାଣି, ଦେବାଶିଷ ମହାପାତ୍ର, ମୌସୁମୀ ପଣ୍ଡିତଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା ।

## ମା' କନକଦୁର୍ଗାଙ୍କ ସରସ୍ୱତୀ ଦେବୀ ବେଶ



ଢେଙ୍କାନାଳ, ୨୮ ।୯ (ସମିସ): ସ୍ଥାନୀୟ ଦେଉଳସାହି ଯୁବୁଲି ଟାଉନସ୍ଥିତ ମା' କନକଦୁର୍ଗାଙ୍କ ମନ୍ଦିରରେ ରବିବାର ମା'ଙ୍କ ସରସ୍ୱତୀ ଦେବୀ ବେଶ ଅନୁଷ୍ଠିତ ହୋଇଛି । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ, ଭୋଗ ଲାଗି ହୋଇଥିଲା । ସକାଳ ସାଢ଼େ ୯ଟାରେ ପଣା ଭୋଗ, ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ ଲାଗି କରାଯାଇଥିଲା ।

## ହାତୀ ଆକ୍ରମଣରେ ଜଣେ ଗୁରୁତର

ଖଜୁରିଆକଟା, ୨୮ ।୯ (ସମିସ): ହିନ୍ଦୋଳ ଉପଖଣ୍ଡ ସାନ ହିନ୍ଦୋଳ ଗ୍ରାମର ଭାବ ସାହୁ (୫୫) ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ରବିବାର ସନ୍ଧ୍ୟାରେ ଭାବ ଘର ନିକଟ ଜମିକୁ ଯାଇଥିବା ବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା । ଭାବଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚିବାରୁ ହାତୀ ପଳାଇଯାଇଥିଲା । ପରେ ଭାବଙ୍କୁ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି । ହିନ୍ଦୋଳ ବନାଞ୍ଚଳରେ ଶହେରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିବା ବେଳେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।



# ସାଇବର ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ, ୨୮ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ପୁଲିସ ତରଫରୁ ଦିନିକିଆ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଭିନ୍ନ ସମୟରେ ସାଇବର ଅପରାଧ ଘଟୁଛି ।

ଏହି ସଚତେନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଓ ପୁଲିସ ଅଧିକାରୀ, କର୍ମଚରୀଙ୍କ ଦକ୍ଷତା ବୃଦ୍ଧି କରିବାକୁ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ରିସୋର୍ସ ପର୍ସନ ଭାବେ ଲିଙ୍ଗରାଜ ସେଠୀ, ସତ୍ୟରୂପ ଦାସ, ଦିଲୀପ ରଞ୍ଜନ ପରିଡ଼ା, ଅଜିତ କୁମାର ଦାସ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପୁଲିସ ଏସଆଇ, ଏଏସଆଇ, କନଷ୍ଟେବଲମାନେ ଯୋଗଦେଇଥିଲେ । ଏସପି ଅଭିନବ ସୋନକର ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ବିଜୟା ଦଶମୀ ଓ ଶତବାର୍ଷିକୀ ଉତ୍ସବ ଉଦଘାଟିତ

ଢେଙ୍କାନାଳ, ୨୮ ।୯ (ସମିସ): ଚଳିତ ବର୍ଷ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ପ୍ରତିଷ୍ଠାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ବିଜୟା ଦଶମୀ ଉତ୍ସବ ସହ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ଉଦଘାଟନ ଉତ୍ସବ ପାଳନ କରାଯିବ । ଜିଲ୍ଲାର ୩୨ ସ୍ଥାନରେ ବିଜୟାଦଶମୀ ସୁଦ୍ଧା ଏହି ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହେବ । ପ୍ରଥମେ ଘୋଷବାଦ୍ୟ ସହ ଭବ୍ୟ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶତାଧିକ ସ୍ୱୟଂ ସେବକ ଏଥିରେ ଯୋଗଦେଇଥିଲେ । ଦୀପ ପ୍ରଜ୍ୱଳନ ଓ ଶସ୍ତ୍ରପୂଜନ କରାଯାଇ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସହବିଭାଗ ସଂଘ ଚାଳକ ହୃଦାନନ୍ଦ ଶତପଥୀ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଦିଲୀପଚାନ୍ଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସହାପ୍ରାନ୍ତ କାର୍ଯ୍ୟବାହ ସୁଦର୍ଶନ ଦାସ ଉପସ୍ଥିତ ଥିଲେ । ନଗର କାର୍ଯ୍ୟବାହ ବିନୟ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।



# ଗନ୍ଦିଆ ବ୍ଲକ ବରିଷ୍ଠ ନାଗରିକ ସମ୍ମିଳନୀ



ଗନ୍ଦିଆ, ୨୮ ।୯ (ସମିସ): ସ୍ଥାନୀୟ ପୋରୁହାଖୋଳ ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଗନ୍ଦିଆ ବ୍ଲକ ବରିଷ୍ଠ ନାଗରିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦ ସଭାପତି ଦୁର୍ଗାଚରଣ ମିଶ୍ର, କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ଓ ଅକ୍ଷୟ କୁମାର ସାହୁ, ଉପଦେଷ୍ଟା ଡ. ହରେକୃଷ୍ଣ କର, ଉପସଭାପତି ବିନାୟକ ଶତପଥୀ, ଶିକ୍ଷାବିତ୍ କ୍ଷୀରୋଦ ନାୟକ, ସଂଯୋଜକ ଅମ୍ବିକା ବରାଳ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସୁବିଧା, ଅସୁବିଧା, ଭତ୍ତା ଓ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିଥିଲେ । ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର ହୋଇଛି । ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବରିଷ୍ଠ ନାଗରିକ ବୁଦ୍ଧଦେବ ପ୍ରଧାନ, ନିତ୍ୟାନନ୍ଦ ରାଉତ, ବିପିନ ସିଂହ, ମଙ୍ଗରାଜ ବାରିକ, ନକୁଳ ରାଉତ, ଖଗେଶ୍ୱର ମହାନ୍ତି, ହେମନ୍ତ ବ୍ରହ୍ମ, ରବିନାରାୟଣ ରାଉଳ, ନିତ୍ୟାନନ୍ଦ ରାଉତ, ପୀତବାସ ରାଉତ, ଗଣେଶ୍ୱର ପ୍ରଧାନ, ଅଭିମନ୍ୟୁ ମାହାଲିକ, ପ୍ରଦୀପ କୁମାର ସାହୁ, ରାମଚନ୍ଦ୍ର ସାହୁ, ରାମଚନ୍ଦ୍ର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଓସିଏସ୍ ପରୀକ୍ଷାରେ ହିନ୍ଦୋଳର ସୌମ୍ୟରଞ୍ଜନଙ୍କ ସଫଳତା



ଖଜୁରିଆକଟା, ୨୮ ।୯ (ସମିସ): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ହିନ୍ଦୋଳ ଏନଏସି ୬ନଂ ୱାର୍ଡ ଶରଧାପୁର ଗ୍ରାମର ସୌମ୍ୟରଞ୍ଜନ ବେହେରା କୃତକାର୍ଯ୍ୟ ହୋଇଛନ୍ତି । ଅକ୍ଷୟ କୁମାର ବେହେରାଙ୍କ ବଡ଼ପୁଅ ସୌମ୍ୟରଞ୍ଜନ ହିନ୍ଦୋଳ ଶିଶୁମନ୍ଦିରରୁ ବିଦ୍ୟାରମ୍ଭ କରି ୨୦୧୪ରେ ମାଟ୍ରିକ ପାସ କରିଥିଲେ । ଇ-ଟେକ ରେସିଡେନ୍ସିଆଲ କଲେଜରୁ ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ହୋଇ ବୁର୍ଲା ଇଞ୍ଜିନିୟରିଂ କଲେଜରେ ଇଞ୍ଜିନିୟରିଂ ପଢ଼ିଥିଲେ । ପରେ ଭୁବନେଶ୍ୱର ଇନ୍‌ଫୋସିସ୍‌ରେ ଯୋଗଦେଇଥିଲେ । ଏବେ ସେ ସମ୍ବଲପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ଥିବାବେଳେ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ । ଚଳିତବର୍ଷ ୨୭୮ ସ୍ଥାନରେ ରହି ସଫଳତା ପାଇଛନ୍ତି । ଏଥିପାଇଁ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୌମ୍ୟରଞ୍ଜନଙ୍କ ଏହି କୃତିତ୍ୱ ପାଇଁ ପରିବାର ସହ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।

## ନାଳରେ ବୁଡ଼ି ବୃଦ୍ଧ ମୃତ

ଢେଙ୍କାନାଳ, ୨୮ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା କନ୍ତୋର ଗାଁ ବସଷ୍ଟାଣ୍ଡ ନିକଟ ନାଳରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କନ୍ତୋର ଗାଁର ବସନ୍ତ ବିଶ୍ୱାଳ । ବସନ୍ତ ଘର ପାଖ ନାଳକୁ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତା କାରଣରୁ ବୁଡ଼ିଯାଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥଇଲା । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି ।

## ଧାନରେ ଥୋଡ଼ ବାହାରିଲାଣି; ଚାଷୀଙ୍କୁ ସାର ମିଳିନି

ଭୁବନ, ୨୮ ।୯ (ସମିସ): ସଅଳ ଅମଳକ୍ଷମ ଧାନରେ ଥୋଡ଼ ବାହାରିଲାଣି । ହେଲେ ଆଜିପର୍ଯ୍ୟନ୍ତ ଚାଷୀଙ୍କୁ ସାର ମିଳିନାହିଁ । ୧୦୧୮, ପୂଜା, କଳାଚମ୍ପା, ବିଜ୍ଞାନ କିସମ ଧାନ ସଧାରଣତଃ ଶୀଘ୍ର ଅମଳ ହୁଏ । ଏସବୁ ଧାନ ଗଛ ପେଟରେ ଥୋଡ଼ ହେବା ପୂର୍ବରୁ ଡିଏପି ଦିଆଯାଏ । ଏହି ସାର ଗଛକୁ ସବୁଜ, ସତେଜ ରଖିବା ସହ ଧାନର ଓଜନ ବୃଦ୍ଧିକରେ ।

ସେହିପରି ପଟାସ ସାର ଧାନ ଗଛକୁ ପୋକରୁ ରକ୍ଷା କରେ । ତେବେ ଠିକଣା ସମୟରେ ଚାଷୀଙ୍କୁ ଏସବୁ ସାର ମିଳିଲା ନାହିଁ । ଆହାର ଢୋକିବା ସମୟରେ ସାର ଦିଆଯାଇଥିଲେ ଅଧିକ ଅମଳ ହୋଇଥାନ୍ତା । ଚାଷୀ ସାର ପାଇବାକୁ ଚାହିଁ ଚାହିଁ ଆଖିରୁ ପାଣି ମରିଲା । ସରକାର ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ଯୋଗାଉଛନ୍ତି । ଭୁବନ ବ୍ଲକର ୧୦ଟି ସମିତି ସାର ଉଠାଇଥିବା ବେଳେ ଅନ୍ୟମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି । ବାରୁଆଁ ପଞ୍ଚାୟତର ଚାଷୀ ଏ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ହୋହାଲ୍ଲା କରିବାରୁ ବ୍ଲକ କୃଷି ଅଧିକାରୀ ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥା କରାଯିବ କହି ଉତ୍ତେଜନାକୁ ପ୍ରଶମିତ କରିଛନ୍ତି ।

ପର୍ଯ୍ୟାପ୍ତ ପରିମାଣର ୟୁରିଆ ଯୋଗାଇ ଦିଆଯିବାରେ ଅହେତୁକ ବିଳମ୍ବ ଯୋଗୁଁ ଚାଷକାମ ବାଧାପ୍ରାପ୍ତ ହୋଇଛି । ଡିଏପି ସାର କୃଷି ସମବାୟ ସମିତି ଉଠାଉ ନ ଥିବା ବେଳେ ସେମାନଙ୍କ ଉପରେ ବିଭାଗର ଅଙ୍କୁଶ ଥିବାଭଳି ମନେ ହୁଏନି । ଚାଷୀ ଆବଶ୍ୟକତା ମେଣ୍ଟାଇବା ପାଇଁ ଚଢ଼ାଦରରେ ସାର କିଣୁଛି । ସରକାର ସମବାୟ ସମିତି ମାଧ୍ୟମରେ ସାର ଯୋଗାଇ ଦେଉଥିବା ବେଳେ ଚାଷୀ ଚଢ଼ା ଦରରେ ସାର କେଉଁଠୁ ଓ କେମିତି ପାଉଛନ୍ତି ଏହା ତଦନ୍ତ ସାପେକ୍ଷ । ସେହିପରି କେତେକ ସମବାୟ ସମିତି ପରିବହନ ନାଁରେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକରେ ସାର ବିକ୍ରି କରୁଥିବା ଅଭିଯୋଗ ହେଉଛି । ୟୁରିଆ, ସହିତ ଡିଏପି ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

**ଶତବାର୍ଷିକୀ ଉପଲକ୍ଷେ ୫ରେ ନୀଳକଣ୍ଠପୁରରେ ରାଜ୍ୟସ୍ତରୀୟ ଉତ୍ସବ**

# ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀକୁ ଭବ୍ୟ କରାଯିବ


ଭୁବନ, ୨୮ ।୯ (ସମିସ)

ଭୁବନର ସର୍ବକନିଷ୍ଠ ସଂଗ୍ରାମୀଙ୍କ ପାଇଁ ଢେଙ୍କାନାଳ ମାଟି ଚିରଋଣୀ । ଏଭଳି ସଂଗ୍ରାମୀଙ୍କ ପାଇଁ ଏ ଜାତି ଯେତେ କୃତଜ୍ଞତା ଜଣାଇଲେ ମଧ୍ୟ କମ୍ ପଡ଼ିବ । ତାଙ୍କ ଜନ୍ମ ଦିବସ ପାଳନ ନୁହେଁ, ବରଂ କୃତଜ୍ଞତା ଜଣାଇବାର ଛୋଟିଆ ଅବକାଶ । ଖାଲି ଢେଙ୍କାନାଳ ମାଟି ନୁହେଁ, ସାରା ରାଜ୍ୟରେ ଏଭଳି ବିପ୍ଳବୀ ଜନ୍ମ ନିଅନ୍ତୁ ଏବଂ ନୂଆପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ବିକଶିତ ଓଡ଼ିଶା ଓ ଭାରତ ଗଠନ ନାରା ସାର୍ଥକ ହେବ ବୋଲି ଦେଓଗାଁଠାରେ ସହିଦ ବାଜି ରାଉତଙ୍କ ଜନ୍ମଶତବାର୍ଷିକୀ ଉତ୍ସବ ପ୍ରସ୍ତୁତି ବୈଠକରେ ମତବ୍ୟକ୍ତ କରିଛନ୍ତି ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଭୁବନ ବ୍ଲକ ନୀଳକଣ୍ଠପୁରରେ ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ପାଳନ ନିମନ୍ତେ ରବିବାର କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ କହିଲେ, ଆସନ୍ତା ୫ ତାରିଖ ବାଜି ରାଉତଙ୍କ ଜନ୍ମଶତବାର୍ଷିକୀ କାର୍ଯ୍ୟକ୍ରମକୁ ଭବ୍ୟ କରାଯିବ । ପୂର୍ବରୁ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକ୍ରମକୁ ଭବ୍ୟ ଓ ଓଡ଼ିଆ ଅସ୍ମିତାର ଢାଞ୍ଚାରେ ପାଳନ ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ଏଥିସହ ବିଭାଗୀୟ ସଚିବଙ୍କୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଓ ପ୍ରସ୍ତୁତି କରିବାକୁ ମନ୍ତ୍ରୀ ସୂରଜ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି, ପ୍ରକଳ୍ପ ନିର୍ବାହୀ ଅଧିକାରୀ, ତହସିଲଦାର, ବିଡିଓ, ପୂର୍ତ୍ତ ବିଭାଗ ଅଧିକାରୀ ନୀଳକଣ୍ଠପୁର ପରିଦର୍ଶନ ପରେ ବୁଦ୍ଧେଶ୍ୱର ପୀଠ, ହାଇସ୍କୁଲ ପଡ଼ିଆ ପରିଦର୍ଶନ କରିଥିଲେ ।



# ଅବହେଳିତ ଅବସ୍ଥାରେ ମା' ରଙ୍କେଇ ପୀଠ

ଖଜୁରିଆକଟା, ୨୮ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଆରାଧ୍ୟା ଦେବୀ ମା' ରଙ୍କେଇଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ମା' ରଙ୍କେଇ ପୂଜା କମିଟି ଆନୁକୂଲ୍ୟରେ ପ୍ରତ୍ୟହ ନୀତିକାନ୍ତି ଅନୁସାରେ ପୂଜା ହେଉଛି । ସୋମବାର ଦୁର୍ଗାଷ୍ଟମୀ ଅବସରରେ ଗୌରୀ ପୂଜନ ଓ କନ୍ୟା ପୂଜନ ନୀତି ଅନୁଷ୍ଠିତ ହେବ । ମଙ୍ଗଳବାର ମହାନବମୀ ପୂଜା ସହ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ । ଗୁରୁବାର ଦଶହରା ଓ ବିଜୟା ଦଶମୀ ଧୁମଧାମରେ ପାଳିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ଶେଷଦେବ ସାହୁ ଜଣାଇଛନ୍ତି । ନବରାତ୍ର ପୂଜା ପାଇଁ ମନ୍ଦିର ପରିସର ଲୋକାରଣ୍ୟ ହୋଇ ଉଠିଛି । ପ୍ରତ୍ୟହ ଭକ୍ତମାନେ ମା'ଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରୁଛନ୍ତି । ତେବେ ପରିତାପର ବିଷୟ, ଏହି ପୀଠ ଏବେ ବି ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ପ୍ରଶାସନ ଓ ଲୋକପ୍ରତିନିଧି ମନ୍ଦିର ଉନ୍ନତୀକରଣ ପ୍ରତି ଆଖି ବୁଜିଦେଇଛନ୍ତି । ମା'ଙ୍କ ପୀଠକୁ ସଂଯୋଗ କରୁଥିବା ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଏଠାରେ ଥିବା ଛୋଟ ବ୍ରିଜ ବିପଦସଙ୍କୁଳ ହୋଇପଡ଼ିଛି । ରାସ୍ତାର ୨ ପାର୍ଶ୍ୱରେ ୫୦ ଫୁଟ ଗଭୀର ଖାଇ ଶ୍ରଦ୍ଧାଳୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ମନ୍ଦିର ଛାତରୁ ପାଣି ଗଳୁଥିବା ବେଳେ ମରାମତିର ଆବଶ୍ୟକତା ରହିଛି । ଏଥିସହ ମନ୍ଦିର ଚାରିପାଖରେ ପ୍ରଚେରି ନ ଥିବାରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଛି । ଏଥିପ୍ରତି ଦୃଷ୍ଟି ଦେଇ ମନ୍ଦିରର ଉନ୍ନତୀକରଣ କରିବାକୁ ସାଧାରଣରେ ଦାବି ହେଉଛି ।



## ମନ୍ତ୍ରୀଙ୍କ ଜିଲ୍ଲାରେ ଅବହେଳିତ ଗୃହପାଳିତ ପଶୁପକ୍ଷୀ

# ଜଣେ କର୍ମଚାରୀରେ ଚାଲିଛି 'ନିଦାନିକ ଅନୁସନ୍ଧାନ ପରୀକ୍ଷାଗାର'

ବ୍ରହ୍ମପୁର,୨୮ ।୯ (ସମିସ)




ମନୁଷ୍ୟ ପରି ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଚିକିତ୍ସାଳୟ ସମେତ ପରୀକ୍ଷାଗାର ବ୍ୟବସ୍ଥା କରାଯାଇଛି। ଏଥିରେ ଅସୁସ୍ଥ ପଶୁପକ୍ଷୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଚିକିତ୍ସା ହୋଇପାରିବ। କିନ୍ତୁ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଗଞ୍ଜାମ ଜିଲ୍ଲାରେ

**ମିଳୁନି ଉନ୍ନତ ସେବା, ଅକାଳରେ ଯାଉଛି ପଶୁପକ୍ଷୀଙ୍କ ଜୀବନ**

ରହିଥିବା ଗୃହପାଳିତ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଦକ୍ଷିଣାଞ୍ଚଳ ପାଇଁ ବ୍ରହ୍ମପୁରେ ଥିବା ଏକ ମାତ୍ର 'ନିଦାନିକ ଅନୁସନ୍ଧାନ ପରୀକ୍ଷାଗାର'(ସିଆଇଏଲ) ରେ କର୍ମଚାରୀ ଅଭାବରୁ ଅସୁସ୍ଥ ପଶୁପକ୍ଷୀଙ୍କ ବିଭିନ୍ନ ଚିକିତ୍ସା କରାଯାଇ ପାରୁନାହିଁ। ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କୁ ଉପଯୁକ୍ତ ଚିକିତ୍ସା ଏବଂ ପରୀକ୍ଷା ନମିଳିବାରୁ ବହୁ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ହେଉଛି। ବ୍ରହ୍ମପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଥିବା 'ନିଦାନିକ ଅନୁସନ୍ଧାନ ପରୀକ୍ଷାଗାର'ରେ ୨ଜଣ ରିସର୍ଚ୍ଚ ଅଫିସର ପଦ ମଧ୍ୟରୁ ମାତ୍ର ଜଣେ ଅଛନ୍ତି। ସେହିପରି ମଞ୍ଜୁରୀପ୍ରାପ୍ତ ଲାବ୍ ଟେକ୍ନିସିଆନ ଓ ଲାବ୍ ଆସିଷ୍ଟାଣ୍ଟ ପଦ ଖାଲି ରହିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଦକ୍ଷିଣାଞ୍ଚଳ ପାଇଁ ରହିଥିବା ଏକ ମାତ୍ର ସିଆଇଏଲ୍ କେନ୍ଦ୍ର ମାତ୍ର ଜଣେ ରିସର୍ଚ୍ଚ ଅଫିସର ଦ୍ୱାରା ପରିଚାଳିତ ହେଉଛି।

କେନ୍ଦ୍ରରେ ଚଳିତ ମାସ ୧୩ ତାରିଖରେ ହେମାଟୋଲୋଜି ଆନାଲାଇଜର ଓ ବାୟୋକେମିକାଲ ଆନାଲାଇଜର ପରି ଦୁଇଟି ଅତ୍ୟାଧୁନିକ ମେସିନ ସ୍ଥାପନ କରାଯାଇଛି। ହେମାଟୋଲୋଜି ଆନାଲାଇଜରରେ ପଶୁପକ୍ଷୀଙ୍କ ରକ୍ତ ନମୁନାରୁ ବିଭିନ୍ନ ପରୀକ୍ଷା ହୋଇପାରିବ। ସେହିପରି ବାୟୋକେମିକାଲ ଆନାଲାଇଜରରେ ଅନ୍ୟ ସମସ୍ତ ପରୀକ୍ଷା ହେବାର ବ୍ୟବସ୍ଥା ରହିଛି। କିନ୍ତୁ କର୍ମଚାରୀ ଅଭାବରୁ କେନ୍ଦ୍ରରେ ରୁଟିନ ଟେଷ୍ଟର ନମୁନା ସହ ମାସକୁ ମାତ୍ର୧୨ଶହ ନମୁନା ପରୀକ୍ଷା କରାଯାଉଛି। ପରୀକ୍ଷା କେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମୀ ରହିଥିବା ବେଳେ ମାତ୍ର ଜଣେ କର୍ମଚାରୀଙ୍କ କ୍ଷେତ୍ରରେ ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କ ସମସ୍ତ ପରୀକ୍ଷା କରିବା ଏବଂ ରିପୋର୍ଟ ପ୍ରଦାନ କରିବା କଷ୍ଟକର ହେଉଛି। ତେଣୁ ଗୃହପାଳିତ ପଶୁ ଓ ପକ୍ଷୀଙ୍କ ଉତ୍ତମ ଚିକିତ୍ସା ଏବଂ ଉପଯୁକ୍ତ ପରୀକ୍ଷା ନିମନ୍ତେ ଆବଶ୍ୟକ ଭିତ୍ତିଭୂମୀ ସମେତ କର୍ମଚାରୀ ଯୋଗାଇବାକୁ ଦାବି ହୋଇଛି। 'ନିଦାନିକ ଅନୁସନ୍ଧାନ ପରୀକ୍ଷାଗାର'(ସିଆଇଏଲ) ରେ ଆବଶ୍ୟକ କର୍ମଚରୀ ନିଯୁକ୍ତି ନିମନ୍ତେ ବିଭାଗକୁ ଅବଗତ କରାଯାଇଥିବା ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧୀକାରୀ ଡ଼ା. ଅଞ୍ଜନ ଦାସ କହିଛନ୍ତି।

## ମତ୍ସ୍ୟଜୀବୀ ପରିବାରର ଝିଅ ଓଏଏସ୍



**ଖଲ୍ଲିକୋଟ,୨୮ ।୯ (ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ଗ୍ରାମର ମତ୍ସ୍ୟଜୀବୀ ପରିବାର ଝିଅ ପାଇଲା ଓଏଏସ। ସେ ହେଉଛନ୍ତି କେଶପୁର ଗ୍ରାମର ମତ୍ସ୍ୟଜୀବୀ ବସନ୍ତ କୁମାର ବେହେରାଙ୍କ ଝିଅ ଦିପସ୍ୱିତା ବେହେରା। ରବିବାର ଦିପସ୍ୱିତା ନିଜ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ଫୁଲ ତୋଡା ଦେଇ ଡିଜେ ବଜାଇ ବାଣ ଫୁଟାଇ ଗାଁରେ ବୁଲାଇବା ସହ ପଞ୍ଚାୟତ ଅଫିସରେ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ତେବେ ଏହି ଖବର ପାଇ ଦିପସ୍ୱିତାକୁ ଆଶୀର୍ବାଦ କରିବା ପାଇଁ ଖଲ୍ଲିକୋଟ ତହସିଲଦାର ଡି.ମାଲେଶ୍ୱର ପାତ୍ର, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଓ ଖଲ୍ଲିକୋଟ ମେଡିକାଲ ଅଧିକାରୀ ପ୍ରଦୀପ କୁମାର ଗନ୍ତାୟତ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ କରି ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ସେପଟେ ଗାଁ ଝିଅ ଦୀପସିତା ବେହେରା ଓଏଏସ ପାଇ ଥିବାରୁ ବେଶ୍ ଖୁସି ବ୍ୟକ୍ତ କରିବା ସହିତ ସାଧାରଣ ଲୋକଙ୍କ ସେବା କରିବେ ବୋଲି କହିଥିଲେ।

## ମା' ବୀରସିଂହୀଙ୍କ ଶାରଦୀୟ ପୂଜା



**ଛତ୍ରପୁର,୨୮ ।୯ (ସମିସ):** ଛତ୍ରପୁର ବ୍ଲକ ଅଧୀନ ବିପୁଲିଙ୍ଗୀ ଗ୍ରାମରେ ପ୍ରସିଦ୍ଧ ଶକ୍ତି ପୀଠ ମା' ବୀରସିଂହୀରେ ଶାରଦୀୟ ପୂଜା ଉତ୍ସବ ଅନୁଷ୍ଠିତ ହୋଉଛି। ପ୍ରତିଦିନ ଚଣ୍ଡୀ ପାଠ, ହୋମ ଓ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହେଉଛି। ମନ୍ଦିର ପରିଚାଳନା କମିଟି ସହଯୋଗରେ ଏହି ପୂଜା ଅନୁଷ୍ଠିତ ହେଉଛି। କର୍ତ୍ତା ଭାବେ କୁନା ଦାଶ ଓ ପୂଜକ ପଣ୍ଡିତ ନରହରି ଦାଶ ଶର୍ମା ଦ୍ୱାରା ପୂଜା କର୍ମ ଅନୁଷ୍ଠିତ କରାଯାଉଛି। ପ୍ରତିଦିନ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସୁଛନ୍ତି।

## ଓସିଏସ୍ ପରୀକ୍ଷା: ୧୧୨ ର୍ୟାଙ୍କରେ ଚିନ୍ମୟୀ ତ୍ରିପାଠୀ



**ଗଞ୍ଜାମ,୨୮ ।୯ (ସମିସ):** ଗଞ୍ଜାମ ବ୍ଲକ ସାନରାମଚନ୍ଦ୍ରପୁର ପଞ୍ଚାୟତର ଧର୍ମଶରଣପୁର ଗ୍ରାମର ଚିନ୍ମୟୀ ତ୍ରିପାଠୀ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୧୨ ନମ୍ବର ର୍ୟାଙ୍କରେ ରହି ଅଞ୍ଚଳ ପାଇଁ ପାଇଁ ଗୌରବ ଆଣିଛନ୍ତି। ଖୋର୍ଦ୍ଧା ରେଳବାଇ ମଣ୍ଡଳରେ ଅଧକ୍ଷ ରୂପେ କାର୍ଯ୍ୟରତ ବିନାୟକ ତ୍ରିପାଠୀ ଓ ବିଷ୍ଣୁପ୍ରିୟା ତ୍ରିପାଠୀଙ୍କ କନ୍ୟା ପ୍ରଥମ ପ୍ରୟାସରେ ଏହି ସଫଳତା ଅର୍ଜନ କରିଛନ୍ତି। ଭବିଷ୍ୟତରେ ଆଇଏଏସ୍ ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହାର ଶ୍ରେୟ ସେ ବାପା ମା'ଙ୍କ ପ୍ରେରଣା ଓ କଠିନ ପରିଶ୍ରମକୁ ଦେଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## 'ଆସିଛି ଏକା ଯିବି ମୁଁ ଏକା' ନାଟକ ବହି ପୂଜନ



**ଗଞ୍ଜାମ,୨୮ ।୯ (ସମିସ):** ସ୍ଥାନୀୟ ଅଞ୍ଚଳର ଆଇନଜୀବୀ ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ପଙ୍କଜ କୁମାର ବାରିକି (ମିଟୁ ସାର)ଙ୍କ ଏକାଦାଶ ଦିବସରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ "ଆସିଛି ଏକା ଯିବି ମୁଁ ଏକା' ନାଟକ ବହି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ ସ୍ଥାନୀୟ ମା ଦୁର୍ଗାଦେବୀ ମନ୍ଦିରରେ ବହି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖଳନାୟକ ଚରିତ୍ରରେ ଅଭିନୟ କରି ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରଦୀପ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନା ଆସନ୍ତା ଅକ୍ଟୋବର୧୫ ତାରିଖରେ ପରିବେଷଣ କରାଯିବା ନେଇ ମଞ୍ଚ ପକ୍ଷରୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀ ପଣ୍ଡାଙ୍କ ସହ ମଞ୍ଚ ସଭାପତି ଶବର କୁମାର ତରାଇ, ଉପଦେଷ୍ଟା ଉମାକାନ୍ତ ବେହେରା, ରାକେଶ ରଞ୍ଜନ ଦାସ, ଅକ୍ଷୟ ସ୍ୱାଇଁ, କାର୍ତ୍ତିକ ତରାଇ, ବିଭୁତି ତରାଇ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଇତିହାସ ବିଭାଗରେ ସ୍ୱାଗତ ଉତ୍ସବ



**କୋଦଳା,୨୮ ।୯ (ସମିସ):** ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସ୍ୱାଗତ ଉତ୍ସବ ଅଧକ୍ଷ ରଘୁନାଥ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ ଅଧକ୍ଷ କାମନା କରାଯାଇଥିଲା। ବିଭାଗୀୟ ମୁଖ୍ୟ ବିନୋଦ କୁମାର ମିଶ୍ର ଛାତ୍ରଛାତ୍ରୀଙ୍କୁ ଅନେକ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗୀୟ ମୁଖ୍ୟ ରଞ୍ଜୁବାଳା ନନ୍ଦ, ଶିକ୍ଷା ବିଭାଗୀୟ ମୁଖ୍ୟ ଡ଼କ୍ଟର ପ୍ରଦୀପ କୁମାର ପଣ୍ଡା, ଇତିହାସ ଅଧାପିକା ଗୃହଲକ୍ଷ୍ମୀ ସାହୁ ଏବଂ ଅଧାପକ ସପନ କୁମାର ଦାଶ ଉତ୍ସାହ ଦେଇଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ କାଜଲ ବିଷୋୟୀ ଏବଂ ଜସ୍ମିନ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ର ଅମର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କବିସମ୍ରାଟ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ

**ଭଞ୍ଜନଗର,୨୮ ।୯ (ସମିସ):** ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ କବି ସମ୍ରାଟ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ଓ ସମାଜ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ସାହିତ୍ୟ ପତ୍ରିକା 'ବୈଜୟନ୍ତୀ' ଏବଂ ସାବିତ୍ରୀ ଦୁଇଟି ପତ୍ରିକା ଉନ୍ମୋଚିତ କରିବା ସହ ଲେଖକ, କବିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ଡ.ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କବି ଡ.ନାରାୟଣ ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ କଲେଜ ଅଧକ୍ଷ ତଥା ଭଞ୍ଜ ଗବେଷକ ଡ. କମ୍ବୁପାଣି ସାମନ୍ତ ଅତିଥି, ଲେଖକ ସୋମନାଥ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ନାଥ ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ଅଧାପକ ଅଶୋକ ସ୍ୱାଇଁ, ଦୁର୍ଗା ମାଧବ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସୌରଭର ସମ୍ପାଦକ ସୁଶାନ୍ତ ଦାସ, ପଞ୍ଚବଟୀର ସମ୍ପାଦକ ସୁଶାନ୍ତ କୁମାର ନାୟକ, ଲେଖକ ଡ.ନାରାୟଣ ପଣ୍ଡାଙ୍କୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ଡ.ନଳିନୀ ପ୍ରଭା ଦାସ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କବୟିତ୍ରୀ ସୁଜାତା ଷଡ଼ଙ୍ଗୀ, ଅଧାପିକା ସୁଜାତା ସିଂ, ଲେଖକ ନେତାଜୀ ବିଷୋୟୀ, ଦାମୋଦର ଷଡ଼ଙ୍ଗୀ, ଡ.ସନ୍ତୋଷ କୁମାର ଆପଟ, ଡ.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ବିମ୍ବାଧର ଷଡ଼ଙ୍ଗୀ, ପ୍ରଭାତ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ଆଇନଜୀବୀ ତଥା ନାଟ୍ୟ ନିର୍ଦ୍ଦେଶକଙ୍କ ସ୍ମୃତିସଭା

**ଗଞ୍ଜାମ,୨୯ ।୯ (ସମିସ):** ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ଆଇନଜୀବୀ ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ପଙ୍କଜ କୁମାର ବାରିକି (ମିଟୁ ସାର)ଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ପୁଇଁତୋଳା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ କୈଳାସ ପଲାଇଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ନାଟ୍ୟ ନିର୍ଦ୍ଦେଶକଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଅମର ଆରର ସଦ୍‌ଗତି କାମନା କରିଥିଲେ। ସଭାରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଏନ. ନାରାୟଣ ରେଡ଼ି, ବରିଷ୍ଠ ଆଇନଜୀବୀ ଗୋକୁଳ ପଣ୍ଡା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ଗଞ୍ଜାମ ବରିଷ୍ଠ ନାଗରିକ ପରିଷଦ ସଭାପତି ରବିନ୍ଦ୍ର କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ, ନାଟ୍ୟ ନିର୍ଦ୍ଦେଶକ ତଥା ଅଧାପକ ଗୌରୀ ଶଙ୍କର ଶତପଥୀ, ଶ୍ରମିକ ନେତା ଶଙ୍କର ଦାଶ, ଶିକ୍ଷାବିତ ରୋହିତ କୁମାର ସାହୁ, ଆଇନଜୀବୀ ଆଦି ନାରାୟଣ ରେଡ଼ି, ରାଜ୍ୟ ଫୁଡ୍ କର୍ପୋରେସନ ଇଣ୍ଡିଆର ସଦସ୍ୟ ତଥା ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ପ୍ରଶାନ୍ତ କୁମାର ନାୟକ, ଗଞ୍ଜାମ ସାଂସ୍କୃତିକ ମଞ୍ଚ ତଥା ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ଗଞ୍ଜାମ ସାଂସ୍କୃତିକ ମଞ୍ଚ ସମ୍ପାଦକ ଅକ୍ଷୟ ସ୍ୱାଇଁ, ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଗଞ୍ଜାମ କଳା ସାସ୍କୃତିକ ମଞ୍ଚ ଉପଦେଷ୍ଟା ଉମାକାନ୍ତ ବେହେରା, ନାଟ୍ୟ ଅଭିନେତା ଜୟ କୃଷ୍ଣ ବାରିକି ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଦୁର୍ଗାପୂଜା ପାଇଁ କଳସ ଯାତ୍ରା




**ବେଲଗୁଣ୍ଠା,୨୮ ।୯ (ସମିସ):** ରାତି ପାହିଲେ ମା' ଦୁର୍ଗାଙ୍କ ମହା ସପ୍ତମୀ ପୂଜା। ଏନେଇ ବିଭିନ୍ନ ଶକ୍ତିପୀଠ ସହିତ ପୂଜା ମଣ୍ଡପ ଗୁଡିକ ଚଳଚଞ୍ଚଳ ହୋଇ ଉଠିଲାଣି ଓ କଳା ସଂସ୍କୃତିର ସହର ବେଲଗୁଣ୍ଠାରେ ମଧ ମା'ଙ୍କ ଆରାଧନା ପାଇଁ ବହୁ ପୂଜାମଣ୍ଡପ ସଜାଇ ହେଲାଣି ଓ ଏହି ପ୍ରରିପ୍ରେକ୍ଷୀରେ ବେଲଗୁଣ୍ଠା କଂସାରୀ ସାହିରେ ଚଳିତ ବର୍ଷର ଦୁର୍ଗାପୂଜା ପାଇଁ ଆଜି ଷଷ୍ଠୀ ଅବସରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ କଂସାରୀ ସାହିର ୩୦ରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ଜଳ କଳସ ଧାରଣ କରି ନଗର ପରିକ୍ରମା କରିଥିଲେ। ନଗର ପରିକ୍ରମା ସମୟରେ ହୁଳହୁଳି ଏବଂ ହରିବୋଲ ଶବ୍ଦରେ ସହର ପ୍ରକମ୍ପିତ ହୋଇଥିଲା। ପାରମ୍ପରିକ ରୀତିରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମା'ଙ୍କ ଷଷ୍ଠୀପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ କଂସାରୀ ସାହି ବାସିନ୍ଦା ଏବଂ ବେଲଗୁଣ୍ଠା ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଆସନ୍ତା କାଲି ସପ୍ତମୀ ପୂଜା ହେବାକୁ ଥିବାବେଳେ ଏଥିରେ କର୍ତ୍ତା ରୂପେ ଅବିନାଶ ଚୌଧୁରୀ ଏବଂ ତାଙ୍କ ସହଧର୍ମିଣୀ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି।

## ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବେଲଗୁଣ୍ଠା,୨୮ ।୯ (ସମିସ):** ଗୋବରା ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଭାରତୀ ପ୍ରତିଷ୍ଠାତା କୁଞ୍ଜ ବିହାରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ବିଶ୍ୱାଳ ଆଧ୍ୟାତ୍ମିକ ମାର୍ଗରେ ଛାତ୍ରଛାତ୍ରୀମାନଙ୍କୁ ପରିଚାଳିତ ହେବାପାଇଁ ମାର୍ଗଦର୍ଶନ କରାଇଥିଲେ। ସମ୍ମାନୀତ ଅତିଥି ଭାବେ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦର ସଭାପତି ଗୋପାଳ ଚନ୍ଦ୍ର ଲେଙ୍କା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଧାରୀ ସ୍ୱାଇଁ, ଚନ୍ଦ୍ରମଣୀ ଲେଙ୍କା, ଶୀତାକାନ୍ତ ତ୍ରିପାଠୀ, ବିଦ୍ୟାଳୟ ଉପସଭାପତି ବିଭୁପାଦ ଜେନା, ବ୍ୟାଙ୍କ ଅଫ ଇଣ୍ଡିଆ କ୍ଷତ୍ରିୟବରପୁର ଶାଖା ପରିଚାଳକ ଦୟାଲ ସେଠୀ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମହେଶ୍ୱର ରାଉତ ପରିଚାଳନା କରିଥିବା ବେଳେ ଛାତ୍ରୀ ଶ୍ରୁତି ସୁଧା, ରେଶ୍ମା ରାଣୀ ଏବଂ ସନ୍ଧ୍ୟା ରାଣୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ୩୦ଟି ଚୋରି ମୋବାଇଲ ଉଦ୍ଧାର

**ଭଞ୍ଜନଗର,୨୮ ।୯ (ସମିସ):** ଭଞ୍ଜନଗର ପୁଲିସ ହଜି ଯାଇଥିବା ଓ ଚୋରି ହୋଇଥିବା ୩୦ ମୋବାଇଲ ଉଦ୍ଧାର କରିଛି। ସେହି ମୋବାଇଲ ଗୁଡ଼ିକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଡ. ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭଞ୍ଜନଗର ଥାନା ଅଞ୍ଚଳରେ ବିଗତ କିଛିଦିନ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୋବାଇଲ ବିଭିନ୍ନ ସ୍ଥାନରେ ହଜି ଯାଇଥିଲା। ଏନେଇ ପୁଲିସ ମିସିଙ୍ଗ୍ ମାମଲା ରୁଜୁ କରି ମୋବାଇଲଗୁଡିକୁ ଖୋଜିବାକୁ ୩ଟି ଟିମ୍ ଗଠନ କରି ସେସବୁ ଉଦ୍ଧାର କରିଥିଲା। ଆଜି ୨୬ଜଣଙ୍କୁ ମୋବାଇଲ ପ୍ରଦାନ କରାଯାଇଥିବା ବେଳେ ୪ଜଣ ମାଲିକ ଅନୁପସ୍ଥିତ ଥିଲେ। ତେଣୁ ପରବର୍ତ୍ତୀ ମୁହୂର୍ତ୍ତରେ ସେମାନେ ନିଜର ମୋବାଇଲ ଥାନାରୁ ସଂଗ୍ରହ କରିପାରିବେ ବୋଲି ଜଣାପଡ଼ିଛି।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

**ରମ୍ଭା,୨୮ ।୯ (ସମିସ):** ରାମଗଡ଼ ପଞ୍ଚାୟତ ଅଧିନସ୍ଥ ରଘୁନାଥପୁର, ମୟୂର ବିହାର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ପ୍ରଚେଷ୍ଟାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବରିଷ୍ଠ ଡାକ୍ତର ଡା. ନିହାର ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ବିଦ୍ୟାଳୟ ସଭାପତି ବିଜୟ କୁମାର ବିଶ୍ୱାଳ ସାମିଲ ହୋଇଥିଲେ। ସମ୍ମାନିତ ଅତିଥି ଭାବରେ ଆଦାନି ଫାଉଣ୍ଡେସନର ମୁଖ୍ୟ ଦେବଦତ୍ତ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କବି ସୁନିଲ ପ୍ରଧାନ ପରିଚାଳନା କରିଥିବା ବେଳେ ସହଯୋଗ କରିଥିଲେ। ସ୍ଥାନୀୟ ପୂର୍ବତନ ନ୍ୟାୟବ ସରପଞ୍ଚ କାମେଶ୍ୱର ପଲାଇ, ପୂର୍ବତନ ୱାର୍ଡ ମେମ୍ବର ବିଶ୍ୱନାଥ ସ୍ୱାଇଁ, ଅନନ୍ତ ମାଳି, ପୂର୍ବତନ ସରପଞ୍ଚ ଜୟସେନ୍ ପ୍ରଧାନଙ୍କ ସହିତ ସମସ୍ତ ଗୁରୁଜନ, ଗୁରୁମା ମାନେ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବି.ତୁରୁବୁଡ଼ିରେ ଉତ୍ତେଜନା

# ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

ଦିଗପହଣ୍ଡି,୨୮ ।୯ (ସମିସ)



ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ଗାଁରେ ରବିବାର ସନ୍ଧ୍ୟା ୬ଟାରୁ ରାତି ପ୍ରାୟ ୧୦ଟା ଯାଏଁ ବିଦ୍ୟୁତ କର୍ମଚାରୀଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ପ୍ରାୟ ୨

**ଘନଘନ ବିଦ୍ୟୁତ୍ କାଟ୍ ଓ ଅତ୍ୟଧିକ ବିଲ୍‌କୁ ନେଇ ଅସନ୍ତୋଷ ଥିଲେ ଗ୍ରାହକ**

ମାସ ହେଲା ସମଗ୍ର ପଞ୍ଚାୟତ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଅତ୍ୟଧିକ ବିଦ୍ୟୁତ୍ ବିଲ୍ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ରବିବାର ସନ୍ଧ୍ୟାରେ ଟିପିଏସ୍‌ଓଡିଏଲ୍‌ର ଲାଇନ୍ ମ୍ୟାନ ବଳିଆ ପଣ୍ଡା, ଅରୁଣ ପଣ୍ଡା ଏବଂ ଅନ୍ୟ ୩ କର୍ମଚାରୀ ବକେୟା ବିଦ୍ୟୁତ ବିଲ୍ ଆଦାୟ ପାଇଁ ଗାଁରେ ପହଞ୍ଚିବାରୁ ଗ୍ରାମବାସୀ ଘେରିଯାଇ ସେମାନଙ୍କ ସହ ବଚସା କରିଥିଲେ। ପରେ ବହୁ ସଂଖ୍ୟକ ଗ୍ରାମବାସୀ ଏକତ୍ରିତ ହୋଇ ବିଭାଗର ଗାଡ଼ି ସମେତ ଗାଁ ମଠଦାଣ୍ଡ ସ୍ଥିତ ଏକ ଘରେ କର୍ମଚାରୀମାନଙ୍କୁ ଅଟକ ରଖିଥିଲେ। ଉପରିସ୍ଥ ଅଧିକାରୀମାନେ ଆସି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ଯାଇ ସେମାନଙ୍କୁ ଛଡ଼ାଯିବ ବୋଲି ପ୍ରକାଶ କରିଥିଲେ। ଗାଁରେ ଏନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଦିଗପହଣ୍ଡି ପୁଲିସ ଟିମ୍ ରାତି ପ୍ରାୟ ୧୦ଟାରେ ପହଞ୍ଚିଥିଲା। ଉତ୍ତେଜିତ ଗ୍ରାମବାସୀଙ୍କ ସହ ଦୀର୍ଘସମୟ ଆଲୋଚନା ପରେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗ୍ରାମବାସୀ ଅଟକ ବିଦ୍ୟୁତ୍ କର୍ମଚାରୀଙ୍କୁ ଛାଡିଥିବା ଜଣାପଡ଼ିଛି।



# ମାଟିରେ ମିଶିଲା ଦେଶୀ ମଦ ଭାଟି

## ଏକାଧିକ ଥର ଚଢ଼ଉ ପରେ ବି ଚାଲୁଥିଲା ● ଗତକାଲି ଠାବ କରିଥିଲା ଅବକାରୀ ବିଭାଗ



ଭୁବନେଶ୍ୱର,୨୮।୯(ସମିସ):

ଶନିବାର ଅବକାରୀ ବିଭାଗ ସାଲିଆ ସାହିର ନୀଳଚକ୍ରନଗର ବସ୍ତିରେ ଚଢ଼ଉ କରି ଦେଶୀ ମଦ ଭାଟି ଉପରେ ଚଢାଉ କରି ୫ ହଜାର ଲିଟର ଦେଶୀ ମଦ ଏବଂ ୧୬ ହଜାର ଲିଟର ପୋଚ ଜବତ କରିଥିଲା। ରବିବାର ପୁଣି ଥରେ ବିଭାଗ ସାଲିଆ ସାହିର ପଣ୍ଡା ନଗରରେ ଥିବା ମଦ ଭାଟି ଉପରେ ରେଡ୍ କରି ମାଟିରେ ମିଶାଇ ଦେଇଛି। ବିଏମ୍‌ସି ସହାୟତାରେ ଏହି ମଦ ପ୍ୟାକ୍ଟ୍ରିକୁ ମାଟିରେ ମିଶାଇଛି ଅବକାରୀ ବିଭାଗ। ଚଢାଉ ସମୟରେ ମଦ ମାଫିଆଙ୍କ ସିକ୍ରେଟ ଚାମ୍ବର ଠାବ ହୋଇଛି। ସୂଚନା ମୁତାବକ ଶନିବାର ଅବକାରୀ ବିଭାଗ ପକ୍ଷରୁ ରେଡ଼ କରାଯାଇ ୧୬ ହଜାର ଲିଟର ପୋଚ ସହ ୫ ହଜାର ଲିଟର ଦେଶୀ ମଦ ନଷ୍ଟ କରାଯାଇଥିଲା। ସିକ୍ରେଟ ଚାମ୍ବରରେ ଦେଶୀ ମଦ ଗଚ୍ଛିତ ହୋଇ ରହିଥିଲା। ଭାଟି ମାଲିକ ଫେରାର୍ ହୋଇଯାଇଥିଲା। କିଛି ମାସ ତଳେ ଉକ୍ତ ଭାଟିରେ ଅବକାରୀ ବିଭାଗ ତାଲା ପକାଇଥିଲା। ମାଲିକକୁ ମଧ୍ୟ ଗିରଫ କରିଥିଲା। ଜାମିନ୍ ପାଇବା ପରେ ସେ ପୁଣି ଥରେ ବ୍ୟବସାୟ ଆରମ୍ଭ କରିଥିଲା। ସାଲିଆ ସାହି ସାଜିଛି ଡାଳ, ଯେତେ ଖୋଲିଲେ ସେତେ ମିଳୁଛି। ଯେତେ ଘର ଭାଙ୍ଗିଲେ ସେତେ ଘର ଗଢୁଛନ୍ତି ମଦ ମାଫିଆ। ଭୁବନେଶ୍ୱର ସାଲିଆ ସାହି ପାଲଟିଛି ମଦ ମାଫିଆଙ୍କ ହବ୍। ଅବକାରୀ ବିଭାଗ କେବଳ ଲୋକ ଦେଖାଣିଆ ଭାବେ ରେଡ୍ କରୁଥିବା ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଡିଜିପି। କେତେବେଳେ ଘର ଭଙ୍ଗା ହେଉଛି, ତ କେତେବେଳେ ହାଣ୍ଡି ଡେକ୍‌ଚି। ପୋଚ ଫୋପଡା ହେଉଛି, ରନ୍ଧା ମଦ ଢଳା ହେଉଛି। ହେଲେ, ଅବକାରୀ ବିଭାଗର ଏହି ରେଡ୍ କୁ ନେଇ ସାଧାରଣ ଲୋକଙ୍କ ଭିତରେ ଅନେକ ପ୍ରଶ୍ନ। ଖାଲି ମନେ ପଡିଲେ, ରେଡ୍ ହେଉଛି ନା କେବଳ ମିଡିଆ ଦେଖି ବାହାଃ ବାହାଃ ନେଉଛନ୍ତି ଅଫିସର। ମଦ ପାଇଁ ଏଠି ମୁଣ୍ଡ ଗଡୁଛି , ପରିବାର ଭାଙ୍ଗୁଛି। ବିଷାକ୍ତ ମଦ ପିଇ ଡାକ୍ତରଖାନାରେ ମାସ ମାସ ଧରି ପଡୁଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ମଦ ବିକ୍ରି ମୂଳୋତ୍ପାଟନ ପାଇଁ ଏଯାବତ କୌଣସି ବିଧି ବ୍ୟବସ୍ଥା ଗ୍ରହଣ କରୁନି ଅବକାରୀ ବିଭାଗ।

### ପୂଜା ଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# ରାଜଧାନୀ ଜଗିବେ ୩୮ ପ୍ଲାଟୁନ୍ ପୁଲିସ



ଭୁବନେଶ୍ୱର,୨୮।୯ (ସମିସ): ଆଜିଠାରୁ ଆରମ୍ଭ ହୋଇଛି ଦୁର୍ଗାପୂଜା। ରାଜଧାନୀର ୧୮୯ ମଣ୍ଡପରେ ପୂଜା ପାଇବେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି। ଦୁର୍ଗାପୂଜା ଲାଗି ସହରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଟ୍ରାଫିକ୍ ପରିଚାଳନା, ଭିଡ଼ ନିୟନ୍ତ୍ରଣ ଓ ଅପରାଧିକ

**ସିସିଟିଭି ନଜରରେ ରହିବ ସ୍ମାର୍ଟ ସିଟି**

କାର୍ଯ୍ୟକଳାପ ଦମନକୁ ଗୁରୁତ୍ୱ ଦେବା ସହ ସୁରକ୍ଷାକୁ କଡ଼ାକଡ଼ି ଲାଗି ପର୍ଯ୍ୟାପ୍ତ ପରିମାଣର ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ। ଦୁର୍ଗାପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ରାଜଧାନୀରେ ୩୮ ପ୍ଲାଟୁନ୍ ଫୋର୍ସ ଓ ୨୦ ପ୍ଲାଟୁନ୍ ହୋମଗାର୍ଡ ମୁତୟନ କରାଯିବ। ଏଥିସହିତ ଦୁର୍ଗାପୂଜାରେ କେନ୍ଦ୍ରୀୟ ସୁରକ୍ଷାବଳଙ୍କୁ ନିୟୋଜିତ କରାଯିବ। ଭୁବନେଶ୍ୱରରେ ୩ ଜଣ ଡିସିପି, ୬ ଜଣ ଅତିରିକ୍ତ ଡିସିପି/ ଡେପୁଟି କମାଣ୍ଡାଣ୍ଟ, ୧୨ ଜଣ ଡିଏସପି/ ଏସିପି/ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୩୩ ଜଣ ଇନ୍ସପେକ୍ଟର/ ଇନ୍ସପେକ୍ଟର (ଆର୍ମ), ୧୭୨ ଜଣ ଏସ୍‌ଆଇ/ଏଏସ୍‌ଆଇ, ଟ୍ରାଫିକ୍ କନ୍‌ଷ୍ଟେବଲ ନିୟୋଜିତ ହେବେ। ଏଥିସହିତ ସ୍ୱେଶାଲ ଟ୍ରାକ୍ଟିକାଲ ୟୁନିଟ୍, ଓଡ୍ରାଫ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ମଧ୍ୟ ସାମିଲ୍ ହେବେ। ମହିଳାଙ୍କ ସୁରକ୍ଷା ଲାଗି ମହିଳା ପୁଲିସଙ୍କୁ ବି ମୁତୟନ କରାଯିବ। ରାବଣପୋଡ଼ି ଲାଗି ଭସାଣି ଶୋଭାଯାତ୍ରାରେ ଅଧିକ ସଂଖ୍ୟକ ପୁଲିସ କର୍ମଚାରୀ ମୁତୟନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସେହିପରି ସହରରେ ଶାନ୍ତିଶୃଙ୍ଖଳା, ଭିଡ଼ ଓ ଅପରାଧ ନିୟନ୍ତ୍ରଣ ଲାଗି ଛୋଟ ଛୋଟ ପୁଲିସ ଦଳ ସାଦା ପୋଷାକରେ ମୁତୟନ କରିବା ବ୍ୟବସ୍ଥା ହୋଇଛି। ସହରର ଜନଗହଳି ଓ ପ୍ରମୁଖ ସ୍ଥାନଗୁଡ଼ିକ ସିସିଟିଭି ନଜରରେ ରହିବ। ଯାନବାହନ ନିୟନ୍ତ୍ରଣ କରିବା ଓ ପାର୍କିଂ ବ୍ୟବସ୍ଥାକୁ ସୁ ବନ୍ଦୋବସ୍ତ କରିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ସାଧାରଣତଃ ପୂଜା ସମୟରେ ସର୍ବସାଧାରଣ ରାସ୍ତା କଡ଼ରେ ଗାଡ଼ି ରଖି ଚାଲିଯାଇଥାନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ଦେଖାଯାଇଥାଏ। ଏହାକୁ ଏଡ଼ାଇବା ସହ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି କ୍ରେନ୍ ବ୍ୟବସ୍ଥା କରାଯାଇଛି। ବିଏମ୍‌ସି ଅଧିକାରୀଙ୍କ ସହିତ ଯୋଗାଯୋଗ ସ୍ଥାପନ କରି ଟ୍ରାଫିକ ସମସ୍ୟା ଦୂର କରିବାକୁ ବନ୍ଦୋବସ୍ତ କରାଯାଇଛି। ଏଥିସହ ଥାନାସ୍ତରରେ ମଣ୍ଡପଗୁଡ଼ିକର କର୍ମକର୍ତ୍ତାଙ୍କ ସହ ପୁଲିସ ସମନ୍ୱୟ ରକ୍ଷା କରି ପୂଜାକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବାକୁ ଯୋଜନା କରିଛି।

# ମଦ ଜବତ; ମହିଳା ଗିରଫ

ଭୁବନେଶ୍ୱର,୨୮।୯(ସମିସ): ଦେଶୀ ମଦ ତିଆରି କରି ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ମହିଳା ହେଲେ



ସାଲିଆ ସାହିର ଗୀତା ସାହୁ (୪୦)। ପୁଲିସ ସୂଚନା ଅନୁଯାୟୀ, ମୈତ୍ରୀ ବିହାର ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସାଲିଆ ସାହିରେ ଦେଶୀ ମଦ ବିକ୍ରି ହେଉଥିବା ନେଇ ଖବର ମିଳିଥିଲା। ଥାନାର ଏକ ଟିମ୍ ବିର୍ସା ନଗରରେ ଚଢ଼ଉ କରି ଗୀତାଙ୍କୁ ଗିରଫ କରିଥିଲା। ତାଙ୍କ ହେପାଜତରୁ ମୋଟ ୨୪୦ ଲିଟର ଦେଶୀମଦ, ଗ୍ୟାସ୍ ସିଲିଣ୍ଡର୍, ଦୁଇଟି ଷ୍ଟୋଭ୍ ଓ ୫ଟି ହାଣ୍ଡି ଜବତ କରିଥିଲା। ଏ ନେଇ ମୈତ୍ରୀବିହାର ଥାନା ପୁଲିସ ଏକ ମାମଲା ରୁଜୁ କରି ଗୀତାଙ୍କୁ କୋର୍ଟ ଚାଲାଣ କରିଛି।

# ମହିଳାଙ୍କୁ ଅସଦାଚରଣ; ପଡ଼ୋଶୀ ଗିରଫ



ଭୁବନେଶ୍ୱର,୨୮।୯ (ସମିସ): ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପଡ଼ୋଶୀକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରେତଙ୍ଗ ମଝି ସାହିର ଦୀନବନ୍ଧୁ ସାହୁ ଓରଫ ଡୁବୁରା (୪୨)। ପୁଲିସ ସୂଚନା ଅନୁସାରେ, ମହିଳାଙ୍କ ବାପା, ମାଆ ଓ ସ୍ୱାମୀ ବାହାରକୁ ଯାଇଥିବାବେଳେ ସେ ଏକାକୀ ଘରେ ଥିଲେ। ସେହି ସମୟରେ ପଡ଼ୋଶୀ ଡୁବୁରା ତାଙ୍କ ଘରେ ପଶି ଟଙ୍କା ବଦଳରେ ତାଙ୍କ ସହିତ ଖରାପ ସମ୍ପର୍କ ରଖିବା ଲାଗି କହିଥିଲା। ଏହା ଶୁଣି ପୀଡ଼ିତା ସେଠାରୁ ତାଙ୍କ ମାମୁ ଘରକୁ ପଳାଇ ଆସି ଫୋନ ଯୋଗେ ବାପା ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଘଟଣା ବିଷୟରେ କହିଥିଲେ। ଝିଅଠାରୁ ସମସ୍ତ ଘଟଣା ଶୁଣିବା ପରେ ବାପା ଓ ମାଆ ମିଶି ଡୁବୁରା ଘରକୁ ଯାଇ ଘଟଣା ବିଷୟରେ ପଚାରିଥିଲେ। ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କଲେ ଗୁଣ୍ଡା ଲଗାଇ ଜୀବନରୁ ମାରିଦେବ ବୋଲି ଡୁବୁରା ପୁଣି ଧମକ ଦେଇଥିଲା। ଏ ନେଇ ପୀଡ଼ିତାଙ୍କ ବାପା ତମାଣ୍ଡୋ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଡୁବୁରାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଗିରଫ ବିରୋଧରେ ନାଗରିକ ପ୍ରତିବାଦ



ଭୁବନେଶ୍ୱର,୨୮।୯(ସମିସ): ଲଦାଖର ସତ୍ୟାଗ୍ରହୀ, ପରିବେଶବିତ୍ ଓ ଶିକ୍ଷାବିତ୍ ସୋନମ ୱାଙ୍ଗଚୁକଙ୍କୁ ଅଗଣତାନ୍ତ୍ରିକ ଭାବରେ ଗିରଫ କରାଯାଇଥିବା ପ୍ରତିବାଦରେ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଛକରେ ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଯୁବ-ଛାତ୍ର, ମହିଳା ଓ ସାଧାରଣ ନାଗରିକମାନଙ୍କ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ ସହ ସୋନମଙ୍କ ଅହିଂସକ ସତ୍ୟାଗ୍ରହ ପ୍ରତି ସମର୍ଥନ ଜ୍ଞାପନ କରାଯାଇଛି। "ଥ୍ରି ଇଡିଅଟ୍' ସିନେମାର ପ୍ରେରଣାଦାୟକ ଚରିତ୍ର "ଫୁଙ୍ଗସୁକ୍ ୱାଙ୍ଗଡୁ'ଙ୍କ ପଛରେ ଥିବା ବ୍ୟକ୍ତିତ୍ୱ ସୋନମଙ୍କ "ହିମାଳୟାନ ଇନଷ୍ଟିଚ୍ୟୁଟ ଅଫ୍ ଅଲଟରନେଟିଭ୍ସ'କୁ ବନ୍ଦ କରିବା, ଲିଜ୍ ଜମି ହରଣ କରିବା ଓ ବିକଳ୍ପ ଶିକ୍ଷାନୁଷ୍ଠାନକୁ ବୁଲଡୋଜର ଦ୍ୱାରା ଧ୍ୱଂସ କରିବାକୁ ସରକାରଙ୍କ ଏକଛତ୍ରବାଦୀ ପ୍ରୟାସକୁ ଉପସ୍ଥିତ ବ୍ୟକ୍ତିବିଶେଷମାନେ ଗଣତନ୍ତ୍ର ପ୍ରତି ଆଘାତ ବୋଲି କହିଥିଲେ। ଲଦାଖର ପରିବେଶକୁ କର୍ପୋରେଟ୍ କବଳରୁ ବଞ୍ଚାଇବା, ଜଳବାୟୁ ପରିବର୍ତ୍ତନର ବିପଦକୁ ବିଶ୍ୱକୁ ଜଣାଇବା, ଷଷ୍ଠ ଅନୁଚ୍ଛେଦ ଲାଗୁ ପାଇଁ ଅନଶନ-ପଦଯାତ୍ରା କରିବା, ବୌଦ୍ଧ ଧର୍ମାବଲମ୍ବୀ ଲୋକଙ୍କ ଜୀବନ-ଜୀବିକା ପାଇଁ ଲଢ଼ିବା ଓ ଲଦାଖରେ ଚୀନ୍ ଅନୁପ୍ରବେଶ ବିଷୟରେ ସଚେତନ କରିବା, ଯାହା ସବୁକିଛି ଅହିଂସା ସତ୍ୟାଗ୍ରହର ଅଂଶ। ସୋନମ୍ କରିଥିଲେ ଲଦାଖ ହେଉଛି ଭାରତ ଜନନୀଙ୍କ ମସ୍ତକର ମୁକୁଟ। ଏହାକୁ ସୁରକ୍ଷା କରିବା ସେ ପ୍ରତିବଦ୍ଧ। ସର୍ବଶ୍ରୀ ପ୍ରଫୁଲ୍ଲ ସାମନ୍ତରା, ପ୍ରଫେସର ନୀଳମଣି ସାହୁ, ପଦ୍ମଚରଣ ନାୟକ, ମାନସ ପଟ୍ଟନାୟକ ଏବଂ ସାଙ୍ଗତନ ପଣ୍ଡା ପ୍ରମୁଖ ମୋଦି ସରକାର ଦ୍ୱାରା ସୋନମଙ୍କ ଅଗଣତାନ୍ତ୍ରିକ ଗିରଫକୁ ନିନ୍ଦା କରିଥିଲେ। ତାଙ୍କୁ ନିଃସର୍ତ୍ତ ଖଲାସ୍ ପାଇଁ ଦାବି କରିଥିଲେ।

# ନାବାଳିକାକୁ ଅପହରଣ କରି ବିବାହ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୯ (ସମିସ): ନାବାଳିକାକୁ ଅପହରଣ କରି ବିବାହ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଘଟଗାଁ ଥାନା



ଅଞ୍ଚଳର ପଦ୍ମଲୋଚନ ମହାପାତ୍ର ଓରଫ୍ ଜ୍ୟୋତି (୨୮)। ପୁଲିସ ସୂଚନା ମୁତାବକ, ଅଭିଯୋଗକାରିଣୀ ନଁପୁଟ ଅଞ୍ଚଳରେ ଥିବା ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ଶ୍ରମିକ ଭାବରେ କାମ କରୁଥିବା ବେଳେ ଜ୍ୟୋତି ସେଠାରେ ସୁପର ଭାଇଜର ଭାବେ କାମ କରେ। ଗତମାସ ୩୧ ତାରିଖ ଦିନ ନାବାଳିକା ଝିଅ ତାଙ୍କ ସହ ରହିବା ପାଇଁ ଭୁବନେଶ୍ୱର ଆସିଥିଲେ। ଜ୍ୟୋତି ତାଙ୍କ ନାବାଳିକା ଝିଅକୁ ବିବାହ କରିବାକୁ ଚାହୁଁଥିବା ନେଇ ଅଭିଯୋଗକାରିଣୀଙ୍କୁ ଜଣାଇଥିଲା, ହେଲେ ସେ ରୋକଠୋକ ମନା କରିଦେଇଥିଲେ। ଝିଅକୁ ଅପହରଣ କରିନେଇ ଜବରଦସ୍ତି ବିବାହ କରିବ ବୋଲି ଜ୍ୟୋତି ଧମକ ଦେଇଥିଲା। ଗତ ୨୪ ତାରିଖ ରାତିରେ ଜ୍ୟୋତି ତାଙ୍କ ଝିଅକୁ ଅପହରଣ କରି କେଉଁଝରର ଘଟଗାଁ ଅଞ୍ଚଳକୁ ନେଇ ଯାଇଥିଲା। ସେଠାରେ ନାବାଳିକା ଝିଅକୁ ଜୋରଜବରଦସ୍ତି ବିବାହ କରିଥିଲା। ନାବାଳିକାର ମାଆଙ୍କ ଅଭିଯୋଗ କ୍ରମେ ତମାଣ୍ଡୋ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ଜ୍ୟୋତିକୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା।

# ପୂଜା ବଜାରରେ ନକଲି ପୂଜା ସାମଗ୍ରୀ

**ପୂଜା ମଣ୍ଡପ, ମନ୍ଦିର, ଯଜ୍ଞସ୍ଥଳକୁ ଯୋଗାଉଛନ୍ତି ମାଫିଆ**


**ଅଧିକ ଲାଭ ଆଶାରେ ପ୍ରଶୟ ଦେଉଛନ୍ତି ଦୋକାନୀ**



ଭୁବନେଶ୍ୱର,୨୮।୯(ସମିସ):


ପୂଜା ବଜାରରେ ଏବେ ପ୍ରବେଶ କରୁଛି ନକଲି ପୂଜା ସାମଗ୍ରୀ। ରାଜଧାନୀ ସମେତ ରାଜ୍ୟରେ ଏବେ ଦୁର୍ଗା ପୂଜା ମାହୋଲ ଚାଲିଛି। ସବୁଠି ପୂଜାର୍ଚ୍ଚନା, ହୋମ, ଯଜ୍ଞ ଆଦି କରାଯାଉଛି। ଶ୍ରଦ୍ଧାଳୁମାନେ ମଧ୍ୟ ଦୀପ, ଧୂପ ଏବଂ ଭୋଗ ନେଉଛନ୍ତି। ହେଲେ ଏବେ ଏହା ଉପରେ ମାଫିଆଙ୍କ ନଜର ରହିଛି। ସେମାନେ ଏହି ପୂଜା ବଜାରରେ ନିଜ ପକେଟ ଗରମ କରିବା ଲକ୍ଷରେ ଅଛନ୍ତି। ଏବେ ଏହି ମାଫିଆମାନେ ଭଗବାନଙ୍କୁ ଠକିବାକୁ ଯୋଜନା କରିଛନ୍ତି। ଠାକୁରଙ୍କ ନିକଟରେ ଲାଗୁଥିବା ସାମଗ୍ରୀକୁ ମଣିଷ ବ୍ୟବହାର କରୁ ନ ଥିବାରୁ ତାହା ନକଲି ବୋଲି ଜଣାପଡୁନି। ଯାହାର ଫାଇଦା ଉଠାଉଛନ୍ତି ନକଲି ପୂଜା ସାମଗ୍ରୀ ପ୍ରସ୍ତୁତ କରୁଥିବା ମାଫିଆ। ସେମାନେ କେବଳ ଘିଅ ନୁହେଁ, ପୂଜା ପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ କିସମର ତେଲ, କର୍ପୂର ଓ ପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସାମଗ୍ରୀରୁ ଅଧିକାଂଶ ନକଲି କରୁଛନ୍ତି। ମଠ, ମନ୍ଦିରଠାରୁ ଆରମ୍ଭକରି ବିଭିନ୍ନ ଯଜ୍ଞାନୁଷ୍ଠାନ ଏବଂ ଘରେ ଘରେ ପୂଜା ପାଇଁ ଲୋକେ ଯେତେ ସାମଗ୍ରୀ କିଣୁଛନ୍ତି ସେଥିରୁ ଅଧିକାଂଶ ନିମ୍ନମାନର ବୋଲି ଜଣାଯାଇଥିଲେ ମଧ୍ୟ ଏହାକୁ ରୋକିବାପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ରାଜଧାନୀରେ ଥିବା କିଛି ଦୋକାନୀ ଏହାକୁ ଶସ୍ତାରେ କିଣି ଅଧିକ ଲାଭ ଆଶାରେ ମାଫିଆଙ୍କୁ ସହଯୋଗ କରୁଛନ୍ତି।


ବିଶେଷକରି ରାଜଧାନୀର ବିଭିନ୍ନ ମନ୍ଦିର ନିକଟରେ ଥିବା ପୂଜା ଦୋକାନରେ ଏହି ନକଲି ସାମଗ୍ରୀ ବିକ୍ରି କରାଯାଉଛି। ଏହି ନକଲି ସାମଗ୍ରୀ ଦୋକାନରେ ପହଞ୍ଚାଇବା ପାଇଁ ଏକ ରାକେଟ୍ କାମ କରୁଛି। ଏକାଧିକ ବ୍ୟକ୍ତିଙ୍କୁ ଏଥିରେ ନିୟୋଜିତ କରାଯାଇଛି। ସେମାନେ ନକଲି ସାମଗ୍ରୀ ପ୍ରସ୍ତୁତ କରିବା ପରେ ଏହାକୁ ବିଭିନ୍ନ ଦୋକାନରେ ପହଞ୍ଚିବା ପାଇଁ ପିଲା କାମ କରୁଛନ୍ତି। ତିରୁପତି ମନ୍ଦିରର ଲଡୁ ପ୍ରସ୍ତୁତିରେ ବ୍ୟବହୃତ ଘିଅରେ ପଶୁ ଚର୍ବି ଥିବା ଅଭିଯୋଗ ଆସିବା ପରେ ଭୁବନେଶ୍ୱରରେ ଏଭଳି ନକଲି ପୂଜା ସାମଗ୍ରୀ ବିକ୍ରି ହେଉଥିବା ଖବର ମିଳିଛି। ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ, ଅନନ୍ତ ବାସୁଦେବଙ୍କଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ଅଞ୍ଚଳର ଯେତେସବୁ ଦେବଦେବୀଙ୍କ ମନ୍ଦିରରେ ଭକ୍ତଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ ହେଉଛି ସେଥିରେ ବ୍ୟବହୃତ ଘିଅର ମାନ ଠିକ୍ ଅଛି ନା ନାହିଁ ଏବଂ ସମସ୍ତ ଧର୍ମାନୁଷ୍ଠାନରେ ଶ୍ରଦ୍ଧାଳୁମାନେ ଜାଳୁଥିବା ଦୀପର ଘିଅ ଅସଲି ନା ନକଲି ତାହାର ବି ଯାଞ୍ଚ କରାଯାଉ ନାହିଁ। ଯାଞ୍ଚ କରାଗଲେ ନକଲି କି ଅସଲି ସବୁ କିଛି ସ୍ପଷ୍ଟ ହେବ ବୋଲି ଅନେକ ଶ୍ରଦ୍ଧାଳୁ ଦାବି କରିଛନ୍ତି। ଆହୁରି ମଧ୍ୟ ରାଜଧାନୀର ବିଭିନ୍ନ ପୂଜା ମଣ୍ଡପ ଆଗରେ ବିକ୍ରି ହେଉଥିବା ସାମଗ୍ରୀ ନକଲି ବୋଲି ଜଣାପଡ଼ିଛି। ପୂଜାପାଇଁ ବ୍ୟବହାର କରାଯାଉଥିବା ରାଶିତେଲ, ଜଡ଼ାତେଲ, ନଡ଼ିଆ ତେଲ, ଧୂପ, ଦୀପ ଆଦି ବି ନିମ୍ନମାନର ବୋଲି ଲୋକ ଅନୁଭବ କରୁଛନ୍ତି। ଏମିତିକି ଏହି ତେଲ କେବଳ ପୂଜା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଏହି ତେଲ ସବୁ କେଉଁଥିରୁ ପ୍ରସ୍ତୁତ ହେଉଛି ଏବଂ ଯେଉଁମାନେ ଏହା ପ୍ରସ୍ତୁତ କରୁଛନ୍ତି ସେମାନଙ୍କର ଏଥିଲାଗି ଲାଇସେନ୍ସ ଅଛି କି ନାହିଁ ତାହା ଉପରେ ବି ପ୍ରଶ୍ନବାଚୀ ଉଠୁଛି। ମନ୍ଦିରର ଆଳତି ଓ ପ୍ରସାଦ ପ୍ରସ୍ତୁତ ପାଇଁ ବ୍ୟବହାର କରାଯାଉଥିବା କର୍ପୂର ବି ବହୁ କ୍ଷେତ୍ରରେ ନକଲି। ଏମିତିକି ବଜାରରେ ବୋତଲରେ ପୂରାଇ ବିକାଯାଉଥିବା ଗଙ୍ଗାଜଳଠାରୁ ଆରମ୍ଭ କରି ଅଗୁରୁ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ବି ନିମ୍ନମାନର ରହୁଛି। ଅଧିକାଂଶ ମନ୍ଦିରର ନିଳାମଧାରୀ ଲାଭ ଉଠାଇବା ପାଇଁ ନିମ୍ନମାନର ଓ ନକଲି ପୂଜା ଓ ଭୋଗ ସାମଗ୍ରୀ ଖୋଲାଖୋଲି ଭାବେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ମହାଶିବରାତ୍ରୀରେ ଅନେକ ଶିବ ମନ୍ଦିରରେ ଉଠୁଥିବା ମହାଦୀପରେ ବ୍ୟବହୃତ ଘିଅ ବି କିଲୋ ୧୦୦ ଟଙ୍କା ଭିତରେ ମିଳିଯାଉଛି। ଏତେ କମ୍ ଦରରେ ଯେଉଁ ଘିଅ ମିଳୁଛି ତାହା କେଉଁ ସାମଗ୍ରୀରୁ ପ୍ରସ୍ତୁତ ହୋଇଛି ତାହା ଜଣାପଡୁନି। ଶ୍ରଦ୍ଧାଳୁ ଶସ୍ତାରେ ପାଇ କିଣି ନେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ଚନ୍ଦନକାଠକୁ ବି ନକଲି କରି ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପଟରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ପୂଜା ଦୋକାନରେ ଚଢ଼ଉ କରାଯିବ ବୋଲି ପୁଲିସ କହିଛି।









# ଶହୀଦ୍ ଭଗତ୍ ସିଂହଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

ଭଦ୍ରକ, ୨୮।୯(ସମିସ): ମହାନ କ୍ରାନ୍ତିକାରୀ, ସ୍ୱାଧୀନତା ସଂଗ୍ରାମୀ, ବୀରତ୍ୱର ପ୍ରତୀକ ଓ ଯୁବଶକ୍ତିଙ୍କ ପ୍ରେରଣାସ୍ରୋତ ଶହୀଦ୍ ଭଗତ୍ ସିଂହଙ୍କ ପବିତ୍ର ୧୧୮ତମ ଜନ୍ମଜୟନ୍ତୀ ଅବସରରେ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ କାର୍ଯ୍ୟାଳୟ ପରିସରରେ ଶହୀଦ୍ ଭଗତ୍ ସେନା ପରିବାରର ପକ୍ଷରୁ ତାଙ୍କ ପ୍ରତିମୂର୍ତି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସହିଦ ଭଗତ ସେନା ମୁଖ୍ୟ ତଥା ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସମେତ ଅବସରପ୍ରାପ୍ତ ସୈନିକ ସଂଘର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଭଦ୍ରକ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ପଡ଼ିବ କି ?

ଭଦ୍ରକ, ୨୮।୯(ସମିସ):

ଭଦ୍ରକ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ପଡିବା ନେଇ ବୁଦ୍ଧିଜୀବୀ ମହଲ ଦାବି କରିଛି। ନୂତନ ସରକାର ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ହେବ ବୋଲି ଘୋଷଣା କରିଦେଲେ ସତ, ହେଲେ ଏବେ ବି ଜିଲ୍ଲାରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ପଦ ଖାଲି ପଡିଛି। ଜିଲ୍ଲାରେ ଗୋଟିଏ ମାନସିକ ରୋଗ ବିଶେଷଜ୍ଞ ପଦ ଗତ ୨୦୦୮ରୁ ମଂଜୁର ହୋଇଥିଲେ ବି କେହି ଜଣେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଫଳରେ ମାନସିକ ରୋଗୀମାନେ ସେମାନଙ୍କ ନିୟମିତ ଚିକିତ୍ସା ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର ଲାଗି ଦୁର୍ଦ୍ଦଶା ଭୋଗୁଛନ୍ତି। ସେହିଭଳି ଜିଲ୍ଲାରେ ମଂଜୁରପ୍ରାପ୍ତ

- ୬୬% ଡାକ୍ତର ପଦ ଖାଲି, ନାହିଁ ଏମ୍ଆରଆଇ ସେବା
- ମାନସିକ, ଚର୍ମ ଓ ହୃଦରୋଗ ବିଶେଷଜ୍ଞ ଜିଲ୍ଲାରେ ନାହିଁ

ଚର୍ମରୋଗ ବିଶେଷଜ୍ଞ ପଦବୀଟି ଗତ ୨ବର୍ଷରୁ ଅଧିକ ହେବ ଖାଲି ପଡିଛି। ୨ଜଣ ଚର୍ମରୋଗ ବିଶେଷଜ୍ଞ ଦୀର୍ଘ ବର୍ଷ ହେବ ଅନଅଥରାଇଜଡ ଛୁଟିରେ ରହି ଘରୋଇ ଡାକ୍ତରଖାନାରେ କାର୍ଯ୍ୟ କରୁଛନ୍ତି। ଫଳରେ ଜିଲ୍ଲାରେ ଚର୍ମରୋଗୀମାନେ ବାଧ ହୋଇ ଅଯଥା ଖର୍ଚ୍ଚାନ୍ତ ହୋଇ ଘରୋଇ ଚିକିତ୍ସା କରୁଛନ୍ତି। ସେହିଭଳି ଜିଲ୍ଲାରେ ଜଣେ ହୃଦରୋଗ ବିଶେଷଜ୍ଞ ନଥିବାରୁ ମଧ ଶହଶହ ରୋଗୀ ଜିଲ୍ଲା ବାହାରକୁ ଚିକିତ୍ସା ପାଇଁ ଯାଉଛନ୍ତି। ଜିଲ୍ଲାର ଗ୍ରାମାଞ୍ଚଳର ୫୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ପ୍ରାୟ ୩୦ଟିରେ ଡାକ୍ତର ନାହାନ୍ତି। ଜିଲ୍ଲାର ୩୮୦ ଏମବିବିଏସ ଡାକ୍ତର ପଦବୀ ମଞ୍ଜୁରି ମିଳିଛି। ତେବେ ଅଛନ୍ତି ମାତ୍ର ୧୨୩। ଅର୍ଥାତ ୬୬ ପ୍ରତିଶତ ଡାକ୍ତର ପଦ ଖାଲି। ୫୭ ଜଣ ବିଶେଷଜ୍ଞ ଡାକ୍ତରଙ୍କ ଜାଗାରେ ଅଛନ୍ତି ୩୭। ଜିଲ୍ଲାର ସର୍ବାଧିକ ଗୁରତତ୍ୱପୂର୍ଣ୍ଣ ତଥା ବ୍ୟସ୍ତବହୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୭୧ ଜଣ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ମାତ୍ର ୩୮ ଜଣ। ମୁଖ୍ୟ ଚିକିତ୍ସାଳୟରେ ୧୧୭ ଜଣ ଆସିଷ୍ଟାଣ୍ଟ ସର୍ଜନଙ୍କ ସ୍ଥାନରେ କାର୍ଯ୍ୟରତ ଅଛନ୍ତି ମାତ୍ର ୪ ଜଣ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ସିଡିଏମ ଏଣ୍ଡ ପିଏଚ୍ଓ ପଦବୀଟି ବି ଖାଲି ପଡିଛି। ଜିଲ୍ଲାରେ ପୂର୍ବ ସରକାର ଅମଳରେ ମାଗଣାରେ ସିଟି ସ୍କାନ ସୁବିଧା ଯୋଗାଇ ଦେଇଥିଲେ। ଜିଲ୍ଲାରେ ଏମ୍ଆର୍ଆଇ ଚିକିତ୍ସାର ସୁବିଧା ନାହିଁ। ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ଏଦିଗରେ ଗୁରୁତର ସହ ପଦକ୍ଷେପ ନେବାକୁ ଏଠାକାର ବୁଦ୍ଧିଜୀବୀ ମହଲ ଦାବି କରିଛି।

# ଅନ୍ତ୍ୟୋଦୟ ଗୃହ ଯୋଜନାକୁ ନେଇ ବ୍ଲକ୍‌ରେ ବିଜେପିରେ କନ୍ଦଳ



ଧାମନଗର, ୨୮।୯(ସମିସ): ଧାମନଗର ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ପଞ୍ଚାୟତର ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟ ଚାଲିଥିବା ବେଳେ ନିଜ ପଞ୍ଚାୟତକୁ କମ ଘର ମିଳିଥିବାରୁ ବିଜେପି ସମର୍ଥିତ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଫତେପୁର ସରପଞ୍ଚ ରଞ୍ଜନ କୁମାର ପଣ୍ଡା ଓ ଖପରପଦାର ପୂର୍ବତନ ସରପଞ୍ଚ ଗୟାଧର ନାୟକ ପ୍ରମୁଖ କାର୍ଯ୍ୟାଳୟରେ ପଶି ଅସନ୍ତୋଷ ଝାଡ଼ିଥିଲେ। ଏହି ଯୋଜନାରେ କାର୍ଯ୍ୟ କରୁଥିବା ବିପିସି ଓ ବିପିଏଙ୍କୁ ଧମକ ଦେବା ସହ ପଧାନୀ, ଭଗବାନପୁର, ସୋହୋଡ଼ା ଆଦି ପଞ୍ଚାୟତକୁ କାହିଁକି ଅଧିକ ଘର ଦିଆଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏଥିସହିତ ଅଶୋକ ପୁହାଣ, ପ୍ରଫୁଲ୍ଲ ପାତ୍ର ଏପରିକି ଖୋଦ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ମଧ ଗାଳିଗୁଲଜ କରିବା ସହ ବ୍ଲକ କାର୍ଯ୍ୟାଳୟ କବାଟ ଭାଙ୍ଗିବା ସହ ସଂପୃକ୍ତ ବିଭାଗ ଲ୍ୟାପଟପକୁ ଫିଙ୍ଗି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଉପରୋକ୍ତ ଦୁଇ ଅଧିକାରୀ ବିପିସି ପ୍ରଶାନ୍ତ ବାରିକ ଓ ବିପିଏ ଅମର ନାୟକଙ୍କ ଅଭିଯୋଗକ୍ରମେ ବିଡ଼ିଓ ବନବିହାରୀ ଦିନ୍ଦା ଧାମନଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ଗତକାଲିର ଅଭିଯୋଗକ୍ରମେ ଶୁକ୍ରବାର ଆଇଆଇସି ରଞ୍ଜନ କୁମାର ସେଠୀ ଦୁଇ ସବଇନ୍ସପେକ୍ଟର ପ୍ରଦୀପ ନାୟକ ଓ ରଶ୍ମିତା ମଲ୍ଲିକ ବ୍ଲକକୁ ଯାଇ ଘଟଣାର ଛାନଭିନ ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିବା ଜଣାଯାଇଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହୋଇ ନଥିବା ଜଣାଯାଇଛି। ଏହାଦ୍ୱାରା ଧାମନଗର ବିଜେପିର ଅନ୍ତ କନ୍ଦଳ ଜଳଜଳ ହୋଇ ଦିଶୁଛି।

**ଭଦ୍ରକ ଜିଲ୍ଲାରେ ୧୫ ହଜାରରୁ ଅଧିକ ମୃତ ବ୍ୟକ୍ତି ଖାଦ୍ୟ ସୁରକ୍ଷାରୁ ବାଦ୍**

# ୫୬ ହଜାରରୁ ଅଧିକ ଇ-କେୱାଇସି କରିନାହାନ୍ତି

ଭଦ୍ରକ,୨୮।୯(ସମିସ): ଭଦ୍ରକ ଜିଲ୍ଲାରେ ଖାଦ୍ୟ ସୁରକ୍ଷାରୁ ୧୫ ହଜାରରୁ ଅଧିକ ହିତାଧିକାରୀ ବାଦ ପଡିଛନ୍ତି। ଖାଦ୍ୟ ସୁରକ୍ଷାରେ ଇ-କେୱାଇସିକୁ ବାଧ୍ୟତା ମୂଳକ କରାଯିବା ପରେ ଏହି ତଥ୍ୟ ପଦାକୁ ଆସିଛି। ବିଭାଗୀୟ ସୂଚନାଯାୟୀ, ଏବେ ସୁଦ୍ଧା ଖାଦ୍ୟ ସୁରକ୍ଷାରେ ସାମିଲ ଥିବା ଯେତିକି ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ ହୋଇଛି ସେଥିରୁ ୧୫ ହଜାର ୫୩୯ ଜଣ ମୃତ ବ୍ୟକ୍ତି ଚିହ୍ନଟ ହେବା ପରେ ତୁରନ୍ତ ସେମାନଙ୍କୁ ଖାଦ୍ୟ ସୁରକ୍ଷାରୁ ବାଦ୍ କରାଯାଇଛି। ତେବେ ଆଗକୁ ସଂଖ୍ୟା ଆହୁରି ଅଧିକ ହେବ ବୋଲି କୁହାଯାଉଛି। ଜିଲ୍ଲା ଯୋଗାଣ ବିଭାଗ ତଥ୍ୟାନୁଯାୟୀ, ସରକାରଙ୍କ ବାରମ୍ବାର ଇ-କେୱାଇସିର ସମୟ ସୀମା ବୃଦ୍ଧି କରିବା ସତ୍ତ୍ୱେ ବର୍ତମାନ ସୁଦ୍ଧା ଜିଲ୍ଲାରେ ଆହୁରି ୫୬ ହଜାର ୬୫୧ ଜଣ ହିତାଧିକାରୀ ସେମାନଙ୍କ ଇ-କେୱାଇସି ଦାଖଲ କରିନାହାନ୍ତି। ଭଦ୍ରକ ଜିଲ୍ଲାରେ ଖାଦ୍ୟ ସୁରକ୍ଷାରେ ସମୁଦାୟ ୧୧ ଲକ୍ଷ ୫୦ ହଜାର ୯୮୧ ଜଣି ହିତାଧିକାରୀ ରହିଥିବା ବେଳେ ସୁଦ୍ଧା ସେଥିରୁ ୧୦ ଲକ୍ଷ ୯୪ହଜାର ୩୩୦ ଜଣ ଇ-କେୱାଇସି ଲସି ଅପଡେଟ କରିଥିବା ବେଳେ ଆହୁରି ୫୬ ହଜାର ୬୫୧ ଜଣ ଅପଡେଟ କରିନାହାନ୍ତି। ଯଦିଓ ଅପଡେଟ କରିନଥିବା ହିତାଧିକାରୀଙ୍କ ରାସନ ଏବେ ସୁଦ୍ଧା କଟା ଯାଇ ନାହିଁ ତେବେ ଆଗକୁ ସେମାନଙ୍କୁ ତାଲିକାରେ ରଖାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଇ-କେୱାଇସି କରିନଥିବା ଏହି ହିତାଧୀକାରୀଙ୍କ ମଧ୍ୟରେ କିଛି ଛୋଟ ପିଲା ଏବଂ ବୟସ୍କ ବ୍ୟକ୍ତି ରହିଛନ୍ତି। ଯେଉଁମାନଙ୍କ ଟିପ ମେଳ ଖାଉନଥିବା ଯୋଗୁ ସେମାନଙ୍କ ଇ-କେୱାଇସି ଅପଡେଟ୍ ହୋଇ ପାରୁନାହିଁ। ତେବେ ଆଉକିଛି ଜାଲି ଏବଂ ମୃତ ହିତାଧିକାରୀ ରହିଥିବା ଅନୁମାନ କରାଯାଉଛି। ସେହିଭଳି ବିଭାଗୀୟ ସୂଚନା ମୁତାବକ, ଜିଲ୍ଲାରେ ଏବେ ସୁଦ୍ଧା ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନଥିଲେ ମଧ ଇତିମଧ୍ୟରେ ଜିଲ୍ଲାରେ ଅଧିକ ୨ ହଜାର ୨୭୬ ଜଣ ନୂଆ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇଛି। ଭଦ୍ରକ ଜିଲ୍ଲାରେ ଏବେ ଜାତୀୟ ଖାଦ୍ୟ ସୁରକ୍ଷାରେ ୨ ଲକ୍ଷ ୯୩ ହଜାର ୫୬୫ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ରେ ୪୦୫ ଗୋଟି ରାସନକାର୍ଡ ରହିଛି। ଯେଉଁଥିରେ ଜିଲ୍ଲାରେ ୧୧ ଲକ୍ଷ ୫୦ ହଜାର ୯୮୧ ଜଣ ଲୋକ ମାଗଣା ରାସନ ଉଠାଇଛନ୍ତି।

# ଶତ ପ୍ରତିଶତ ଭିନ୍ନକ୍ଷମ ମଧୁସୂଦନଙ୍କୁ ଭତ୍ତା କେବେ

ଦୋଳସାହି,୨୮।୯(ସମିସ): ଭିନ୍ନକ୍ଷମ ମଧୁସୂଦନ ଗୁଆମାଳ ପଞ୍ଚାୟତରେ କରାଯାଉଥିବା ବିଭିନ୍ନ ହିତାଧିକାରୀମାନେ ନାହିଁ ହେଉଛନ୍ତି। ସୂଚନାନୁଯାୟୀ, କୁମାରପୁର ଗାଁର ସ୍ୱର୍ଗତ ଶତପ୍ରତିଶତ ଭିନ୍ନକ୍ଷମ ପୁତ୍ର ବଢା ଭତ୍ତା ପ୍ରଦାନ କରାଯାଉ ମହଲରେ ଅସନ୍ତୋଷ ପ୍ରକାଶ ପ୍ରଶାସନ ଦୃଷ୍ଟି ଦେବାକୁ



କେବେ ମିଳିବ ଶତପ୍ରତିଶତ ବଢ଼ା ଭତ୍ତା ? ତିହିଡି ବ୍ଲକ୍ ସରକାରଙ୍କ ତରଫରୁ ପ୍ରଦାନ ପ୍ରକାରର ଭତ୍ତା ପ୍ରଦାନରେ ନଥିବା ଅସୁବିଧାର ସମ୍ମୁଖୀନ ଗୁଆମାଳ ପଞ୍ଚାୟତର ଭାଗୀରଥି ସାହୁଙ୍କ ମଧୁସୂଦନ ସାହୁଙ୍କୁ ଏହି ନଥିବା ନେଇ ବୁଦ୍ଧିଜୀବୀ ପାଇଛି। ଏଦିଗରେ ଜିଲ୍ଲା ନିବେଦନ କରାଯାଇଛି।

# ଓଏଏସ୍ ର୍ୟାଙ୍କ ୪ରେ ମିର୍ଜା ଫୈଜ ଅହମ୍ମଦ

ଭଦ୍ରକ,୨୮।୯(ସମିସ): ଭଦ୍ରକ ପୌରାଞ୍ଚଳ ଶଙ୍କରପୁର, ମିର୍ଜାପଟି ଗ୍ରାମର ମିର୍ଜା ଜାବେଦ ଇକବାଲ ବେଗ ଓ ସିତାରା ଖାତୁନଙ୍କ ସୁପୁତ୍ର ମିଁଜା ଫୈଜ ଅହମଦ କାଦ୍ରି ଶୁକ୍ରବାର ପ୍ରକାଶ ପାଇଥିବା ଓଏଏସ୍ ତାଲିକାରେ ର୍ୟାଙ୍କ ୪ରେ ସଫଳ ହୋଇଛନ୍ତି। ସେ ଭଦ୍ରକ କାର୍‌ମେଲ୍ ସ୍କୁଲରେ ପାଠପଢ଼ା ଆରମ୍ଭ କରିଥିବା ବେଳେ ବାସୁଦେବପୁର ଚାନ୍ଦିମାଳ ନବୋଦୟ ବିଦ୍ୟାଳୟରେ ଯୁକ୍ତ୨ ଶେଷ କରି ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଯାଇଥିଲେ। ସେଠାରେ ସେ ଓପିଏସ୍‌ସି ଓ ଓଏଏସ୍ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ସେ ଦ୍ୱିତୀୟ ଥରରେ ର୍ୟାଙ୍କ ୪ରେ ସଫଳତା ଅର୍ଜନ କରିଛନ୍ତି। ଏନେଇ ତାଙ୍କ ବାପା କହିଛନ୍ତି, ତାଙ୍କର ଅଦମ୍ୟ ଚେଷ୍ଟା ଓ ମନୋବଳ ତାଙ୍କୁ ଏହି ସଫଳତା ଦେଇଛି। ଶୁକ୍ରବାର ପୁଅଠାରୁ ଫଳାଫଳ ବିଷୟରେ ଜାଣିବା ପରେ ବାପା ମା' ଖୁସିରେ କାନ୍ଦି ପକାଇଥିଲେ। ଜଣେ ପ୍ରାଇଭେଟ ଅମିନ ଭାବେ କାର୍ଯ୍ୟ କରୁଥିବା ବେଳେ ପୁଅକୁ ପଢ଼ାଇବା ପାଇଁ ବହୁ କଷ୍ଟ କରିବାକୁ ପଡ଼ିଛି ବୋଲି ସେ କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୌରାଧକ୍ଷା ଗୁଲମକ୍କୀ ଦଲୱାଜି ହବିବ ଶନିବାର ସନ୍ଧ୍ୟାରେ ତାଙ୍କ ଘରେ ପହଞ୍ଚିଥିଲେ। ମିର୍ଜା ଫୈଜ ଅହମ୍ମଦ ଏବେ ଦିଲ୍ଲୀରେ ଥିବା ବେଳେ ତାଙ୍କ ବାପା ମା'ଙ୍କୁ ପୁଅର ସଫଳତା ନେଇ ଶୁଭେଚ୍ଛା ଜଣାଇଛନ୍ତି।



**■ ଦୁର୍ଘଟଣା ଆମନ୍ତ୍ରଣ କରୁଛି ରାଜପଥ**

# ବିପଦରେ ବୁଲା ଗାଈଗୋରୁ

ବାରିକପୁର, ୨୮।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଏବେ ଦୁର୍ଘଟଣା ଆଶଙ୍କା ଦେଖାଦେଇଛି। ଏମିତିର ତ ରାସ୍ତାର ଅବସ୍ଥା ଠିକ୍ ନଥିବା ଯୋଗୁଁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ମଧ ଘଟୁଛି। ସୂଚନା ମୁତାବକ, ରାସ୍ତାର ଆଖୁଆପଦାଠାରୁ ନଳାଙ୍ଗ ଯାଏଁ ଦୁଇ ପାର୍ଶ୍ୱରେ ବ୍ୟାପକ ଚାଷ ଜମି ରହିଛି। ଏବେ ସବୁଠି କ୍ଷେତ ସବୁଜମୟ ହୋଇଛି। ଏହାଛଡ଼ା ରାସ୍ତା ଦୁଇ ପାଖରେ ମଧ ବ୍ୟାପକ ସବୁଜ ଘାସ ରହିଛି। ତେଣୁ ଗାଈଗୋରୁ ଓ ଷଣ୍ଢମାନେ ରାସ୍ତା ପାର୍ଶ୍ୱରେ ଲାଗିଥିବା ଚାଷ ଜମି ଓ ଘାସ ଥିବା ସ୍ଥାନରେ ଚାରଣ କରି ସିଧା ରାଜପଥ ଉପରେ ଘଣ୍ଟା ଘଣ୍ଟା ଧରି ଶୋଇ ରହୁଛନ୍ତି। ରାସ୍ତାର ଛତାବର, ଡାହାଲା, ଭଣ୍ଡାରିପୋଖରୀ, ଧାମନଗର ଛକ, ବୋହୁ ଦରଡା, କହରାପୋଖରୀ, ବିଷ୍ଣୁପୁର ପ୍ରମୁଖ ସ୍ଥାନରେ ଦୈନିକ ଶହଶହ ଗାଈଗୋରୁ ଶୋଇ ରହୁଥିବା ଦେଖାଯାଇଛି। ଏଥିପାଇଁ ଗାଡିମଟର ଚଳାଚଳ ପାଇଁ ଅନେକ ବ୍ୟାଘାତ ସୃଷ୍ଟି ହେଉଛି। ଦିନଠାରୁ ରାତିରେ ବେଶି ଅସୁବିଧା ହେଉଛି। ଏଥିପାଇଁ କିଛି ସ୍ଥାନରେ ଦୁର୍ଘଟଣା ମଧ ଘଟିଲାଣି। ଅନେକ ଗୋମାତା ମଧ ମୃତ୍ୟୁ ମୁଖରେ ପଡୁଛନ୍ତି। ସୁରକ୍ଷିତ ଭାବେ ଯାନବାହନ ଚଳପ୍ରଚଳ କରିବା କଷ୍ଟକର ହୋଇପଡୁଛି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା କୌଣସି ଦୃଷ୍ଟି ଦେଉନାହିଁ। ଏପରିକି ଗାଈଗୋରୁଙ୍କୁ ଘୋଉଡାଇବା ବ୍ୟବସ୍ଥା ମଧ ହେଉନାହିଁ। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି।



# ଲଗାଣ ବର୍ଷା ପରେ ଧାନ କ୍ଷେତରେ ରୋଗପୋକ ଆକ୍ରମଣ



ଅସୁରାଳି,୨୮।୯(ସମିସ): ଲଗାଣ ବର୍ଷା ପରେ ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳର ଧାନ କ୍ଷେତରେ ରୋଗ ପୋକ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଛି। ବର୍ଷା ପରେ ଜଳ ଜମା ଓ ଅତି ଆର୍ଦ୍ରତା ଫଳରେ ଧାନ ଗଛରେ ହଳଦିଆ ଆସ୍ତରଣ, ପତ୍ର ଶୁକିବା, ଗୁଣ୍ଡିପୋକ ଓ କାଣ୍ଡବିନ୍ଧା ପୋକ ଆକ୍ରମଣ ଦେଖାଦେଉଛି। ଗୋବିନ୍ଦପୁର, କଲ୍ୟାଣୀ, ଝାରଦିଆ, ମାଙ୍କିଡିଆ, କୋରୁଆ, କାକୁଡି ଗଡିଆ, ଧୂଷୁରୀ, ବମ କୁରା, କଟ ସାହି, ଖପର ପଦା ଭଳି ଗାଁଗୁଡ଼ିକର ଚାଷୀମାନେ ଏହି ପରିସ୍ଥିତିରୁ ଅତ୍ୟନ୍ତ ପ୍ରଭାବିତ ହୋଇଛନ୍ତି। ଅନେକ ଚାଷୀ ଅଭିଯୋଗ କରିଛନ୍ତି ଯେ ଧାନ ଗଛ ଅମଳ ହେବା ପୂର୍ବରୁ ମୁଝିଯାଉଛି, ଯାହା ତାଙ୍କ ଦୁଇମାସର କଠିନ ପରିଶ୍ରମକୁ ବିଫଳ କରିଦେଉଛି। କୃଷି ବିଭାଗ ପକ୍ଷରୁ ଯଥାଯଥ ସଚେତନତା କାର୍ଯ୍ୟ, କ୍ଷେତ୍ର ପରିଦର୍ଶନ ବା ବିଶେଷଜ୍ଞ ପରାମର୍ଶ ନ ମିଳିବାରୁ ଚାଷୀମାନେ ବଜାରରେ ମିଳୁଥିବା ବିଭିନ୍ନ କୀଟନାଶକ ବ୍ୟବହାର କରି ଚାଷ ଜମିକୁ ରକ୍ଷା କରିବାକୁ ବାଧ ହେଉଛନ୍ତି। ଏହି ଅନିଶ୍ଚିତ ବ୍ୟବହାର ଫସଲ ଉପରେ ଅନୁକୂଳ ପ୍ରଭାବ ପକାଉଛି କି ନାହିଁ, ତାହା ଅଜଣା ଅବସ୍ଥାରେ ଅଛି। ଅନେକ ଚାଷୀ ଚେତାବନୀ ଦେଇଛନ୍ତି ଯେ ଯଦି ତୁରନ୍ତ ବିଭାଗୀୟ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ ନହୁଏ, ତେବେ ସେମାନେ ଆନ୍ଦୋଳନର ପଥ ଅବଲମ୍ବନ କରିବେ। ଧାନ ଉତ୍ପାଦନ ଏହି ଅଞ୍ଚଳର ଆର୍ôଥକ ମୂଳ ଅଧାର ହେବାରୁ ଏହି ଅବସ୍ଥା ଚାଷୀମାନେ ପାଇଁ ଅତ୍ୟନ୍ତ ଗମ୍ଭୀର ଚିନ୍ତାର ବିଷୟ ହୋଇଯାଇଛି। କୃଷି ଅଧିକାରିଣୀ ଅନୁରାଧା ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଧାମନଗରରେ ସମୁଦାୟ ୧୭ ହଜାର ହେକଟରରେ ଚାଷ ହୋଇଛି। ଦଉଡ଼ିଆ କାଣ୍ଡ ବିନ୍ଧା ପୋକ ଦ୍ୱାରା ଧାନ ବିଲ କ୍ଷତିଗ୍ରସ୍ତ ହୋଇଛି ବୋଲି ସୂଚନା ମିଳିଛି। ଖୁବ ଶୀଘ୍ର ଏହାର ପ୍ରତିକାର କରାଯିବ।

**● ଚାଷୀ ଘୋର ଚିନ୍ତାରେ**

# ମହିଳାଙ୍କ ଆମ୍ବହତ୍ୟା

ଅସୁରାଳି,୨୮।୯(ସମିସ): ଧୂଷୁରୀ ଥାନା ଅସ୍ତକ ଗ୍ରାମରେ ୩୬ ବର୍ଷୀୟ ପୁଷ୍ପଲତା ଲେଙ୍କା ଘରୋଇ କଳିରୁ ଆମ୍ବହତ୍ୟା କରିଛନ୍ତି। ସେ ଶାନ୍ତନୁ ଲେଙ୍କାଙ୍କ ପତ୍ନୀ ଥିଲେ। ଘଟଣା ସକାଳ ବେଳେ ଘଟିଥିଲା ବେଳେ ଘର ଲୋକ ବିଳମ୍ବରେ ତାଙ୍କୁ ଏ ଅବସ୍ଥାରେ ଦେଖି ଧୂଷୁରୀ ଡାକ୍ତରଖାନାକୁ ନେଇଥିଲେ, ଯେଉଁଠି ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଧୂଷୁରୀ ଥାନାଧିକାରୀ କେସ ନଂ ୩୮/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ମୃତଦେହ ଗାଁକୁ ଆଣିବା ପରେ ଅସ୍ତକ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ନିଶ୍ଚିହ୍ନ ହେବାକୁ ବସିଲାଣି ପଖିଆ



ବନ୍ତ/ଆଗରପଡ଼ା,୨୮।୯(ସମିସ): ଦିନ ଥିଲା ଚାଷ କାର୍ଯ୍ୟ ପାଇଁ ପଖିଆକୁ ଭରସୁଥିଲା ଚାଷୀ। ମୁଣ୍ଡରେ ପଖିଆ ଦେଇ ଚାଷଜମିକୁ ଚାଷୀଟିଏ ଖୁସି ମନରେ ଯାଉଥିଲା। ହେଲେ ସମୟ ଚକ୍ରରେ ହଜିଯାଇଛି ପଖିଆ। ଆଜିର ଆଧୁନିକ ଯୁଗରେ ପଖିଆର ବ୍ୟବହାର ଆଉ ଦେଖିବାକୁ ମିଳୁନାହିଁ। ବ୍ୟବହାର ତ ଦୂରର କଥା ଚାହିଦା ଅଭାବରୁ ପଖିଆ ତିଆରି କରିବା ମଧ ଏକପ୍ରକାର ନିଶ୍ଚିହ୍ନ ହେବାକୁ ବସିଛି। ଯାହାକୁ ପୁନରୁଦ୍ଧାର ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିଲେ ମଧ ଅଦ୍ୟାବଧି କୋ÷ଣସି ସଫଳତା ମିଳିପାରିନାହିଁ। ଦିନଥିଲା ତାଳପତ୍ର ପଖିଆ, ଯାହା ଚାଷୀ ଭାଇର ସୁରକ୍ଷା କବଚ ପାଲଟିଥିଲା। ବର୍ଷା ହେଉ କି ଖରା ଅବା ଶୀତ କାକର ପୁରୁଖା ଚାଷୀଙ୍କର ଏହା ଥିଲା ଅମୋଘ ଅସ୍ତ୍ର। ଏବେ ଆଧୁନିକତାର ଦ୍ୱାହି ଦେଇ କିଛି ଯୁବଚାଷୀ ପଲିଥିନ ପଖିଆ ପଛରେ ପଡ଼ିଥିଲେ ସୁଦ୍ଧା ଏହା ତାଳପତ୍ରରେ ନିର୍ମିତ ପଖିଆର ବିକଳ୍ପ ରୂପେ ଉଭା ହୋଇପାରିନାହିଁ। ତାଳପତ୍ର ପଖିଆର ପୁନରୁଦ୍ଧାର ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ସାମାଜିକ ସଂଗଠନ ପ୍ରୟାସ ଆରମ୍ଭ କରି ସଚେତନତା କାର୍ଯ୍ୟକ୍ରମମାନ କରୁଥିଲେ ସୁଦ୍ଧା ଅଦ୍ୟବଧି କୋ÷ଣସି ସଫଳତା ପାଇପାରିନାହାନ୍ତି। କିଛି ପୁରୁଣା ଚାଷୀଙ୍କ ମତରେ ପକ୍ଷୀ ପରି ନିଜର ଡେଣା ମେଲାଇ ଚାଷୀଙ୍କୁ ସୁରକ୍ଷା ଦେଉଥିବାରୁ ଏହାର ନାମ ପଖିଆ। ତାଳପତ୍ର ପଖିଆ ବ୍ୟବହାର କରୁଥିବା ଚାଷୀ ବଜ୍ରପାତରେ ନ ମରିବାର ବହୁ ବର୍ଷ ଧରି ନଜିର ମଧ ରହିଛି। ଯାହା ପୁରୁଣା ଚାଷୀଙ୍କ ମତ। ସରକାର ଗୋଟିଏ ପଟେ ବଜ୍ରାଘାତରୁ କିପରି ମୁକ୍ତି ମିଳିବ ସେଥିପାଇଁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ବହୁଳ ପରିମାଣରେ ତାଳଗଛ ଲଗାଇବାକୁ ଉଦ୍ୟମ କରୁଥିବା ବେଳେ ଚାଷୀଙ୍କ ମତରେ ଯଦି ବଜ୍ରାଘାତରୁ ରକ୍ଷା ପାଇବାରେ ପଖିଆ ଏକ ମାଧ୍ୟମ। ତେବେ ପଖିଆର କିପରି ବହୁଳ ବ୍ୟବହାର ହୋଇପାରିବ ସେଥିପାଇଁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଉଚ୍ଚପଦାରେ ମା'ଙ୍କ ପୂଜା ୮୧ ବର୍ଷରେ

ଅସୁରାଳି,୨୮।୯(ସମିସ):

ମା' ଦୁର୍ଗାଙ୍କ ଆରାଧନା ପାଇଁ ଏଠାରେ ଅନୁଷ୍ଠିତ ହେଉଥିବା ପୂଜା ଏବେ ୮୧ବର୍ଷର ଗରିମାମୟ ଇତିହାସ ଅତିକ୍ରମ କରିଛି। ଏହି ଅବସରକୁ ଉପଲକ୍ଷେ ଗାଁ ଓ ଆଖପାଖ ଅଞ୍ଚଳରେ ଉଲ୍ଲାସ, ଏକତା ଓ ଧାର୍ମିକ ଭାବଗାମ୍ଭୀର୍ଯ୍ୟର ଅନୁଭୂତି ବ୍ୟପିଛି। ପୂଜା ମଣ୍ଡପର ଆରମ୍ଭ ହୋଇଥିଲା ସ୍ୱର୍ଗତ ଅମୂଲ୍ୟ ହାଜରାଙ୍କ ନେତୃତ୍ୱରେ, ଯିଏ ଏହି ଅନୁଷ୍ଠାନକୁ ଗାଁର ଏକ ଆତ୍ମିୟ ଉତ୍ସବ ରୂପେ ଗଢ଼ିଥିଲେ। ବର୍ତମାନ ଏହି ପୂଜାକୁ ନେତୃତ୍ୱ ଦେଉଛନ୍ତି କାହ୍ନୁ ଚରଣ ପୁରୁଖାସ୍ତ, ରଣଜିତ ମଙ୍କର ଓ ଶତ୍ରୁଘ୍ନ ସିଂ, ଯେଉଁମାନେ ଗାଁର ଯୁବ ଶକ୍ତିକୁ ଏକତ୍ର କରି ଉତ୍ସବକୁ ଅନୁଷ୍ଠାନମୟ କରିଛନ୍ତି। ସଭାପତି ଅଛନ୍ତି ରମେଶ ସେନ, ସମ୍ପାଦକ ଭାବେ ଭରତ ସେନ୍ ଅନୁଷ୍ଠାନ କୁ ବଙ୍ଗୀୟ ରୀତିନୀତି ରେ ପରିଚାଳିତ କରୁଛନ୍ତି। ଧାମନଗରର ବିଲପାଟ ଓ ବୈତରଣୀ, କପାଳୀ, କୋଚିଲା ଓ ରେବ ନଦୀ ଉପକୂଳରେ ମା'ଙ୍କ ଆଗମନ ଉପଲକ୍ଷେ କାଶତଣ୍ଡୀ ଝୁମି ଉଠୁଛି ।ଶୁଭ



ସଙ୍ଗୀତ, ଆଲୋକ ସଜା ଓ ଧାର୍ମିକ ଶୋଭାଯାତ୍ରା ଦ୍ୱାରା ଉତ୍ସବର ରୂପ ନେଇଛି। ଏଠାରେ ମା' ଦୁର୍ଗାଙ୍କୁ ବିଭିନ୍ନ ରୂପରେ ଦଶଭୂଜା, ହରପାର୍ବତୀ ଓ ନୀଳ ସରସ୍ୱତୀ ରୂପରେ ପୂଜା କରାଯାଉଛି। ପୂଜା ୪ଦିନ ଧରି ବୈଦିକ ରୀତି ଅନୁସାରେ ପାଳିତ ହୁଏ। ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାନବ ମୌଲ୍ୟ, ଐତିହ୍ୟ ଓ ଏକତାର ବାର୍ତ୍ତା ଦେଇଥାଏ। ଉଚ୍ଚପଦା ପୂଜା ମଣ୍ଡପ ଏବେ କେବଳ ଏକ ଧାର୍ମିକ କେନ୍ଦ୍ର ନୁହେଁ, ବରଂ ଏକ ସାମୂହିକ ଆତ୍ମବିଶ୍ୱାସ ଓ ସଂସ୍କୃତିକ ଐକ୍ୟର ପ୍ରତୀକ ରୂପେ ପରିଣତ ହୋଇଛି। ଏହି ଉତ୍ସବ ଗାଁ ଓ ଅଞ୍ଚଳର ଲୋକମାନଙ୍କୁ ଏକତାର ବାନ୍ଧନରେ ବାନ୍ଧି ଦେଉଛି, ଯେଉଁଥିରେ ପାରମ୍ପରିକ ରୀତି, ଆଧୁନିକ ସଂଗଠନ ଓ ଭକ୍ତିର ମିଶ୍ରଣ ଦେଖିବାକୁ ମିଳେ। ଏହି ୮୧ ବର୍ଷର ଅବସରରେ ଉଚ୍ଚପଦା ଦୁର୍ଗା ପୂଜା ଗାଁର ଐତିହାସିକ ଗରିମାକୁ ପୁନଃ ସ୍ଥାପିତ କରିଛି। ଏହି ପାର୍ବଣ ଗାଁର ନୂତନ ପିଢିକୁ ଏକ ଦୃଢ଼ ମୂଲ୍ୟବୋଧ ଓ ସଂସ୍କୃତିକ ଅଭିମୁଖ ଦେଉଛି, ଯାହା ଆଗାମୀ ଦିନରେ ମଧ ଏହି ଉତ୍ସବକୁ ଅନୁପ୍ରେରଣା ଦେଇ ଚାଲିବ।

ଶାରଦୀୟ ଦୁର୍ଗାପୂଜା



ଧନୁପାଲି



ବଙ୍ଗାଳିପଡ଼ା



ବାଳୀବାଡ଼ି



ଜମନକିରା

ଫାଟକ ଦୁର୍ଗାପୂଜା

ଯା ଦେବୀ ସର୍ବ ଭୂତେଷୁ

# ଇନ୍ଦ୍ରପ୍ରସ୍ଥ ଢାଞ୍ଚାରେ ହେବ ତୋରଣ



ସମ୍ବଲପୁର, ୨୮।୯ (ସମିସ)

ସମ୍ବଲପୁର ସହରର ଫାଟକ ଦୁର୍ଗାପୂଜା ଚଳିତବର୍ଷ ୭୨ ବର୍ଷରେ ପଦାର୍ପଣ କରିଛି। ଏହାର ତୋରଣ ପ୍ରତିବର୍ଷ ଅନନ୍ୟ ଓ ଭିନ୍ନ ଢାଞ୍ଚାରେ ନିର୍ମାଣ କରାଯାଇଥାଏ। ଏହା ଦେଖିବାକୁ ପୂଜା ସମୟରେ ଫାଟକ ଓଭରବ୍ରିଜ୍ ଉପରେ ଲୋକଙ୍କ ଭିଡ଼ ଯୋଗୁଁ ଟ୍ରାଫିକ୍ ଜାମ୍ ପରିସ୍ଥିତି ଦେଖାଦେଇଥାଏ। ବିନା ପଲିଥିନ୍, ବିନା ଆବର୍ଜନା ଏବଂ ଶବ୍ଦ ପ୍ରଦୂଷଣ ବିନା ପୂଜା ଆୟୋଜନ କରିବା ଲକ୍ଷ୍ୟରେ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଗତବର୍ଷ ପରିବେଶ ଅନୁକୂଳ (ଇକୋ ଫ୍ରେଣ୍ଡଲି) ପୂଜା ମଣ୍ଡପ ଓ ମେଢ଼ ଭାବେ ଫାଟକ ପୂଜା କମିଟି ଜିଲ୍ଲା ପ୍ରଶାସନ ଦ୍ୱାରା ପୁରସ୍କୃତ ହୋଇଥିଲା। ଚଳିତବର୍ଷ ମଧ୍ୟ ସେହି ସ୍ୱୀକୃତି ପାଇବା ସକାଶେ କମିଟି ସଦସ୍ୟମାନେ ଉଦ୍ୟମ ଜାରି ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୧୯୫୩ ମସିହାରେ ଅଞ୍ଚଳର କୁମୁଦ ଶଙ୍କର ଦାସ, ଖଗେଶ୍ୱର ମୋହନ ଦାସ, ସୁଧାଂଶୁ ଦାଶ, ବଚୁଭାଇ ପଟେଲ, ଅରୁଣ ଭଟ୍ଟାଚାର୍ଯ୍ୟ, ରାମକୃଷ୍ଣ ବନି, ସୁଶୀଲ ଧର ପ୍ରମୁଖଙ୍କ ଉଦ୍ୟମରେ ଫାଟକ ଦୁର୍ଗାପୂଜା ଆରମ୍ଭ ହୋଇଥିଲା।

ମହାଭାରତ ଅନୁଯାୟୀ ଇନ୍ଦ୍ରପ୍ରସ୍ଥ ରାଜମହଲ ଏକ ଅଲୌକିକ ଏବଂ କୁହୁକଭରା ମହଲ ଥିଲା। ଯାହା ମଣିଷର ମାନସିକତା ଅନୁରୂପ ନଜର ଆସୁଥିଲା। ଏଭଳି ପରିକଳ୍ପନା ନେଇ ଚଳିତବର୍ଷ ଫାଟକ ଦୁର୍ଗାପୂଜା ମଣ୍ଡପକୁ ଇନ୍ଦ୍ରପ୍ରସ୍ଥ ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି। ପଶ୍ଚିମବଙ୍ଗରୁ ଆସିଥିବା କାରିଗରମାନେ ଏହାକୁ ତିଆରି କରୁଛନ୍ତି। ଅନ୍ୟପକ୍ଷରେ ମୂର୍ତ୍ତି କାମ ସ୍ଥାନୀୟ କାରିଗର ବାବୁଲି ବେହେରାଙ୍କ ତତ୍ତ୍ୱାବଧାନରେ କରାଯାଉଛି। ମୂର୍ତ୍ତି ନିର୍ମାଣରେ ପରିବେଶ ଅନୁକୂଳ ନୀତି ଆପଣେଇବା ପାଇଁ ମାଟି, ବାଉଁଶ ପାତି ଆଦି ବ୍ୟବହାର କରାଯିବାସହ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇଛି। ପ୍ରଦୂଷଣ ବୋର୍ଡ ଦ୍ୱାରା ବାରଣ କରାଯାଇଥିବା ପ୍ଲାଷ୍ଟର ଅଫ୍ ପ୍ୟାରିସ ଏବଂ କ୍ଷତିକାରକ ରଙ୍ଗ ବ୍ୟବହାର କରାଯାଉନାହିଁ। ଫାଟକ ଦୁର୍ଗାପୂଜାର ଅନ୍ୟତମ ଆକର୍ଷଣ ଆଲୋକସଜ୍ଜା। ପ୍ରତିବର୍ଷ ଭଳି ଚର୍ଚ୍ଚଛକରୁ ଶାନ୍ତିନଗର ରାସ୍ତା ପର୍ଯ୍ୟନ୍ତ ଆଲୋକ ତୋରଣ କରାଯାଇ ଝଲସିବ ସମଗ୍ର ଅଞ୍ଚଳ।

ଫାଟକ ଦୁର୍ଗାପୂଜା ପ୍ରତିବର୍ଷ ଭଳି ବଙ୍ଗାଳୀ ପରମ୍ପରାରେ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଏଥିପାଇଁ ପୂଜକ ପଶ୍ଚିମବଙ୍ଗରୁ ଆସିଥାନ୍ତି। ଏପରିକି ବଙ୍ଗଳାର ସ୍ୱତନ୍ତ୍ର ଢାକ୍ ବାଜା ମଧ୍ୟ ଫାଟକ ଦୁର୍ଗାପୂଜାର ଏକ ଆକର୍ଷଣ ହୋଇଥାଏ। ଚଳିତବର୍ଷ ଦୁର୍ଗାପୂଜା ବ୍ୟୟ ଅଟକଳ ୨୫ ଲକ୍ଷ ଟଙ୍କା ରହିଥିବା ପୂଜା କମିଟି ସଭାପତି ବୁଲୁ ବିଶ୍ୱାଳ କହିଛନ୍ତି। ଏଥିରୁ ମୁଖ୍ୟତୋରଣ ସକାଶେ ୮ ଲକ୍ଷ, ଆଲୋକସଜ୍ଜା ସକାଶେ ୮ ଲକ୍ଷ ଏବଂ ବଳକା ମୂର୍ତ୍ତି, ଭସାଣୀ ଓ ଆନୁସଙ୍ଗିକ ଖର୍ଚ୍ଚ କରାଯିବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଫାଟକ ଦୁର୍ଗାପୂଜା କମିଟି ପକ୍ଷରୁ ଲଟେରୀ କରାଯାଉଥିବା ସୂଚନା ରହିଛି।

### ଦୁର୍ଗାପୂଜା କମିଟି

**ସଭାପତି:** ବୁଲୁ ବିଶ୍ୱାଳ
**ଉପସଭାପତି:** ବଦ୍ରି ନାରାୟଣ ମିଶ୍ର, ଚନ୍ଦ୍ରମଣି ଭୂମିଜ, କୌସ୍ତୁଭ ସାହୁ ଓ ମନୋଜ ଦାଶ
**ସମ୍ପାଦକ:** ଶିଳା ଶିବପ୍ରସାଦ
**ସହ ସମ୍ପାଦକ:** ବଳରାମ ମୁଣ୍ଡା, ରାଜେଶ ବେହେରା, ଶ୍ୟାମ ପାଢ଼ୀ, ମହେନ୍ଦ୍ର ପଟେଲ, ବାବୁଲୁ ଜାଲ ଓ ମୋହନ ମୁଣ୍ଡା
**କୋଷାଧ୍ୟକ୍ଷ:** ଚିତ୍ତବୋଧ ବିଶ୍ୱାଳ
**ସହ କୋଷାଧ୍ୟକ୍ଷ:** ଦୀପକ କୁଅଁର
**ଗଣମାଧ୍ୟମ ସଂଯୋଜକ:** ଗୌତମ ମିଶ୍ର

### ଦୁର୍ଗାପୂଜା କାର୍ଯ୍ୟସୂଚୀ

**ସେପ୍ଟେମ୍ବର ୨୮ ତାରିଖ ମହାଷଷ୍ଠୀ:** ଷଷ୍ଠୀ ପୂଜା, ଦେବୀ ନିମନ୍ତ୍ରଣ, ଅଧିବାସ
**୨୯ ତାରିଖ ମହାସପ୍ତମୀ:** ନବପତ୍ରିକା ପ୍ରବେଶ, ଦେବୀଙ୍କ ଘଟ ପ୍ରତିଷ୍ଠା, ପ୍ରାଣ ପ୍ରତିଷ୍ଠା
**୩୦ ତାରିଖ ମହାଅଷ୍ଟମୀ:** ମହାଅଷ୍ଟମୀ ପୂଜା, ସନ୍ଧିପୂଜା
**ଅକ୍ଟୋବର ୧ ତାରିଖ ମହାନବମୀ:** ମହାନବମୀ ପୂଜା, ହୋମଯଜ୍ଞ
**ଅକ୍ଟୋବର ୨ ତାରିଖ ମହାଦଶମୀ:** ଦଶମୀ ପୂଜା, ଘଟ ବିସର୍ଜନ ଓ ଅପରାଜିତା ପୂଜା।





# ଭୁତାପଡ଼ା ମଙ୍ଗଳା ମନ୍ଦିରରେ କଳସାଧିବାସ



**ସମ୍ବଲପୁର, ୨୮।୯ (ସମିସ):** ସମ୍ବଲପୁର ସହର ଭୁତାପଡ଼ା ମା'ମଙ୍ଗଳାଙ୍କ ମନ୍ଦିରରେ ଶରତକାଳୀନ ପୂଜନୋତ୍ସବ ସକାଶେ ରବିବାର ଆଶ୍ୱିନ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ କଳସାଧିବାସ ଓ ବିଲ୍ୱବରନୋତ୍ସବ ତଥା ନବ ପତ୍ରିକା ଆନୟନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଜି ଅପରାହ୍ନ ୪ ଟା ସମୟରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।ଏଥିରେ ସହରର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ମହାନଦୀ ଘାଟରୁ ଜଳ ଆଣି ବିଧି ମୁତାବକ ମଙ୍ଗଳାଙ୍କ ପୀଠେ ପୂଜନୋତ୍ସବ ଅନୁଷ୍ଠିତ ହୋଇଥିଲା। ଭୁତାପଡ଼ା ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା, ମୁଖ୍ୟ ଆଚାର୍ଯ୍ୟା ପଣ୍ଡିତ ବଂଶୀଧର ମିଶ୍ର, ପଣ୍ଡିତ ପ୍ରଣବ କୁମାର ମିଶ୍ର, ଦିଶାଙ୍କ ତ୍ରିପାଠୀ, ରାଜକୁମାର ଷଡ଼ଙ୍ଗୀ ପ୍ରମୁଖ ପୂଜା କାର୍ଯ୍ୟ କରିଥିଲେ। ମଙ୍ଗଳା ମନ୍ଦିର କମିଟିର ରବୀନ୍ଦ୍ର ଜେନା, ରସାନନ୍ଦ ବେହେରା, ପିତବାସ ବେହେରା, ଓମ ପ୍ରକାଶ ଦାସ, ଅସିତ ବିଶ୍ୱାଳ, ନିହାର କୁମାର ମାହାନା, ରବୀନ୍ଦ୍ର ବାରିକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସମ୍ବଲପୁର ଧୂତୁରାପଡ଼ା ନିବାସୀ ସରୋଜ ସାହୁ ଏବଂ ସାଗରୀକା ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।


# ମୋବାଇଲ ଦୋକନରୁ ଚୋରି, ଜଣେ ଗିରଫ

**ସମ୍ବଲପୁର, ୨୮।୯ (ସମିସ):** ମୋବାଇଲ ଦୋକାନରୁ ଚୋରି ଅଭିଯୋଗରେ ହୀରାକୁଦ ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହୀରାକୁଦ ଥାନା ଫଳସାକଣ୍ଟାର କୁନା କରାଲୀ(୨୬)। ସୂଚନା ଅନୁସାରେ ଜୟସେନ ବେହେରାଙ୍କ ମୋବାଇଲ ଦୋକାନର ଆଜବେଷ୍ଟସ ଭାଙ୍ଗି ଗତ ଶନିବାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ସେ କହିଥିଲେ। ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ତା ନିକଟରୁ ୭ ଟି ମୋବାଇଲ, ୪ ଟି ମୋବାଇଲ କଭର, ୫ଟି ଚାର୍ଜର, ୮ଟି ଡାଟା କେବୁଲ, ଗୋଟାଏ ପାୱାରବ୍ୟାଙ୍କ, ୬ ଟି ଇୟର ଫୋଟ, ୩ଟି ନେକବ୍ୟାଣ୍ଡ ସହିତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ନାମରେ ପୂର୍ବରୁ ମାମଲା ରହିଥିବା ସୂଚନା ମିଳିଛି।











ପୁଣି ଚର୍ଚ୍ଚାରେ ସମଲେଇ ମନ୍ଦିର ପରିଚାଳନା କମିଟି

# ଡିଜେ ଲଗାଇ ଦାଣ୍ଡିଆ ନାଇଟ୍‌କୁ ସବୁଠି ନିନ୍ଦା

ସମ୍ବଲପୁର, ୨୮।୯ (ସମିସ)

ସମଲେଇ ମନ୍ଦିର ପରିଚାଳନା କମିଟି ପିଛା ଛାଡୁନି ବିବାଦ। ବାରମ୍ବାର ଲୋକଙ୍କ ଅଭିଯୋଗ ପରେ ମଧ୍ୟ ନୂତନ ବିବାଦ ଦେଖିବାକୁ ମିଳୁଛି।


**ସମ୍ବଲପୁରୀ ସଂସ୍କୃତିକୁ ନେଇ ଉଠିଲା ପ୍ରଶ୍ନ**
**ବାରମ୍ବାର ଅଭିଯୋଗ ପରେ ମଧ୍ୟ ସ୍ଥିତି ସୁଧୁରୁନି**



ମନ୍ଦିର ମୁଖଶାଳାରେ ଭୋଜନ କରିବା, ଶ୍ରାଦ୍ଧଭୋଜି ଦେବା ଘଟଣା ଆଦି ଚର୍ଚ୍ଚାରେ ରହିଥିବା ବେଳେ ଏବେ ପୁଣି ଦାଣ୍ଡିଆ ନାଇଟ୍‌କୁ ନେଇ ମାହଲ ସରଗରମ ରହିଛି। ଶନିବାର ମନ୍ଦିର ପରିସରରେ ଦାଣ୍ଡିଆ ନାଇଟ ଆୟୋଜିତ ହୋଇଥିଲା। ଯାହାକୁ ନେଇ ଏବେ ସବୁଠି ଜୋରସୋର ଚର୍ଚ୍ଚା ଲାଗି ରହିଛି। ଉଚ୍ଚ ସାଉଣ୍ଡରେ ଡିଜେ ଲଗାଇ ଦାଣ୍ଡିଆ ନାଇଟ ଉତ୍ସବ କିଭଳି ମନ୍ଦିର ପରିସରରେ ଆୟୋଜନ କରାଯାଇଥିଲା ତାହା ସବୁଠି ପ୍ରଶ୍ନ ଉଠିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ବହୁ ପ୍ରତିକ୍ଷିତ ସମଲେଇ ପ୍ରକଳ୍ପ ସମ୍ବଲପୁରବାସୀଙ୍କୁ ଉଦ୍ଦିଷ୍ଟରେ ଲୋକାର୍ପିତ ହୋଇଥିଲା। ବିରାଟକାୟ ଜାଗାରେ ମନ୍ଦିରର ବିକାଶ କରାଯାଇଥିଲା। ପଶ୍ଚିମଓଡ଼ିଶାବାସୀଙ୍କ ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଥିଲା। କିନ୍ତୁ ପରିଚାଳନା କମିଟିର ବାରମ୍ବାର ଖାମଖିଆଲ ନୀତି ଯୋଗୁଁ ସବୁଠି ଏବେ ନିନ୍ଦା କରାଯାଉଛି। ସୂଚନାଯୋଗ୍ୟ, ଶନିବାର ସନ୍ଧ୍ୟାରେ ମନ୍ଦିର ପରିସରରେ ଦାଣ୍ଡିଆ ନାଇଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଭେଳିକି ଭେଳିକ ଲାଇଟ୍ ସହ ଡିଜେ ଲାଗିଥିଲା। ଅନେକ କାର୍ଯ୍ୟକ୍ରମରେ ଆନନ୍ଦର ସହ ସାମିଲ ହୋଇଥିଲେ। ରାତି ସାଢେ ୧୦ ଟା ଯାଏଁ ଏହି କାର୍ଯ୍ୟକ୍ରମ ଚାଲିଥିଲା। ' ବଲମ ପିଚିକାରୀ ଠାରୁ ଆରମ୍ଭ କରି ବିଭିନ୍ନ ଆଧୁନିକ ଗୀତ ତାଳରେ' ସମସ୍ତେ ନାଚି ଉଠିଥିଲେ। ଯାହାକୁ ନେଇ ଏବେ ସବୁଠି ବିରୋଧ କରାଯାଉଛି। ସାମାଜିକ ଗଣ ମାଧ୍ୟମରେ କେଉଁ ପରିସ୍ଥିତିରେ ମନ୍ଦିର ପରିଚାଳନା କମିଟି ଓ ପୁଲିସ ପ୍ରଶାସନ ଆୟୋଜନର ଅନୁମତି ଦେଲେ ତାହା ସର୍ବ ସମ୍ମୁଖରେ କହିବାକୁ ଦାବି ହୋଇଛି। ମନ୍ଦିର ପରିସରରେ ଭଜନ ଗୀତ କିମ୍ବା ସମ୍ବଲପୁରୀ ସଂସ୍କୃତି ପ୍ରଚାର ପ୍ରସାର କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ୱାଟସଅପ୍ ଗ୍ରୁପ 'ସମ୍ବଲପୁରିଆ'ରେ ମଧ୍ୟ ଏହି ଘଟଣାକୁ ନାପସନ୍ଦ କରାଯାଇଛି। ବାରମ୍ବାର ମନ୍ଦିର ପରିଚାଳନା କମିଟି ଏଭଳି ଖାମଖିଆଲ ପଦକ୍ଷେପ ଗ୍ରହଣ କରୁଛି ତାହକୁ ନିନ୍ଦା କରାଯାଇଛି। ଉକ୍ତ ଗ୍ରୁପର କିଛି ସଦସ୍ୟ ଏ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ପୂର୍ବରୁ ମୁଖଶାଳାରେ ପ୍ରସାଦ ସେବନ କରି ସୋସିଆଲ ମିଡ଼ିଆରେ ଭିଡ଼ିଓ ଅପଲୋଡ କରିଥିଲେ। ବିବାଦ ପରେ ପୁଣି ଭୁଲ ମାଗି ସବୁ ରଫାଦଫା କରିଥିଲେ। ତେଣୁ ମନ୍ଦିର ପ୍ରଶାସନ ଏହାକୁ ହାଲୁକା ଭାବେ ନେଉଥିବା ଅଭିଯୋଗ ହୋଇଛି।

## ମାଁ'ଙ୍କ ଗରିମା, ମର୍ଯ୍ୟାଦା ତଥା ସମ୍ମାନକୁ କ୍ଷୁଣ୍ଣ କରୁଛି: ରୋହିତ

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି ଯେ ମାଁ ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ଡାଣ୍ଡିଆ କାର୍ଯ୍ୟକ୍ରମରେ ଅଶ୍ଳୀଳ ତଥା ଆଲବମ୍ ଗୀତ ବଜାଇ ନଚିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ମାଁ ଙ୍କ ଗାରିମା, ମର୍ଯ୍ୟାଦା ତଥା ସମ୍ମାନକୁ କ୍ଷୁର୍ଣ୍ଣ କରୁଛି। କିଛି ଦିନ ପୂର୍ବରୁ ସମ୍ବଲପୁର ବିଧାୟକଙ୍କ ମାଁ ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅଶ୍ଳୀଳ ତଥା ଆଲବମ୍ ଗୀତ ବାଯାଇବାକୁ ଦୃଢ଼ ବିରୋଧ କରାଯାଇଥିବା ସତ୍ତ୍ୱେ କିଛି ଦିନ ପରେ ପୁଣି ମାଁ ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ଦାଣ୍ଡିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଅଶ୍ଳୀଳ ଆଲବମ୍ ଗୀତ ଉଚ୍ଚ କ୍ଷମତା ସମ୍ପନ୍ନ ସାଉଣ୍ଡ ସିଷ୍ଟମରେ ବଜାଯାଇ ନୃତ୍ୟ କରାଯାଉଛି। ଏହା ସବୁ କାର୍ଯ୍ୟକ୍ରମ ମାନ ମାଁ ଙ୍କ ମନ୍ଦିର ପରିସରରେ ବାରମ୍ବାର ହେବା ଦ୍ୱାରା ମାଁଙ୍କ ମନ୍ଦିରର ଭକ୍ତିମୟ ପରିବେଶରେ ସିଧାସଳଖ ପ୍ରଭାବ ପଡ଼ିବା ସହ ମାଁଙ୍କ ଗାରିମା, ମର୍ଯ୍ୟାଦା ଓ ସମ୍ମାନ କେବଳ କ୍ଷୁର୍ଣ୍ଣ ହେଉନାହିଁ ଏହା ଆମର ଦୁଇ କୋଟିରୁ ଉକାଟ ପଶ୍ଚିମ ଓଡ଼ିଶାବାସୀ, ଦେଶ ବିଦେଶର କୋଣ ଅନୁକୋଣରେ ଥିବା ମାଁଙ୍କ ସମସ୍ତ ଭକ୍ତଙ୍କ ଭାବାବେଗକୁ କୁଠାରଘାତ କରୁଛି। ଆଗକୁ ଏଭଳି କାର୍ଯ୍ୟକ୍ରମ ଯେପରି ମନ୍ଦିର ପରିସରରେ ନ ହୁଏ ସେଥିପାଇଁ, ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାର ଲିଖିତ ଭାବେ ପ୍ରତିଶ୍ରୁତି ଦିଅନ୍ତୁ। ନହେଲେ ଆଗାମୀ ଦିନରେ ମାଁ ସମଲେଶ୍ୱରୀଙ୍କ ଗାରିମା, ମର୍ଯ୍ୟାଦା, ସଂସ୍କୃତି, ସମ୍ମାନର ରକ୍ଷା ପାଇଁ ଆମେ ସବୁ ପ୍ରକାର ଲଢେଇ ଲଢ଼ିବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଇଂ ପୂଜାରୀ କହିଛନ୍ତି।




# ରେମେଡ଼ରେ ପୋଡ଼ାହେବ ୭୦ ଫୁଟର ରାବଣ

## ବିଶେଷ ଆକର୍ଷଣ ୨୦୦ ଫୁଟ ଉଚ୍ଚରେ ୩୬୦ ଡିଗ୍ରୀ ଆତସବାଜି

**ସମ୍ବଲପୁର, ୨୮।୯ (ସମିସ):** ରେମେଡ଼ ଦଶହରା ଦୁର୍ଗାପୂଜା ଶ୍ରୀରାମ ସେନା କମିଟି ପକ୍ଷରୁ ଆସନ୍ତା ୨ ତାରିଖ ବିଜୟା ଦଶମୀରେ ରାବଣପୋଡ଼ି ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ରେମେଡ଼ ଗ୍ରାମ ଖେଳ ପଡ଼ିଆରେ ୭୦ ଫୁଟର ରାବଣ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉଛି। ବିଜୟା ଦଶମୀ ଅପରାହ୍ନରେ ୧୦୦ରୁ ଅଧିକ ବାନର ସେନା ବିରାଟ ଶୋଭାଯାତ୍ରାରେ ରେମେଡ଼ ଛକ ବାହାରି ପଡ଼ିଆ ପର୍ଯ୍ୟନ୍ତ ଯିବେ। ଚଳିତ ବର୍ଷ ରାବଣ ପୋଡି ମହୋତ୍ସବରେ ସମ୍ପୂର୍ଣ୍ଣ ଭାବେ ସବୁଜ ବାଣ ବ୍ୟବହାର କରାଯିବ। ସୁରକ୍ଷାକୁ ଦୃଷ୍ଟିରେ ରଖି ଏସବୁ ବାଣ ରିମୋର୍ଟ ଦ୍ୱାରା ଫୁଟାଇବା ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ରାବଣ ପୋଡ଼ିରେ ମୋଟ ୯ରୁ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ରବିବାର ରେମେଡ଼ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରେମେଡ଼ ଶ୍ରୀରାମ ସେନା ରାବଣ ପୋଡ଼ି ଉତ୍ସବ ସଭାପତି ସନ୍ଦୀପ ବରେଇ କହିଛନ୍ତି ଏହି ଦିନ ଅପରାହ୍ନ ୫ ଟାରେ ଶୋଭାଯାତ୍ରା ନଗର ପରିକ୍ରମା କରିବ। ଶୋଭାଯାତ୍ରା ରେମେଡ଼ ଛକରୁ ବାହାରି ରେମେଡ଼ ଖେଳ ପଡ଼ିଆ ପହଞ୍ଚିବ। ଏଥିରେ ରାମ, ଲକ୍ଷ୍ମଣ, ହନୁମାନ ସହ ବାନର ସେନା ସାମିଲ ହେବେ। ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥ ଭବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଅତିଥି ରାବଣ ଦହନ ଅବସରରେ ରେମେଡ଼ ଖେଳ ପଡ଼ିଆରେ ଉପସ୍ଥିତ ରହିବେ।ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ କରିଥିବାରୁ ରେମେଡ଼ର କିଛି ବରିଷ୍ଠ କର୍ମକର୍ତ୍ତାଙ୍କୁ ଏହି ଅବସରରେ ସମ୍ମାନିତ ମଧ୍ୟ କରାଯିବ।ବିଶେଷ ଆକର୍ଷଣ ପ୍ରଥମ ଥର ପାଇଁ ଓଡ଼ିଶାରେ ୨୦୦ ଫୁଟ ଉପରେ ୩୬୦ ଡିଗ୍ରୀରେ ବାଣ ଫୁଟିବା ସହିତ ଆତିସ ବାଜି ହେବ। ସାମ୍ବାଦିକ ସମ୍ମିଳନୀରେ ଦିଲୀପ ଚୋବେ ମୁଖ୍ୟ ଉପଦେଷ୍ଟା, ସଭାପତି ସନ୍ଦୀପ ବରେଇ, ଉପ ସଭାପତି ଲୋକେଶ ପାଣ୍ଡେ, ସମ୍ପାଦକ ସୌରଭ ପ୍ରଧାନ, କୋଷାଧ୍ୟକ୍ଷ ନୀତିକ ଚୋବେ, ସହ କୋଷାଧ୍ୟକ୍ଷ ଟିଟୁ ବେହେରା ଓ କିରଣ ପରିଡ଼ା, ରୋହିତ ବେହେରା, ସରୋଜ ଭୋଇ, ପ୍ରକାଶ ସାହୁ, ଗୋବର୍ଦ୍ଧନ ମଲିକ ସମେତ ସୁମିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଧାନ କାର୍ଡ ପଞ୍ଜୀକରଣକୁ ନେଇ ବାପା ହତ୍ୟାକାରୀ ପୁଅ ଗିରଫ

**ଭେଡେନ, ୨୮।୯(ସମିସ):** ଭେଡେନ ଥାନା ଅଧୀନ ବକଟି ପଞ୍ଚାୟତ ସ୍ଥିତ ଅପାମରା ଗାଁର ଝଙ୍କାର ବିଦେଶୀ ଧରୁଆ(୬୫)ଙ୍କୁ ଧାନ କାର୍ଡ ପଞ୍ଜୀକରଣକୁ ନେଇ ବଡପୁଅ ବାବୁଲାଲ ଧରୁଆ(ଜୟଲାଲ)(୪୫), ପୁତ୍ରବଧୂ ଯୋଶବନ୍ତି ଧରୁଆ(୪୨) ଓ ନାତି ବଳରାମ ଧରୁଆ (୧୯) ମିଳିମିଶି ହତ୍ୟା କରିଥିଲେ। ଏପରିକି ମୃତ ଶବକୁ ବଲାଙ୍ଗିର ନେଇ ପୋଡି ଦେଇଥିଲେ। ଏହି ଅଭିଯୋଗରେ ପୁତ୍ରବଧୂ ଓ ନାତି ଜେଲ ଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବଡ଼ପୁଅ ବାବୁଲାଲ ଧରୁଆ ମାସେରୁ ଅଧିକ ହେବ ଫେରାର ହୋଇଯାଇଥିଲା। ସେତେବେଳେ ଏହି ହତ୍ୟାକାଣ୍ଡ ଭେଡେନ ଅଞ୍ଚଳରେ ଚାଞ୍ଚଲ୍ୟ ସହିତ ଭୟ ସୃଷ୍ଟି କରିଥିଲା। ତେବେ ଭେଡେନ ଥାନାଧିକାରୀ ଶଶୀଭୂଷଣ ମିଶ୍ର ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଟିମ୍ ସହିତ ବାପ ହତ୍ୟାକାରୀ ବାବୁଲାଲ ଧରୁଆକୁ ବରଗଡ଼ ବସଷ୍ଟାଣ୍ଡରୁ ଗିରଫ କରି ଭେଡେନ ଥାନାକୁ ଆଣି କୋର୍ଟଚାଲାଣ କରିଛନ୍ତି।

ପ୍ରକାଶ ଯେ, ହତ୍ୟାର ଶିକାର ବିଦେଶୀଙ୍କ ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। ସମସ୍ତ ପିଲାଙ୍କ ନାମରେ ଜମି ଭାଗ କରି କାର୍ଡ ତିଆରି କରିବା ଉଦ୍ଦେଶ୍ୟରେ ଭେଡେନ ସ୍ଥିତ ଧାନ କାର୍ଡ ତିଆରି କେନ୍ଦ୍ରକୁ ସାନପୁଅ ତେଜରାଜଙ୍କ ସହିତ ଗତ ଅଗଷ୍ଟ ୨୫ ତାରିଖରେ ଯାଇଥିଲେ। ଖବର ପାଇ ବଡପୁଅ ବାବୁଲାଲ ନିଜ ପୁଅ ବଳରାମକୁ ଧରି ସେଠାରେ ପହଞ୍ଚି ଗଣ୍ଡଗୋଳ କରିଥିଲା। ବଡ଼ ପୁଅ ହିସାବରେ ସବୁ ଜମିର କାର୍ଡ ତା ନାମରେ ନକଲେ ହତ୍ୟା ଧମକ ଦେଇଥିଲା। ଆଗରୁ ମଧ୍ୟ ବାବୁଲାଲ ନିଜ ପରିବାର ସହ ମିଶି ତାଙ୍କୁ ମାରିଦେବାକୁ ଚେଷ୍ଟା କରିଥିବା କଥା ବାପ ବିଦେଶୀ ଥାନାରେ ଅଭିଯୋଗ କରିଥିଲେ। ତେବେ ଗଣ୍ଡଗୋଳ ଦିନ ରାତିରେ ବିଦେଶୀ ଘରକୁ ଫେରିବା ବାଟରେ ବାବୁଲାଲ ଓ ନାତି ବଳରାମ ଦନ୍ତା ନଦୀ ବ୍ରିଜ ନିକଟରେ ତାଙ୍କୁ ପୁଣି ମାରପିଟ କରି ଅପାମରା ଗାଁରେ ଥିବା ନିଜ ନୂଆ ଘରକୁ ନେଇଥିଲେ। ସେଠାରେ ପୁଅ, ବୋହୂ ଓ ନାତି ମିଶି ଏକ ଲୁହାରଡରେ ତିଆରି(କଟରା)ରେ ପିଟିବାରୁ ଘଟଣା ସ୍ଥଳରେ ବିଦେଶୀଙ୍କ ମୃତ୍ୟୁ ହୋଇଥିଲା। ସକାଳେ ବାପାଙ୍କ ଦେହ ଖରାପ ଅଛି କହି ଚିକିତ୍ସା ପାଇଁ ଏକ ଗାଡ଼ିରେ ମୃତଶରୀରକୁ ଧରି ବରଗଡ଼ ସ୍ଥିତ ଘରୋଇ ହସ୍ପିଟାଲକୁ ନେଇଥିଲେ। ଡାକ୍ତର ବିଦେଶୀଙ୍କ ମୃତ୍ୟୁ ହୋଇଥିବାରୁ ସରକାରୀ ଡାକ୍ତରଖାନାକୁ ନେବାକୁ କହିଥିଲେ। ହେଲେ ହତ୍ୟାକାଣ୍ଡକୁ ଅନ୍ୟରୂପ ଦେବାକୁ ଯାଇ ବାପ ହତ୍ୟାକାରୀ ପୁଅ, ବୋହୂ ଓ ନାତି ସେହି ଗାଡିରେ ବଲାଙ୍ଗିର ସ୍ଥିତ ହାଟପଦା ସ୍ଥିତ ଶ୍ମଶାନରେ ପହଞ୍ଚି ଗାଡ଼ି ଫେରାଇ ଦେଇଥିଲେ। ଶ୍ମଶାନରେ ମୃତ ବିଦେଶୀଙ୍କ ଶବଦାହ କରି ଅନ୍ୟ ଗାଡିରେ ଗାଁକୁ ଫେରିଥିଲେ। ବାପାଙ୍କ ବିଷୟରେ ପଚାରିବାକୁ ସାନପୁଅ ତେଜରାଜ ବାରମ୍ବାର



ଫୋନ କରିଥିଲେ ମଧ୍ୟ ବାବୁଲାଲ ଠିକ ଉତ୍ତର ଦେଇ ପାରି ନଥିଲେ। ସନ୍ଦେହ ହେବାରୁ ସାନପୁଅ ଭେଡେନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସାଙ୍ଗେ ସାଙ୍ଗେ ଅପାମରା ଗାଁରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ ବାବୁଲାଲର ସ୍ତ୍ରୀ ଯୋଶବନ୍ତି ଓ ପୁଅ ବଳରାମକୁ ଗିରଫ କରି ଥାନାକୁ ଆଣିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ବାବୁଲାଲ ଫେରାର ହୋଇଯାଇଥିଲା। ପୁଲିସ ବଳରାମଠୁ ସମସ୍ତ ଘଟଣାର ସତ୍ୟାସତ୍ୟ ବାହାର କରିଥିଲା। ପରେ ମାଜିଷ୍ଟ୍ରେଟ ଆଲମ ନାୟକ, ସମ୍ବଲପୁର ସାଇଣ୍ଟିଫିକ ଟିମ, ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶ ଘଟଣାସ୍ଥଳରେ ତଥା ବଲାଙ୍ଗିରରେ ଶବ ପୋଡ଼ା ହୋଇଥିବା ସ୍ଥାନରେ ତଦନ୍ତ କରିଥିଲେ। ତଦନ୍ତ ବେଳେ ଘଟଣା ସ୍ଥଳରୁ ହାଡ଼ କଙ୍କାଳ ଓ ପାଉଁଶ ଜବତ ହୋଇଥିଲା। ଭେଡେନ ପୁଲିସ ଯୋଶବନ୍ତି ଓ ତାର ପୁଅ ବଳରାମକୁ କୋର୍ଟ ଚାଲାଣ କରିଥିଲା। ଆଜି ମୁଖ୍ୟ ଅଭିଯୁକ୍ତ ବାବୁଲାଲ ଧରା ହେବା ପରେ ଅଞ୍ଚଳବାସୀ ହତ୍ୟାକାରୀ ପୁଅ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତପ୍ରକାଶ କରିଛନ୍ତି।

# ବାଇକ୍ ଦୁର୍ଘଟଣା, ଦୁଇ ଆହତ



**ଅମ୍ବାଭୋନା, ୨୮।୯(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ କଣ୍ଟିପାଲି ରାମଚଣ୍ଡୀ ମନ୍ଦିର ନିକଟରେ ବାଇକ ଦୁର୍ଘଟଣାରେ ଦୁଇଜଣ ଆହତ ହୋଇଛନ୍ତି। ଭଟଲି ବଡମାଳ ଗାଁର ଦୀପକ ଷଣ୍ଢ ନିଜ ବାଇକରେ କୌଣସି କାମରେ ଯାଉଥିବା ସମୟରେ, କଣ୍ଟିପାଲି ଗାଁର ରୋହିତ ବାଗଙ୍କୁ ଧକ୍କା ଦେଇଥିଲେ। ଯାହାଫଳରେ ରୋହିତ ବାଗଙ୍କ ବାମ ଗୋଡର ଦୁଇଟି ସ୍ଥାନରେ ହାଡ଼ରେ ଆଘାତ ଲାଗିଛି। ଏହି ଦୁର୍ଘଟଣାରେ ଉଭୟ ଆହତ ହୋଇଥିଲେ। ଏହି ସମୟରେ ସାମ୍ବାଦିକ ପ୍ରକାଶ ରଥ ସ୍ଥାନୀୟଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ନିଜ ବାଇକରେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚାଇ ଥିଲେ। ପରେ ଉଭୟଙ୍କ ସମ୍ପର୍କୀୟମାନେ ଓ ଅମ୍ବାଭୋନା ପୁଲିସ ଘଟଣାସ୍ଥଳକୁ ପହଞ୍ଚିଥିଲେ। ପୁଲିସ ତଦନ୍ତରେ ଦୀପକ ଷଣ୍ଢ ମଦ୍ୟପାନ କରିଥିବା ଜଣାପଡ଼ିଥିବାରୁ ଏକ ମାମଲା ରୁଜୁ କରାଯାଇଛି। ଏହା ସହିତ ଦୁର୍ଘଟଣାରେ ବ୍ୟବହୃତ ବାଇକକୁ ମଧ୍ୟ ପୁଲିସ ଜବତ କରିଛି।

## ଓପିଏସ୍‌ସିରେ ସ୍ୱାତୀ କୃତକାର୍ଯ୍ୟ

**ଟିଟିଲାଗଡ଼, ୨୮।୯(ସମିସ):** ଟିଟିଲାଗଡ଼ ରେଳ ବିଭାଗରେ କାର୍ଯ୍ୟରତ ଟ୍ରେନ ମ୍ୟାନେଜର ଦୀନବନ୍ଧୁ ନାଗ ଏବଂ ଦୀପ୍ତି ନାଗଙ୍କ ଝିଅ ସ୍ୱାତୀ ନାଗ ଓପିଏସସି ପରୀକ୍ଷାରେ କୃତକାର୍ଯ୍ୟ ସହ ଓଏଏସ୍ ଲାଭ କରିଛନ୍ତି। ମେଧାବୀ ଛାତ୍ରୀ ସ୍ୱାତୀ ଟିଟିଲାଗଡ଼ ଠାରେ ସ୍କୁଲ ଶିକ୍ଷା ପରେ ଭୁବନେଶ୍ୱର ରମାଦେବୀ



ମହାବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ ତଥା ୨୦୨୩ରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ସ୍ୱାତୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ କନିଷ୍ଠ ସହକାରୀ କିରାଣି ଭାବରେ ଚାକିରି ଆରମ୍ଭ କରିଥିବାବେଳେ ୨୦୨୪ ସେପ୍ଟେମ୍ବରରେ ଇସ୍ତଫା ଦେଇ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ତାଙ୍କର ସଫଳତା ନେଇ ତାଙ୍କ ପୈତୃକ ଗ୍ରାମ ତୁଷୁରା ଥାନା ଅନ୍ତର୍ଗତ ଚିଞ୍ଚେଡ଼ ତଥା ଟିଟିଲାଗଡ଼ରେ ପରିବାର ମହଲରେ ଖୁସିର ଲହରୀ ଖେଳିଯାଇଛି। ସ୍ଥାନୀୟ ସମାଜସେବୀ ଆଶିଷ ବେହେରା, ନାରାୟଣ ନାଗ, ସୋମ୍ୟରଞ୍ଜନ ଦୋରା, ନସିଦ ରଣା, ସଦାନନ୍ଦ ସାହୁ, ପ୍ରଭୁଦତ୍ତ ବିଶାଲ ପ୍ରମୁଖ ସ୍ୱାତୀଙ୍କୁ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି

## ଲୋୟର ସୁକତେଲ ଡ୍ୟାମ୍ ଛାଡ଼ିଲା ପ୍ରଥମ ବନ୍ୟାଜଳ



**ବଲାଙ୍ଗିର, ୨୮।୯(ସମିସ):** ବଲାଙ୍ଗିରର ଲୋୟର ସୁକତେଲ ଡ୍ୟାମରୁ ଚଳିତବର୍ଷ ପ୍ରଥମ ବନ୍ୟାଜଳ ଛଡ଼ାଯାଉଛି। ସୁକତେଲ ନଦୀ ଉପରେ ବନ୍ଧା ଯାଇଥିବା ଏହି ଡ୍ୟାମରୁ ରବିବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ପାଣି ଛଡାଯାଇଥିଲା। ଗତ କିଛି ଦିନ ହେଲା ଲଗାତାର ବର୍ଷା ପରେ ବନ୍ୟାଜଳ ପ୍ରବେଶ କରିଥିଲା। ରବିବାର ତିନୋଟି ସ୍ଲଇସ ଗେଟ୍ ଦେଇ ଏହି ବନ୍ୟା ଜଳ ନିଷ୍କାସନ କରାଯାଉଥିବା ଜଣାପଡ଼ିଛି। ଶନିବାର ତଳି ଅଞ୍ଚଳର ବାସିନ୍ଦାଙ୍କୁ ପ୍ରଶାସନ ପକ୍ଷରୁ ସତର୍କ ରହିବା ପାଇଁ ସୂଚନା ଦିଆଯାଇଥିଲା।

### ପାର୍ବଣ ଋତୁରେ ବେହାଲ ଟ୍ରାଫିକ୍

# ସହର ସାରା ଜାମ, ଫେଲ ମାରିଛି ପରିଚାଳନା

**ସମ୍ବଲପୁର, ୨୮।୯(ସମିସ)**

ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ଦେବୀ ଦୁର୍ଗାଙ୍କୁ ଆରାଧାନା କରାଯାଉଛି। ଏ ନେଇ ବିଭିନ୍ନ ଆୟୋଜକ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ପୂଜା ପର୍ବ ପାଳନକୁ ନେଇ ଗୁରୁତ୍ୱ ଦିଆଯାଇଛି। ହେଲେ ସହରରେ ଟ୍ରାଫିକ ପରିଚାଳନା ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି। ଅଧିକାଂଶ ସ୍ଥାନାରେ ଜାମ ପରିସ୍ଥିତି ସୃଷ୍ଟି ହେଉଛି। ତା ପୁଣି ଟ୍ରାଫିକ କର୍ମଚାରୀଙ୍କ ଉପସ୍ଥିତିରେ। ପ୍ରତି ବର୍ଷ ପୂଜା ଆସିଲେ ସହରରେ ଟ୍ରାଫିକ ସମସ୍ୟା ଦେଖାଯାଇଥାଏ। ହେଲେ ଜିଲ୍ଲା ପୁଲିସର ଏଥି ପ୍ରତି ଗୁରୁତ୍ୱ ନାହିଁ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଲୋକେ ବେହାଲ ଟ୍ରାଫିକ ସମସ୍ୟା ଦେଇ ଗତି କରିବାକୁ ପଡୁଛି।

ଆଜି ଠାରୁ ମା ଦୁର୍ଗାଙ୍କ ପୂଜା ସହରରେ ଆରମ୍ଭ ହୋଇଛି। ଏଥିପାଇଁ ସହର ଚଳଚଞ୍ଚଳ ହୋଇ ଉଠିଛି। ସୁଉଚ୍ଚ ତୋରଣ ସହ ରଙ୍ଗବିରଙ୍ଗ ଲାଇଟ ଅଞ୍ଚଳକୁ ଆଲୋକିତ କରୁଛି। ହେଲେ ସ୍ଥାନ ଅଭାବରୁ ପ୍ରାୟ ସମସ୍ତ କମିଟି ରାସ୍ତ ଉପରେ ପ୍ରସ୍ତୁତି କରିଥାନ୍ତି। ଏଥି ପାଇଁ ଲୋକଙ୍କ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଟ୍ରାଫିକ ପୁଲିସ ଉପସ୍ଥିତ ଥାଇ ମଧ୍ୟ ଭିଡ ନିୟନ୍ତ୍ରଣ କରିବାରେ ଅସମର୍ଥ ହୋଇଥାନ୍ତି। ସହରରେ ଅଇଁଠାପାଲି ଠାରୁ ଆରମ୍ଭ କରି ଧନୁପାଲି ପର୍ଯ୍ୟନ୍ତ ପୂଜା ହେଉଛି। ମଧ୍ୟ ରାସ୍ତାରେ ଢୁକୁପଡ଼ା, ବୁଢାରଜା, ଫାଟକ, ଧୁଚରା ପଡ଼ା, ସାକ୍ଷୀପଡ଼ା, ଗୋବିନ୍ଦତୋଲା ଓ ଧନୁପାଲି ରହିଛି। ପ୍ରାୟ ସମସ୍ତ କମିଟିର ସଜସଜା ରାସ୍ତା ଉପରେ ହୋଇଥାଏ। ଟ୍ରାଫିକ ପରିଚାଳନା କରିବାରେ ପୁଲିସର କାର୍ଯ୍ୟ ଫେଲ ମାରିଛି। ଫାଟକ ଓଭର ବ୍ରିଜରେ ଭିଡ ସବୁଦିନ ଲାଗିଥାଏ। ହେଲେ ଏ ଭିଡ ସମୟରେ ମଧ୍ୟ କିଛି ଲୋକ ରାସ୍ତା ଉପରେ ବେଆଇନ ଭାବେ ଗାଡି ପାର୍କିଂ କରୁଛନ୍ତି। ବିନା ଭୟରେ ବିପରୀତ ଦିଗରେ ଗାଡି ଚାଳନା କରୁଛନ୍ତି। ଟ୍ରାଫିକ କର୍ମଚାରୀ ଉପସ୍ଥିତ ଥାଇ ମଧ୍ୟ ଏଥି ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ସେହିପରି ଅଇଁଠାପାଲି ଛକକୁ ବୁଢାରଜା, କାଇଁସର ରୋଡ, ଜାତୀୟ ରାଜପଥ ସମସ୍ତଙ୍କ ସହ ସଂଯୋଗ ରହିଛି। ଅଇଁଠାପାଲି ଫ୍ଲାଏ ଓଭର ନିର୍ମାଣ ଯୋଗୁଁ ନାହି ନଥିବା ସ୍ଥିତି ଦେଖାଯାଉଛି। ଏପଟେ ବରେଇପାଲି ଛକ ସହ ବିଭିନ୍ନ ସ୍ଥାନ ସହ ସଂଯୋଗ ରହିଛି। କିନ୍ତୁ ଉପଯୁକ୍ତ ସଂଖ୍ୟାରେ ଟ୍ରାଫିକ ପୁଲିସ ରହୁ ନାହାନ୍ତି। ଛିଡ଼ା ହେବା ପାଇଁ ଉପଯୁକ୍ତ ସ୍ଥାନ ନଥିବାରୁ କର୍ମଚାରୀ ଆସି ଛାଇ ପାଇଁ ଦୋକନ କଡରେ ବସୁଛନ୍ତି। ଜାତୀୟରାଜପଥ, ଡେଙ୍ଗସର୍ଗି ଓ ସର୍ଭିସ ରୋଡରୁ ଅନେକ ସଂଖ୍ୟାର ଗାଡି ବେଲଗାମ ଭଳି ରାସ୍ତ ଉପରୁକ ବାହାରୁଛି। ଟ୍ରାଫିକ ପରିଚାଳନା ହେଉନଥିବାରୁ ମନ ଇଛା ଗାଡି ଗୁଡିକ ଫସି ରହୁଛି। ଏପରି ସ୍ଥଳରେ ବଡ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେବାର ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ ବୋଲି ଆଲୋଚନା ହେଉଛି। ରାସ୍ତା ଜାମ ଯୋଗୁଁ ଅନେକ ସମୟରେ ଆମ୍ବୁଲାନ୍ସ ଫସି ରହୁଛି। ଏଥି ପାଇଁ ବ୍ୟାପକ ମାତ୍ରାରେ ଟ୍ରାଫିକ ପୁଲିସ ମୁତୟନ କରି ସଠିକ ଭାବେ ଜାମ ନିୟନ୍ତ୍ରଣ କରିବାକୁ ସାଧାରଣରେ ଦାବି ହୋଇଛି।

**ଅଇଁଠାପାଲି ସ୍ଥିତି ଅସମ୍ଭାଳ**

## ଶ୍ରୀ ନୃସିଂହନାଥ ତୀର୍ଥରେ ମହାଳୟା ତ୍ରିପିଣ୍ଡୀ ଶ୍ରାଦ୍ଧ

**ପାଇକମାଳ, ୨୮।୯(ସମିସ):** ପରମହଂସ ହରିହରାନନ୍ଦ ଗୋଧାମ ପକ୍ଷରୁ ନୃସିଂହନାଥ ମନ୍ଦିର ପରିସରରେ ମହାଳୟା ଅମାବାସ୍ୟା ଦିନ ତ୍ରିପିଣ୍ଡୀ ଶ୍ରାଦ୍ଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ମୁକ୍ତିପ୍ରିୟାନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ ଦେଶ ବିଦେଶରୁ ପଞ୍ଜୀକରଣ କରିଥିବା ଶତାଧିକ ଶ୍ରଦ୍ଧାଳୁଙ୍କ ଦିବଂଗତ ପରିବାର ଲୋକଙ୍କ ଉଦ୍ଦେଶ୍ୟରେ ତର୍ପଣ ଓ ପିଣ୍ଡଦାନ କରାଯିବା ସହ ଶ୍ରୀନୃସିଂହନାଥଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରାହ୍ମଣ ତଥା ମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ଶାସ୍ତ୍ରୋକ୍ତ ବିଧିବିଧାନ ସହିତ ଶ୍ରାଦ୍ଧ କର୍ମ, ଗୋପୂଜନ, ଗୋଗ୍ରାସ, ନାମ ସଂକୀର୍ତ୍ତନ ଓ ଯଜ୍ଞ କର୍ମ ସମ୍ପାଦିତ ହୋଇଥିଲା ଏବଂ ସମସ୍ତ ଆଗନ୍ତୁକ ତୀର୍ଥଯାତ୍ରୀ ଓ ଭକ୍ତବୃନ୍ଦଙ୍କ ପାଇଁ ଶ୍ରାଦ୍ଧକର୍ତ୍ତାଙ୍କ ପକ୍ଷରୁ ଅନ୍ନସେବା ପ୍ରଦାନ କରାଯାଇଥିଲା। ଆଗାମୀ ବର୍ଷମାନଙ୍କରେ ସନାତନ ପରମ୍ପରାର ସୁରକ୍ଷା ପାଇଁ ଏହିଭଳି ଶାସ୍ତ୍ରୀୟ କାର୍ଯ୍ୟକ୍ରମ ବ୍ୟାପକ ରୂପରେ ଆୟୋଜନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଆବାହକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପାର୍ବଣରେ ପୁଲିସର ଫ୍ଲାଗମାର୍ଚ୍ଚ



**ସମ୍ବଲପୁର, ୨୮।୯(ସମିସ):** ସହରର ଦୁର୍ଗାପୂଜା ଆରମ୍ଭ ହୋଇଛି। ଏଥିପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଆଜି ସହରରେ ଫ୍ଲାଗମାର୍ଚ୍ଚ କରିଛି ପୁଲିସ। ବରିଷ୍ଠ ପୁଲିସ ଅଧିକାରୀଙ୍କ ନେତୃତ୍ୱରେ ଫୋର୍ସ ସହରରେ ବୁଲି ଫ୍ଲଗ୍‌ମାର୍ଚ୍ଚ ପ୍ରଦର୍ଶନ କରିଛନ୍ତି। ଅପରାହ୍ନରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଧନୁପାଲି ଛକରୁ ଏହି ଫ୍ଲାଗମାର୍ଚ୍ଚ ବାହାରି ମୁଦିପଡ଼ା, ଫାଟକ ମୁଦିପଡ଼ା ଦେଇ ଅଇଁଠାପାଲି ପହଞ୍ଚିଥିଲା। ମୋଟ୍ ୧୨ ପ୍ଲାଟୁନ୍ ଫୋର୍ସ ସାମିଲ ହୋଇଥିଲେ। ସହରର ସମସ୍ତ ଥାନାର ଥାନାଧିକାରୀ ଓ ଅନ୍ୟ ପୁଲିସ ଅଧିକାରୀମାନେ ସାମିଲ ହୋଇଥିଲେ।



### 'ସେତୁ' ପକ୍ଷରୁ ସୁପ୍ରଭା ମିଶ୍ର ସ୍ମାରକୀ ସାରସ୍ୱତ ସମାବେଶ

# 'ବିନୋଦ ପଶାୟତଙ୍କ ସମସ୍ତ ସାହିତ୍ୟ କୃତି ପ୍ରକାଶିତ ହେବା ଉଚିତ'

**ସମ୍ବଲପୁର, ୨୮।୯(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରିସୋର୍ସ ସେଣ୍ଟରରେ ସମ୍ବଲପୁରର ଅଗ୍ରଣୀ ଅନୁଷ୍ଠାନ 'ସେତୁ' ପକ୍ଷରୁ ସୁପ୍ରଭା ମିଶ୍ର ଦ୍ୱିତୀୟ ସ୍ମାରକୀ ସାରସ୍ୱତ ସମାବେଶ ରବିବାର ଆୟୋଜିତ ହୋଇଛି। 'ସେତୁ' ସଭାପତି ଡ. ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ଆଲୋଚନା ବିଷୟ ଥିଲା 'ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ସାହିତ୍ୟର ଅନ୍ତଃସ୍ୱର'। ଆଲୋଚକ ଭାବରେ ଯୋଗଦେଇ ଡ. ଦ୍ୱାରିକାନାଥ ନାୟକ ସ୍ୱର୍ଗତ ପଶାୟତଙ୍କ ନାଟକ କୃତି ଗୁଡିକ ଉପରେ ଆଲୋଚନା କରି କହିଥିଲେ ଯେ, ବିନୋଦ ପଶାୟତଙ୍କ ନାଟକ ଗୁଡିକ ସମାଜର ସବୁ ବର୍ଗଙ୍କୁ ସ୍ପର୍ଶ କରିଥାଏ। ତାଙ୍କ ଉଖି ନାଟକ ସମ୍ବଲପୁରୀ ନାଟକ ଆନ୍ଦୋଳନର ନବଦିଗନ୍ତ ଉନ୍ମୋଚନ କରିଛି। ଏହାପରେ ତାଙ୍କ ସମ୍ବଲପୁରୀ ନାଟକ 'ଅଲାର' ମଧ୍ୟ ବହୁବାର ମଞ୍ଚସ୍ଥ ହୋଇଥିଲା। ତାଙ୍କର 'ଲିତା' ନାଟକ ସହ ମାତ୍ର କେତେକ ଛୋଟ ନାଟକ ବ୍ୟତୀତ ଅନ୍ୟ ସମସ୍ତ ନାଟକ ମଞ୍ଚସ୍ଥ ହୋଇ ବିପୁଳ ପ୍ରଶଂସା ଲାଭ କରିଛି। ତେବେ ତାଙ୍କର ସମସ୍ତ ନାଟକ ପ୍ରକାଶିତ ହୋଇପାରିଲେ ଏହି ନାଟକ ଗୁଡିକ ଉପରେ ବ୍ୟାପକ ଭାବରେ ଆଲୋଚନା ହୋଇ ପାରିବ ବୋଲି ସେ ମତବ୍ୟକ୍ତ କରିବା ସହ ସମ୍ବଲପୁରୀ ଭାଷାର ଉଚ୍ଚାଙ୍ଗ ପ୍ରୟୋଗ ତାଙ୍କ ନାଟକ ଗୁଡିକର ସଫଳତାର ମୁଖ୍ୟ କାରଣ ବୋଲି ଡ. ନାୟକ କହିଥିଲେ। ଅନ୍ୟତମ ଆଲୋଚକ କ୍ଷେତ୍ରମଣି ବିଭାର ବିନୋଦ ପଶାୟତଙ୍କ ଗୀତିକବିତା ଉପରେ ବକ୍ତବ୍ୟ ରଖି କହିଥିଲେ ଯେ, ବିନୋଦ ପଶାୟତଙ୍କ ଛଅ ଶହରୁ ଊର୍ଦ୍ଧ୍ୱ ଗୀତି କବିତା ଆକାଶବାଣୀରେ ପ୍ରସାରିତ ହୋଇଛି। ଏଥିଯୋଗୁଁ ସେ ସମ୍ବଲପୁରୀ କବି ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି ମଧ୍ୟ। ଅତି ସରଳ ଭାଷା ଓ ଅଳଂକାର କ୍ଲିଷ୍ଟତାରହିତ ତାଙ୍କର ଗୀତ ଗୁଡିକରେ ଗଭୀର ଭାବ ରହିଥିବାରୁ ସେଗୁଡିକର ସାହିତ୍ୟିକ ମୂଲ୍ୟବୋଧ ବହୁ ମାତ୍ରାରେ ରହିଛି। 'ସରବ ସହନି ମାଁ', 'ହାଏ କୃଷ୍ଣ ହାଏ କୃଷ୍ଣ ବଲି', 'ଏ ନନୀ ସୁଲୋଚନା', 'ଗଲାରାତି ଝୁମ୍‌ରାର ସୁରେ', 'ଲିଟି ଉଡେ ଫୁରୁଫୁରୁରେ ମୋର ନାମ ଟେକାରୁ', 'ଟେଭା ତଲେ କାଏଁ ରସବତୀ' ଭଳି ତାଙ୍କ ରଚିତ ବହୁ ସମ୍ବଲପୁରୀ ଗୀତି କବିତା ଅଦ୍ୟାପି ଲୋକପ୍ରିୟତାର ଶୀର୍ଷରେ ଅଛି। ତାଙ୍କ କବିତା ଗୁଡିକରେ ପ୍ରେମ ପ୍ରଣୟ, ସହ ମାନବବାଦୀ ଚିନ୍ତାଧାରା ଓ ଜୀବନକୁ ତଥା ପ୍ରକୃତିକୁ ଭଲ ପାଇବାର ବାର୍ତ୍ତା ଅତି ସୁନ୍ଦର ଭାବରେ ଗୁମ୍ଫିତ ହୋଇଛି ବୋଲି ଶ୍ରୀ ବିଭାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଗୀତି କବିତା ଗୁଡିକରୁ ଅନେକ ପଂକ୍ତି ଉପସ୍ଥାପନ କରି ମତପ୍ରକାଶ କରିଥିଲେ। ଏହି ଅବସରରେ ଯୁବ ସାହିତ୍ୟିକ ଆଶିଷ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେତୁର



ପ୍ରତିଷ୍ଠାତା ସମ୍ପାଦକ ଡ. ନିମାଇଁ ଚରଣ ପଣ୍ଡା ସମ୍ମାନିତ କରିଥିବାବେଳେ ସଭ୍ୟ ଡ. ସିଦ୍ଧାର୍ଥ ପଣ୍ଡା ମାନପତ୍ର ପାଠ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସେତୁ ସମ୍ପାଦକ ସୁକାନ୍ତ କୁମାର କର ସଞ୍ଚାଳନ କରିଥିଲେ। ଯୁଗ୍ମ ସମ୍ପାଦକ ରୀତାରାଣୀ ମିଶ୍ର ସ୍ୱର୍ଗତା ସୁପ୍ରଭା ମିଶ୍ରଙ୍କ ସଂକ୍ଷିପ୍ତ ଜୀବନୀ ପାଠ ଏବଂ ଶେଷରେ ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ସଭ୍ୟ ବିଦ୍ୟାର୍ଣ୍ଣ ପଣ୍ଡା, କୋଷାଧକ୍ଷ ରବିନାରାୟଣ ପ୍ରଧାନ, ହରିନାରାୟଣ ପଣ୍ଡା, ଡ. ସ୍ୱୟଂପ୍ରକାଶ ପଣ୍ଡା, ଦେବେନ୍ଦ୍ର ପ୍ରସାଦ ନାଥ, ସୁବ୍ରତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଗୁରୁ ରବିଦାସ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ






**ରେଢ଼ାଖୋଲ, ୨୮।୯(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଶୁଣ୍ଠିମୁଣ୍ଡା ଖେଳପଡ଼ିଆରେ ରବିବାର ଦିନ ସନ୍ଥ ଗୁରୁ ରବିଦାସ ଫୁଟବଲ କ୍ଲବ୍ ସାଲେସିଂ ପକ୍ଷରୁ ୫ ତମ ଗୁରୁ ରବି ଦାସ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଚାଲିଥିବା ବେଳେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ବୌଦ୍ଧ ଫୁଟବଲ ଦଳ ସହିତ ଡ଼ଇଞ୍ଚା ଫୁଟବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଫାଇନାଲ ମ୍ୟାଚ୍ ଉତ୍କଣ୍ଠାପୂର୍ଣ୍ଣ ଭାବରେ ଡ୍ର ହୋଇଥିବା ବେଳେ ପେଣ୍ଡାଲ୍ଟିକ୍ ସୁଟଆଉଟ୍ ଜରିଆରେ ଡ଼ଇଞ୍ଚା ଫୁଟବଲ ଦଳ ବିଜୟ ଲାଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥି ଭାବରେ ପୂର୍ବତନ ଏନ୍‌ଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ ଏବଂ ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ଯୋଗ ଦେଇଥିଲେ। ଉଦ୍‌ଯାପନୀ ମ୍ୟାଚରେ ଅତିଥି ଭାବରେ ରେଢ଼ାଖୋଲ ଏନ୍‌ଏସି ଅଧକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ଉପାଧକ୍ଷ ଅନୁଷୟା ପ୍ରଧାନ, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, କାଉନସିଲର ଅମରେଶ ନାଏକ, ସମିତି ସଭ୍ୟ ସଞ୍ଜୟ ବେହେରା, ସମାଜସେବୀ ପ୍ରକାଶ ମୁଖି ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କମିଟିର ସଭାପତି ରାହୁଲ ମେହେର, ସମ୍ପାଦକ ଜଗା ସିଂ, ରାକେଶ ମିରୀ କୋଷାଧକ୍ଷ ଦିବାକର ମିରୀ, ସଦସ୍ୟ ରଷି ମେହେର, ବଳିଆ ସିଂ, ନିଖିଲ ସାହାନୀ, ଚନ୍ଦନ ବେହେରା, ରିତୁ ବେହେରା, ବିଶିକେଶନ ମିରୀ, ରାଜା ମିରି, ଭରତ ରହିଦାସ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ସମ୍ବଲପୁର ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ପ୍ରଥମ ବାର୍ଷିକୀ

**ସମ୍ବଲପୁର, ୨୮।୯(ସମିସ):** ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସମ୍ବଲପୁର ଷ୍ଟୋରର ଆଜି ଏକ ବର୍ଷ ପୂର୍ତ୍ତି ହୋଇଛି। ଷ୍ଟୋରର ପ୍ରଥମ ଗ୍ରାହକ ଉପସ୍ଥିତିରେ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରର କମ୍ପାନୀ ଦଶହରା ଓ ଧନତେରସ ପାଇଁ ତାର ଅଫର ଘୋଷଣା କରିଥିଲା। ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଗ୍ରାହକମାନଙ୍କୁ ସୁନା ଅଳଙ୍କାର, ମୂଲ୍ୟବାନ ପଥର ଏବଂ କଟା ହୀରା ଅଳଙ୍କାରର ନିର୍ମାଣ ଚାର୍ଜ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ହୀରା ମୂଲ୍ୟ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରିଛି। ଏହି ଅଫର ୩୧ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରହିବ। ଏହା ସହିତ, ସମ୍ବଲପୁର ଷ୍ଟୋର ପ୍ରଥମ ବାର୍ଷିକୀ ପାଳନ କରୁଥିବାରୁ, ଆମେ ସୁନା ଏବଂ ହୀରାରେ ନିର୍ମିତ ସ୍ୱତନ୍ତ୍ର ସଂଗ୍ରହ ଏବଂ ଡିଜାଇନ ପ୍ରଦର୍ଶିତ କରିଛି।ଧନତେରସ ପାଇଁ ଆଗୁଆ ବୁକିଂ ସହିତ ଏକ ମାଗଣା ରୂପା ମୁଦ୍ରା ପ୍ରଦାନ ମିଳିବା ନେଇ ଘୋଷଣା କରିଛି। ଗ୍ରାହକମାନେ ମୋଟ ମୂଲ୍ୟର ସର୍ବନିମ୍ନ ୧୦ ପ୍ରତିଶତ ଦେଇ ସେମାନଙ୍କର ଅଳଙ୍କାର ବୁକ୍ କରିପାରିବେ ଏବଂ ସୁନା ମୂଲ୍ୟ ବୃଦ୍ଧିରୁ ସୁରକ୍ଷିତ ରହିପାରିବେ ବୋଲି ଷ୍ଟୋର ମ୍ୟାନେଜର ଆଶୁତୋଷ ସୁନା ପ୍ରକାଶ କରିଛନ୍ତି।



## ୬୦ ବର୍ଷରେ ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା

# ମନ ମୋହୁଛି ଆକର୍ଷଣୀୟ ମେଢ଼ ଓ ମଣ୍ଡପ





ଲାଞ୍ଜିଗଡ଼, ୨୮ ।୯ (ସମିସ)

୬୦ ବର୍ଷ ତଳେ ଆରମ୍ଭ ହୋଇଥିଲା ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା। ଆଜି ଏକ ଗୌରବମୟ ଅତୀତକୁ ମନେ ପକାଇବା ସହିତ ନୂତନ ପ୍ରକାର ସାଜସଜ୍ଜାରେ ସଜେଇ ହୋଇଛି ମେଢ ଓ ମଣ୍ଡପ। ଆକର୍ଷଣୀୟ ତୋରଣ ସହିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଦେଖଣାହାରୀ, ଶ୍ରଦ୍ଧାଳୁଙ୍କୁ ଭାବ ଭକ୍ତିରେ ତଲ୍ଲୀନ କରିଦେଉଛି।ସେହିପରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଦୁକାନ ବଜାର ଆଦି ଲୋକଙ୍କ ପୂଜାଛୁଟିର ଉପଭୋଗମାତ୍ରାକୁ ଦ୍ୱିଗୁଣିତ କରିଦେଉଛି। ଏଥିପାଇଁ ସମସ୍ତେ ବେଶ୍ ଉତ୍ସାହିତ ହୋଇ ପଡ଼ିଛନ୍ତି।ଏହି ଅବସରରେ ଶନିବାର ଅପରାହ୍ନରେ ଦୁର୍ଗା ପୂଜା କମିଟି ପକ୍ଷରୁ ଲାଞ୍ଜିଗଡ଼ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ବିରାଟ କଳସ ଯାତ୍ରାରେ ବାହାରି ନିକଟସ୍ଥ ବଂଶୀଧାରା ନଦୀରୁ ପାଣି ଆଣିପୂଜା ମଣ୍ଡପରେ ସ୍ଥାପନ କରିଥିଲେ।ଆଜିଠାରୁ ଦେବୀଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହୋଇଥିବା ବେଳେ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଏଥର ଆକର୍ଷଣୀୟ ମୂର୍ତ୍ତି ସହିତ ମେଢ ଓ ମଣ୍ଡପ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏଥିରେ କର୍ତ୍ତା ଭାବେ ପିତାମ୍ବର ଡ଼ମବିଶି ଓ ତାଙ୍କ ଧର୍ମପତ୍ନୀ ଦେବକୀ ଡ଼ମବିଶି ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଡ.ରୋହିତ କୁମାର ଆଚାର୍ଯ୍ୟ ରହିଥିବା ବେଳେ ତାଙ୍କ ସହିତ ଡ଼.ମୋହନ ପୁରୋହିତ, ବିଶ୍ୱଜିତ ଚାନ୍ଦ, ଅଭିଷେକ ଦେବତା, ଦେବାଶିଷ ଦେବତା ରହିଛନ୍ତି। ପୂଜା ମଣ୍ଡପରେ ଦୀନବନ୍ଧୁ ବାରିକ, ଲିଙ୍ଗରାଜ ବାରିକ ଓ ମନରଞ୍ଜନ ବାରିକ, ସନ୍ତୋଷ ମହାଖୁଡ଼, କମଳାକାନ୍ତ ମହାଖୁଡ ସହଯୋଗ କରିଥିଲେ। ଏହା କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ହେବାକୁ ଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ସହିତ ମେଲୋଡି ପରିବେଷଣ ହେବାର ଯୋଜନା ଓ ଶେଷ ଦିବସରେ ରାବଣ ପୋଡ଼ି ବ୍ୟବସ୍ଥା ରହିଥିବା ବେଳେ ଭକ୍ତ, ଶ୍ରଦ୍ଧାଳୁ ଓ କଳାପ୍ରେମୀ ଜନସାଧାରଣଙ୍କୁ ଅଭିଭୂତ କରୁଛି। ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ଏମ୍‌ଚନ୍ଦ୍ର ଶେଖର, ସାଧାରଣ ସମ୍ପାଦକ ଭାବେ କିଶୋର ପେସନିଆ, କୋଷାଧ୍ୟକ୍ଷ ଭାବେ ସୁମନ୍ତ ଦଳବେହେରା, ଉପସଭାପତି ଜୟନ୍ତ ମହାଖୁଡ, ସହ ସମ୍ପାଦକ କାର୍ତ୍ତିକ ଓଡ଼ିଆ, ସହ କୋଷାଧ୍ୟକ୍ଷ ରାଘବ ଗହୀର ରହିଥିବା ବେଳେ ଶାନ୍ତି କମିଟି ପକ୍ଷରୁ ସଭାପତି ଲାଞ୍ଜିଗଡ଼ ଥାନା ଅଧିକାରୀ ଯଶବନ୍ତ ହିଆଲ, ସଦସ୍ୟ ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଡ.ନରେନ୍ଦ୍ର ଦାସ, ଅମର ମହାନ୍ତି, ପ୍ରଶାନ୍ତ ପରମାଣିକ, ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ଏସ୍‌ଓ ସନତ ପ୍ରଧାନ, ଭବାନୀ ଶଙ୍କର ନନ୍ଦ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ସୁବାଷ ମହାପାତ୍ର, ଶ୍ରୀ ମୁଖ ଅଗସ୍ତି, ଶରତ ସିଂ, ଲାଞ୍ଜିଗଡ଼ ପ୍ରେସ୍ କ୍ଲବ୍ ଉପସଭାପତି କ୍ଷମାନିଧି ମହାଖୁଡ ରହିଛନ୍ତି।ସେହିପରି ଆୟୋଜକ କମିଟି ପକ୍ଷରୁ ଲାଞ୍ଜିଗଡ଼ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ, ଯୁବକ ସଂଘ ପୂର୍ବତନ ସଭାପତି ବିନୋଦ ଗଉଡ଼, ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା, ସଞ୍ଜୀବ ପେଶନିଆ, ସତ୍ୟନାରାୟଣ ନାଏକ, ସମେତ ଲାଞ୍ଜିଗଡ଼ ଯୁବକ ସଂଘ ସମସ୍ତ ସଦସ୍ୟ ଓ ଅଞ୍ଚଳର ଯୁବଗୋଷ୍ଠୀ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି।

## ରାସ୍ତା ମରାମତି ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଧର୍ମଗଡ଼, ୨୮ ।୯ (ସମିସ): ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଅବହେଳିତ ହୋଇ ରହିଛି ଗ୍ରାମ ମୁଖ୍ୟରାସ୍ତା। ସରକାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିଲ ମଧ୍ୟ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଉଦାସିନତା ଯୋଗୁଁ ଯାତାୟତ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଭଳି ଅଭିଯୋଗ କରି ଧର୍ମଗଡ଼ ଉପଜିଲ୍ଲପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜୁନାଗଡ଼ ବ୍ଲକ ମାଲିଗୁଡ଼ା ପଞ୍ଚାୟତ ବରଗାଁ ଗ୍ରାମବାସୀ। ଅଭିଯୋଗ ମତେ ଗାଁ ହଗରୀଜୋର୍ ଠାରୁ ହାତୀ ନଦୀକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗ୍ରାମର ଅଧିକାଂଶ ଲୋକେ ଏହି ରାସ୍ତା ଦେଇ ନିଜ ଚାଷ ଜମିକୁ ସଦାସର୍ବଦା ଚାଷ କାର୍ଯ୍ୟ ପାଇଁ ଯାତାୟତ କରିଥାନ୍ତି। ଏପରିକି ଉକ୍ତ ରାସ୍ତାଦେଇ ଗାଧୋଇବା ପାଇଁ ହାତୀ ନଦୀ କୂଳକୁ ଯାଇଥାନ୍ତି। ଗ୍ରାମ ମଶାଣି ମଧ୍ୟ ହାତୀ ନଦୀ କୂଳରେ ଅବସ୍ଥିତ। କାହାର ମୃତ୍ୟୁ ଘଟିଲେ ଶବଦାହ ପାଇଁ ମଶାଣି ପର୍ଯ୍ୟନ୍ତ ଯିବା କଷ୍ଟ ହୋଇଥାଏ। ବର୍ଷା ଦିନ ହୋଇଥିବାରୁ କାଦୁଅରେ ଭାସୁଛି ରାସ୍ତା। ଯାହାଫଳରେ ଗ୍ରାମ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ରାସ୍ତାର ମରାମତି କରିବାକୁ ଗ୍ରାମର ଅଗସ୍ତି ମାନହିରା, ଶ୍ରୀପତି ଭାଟି, ବିଷ୍ଣୁ ଚରଣ ଖମାରୀ, ଲକ୍ଷ ମନହିରା, ଧନୁର୍ଜୟ ପୁଝାରୀ, ପ୍ରତାପ ପଟେଲ, ଶିବରାଜ ଖମାରୀ, ନବୀନ ଗହିର, ଚୌରାମ ପୁଝାରୀ ପ୍ରମୁଖ ଦାବି କରିଛନ୍ତି।

## ପୋଖରୀବନ୍ଧ ଦୁର୍ଗାପୂଜା ପାଇଁ କଳସ ଯାତ୍ରା



ଲାଞ୍ଜିଗଡ଼, ୨୮ ।୯ (ମସିସ): ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ମାଁ ହିରାନୀଳା ଷ୍ଟୋନ୍ କ୍ରସର ପକ୍ଷରୁ ତୃତୀୟ ବର୍ଷ ଦୁର୍ଗାପୂଜା ପାଇଁ ଭବ୍ୟ କଳସ ଯାତ୍ରା ସହିତ ପୂଜା ଆରମ୍ଭ ହୋଇଯାଇଛି। ପୋଖରୀବନ୍ଧ ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ କମିଟିର ସମସ୍ତ ସଦସ୍ୟ, ଆବାଳବୃଦ୍ଧବନିତା ତଥା ପଖୋରୀବନ୍ଧ ଗ୍ରାମ ପଞ୍ଚାୟତ ଅଞ୍ଚଳର ଏକ ହଜାରରୁ ଊଜାର ମହିଳା, ପୁରୁଷ ପୁରୁଷ ଏଥିରେ ସାମିଲ ହୋଇଥିଲେ। ଏଥିରେ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମାଝୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଅଗ୍ରୱାଲ, ତୁଳସୀ ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ପୋଖରୀବନ୍ଧ ମାଁ ହିରାନୀଳା ଷ୍ଟୋନ୍ କ୍ରସର ପକ୍ଷରୁ ରମେଶ ସାହୁଙ୍କ ପ୍ରଚେଷ୍ଟା ଓ ପୋଖରୀବନ୍ଧ ପଞ୍ଚାୟତବାସୀଙ୍କ ସହଯୋଗରେ ଶାରଦୀୟ ଦୁର୍ଗା ଦୂର୍ଗାପୂଜା ଅନୁଷ୍ଠିତ ହେଉଛି।କର୍ତ୍ତା ଭାବେ ରମେଶ ସାହୁ ସାହୁ ଏବଂ ତାଙ୍କ ଧର୍ମପତ୍ନୀ ଶାନ୍ତିପ୍ରିୟା ସାହୁ ରହିଥିବା ବେଳେ ମୁଖ୍ୟପୂଜକ ଦାୟିତ୍ୱରେ ନରେଶ ଚନ୍ଦ୍ର ଦାସ ରହିଥିବା ବେଳେ ଚିତ ରଞ୍ଜନ ଦାସ, ମହେଶ୍ୱର ଦାସ ସହଯୋଗ କରୁଛନ୍ତି। ତେବେ ଗତବର୍ଷ ଭଳି ଏବର୍ଷ ମଧ୍ୟ ସୁଦୃଶ୍ୟ ତୋରଣ ଓ ମେଢ଼ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।ରାତିରେ ମନୋରଞ୍ଜନ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଥିବା କମିଟି ସଭାପତି ଶ୍ରୀ ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ ସଭାପତି ସନାତନ ବିଶି, ସାଧାରଣ ସମ୍ପାଦକ ଭବାନୀ ବଣୁଆଁ, ଉପସଭାପତି ପବିତ୍ର ବିଭାର, କୋଷାଧକ୍ଷ ଶଙ୍କର ପ୍ରଧାନୀ, ସମ୍ପାଦକ ବିକ୍ରମାଦିତ୍ୟ ବାରିକ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ଗଣ୍ଡାବାହାଲି ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା

ସିନାପାଲି, ୨୮ (ସମିସ): ମାଁ ଆସିଛନ୍ତି ଧରାପୃଷ୍ଠକୁ ଏଥିପାଇଁ ଗଗନ ପବନ ସବୁଠି ମାତୃମୟ ହୋଇଉଠିଛି। ବେଦମନ୍ତ୍ରରେ ଗାଁ ସହର ସବୁଆଡେ ଭକ୍ତିମୟ ପରିବେଶ ସୃଷ୍ଟି ହେଉଛି।ଏହି ପରିପ୍ରେକ୍ଷୀରେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗଣ୍ଡାବାହାଲି ସାର୍ବଜନୀନ ଦୁର୍ଗା ପୂଜା ଚଳିତ ବର୍ଷ ୧୨ବର୍ଷକୁ ପଦାର୍ପଣ କରିଛି। ସୁନ୍ଦର ସାଜସଜ୍ଜାକୁ ମାଁଙ୍କ ଚିତ୍ତାକର୍ଷକ ମୃଣ୍ମୟୀ ପ୍ରତିମୂର୍ତ୍ତି ସମସ୍ତଙ୍କୁ ଆକୃଷ୍ଟ କରିପାରିଛି। ପ୍ରାତଃ ଓ ସଂଧ୍ୟା ଆଳତୀ ସମୟରେ ଅସଂଖ୍ୟ ଭକ୍ତଙ୍କ ଜନସମାଗମ



ହେବା ସାଙ୍ଗେ ଘଣ୍ଟ ଘଣ୍ଟା, ବେଦ ଧ୍ୱନୀରେ ପୂଜାପିଠ ମାତୃମୟ ହୋଇଉଠୁଛି। ପୂଜା କମିଟିର ସୂଚନା ଅନୁସାରେ ପୂଜା ୧୦ଦିନ ଧରି ମାଁଙ୍କ ବିଭିନ୍ନ ଅବତାରର ପୂଜା ଓ ଶକ୍ତି ଉପଚାର ହେବା ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି।ଚଳିତବର୍ଷ ପୂଜା କର୍ତ୍ତା ଭାବରେ ହୃଷିକେଶ ମେହେର ଓ ତାଙ୍କ ଧର୍ମପତ୍ନୀ ଦେବକୀ ମେହେର ଥିବାବେଳେ ମୁଖ୍ୟ ପୂଜକ ଭାବରେ ଆଚାର୍ଯ୍ୟ ହରିଶ୍ଚନ୍ଦ୍ର ଖମାରୀ ନିର୍ବାହ କରୁଥିବା ବେଳେ ସଭାପତି ଟଙ୍କଧର ମେହେର ଓ ସମ୍ପାଦକ ବୈବସ୍ୱତ ମେହେର ଦାୟିତ୍ୱରେ ଅଛନ୍ତି।

### ■ ମାଁ ବୁଢ଼ାଡଙ୍ଗରଙ୍କ ପ୍ରସିଦ୍ଧ ଦଶହରା

## ବଳିରେ ରକ୍ତ ରଞ୍ଜିତ ମାଁଙ୍କ ପୀଠ

କେସିଙ୍ଗା, ୨୮ ।୯ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଅଧିଷ୍ଠାତ୍ରୀ ମାଁ ବୁଢ଼ା ଡଙ୍ଗରଙ୍କ ବାର୍ଷିକ ଦଶହରା ରବିବାର ପାଳିତ ହୋଇଯାଇଛି।ଦଶହରା ପାଳନ ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଦୁଇ ଦିନ ଆଗରୁ ପ୍ରସ୍ତୁତି ଆରମ୍ଭ କରାଯାଇ ମାଁଙ୍କ ପୀଠକୁ ଅତି ସୁନ୍ଦର ଭାବରେ ସଫାସୁତୁରା କରି ସୁନ୍ଦର ଆଲୋକ ସାଜସଜ୍ଜାରେ ମନ୍ଦିରକୁ ସୁସଜ୍ଜିତ କରାଯାଇଥିଲା।ଜାତି ବର୍ଣ୍ଣ ନିର୍ବିଶେଷରେ ସହରର ସମସ୍ତ ଶ୍ରଦ୍ଧାଳୁ ଦଶହରା ଦିନ ମାଁଙ୍କ ଦର୍ଶନ ପାଇଁ ସକାଳୁ ଭିଡ଼ ଜମାଇଥିଲେ।




ମନସ୍କାମନା ପୂର୍ଣ୍ଣ ହୋଇଥିବା ଶ୍ରଦ୍ଧାଳୁ ମା'ଙ୍କ ନିକଟରେ ବୋଦା ବଳି ଦେଇ ମାନଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ଅନେକ ଶ୍ରଦ୍ଧାଳୁ ନାରୀକେଳ ଦେଇ ମାଁଙ୍କ ଠାରୁ ଆର୍ଶୀବାଦ ଲାଭ କରିଥିଲେ। ପ୍ରକାଶ ଠାଉକି ମାଁ ବୁଢ଼ାଡଙ୍ଗର ମନ୍ଦିରରେ ବର୍ଷକୁ ଦୁଇଥର ଯାତ୍ରା ଅନୁଷ୍ଠିତ ହୋଇ ଥାଏ।ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଯଥା ସମ୍ଭବ ବ୍ୟବସ୍ଥା କରାଯାଇଥିଲା।











## ଉଦନ୍ତୀ ନଦୀରେ କୁମ୍ଭୀର, ଲୋକେ ଭୟଭୀତ



ସିନାପାଲି, ୨୮ ।୯ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳଦେଇ ପ୍ରବାହିତ ହେଉଥିବା ଉଦନ୍ତୀ ନଦୀ ରେ କୁମ୍ଭୀର ଦେଖା ଦେଇଥିବା ବେଳେ ନଦୀ କୂଳିଆବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ରବିବାର ଅପରାହ୍ନରେ କିଛି ଲୋକ ନଦୀକୁ ଯାଇଥିବା ବେଳେ କୁମ୍ଭୀର ଦେଖି ସ୍ଥାନୀୟ ଲୋକଙ୍କୁ କହିବା ପରେ ନଦୀକୁ ଦେଖିବା ପାଇଁ ଯାଇଥିଲେ। ସେଠାରେ ବିରାଟକାୟ କୁମ୍ଭୀର ଦେଖିବାକୁ ପାଇଥିଲେ। ଏହି ନଦୀ ରେ କେବେ ଏଭଳି କୁମ୍ଭୀର ଦେଖିବାକୁ ମିଳି ନ ଥିବା ବେଳେ କୁମ୍ଭୀର ଫୋଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛାଡ଼ିବା ପରେ ଏହାକୁ ନେଇ ବେଶ୍ ଚର୍ଚ୍ଚା ହେଉଛି। ଲୋକେ ନଦୀ କୁ ଯାଉ ନ ଥିବା ବେଳେ ନଦୀ କୂଳିଆ ଅଞ୍ଚଳର ଜନସାଧାରଣ ଭୟରେ ରହିଛନ୍ତି। ଏହି କୁମ୍ଭୀର ସିନାପାଲି ବ୍ଲକ ର ହାତୀବନ୍ଧା ଓ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଲେଡେର ଉଦନ୍ତୀ ବ୍ରିଜ ନିକଟରେ କୁମ୍ଭୀର ଥିବା ଜଣା ପଡ଼ିଛି।କୁମ୍ଭୀର ଆଗକୁ ଆଗକୁ ବଢ଼ି ଚାଲିଥିବା ବେଳେ ଉଦନ୍ତୀ ନଦୀର ଉପରମୁଣ୍ଡର ଲୋକେ ସତର୍କ ରହିବାର ଆବଶ୍ୟକତା ରହିଛି। ପ୍ରକାଶ ଯୋଗ୍ୟ ଯେ, ଉଦନ୍ତୀ ନଦୀ ଛତିଶଗଡ଼ରାଜ୍ୟରୁ ବାହାରି ସିନାପାଲି ବ୍ଲକର ସିନ୍ଦୂରଶିଳ ନିକଟରେ ପ୍ରବେଶ କରି କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଦେଇ ତେଲ ନଦୀରେ ମିଶିଛି। ସିନାପାଲି ବ୍ଲକର ଅନେକ ଗାଁ ଦେଇ ପ୍ରବାହିତ ହେଉଛି।




## ମିଶ୍ରିତ ଧାନ ବିହନ ନେଇ ଚିନ୍ତାରେ ଚାଷୀ

ସିନାପାଲି, ୨୮ ।୯ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ମଖାପଦର ପଞ୍ଚାୟତ କୋପିଆ ଗ୍ରାମରେ ଖରିପ ଧାନ ବିହନ ରେ ମିଶ୍ରିତ ଧାନ ଅମଳ ଯୋଗୁଁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ସୂଚନା ମୁତାବକ କୋପିଆ ସାଲେପଡ଼ାର ବିଧବା ମହିଳା ଚିତ୍ର ଭୋଇଙ୍କ ଦୁଇ ପୁଅ ଦେବାର୍ଚ୍ଚନ ଭୋଇ ଓ ସଦାନନ୍ଦ ଭୋଇ ଗତ ଜୁନ ମାସରେ ନିକଟସ୍ଥ ଡିଲର ଚୈତନ୍ୟ ମେହେରଙ୍କ ଠାରୁ ୩ ପକେଟ ପୂଜାଧାନ ବିହନ ଆଣି ଚାଷ କରିଥିଲେ। ହେଲେ ଧାନ ଅମଳ ହେବା ବେଳକୁ ଧାନ ବିହନରେ ଅନେକ ପ୍ରକାର ଧାନ ମିଶ୍ରିତ ଥିବା ଜଣାପଡ଼ିଛି। ଯାହା ଫଳରେ କିଛି ଧାନ ବାହାରି ଅମଳକ୍ଷମ ସ୍ଥିତିରେ ଥିବା ବେଳେ ଆଉ କିଛି ଧାନ ଛୋଟ ରହିଯାଇ ଥିବାରୁ ଚାଷୀଙ୍କ ପରିବାର ହତାଶ ହୋଇ କ୍ଷତିପୂରଣ ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି। ସେହିପରି ଶୀତଳୀଖଲିଆ ଗ୍ରାମର ଭକୁଆ ଭୋଇ ମୁଣ୍ଡାପଲା ଗ୍ରାମର ଦେବସିଂ ନାଏକ ମଧ୍ୟ ଏହି ଧାନ ବିହନ ନେଇଥିଲେ ତାଙ୍କର ମଧ୍ୟ ସମାନ ଅଭିଯୋଗ। କୃଷି ଅଧିକାରୀ ତଦନ୍ତ କରି କ୍ଷତିପୂରଣ ଦେବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି।



## ଗୋଦାମ ଘରୁ ବିପୁଳ ବାଣ ଜବତ



କର୍ଲାମୁଣ୍ଡା, ୨୮ ।୯ (ସମିସ): କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ପୋଲିସ ଆଜି ତେରେସିଂହାର ବେଲପଡ଼ାସ୍ଥିତ ବ୍ୟବସାୟୀ ରାକେଶ କେଡିଆଙ୍କ କଲୋନୀପଡ଼ାସ୍ଥିତ ଦୋକାନ ଗୋଦାମ ଘରୁ ବିପୁଳ ପରିମାଣରେ ବାଣ ଜବତ କରିଥିବା ଜଣାଯାଇଛି।ରିଷିଡ଼ା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକାଙ୍କ ନେତୃତ୍ୱ ରେ ପୋଲିସ ଟିମ ଶ୍ରୀ କେଡ଼ିଆଙ୍କ ଗୋଦାମ ଘରେ ଚଢ଼ାଉ କରି ପାୟ ଦୁଇ ଲକ୍ଷ ଟଙ୍କାରୁ ଅଧିକ ପରିମାଣରେ ବାଣ ଜବତ କରାଯାଇଛି। ଟିମ୍‌ରେ ଫାଣ୍ଡି ଅଧିକାରୀ ଶ୍ରୀବିଡ଼ିକାଙ୍କ ସମେତ କନଷ୍ଟେବଲ ଭୁବନେଶ୍ୱରୀ ମାଝୀ, ସଞ୍ଜୀବ ସାହୁ, ଜ୍ୟୋତିର୍ମୟ ମହାନନ୍ଦ, କୈଳାସ ପୁଟେଲ ପ୍ରମୁଖ ସାମିଲ ହୋଇଥିଲେ।କିଛିଦିନ ପୂର୍ବେ ବୌଦ୍ଧ ଜିଲାର ବାଣ ବିସ୍ଫୋରଣ ଘଟଣା ସାରାରାଜ୍ୟରେ ଚହଳ ପକାଇଥିବା ବେଳେ ଲୋକଙ୍କ ସୁରକ୍ଷା ଦୃଷ୍ଟିରେ ରଖି ବର୍ତ୍ତମାନ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଗତ କିଛି ଦିନ ତଳେ ରିଷିଡାରେ ମଧ୍ୟ ଚଢ଼ାଉ କରାଯାଇଥିଲା। ବିନା ଲାଇସେନ୍ସରେ ବାଣ ବିକୁଥିବା ଦୋକାନୀ ମହଲରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଛି।

### ଉପନିର୍ବାଚନ ପାଇଁ ପ୍ରଶାସନ ଚଳଚଞ୍ଚଳ

## ରାଜନୈତିକ ଦଳ ପ୍ରତିନିଧିମଣ୍ଡଳୀ-ରାଜସ୍ୱ କମିଶନର ଆଲୋଚନା

ନୂଆପଡ଼ା, ୨୮ ।୯ (ସମିସ)



ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠିଛି। ରବିବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଇଲେକ୍ଟୋରାଲ ରୋଲ ଅବଜର୍ଭର ସଚିନ ରାମଚନ୍ଦ୍ର ଯାଦବ ନୂଆପଡ଼ା ଗସ୍ତ କରି ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ପ୍ରଶାସନର ବରିଷ୍ଠ ଅଧିକାରୀ, ଇଆରଓ, ଏଇଆରଓ ଏବଂ ମାନ୍ୟତାପ୍ରାପ୍ତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମଣ୍ଡଳ ସହିତ ବିଶେଷ କରି ଏସଏସଆର ସମ୍ବନ୍ଧରେ ସବିଶେଷ ଆଲୋଚନା କରିଛନ୍ତି।ଜିଲ୍ଲା ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନୂଆପଡ଼ା ରେ ଚିଠା ଭୋଟର ତାଲିକା ପ୍ରକାଶିତ ହୋଇ ସାରିଛି। ସମସ୍ତ କେନ୍ଦ୍ର ପାଇଁ ୩୫୮ ଜଣ ପ୍ରାଥମିକ ଶିକ୍ଷକ ବିଏଲଓ ରୂପେ ନିଯୁକ୍ତ ହୋଇଛନ୍ତି। ଏଠାରେ ସର୍ବମୋଟ ୬୭୧୨ ଟି ଆବେଦନ ଭୋଟର ତାଲିକା ଦାବି ଓ ସଂଶୋଧନ ପାଇଁ ମିଳିଥିଲା। କମିଶନର ବୈଠକକୁ ସମ୍ବୋଧନ କରି କହିଲେ ଯେ ସମସ୍ତ ରାଜନୈତିକ ଦଳ ଆଗାମୀ ଉପନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହିତ ସୂଚାରୁ ରୁପେ ସମ୍ପାଦନ କରିବା ପାଇଁ ପ୍ରଶାସନକୁ ସହଯୋଗ କରନ୍ତୁ। ସବୁ ଯୋଗ୍ୟ ଭୋଟର୍‌ଙ୍କ ନାମ ତାଲିକା ରେ ରହିବା ଆବଶ୍ୟକ। ୮୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଭୋଟରଙ୍କ ଯାଞ୍ଚ ସଠିକ୍ ଭାବରେ ହେବ।ସମସ୍ତ ଦଳ ସବୁ ବୁଥ୍ ପାଇଁ ବୁଥ ଲେବେଲ ଏଜେଣ୍ଟମାନଙ୍କ ତାଲିକା ଶୀଘ୍ର ଦାଖଲ କରିବେ। ଯେଉଁ ଝିଅ ମାନେ ବାହା ହୋଇଯାଇଛନ୍ତି, ସେମାନଙ୍କ ଭୋଟର ତାଲିକା କେବଳ ଗୋଟିଏ ରହିବ। ସମ୍ଭାବ୍ୟ ବିଧାୟକ ପ୍ରାର୍ଥୀ ମାନଙ୍କ ନାମ ଭୋଟର ତାଲିକାରେ ଅଛି କି ନାହିଁ ଦଳମାନେ ଶିଘ୍ର ଯାଞ୍ଚ କରନ୍ତୁ। ସବୁ ବୁଥ ମାନଙ୍କରେ ସମସ୍ତ ସୁବିଧା ସହିତ ସଂରଚନା ଠିକ ଅଛି ନା ନାହିଁ ପ୍ରଶାସନ ତଦାରଖ କରୁ। ବୈଠକରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ତଥା ଇଆରଓ, ସୁର୍ମି ସୋରେନ, ଏଇଆରଓ, ବିଡ଼ିଓ କୋମନା ସର୍ବେଶ୍ୱର ଜାଲ, ବିଡ଼ିଓ ନୂଆପଡ଼ା ରୋହିତ ଭୋଇ, ତହସିଲଦାର ନୂଆପଡ଼ା ପ୍ରଣବ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନ ଡେପୁଟୀ କଲେକ୍ଟର ସେଖ ନସିମ ପ୍ରସ୍ତୁତି ବିବରଣୀ ପାଠ କରିଥିଲେ। ରାଜନୈତିକ ଦଳରୁ ଜିଲ୍ଲା ବିଜେପି ସଭାପତି କମଲେଶ କୁମାର ଦୀକ୍ଷିତ, ଜାତୀୟ କଂଗ୍ରେସରୁ ରୁ ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳରୁ ରମାକାନ୍ତ ସିଂ କ୍ଷତ୍ରିୟ, ଆପ୍‌ରୁ ଗଗନ ମାଝି ପ୍ରମୁଖ ଯୋଗଦେଇଥିଲେ।

■ ସାର କଳାବଜାରକୁ ପ୍ରଶାସନିକ ସୁରକ୍ଷା

# କାର୍ଯ୍ୟାନୁଷ୍ଠାନ ବଦଳରେ ମାମଲା ରଫାଦଫା

ବଲାଙ୍ଗିର, ୨୮।୯ (ସମିସ)

ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ଏକ ବଡ଼ ସାର କଳାବଜାରର ସତ ସାମ୍ନାକୁ ଆସିଥିଲା। କିଭଳି ଭାବେ କୃଷି ବିଭାଗ ଆଖିରେ ଧୂଳି ଦେଇ ରିଟେଲରମାନଙ୍କୁ ସାର ଯୋଗାଉଥିବା ହୋଲସେଲର ସାହୁ ଟ୍ରେଡ଼ିଂ ଆଣ୍ଡ କୋ. ସର୍ବାଧିକ ବିକ୍ରି ମୂଲ୍ୟରୁ ଅଧିକ ଟଙ୍କା ନେଇ ସାର କଳାବଜାର କାରବାର ଚଳାଉଛନ୍ତି ତାହା ପଦାରେ ପଡ଼ିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ଏହି ମାମଲାକୁ ଚାପିଦେବା ପାଇଁ କୃଷି ବିଭାଗ ଓ ସାହୁ ଟ୍ରେଡ଼ିଂ କୋ. ଭରପୂର ପ୍ରୟାସ କରିଥିଲେ। ତଦନ୍ତ ନାମରେ କୃଷି ବିଭାଗ ଅଧିକାରୀ ଦିନ ଗଡ଼ାଇ ଚାଲିଥିବାବେଳେ ଅଭିଯୋଗ ଆଣିଥିବା ରିଟେଲରକୁ ଠାବ କରି ସେହିଭଳି କିଛି ହୋଇ ନ ଥିବା ଲିଖିତ ଭାବେ ତାଙ୍କଠାରୁ ସଂଗ୍ରହ କରିନେଇଥିବା ଜଣାପଡ଼ିଛି। କିନ୍ତୁ ସତକୁ ଯେତେ ଲୁଚାଇଲେ ବି ସତ ନ ଲୁଚିବା ଭଳି ନାମ ଗୋପନ ରଖି ଅନେକ ସାର ଦୋକାନୀ ସାହୁ ଟ୍ରେଡ଼ିଂ କୋର କଳା କାରବାର ବିଷୟରେ ସୂଚନା ଦେଇଛନ୍ତି। କେବଳ ଏତିକି ନୁହଁ ସାର ବିଷୟରେ କିଛି ବି ଅଭିଯୋଗ କୃଷି ଅଧିକାରୀଙ୍କ ପାଖରେ କରିଲେ ଲାଇସେନ୍ସ ସସ୍‌ପେଣ୍ଡ କରିଦେବାକୁ ଧମକାଉଥିବା ଭଳି ଅଭିଯୋଗ ମଧ୍ୟ କରିଛନ୍ତି।

ବଲାଙ୍ଗିର ଜିଲ୍ଲାକୁ ସାର ଆସୁଛି ହେଲେ ଚାଷୀକୁ ମିଳୁନଥିବା ଅଭିଯୋଗ ହୋଇଛି। ଗତବର୍ଷରୁ ଢେର ଅଧିକ ପରିମାଣର ୟୁରିଆ ସାର ବଲାଙ୍ଗିର ଜିଲ୍ଲାକୁ ଆସିଥିବାବେଳେ ଉକ୍ତ ସାର ଗଲା କୁଆଡ଼େ। ଜିଲ୍ଲାର ଲୋଇସିଂହା ସହ ଅନ୍ୟ ବ୍ଲକରେ ୟୁରିଆ ସାର କୌଣସି ବି ରିଟେଲର ପାଖରେ ମହଜୁଦ ନ ଥିବା କହିଛନ୍ତି। ବାରମ୍ବାର ୟୁରିଆ ସାର ପାଇଁ ସାହୁ ଟ୍ରେଡ଼ିଂକୁ ଜଣାଇଲେ ମଧ୍ୟ ଷ୍ଟକ ନ ଥିବା ଦର୍ଶା ଫେରାଇ ଦେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସାର କୁ ନେଇ ହେଉଥିବା କାରବାର ବିଷୟରେ କହିବା ସହ ସାର ବ୍ୟବସାୟ ନ କରିବା ଭଲ ବୋଲି ମଧ୍ୟ କହିଛନ୍ତି। କିଛି ଦିନ ପୂର୍ବରୁ ବଲାଙ୍ଗିର ଜିଲ୍ଲାର

**କୃଷି ଅଧିକାରୀ - ହୋଲ୍‌ସେଲର ମଧ୍ୟରେ ଗୁପ୍ତ ବୁଝାମଣା**

**ଅଭିଯୋଗ କଲେ ରିଟେଲରଙ୍କୁ କୃଷି ବିଭାଗର ନାଲିଆଖି ଭୟ**

ସାର ହୋଲସେଲର ସାହୁ ଟ୍ରେଡ଼ିଂ ନାମରେ ସାଂଘାତିକ ଅଭିଯୋଗ ଆସିଥିଲା। ଭାରତ ୟୁରିଆ ସାରର ସର୍ବାଧିକ ବିକ୍ରି ଦର ୨୬୦ ଟଙ୍କା ଥିବା ବେଳେ ଉକ୍ତ ହୋଲସେଲର ଜଣକ ରିଟେଲରମାନଙ୍କୁ ୨୮୦ରୁ ୩୦୦ ଟଙ୍କାରେ ବିକ୍ରି କରୁଥିବା ଜଣାପଡ଼ିଥିଲା। ରିଟେଲରମାନଙ୍କୁ ଦୁଇଟି ବିଲ୍ ପ୍ରଦାନ କରୁଥିବାବେଳେ ନିଜ ବ୍ୟବସାୟ ଜଗିବା ପାଇଁ ସେମାନେ ମଧ୍ୟ ଚୁପ୍ ରହୁଥିବା ଦେଖିବାକୁ ମିଳିଥିଲା। ତେବେ ଉକ୍ତ ଦୁଇ ସାର ରସିଦର ଫଟୋ ମିଳିବା ପରେ ଏନେଇ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ୧୦ ଦିନ ଧରି ତଦନ୍ତ ନାମରେ ଦିନ ଗଡ଼ାଇବା ପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମ୍ପୃକ୍ତ ହୋଲସେଲରଙ୍କୁ କ୍ଲିନଚିଟ୍ ଦେଇଥିଲେ। ଏହା ସହିତ ନକଲି ରସିଦ ସୂଚନା ଦେଇଥିବା ରିଟେଲରକୁ ପ୍ରଭାବିତ କରି ତାଙ୍କୁ ପାଖରୁ ଏକ ଲିଖିତ ରିପୋର୍ଟ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ମାମଲାକୁ ଚାପିଦେବା ପାଇଁ ବିଭାଗୀୟସ୍ତରରେ ହୋଲସେଲର ଓ କୃଷି ବିଭାଗ ମଧ୍ୟରେ ଏକ ବଡ଼ ଡିଲ୍ ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ରିଟେଲର ଦେଇଥିବା ଦୁଇ ରସିଦରେ ସ୍ପଷ୍ଟଭାବେ ଦୁଇଟି ଦର ଦର୍ଶାଯାଇଥିବା ଜଣାପଡୁଥିବା ବେଳେ ପରବର୍ତ୍ତୀ ସମୟରେ ସବୁ ଠିକ ଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦିଆଯାଇଥିବା ରିପୋର୍ଟରେ ଗଣମାଧ୍ୟମ ଦ୍ୱାରା ପ୍ରକାଶ ପାଇଥିବା ଖବରର ତଦନ୍ତ କରାଯାଇଥିବା ଲେଖାଯାଇଛି। କିନ୍ତୁ ଗଣମାଧ୍ୟମ ରିପୋର୍ଟରେ ଅଭିଯୋଗକାରୀଙ୍କ ନାମ ଗୋପନ ରଖାଯାଇଥିବା ବେଳେ କିଏ ଓ କେଉଁ ସ୍ଥାନର ରିଟେଲର ଏହି ଅଭିଯୋଗ କରିଛନ୍ତି ତାହା ହୋଲସେଲର ଜାଣିଲେ କେମିତି? ନିହାତି ଭାବେ ଉକ୍ତ ସୂଚନା ବିଭାଗୀୟ ଅଧିକାରୀ ହିଁ ହେଲାସେଲରଙ୍କୁ ଦେଇଛନ୍ତି। ଓ ସେ ରିଟେଲରକୁ ଡାକି ପ୍ରଭାବିତ କରି ଲିଖିତ ରିପୋର୍ଟ ସଂଗ୍ରହ କରିଥିବା ସ୍ପଷ୍ଟ ହୋଇଛି। ଏହିଠାରୁ ହିଁ ଏହା ସ୍ପଷ୍ଟ ଯେ କୃଷି ବିଭାଗ ଓ ସାର ହୋଲସେଲ୍‌ରର ମଧ୍ୟରେ ଏକ ଗୁପ୍ତ ବୁଝାମଣା ରହିଛି। ସେଇଥିପାଇଁ ବୋଧେ ଜିଲ୍ଲାରେ ସାର କଳାବଜାର ଖୋଲାଖୋଲି ଚାଲୁଥିବାବେଳେ କୃଷି ଅଧିକାରୀଙ୍କ ନଜରକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ମା' ଙ୍କ କାଳରାତ୍ରି ବେଶ


ମା' ଦୁର୍ଗା


ମା' କୁଶଙ୍ଗାଇ


ମା' ସମଲେଶ୍ୱରୀ

## ରକ୍ତରଞ୍ଜିତ ହେଲା ଜାମଖୁଣ୍ଟା ବର୍ଣ୍ଣପୀଠ

**ସଇଁତଲା, ୨୮।୯ (ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଅଧୀନ ଧରପଗଡ଼ ପଞ୍ଚାୟତ ଜାମଖୁଣ୍ଟା ଗ୍ରାମଠାରେ ବାର୍ଷିକ ବର୍ଣ୍ଣ ବୁଢ଼ା ଯାତ୍ରା ଗନ୍ତିଆ ପରିବାରଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବର୍ଣ୍ଣ ବୁଢା ପୀଠର ମୁଖ୍ୟପୂଜକ ସୂର୍ଯ୍ୟ ନାରାୟଣ ବଗର୍ତ୍ତିଙ୍କ ତତ୍ତ୍ୱାବଧାନରେ ବରୁଆ ଦେହରେ ମା ଆବିର୍ଭାବ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ପ୍ରଥମେ ଗ୍ରାମ ପରିକ୍ରମା କରିଥିଲେ ଏବଂ ଅଞ୍ଚଳର ସମସ୍ତ ବର୍ଗର ଜନସାଧାରଣ ବର୍ଣ୍ଣ ପୀଠରେ ଉପସ୍ଥିତ ରହି ପୀଠ ଶରଣାପନ୍ନ ହୋଇ ଆଶୀର୍ବାଦ ଭିକ୍ଷା କାମନା କରିଥିଲେ। ଏଥିରେ ପୂଜାରୀ ନର ବଗର୍ତ୍ତୀ, ସୁଦର୍ଶନ ବଗର୍ତ୍ତୀ, ରାଜୀନ୍ଦ୍ର ବଗର୍ତ୍ତୀ, ମାଳଗୋବିନ୍ଦ ବଗର୍ତ୍ତୀ, ପରମା ବଗର୍ତ୍ତି, କୁଶଧ୍ୱଜ ବଗର୍ତ୍ତି, ହେମନ୍ତ ବଗର୍ତ୍ତି, ରୁଷି ବଗର୍ତ୍ତି, ଲଙ୍କ ବଗର୍ତ୍ତି, ହୁର୍ସ ବଗର୍ତ୍ତି, କୈଳାସ ବଗର୍ତ୍ତି ତଥା ସମସ୍ତ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।



## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଜୟା ଦଶମୀ ଉତ୍ସବ

**ବଲାଙ୍ଗିର, ୨୮।୯ (ସମିସ):** ବଲାଙ୍ଗିର ନଗରର ବିଜୟା ଦଶମୀ ଉତ୍ସବ ପାଳନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ସୁଦପଡ଼ା ସ୍ଥିତ ସଙ୍କଟ ମୋଚନ ହନୁମାନ ମନ୍ଦିରରେ ସମ୍ପନ୍ନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନଗରର ସଂଘ ଚାଳକ ଚରଣୀସେନ ପଟେଲ, ମୁଖ୍ୟବକ୍ତା ଭାବେ ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ସୌମ୍ୟରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ଦୈତାରୀ ପୂଜାରୀ ଉପସ୍ଥିତ ଥିଲେ। ମୁଖ୍ୟଶିକ୍ଷକ ଦାୟିତ୍ୱ ପ୍ରଚାର ପ୍ରମୁଖ ରୂପେଶ କୁମାର ସାମଲ ଏବଂ ପ୍ରାର୍ଥନା ପ୍ରମୁଖ ଦାୟିତ୍ୱ ଡ. ମାନସ ରଞ୍ଜନ ସାହୁ ବହନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବସତିର ଅନେକ ମାତୃ ମଣ୍ଡଳି ଏବଂ ସଜ୍ଜନ ଶକ୍ତି, ବିବିଧ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକର୍ତ୍ତା, ବିଭାଗ ପ୍ରଚାରକ ଆଶିଷ ମଣ୍ଡଳ, ନଗର କାର୍ଯ୍ୟବାହ ବୀରକିଶୋର ସୁନା, ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ସଂଗଠନର ମାଣିକ ଲାଲ ବର୍ମା, ବିଭାଗ ବ୍ୟବସ୍ଥା ପ୍ରମୁଖ ସୁରେନ୍ଦ୍ର କୁମାର ସେଠ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନ ଜିଲ୍ଲା ପ୍ରଚାରକ ଆଲୋକ କୁମାର ପଟେଲ କରିଥିଲେ।



## ଫୁଲବେର ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ବୈଠକ

**ତୁରେକେଲା, ୨୮।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅଧୀନ ଘୁନେଶ ପଞ୍ଚାୟତର ବର୍ଲା ଗ୍ରାମରେ ଫୁଲବେର ଫାର୍ମସ ପ୍ରଡ୍ୟୁସର କମ୍ପାନୀ ଲିଃର ୨ୟ ବାର୍ଷିକ ସାଧାରଣ ପରିଷଦ ଅନୁଷ୍ଠିତ ହୋଇଛି। କମ୍ପାନୀର ସିଇଓ ଆର୍ତ୍ତେଶ୍ୱର ସଗ୍ରିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଆବାହକ ଗୁରୁଗୋବିନ୍ଦ ସିଂହ ମାଝୀ ଏ ଅଞ୍ଚଳରରେ କମ୍ପାନୀର ଆବଶ୍ୟକତା ଓ ତାର ପରିଚାଳନା ଉପରେ ଉପସ୍ଥିତ ସଭ୍ୟମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ମହେନ୍ଦ୍ର କେତକୀ କମ୍ପାନୀର ଉନ୍ନତି ଓ ସମସ୍ତ ଅଂଶୀଦାରଙ୍କ ସହଭାଗିତାରେ କିପରି ବଢ଼ିପାରିବ ସେ ଉପରେ ବୁଝାଇ ଥିଲେ। ହାରାବତି ବନ୍‌ଛୋରଙ୍କ ସହିତ ପ୍ରମୋଟର ଦେବକୀ ମାଝୀ ଓ ତ୍ରିଲୋଚନ ମାଝୀ ଅଂଶଗ୍ରହଣ କରିଥିଲେ। ବିଜୟ ବନଛୋର ଧନ୍ୟବାଦ ଦେଇଥିଲେ।

## ଲୋୟର ସୁକତେଲ ଡ୍ୟାମ୍ ଛାଡ଼ିଲା ପ୍ରଥମ ବନ୍ୟାଜଳ



**ବଲାଙ୍ଗିର, ୨୮।୯ (ସମିସ):** ବଲାଙ୍ଗିରର ଲୋୟର ସୁକତେଲ ଡ୍ୟାମରୁ ଚଳିତବର୍ଷ ପ୍ରଥମ ବନ୍ୟାଜଳ ଛଡ଼ାଯାଉଛି। ସୁକତେଲ ନଦୀ ଉପରେ ବନ୍ଧା ଯାଇଥିବା ଏହି ଡ୍ୟାମରୁ ରବିବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ପାଣି ଛଡାଯାଇଥିଲା। ଗତ କିଛି ଦିନ ହେଲା ଲଗାତାର ବର୍ଷ ପରେ ବନ୍ୟାଜଳ ପ୍ରବେଶ କରିଥିଲା। ରବିବାର ତିନୋଟି ସୁଇସ ଗେଟ୍ ଦେଇ ଏହି ବନ୍ୟା ଜଳ ନିଷ୍କାସନ କରାଯାଉଥିବା ଜଣାପଡ଼ିଛି। ଶନିବାର ତଳି ଅଞ୍ଚଳର ବାସିନ୍ଦାଙ୍କୁ ପ୍ରଶାସନ ପକ୍ଷରୁ ସତର୍କ ରହିବା ପାଇଁ ସୂଚନା ଦିଆଯାଇଥିଲା।

## ଦୁର୍ଗାପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା

**ଦେଓଗାଁ, ୨୮।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ମେନରୋଡ୍ ଓ ରଣାପଡ଼ା ଜୟଦୁର୍ଗା କ୍ଲବରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ରବିବାର କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଛି। ଦେଓଗାଁ ମେନରୋଡରେ ଚଳିତବର୍ଷ ଅନୁଷ୍ଠିତ ହେଉଥିବା ୫୮ତମ ଦୁର୍ଗାପୂଜା ପାଇଁ ଏହିଦିନ ସକାଳେ ସ୍ଥାନୀୟ ଯୋଗୀସାଗରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣକଳସ ଧାରଣ କରି ଶ୍ରଦ୍ଧାଳୁମାନେ ପୂଜା ମଣ୍ଡପରେ ପହଞ୍ଚିଥିଲେ। ପୂଜକ ଭାବେ ବାଳକୃଷ୍ଣ କର ଦାୟିତ୍ୱରେ ରହିଥିବାବେଳେ କର୍ତ୍ତାଭାବେ ଅଚ୍ୟୁତ ଭଞ୍ଜ ଓ ମଞ୍ଜୁଲତା ଭଞ୍ଜ ଦାୟିତ୍ୱରେ ରହିଛନ୍ତି। କମିଟି ସଭାପତି ଭାବେ ପପୁ ପାତ୍ର ଓ ସମ୍ପାଦକ ଭାବେ ପିଣ୍ଟୁ ପୋଢ଼ ଦାୟିତ୍ୱରେ ରହିଛନ୍ତି। ଚଳିତର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ଧାରା, ଭଜନ ସଂନ୍ଧ୍ୟା, ସେହିପରି ଜୟ ଦୁର୍ଗା କ୍ଲବ୍ ଆନୁକୁଲ୍ୟରେ ମଧ୍ୟ କଳସ ଶୋଭାଯାତ୍ରା ସହ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଛି।



## ଓପିଏସ୍‌ସିରେ ସ୍ୱାତୀ କୃତକାର୍ଯ୍ୟ

**ଟିଟିଲାଗଡ଼, ୨୮।୯ (ସମିସ):** ଟିଟିଲାଗଡ଼ ରେଳ ବିଭାଗରେ କାର୍ଯ୍ୟରତ ଟ୍ରେନ ମ୍ୟାନେଜର ଦୀନବନ୍ଧୁ ନାଗ ଏବଂ ଦୀପ୍ତି ନାଗଙ୍କ ଝିଅ ସ୍ୱାତୀ ନାଗ ଓପିଏସସି ପରୀକ୍ଷାରେ କୃତକାର୍ଯ୍ୟ ସହ ଓଏଏସ୍ ଲାଭ କରିଛନ୍ତି।



ମେଧାବୀ ଛାତ୍ରୀ ସ୍ୱାତୀ ଟିଟିଲାଗଡ଼ ଠାରେ ସ୍କୁଲ ଶିକ୍ଷା ପରେ ଭୁବନେଶ୍ୱର ରମାଦେବୀ ମହାବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ ତଥା ୨୦୨୩ରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ସ୍ୱାତୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ କନିଷ୍ଠ ସହକାରୀ କିରାଣି ଭାବରେ ଚାକିରି ଆରମ୍ଭ କରିଥିବାବେଳେ ୨୦୨୪ ସେପ୍ଟେମ୍ବରରେ ଇସ୍ତଫା ଦେଇ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ତାଙ୍କର ସଫଳତା ନେଇ ତାଙ୍କ ପୈତୃକ ଗ୍ରାମ ତୁଷୁରା ଥାନା ଅନ୍ତର୍ଗତ ଚିଞ୍ଚେଡ଼ ତଥା ଟିଟିଲାଗଡ଼ରେ ପରିବାର ମହଲରେ ଖୁସିର ଲହରୀ ଖେଳିଯାଇଛି। ସ୍ଥାନୀୟ ସମାଜସେବୀ ଆଶିଷ ବେହେରା, ନାରାୟଣ ନାଗ, ସୋମ୍ୟରଞ୍ଜନ ଦୋରା, ନସିଦ ରଣା, ସଦାନନ୍ଦ ସାହୁ, ପ୍ରଭୁଦତ୍ତ ବିଶ୍ୱାଳ ପ୍ରମୁଖ ସ୍ୱାତୀଙ୍କୁ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତ୍ତି କାମନା କରିଛନ୍ତି

## ଅମୃତ ଭାରତ ଟ୍ରେନ୍‌କୁ ସ୍ୱାଗତ



**କଣ୍ଟାବାଞ୍ଜି, ୨୮।୯ (ସମିସ):** କଣ୍ଟାବାଞ୍ଜି ରେଳବାଇ ଷ୍ଟେସନରେ ଗତକାଲି ରାତି ୧୧ଟାରେ ଅମୃତ ଭାରତ ଟ୍ରେନ (ବ୍ରହ୍ମପୁର-ଉଦନା ଏକ୍ସପ୍ରେସ)କୁ ସ୍ୱାଗତ କରାଯାଇଛି। ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କଣ୍ଟାବାଞ୍ଜି ରେଳବାଇ ଷ୍ଟେସନର ପ୍ଲାଟଫାର୍ମ ନମ୍ବର ୧ରେ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡାଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଥିବାବେଳେ ଏହି ଟ୍ରେନକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ତେବେ କଣ୍ଟାବାଞ୍ଜି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ବଲପୁର ରେଳବାଇର ବରିଷ୍ଠ ଅଧିକାରୀ ଗାରିମା ତିୱାରୀ ଉପସ୍ଥିତ ରହି ଏହି ଟ୍ରେନ ଟିକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକ ଟ୍ରେନ୍ ଶୁଭାରମ୍ଭ କରି ଅଞ୍ଚଳର ଅନେକ ଲୋକ ଓ ଟ୍ରେନ୍ ଉପଭୋକ୍ତା ଉପକୃତ ହେବେ ବୋଲି ସୂଚନା ଦେଇଛନ୍ତି। ଏହି ଅଞ୍ଚଳର ଅନେକ ଲୋକ ଗୁଜୁରାଟ ଓ ସୁରତରେ ରହୁଛନ୍ତି। ତେବେ ସେମାନଙ୍କ ପାଇଁ ଟ୍ରେନ ଟି ବିଶେଷ ସାହାଯ୍ୟ କରିବ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ରେଳବାଇର ଅନେକ ବରିଷ୍ଠ ଅଧିକାରୀ, କର୍ମଚାରୀ ସାମିଲ ରହିଥିଲେ। ସହରର ଅନେକ ବୁଦ୍ଧିଜୀବୀ ମଧ୍ୟ ଏଥିରେ ସାମିଲ ହୋଇ ଥିଲେ।

## ବେଲପଡ଼ା କଲେଜରେ ଏଚ୍‌ଆଇଭି ସଚେତନତା

**ବେଲପଡ଼ା, ୨୮।୯ (ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟ ବେଲପଡ଼ାଠାରେ ଯୁବ ରେଡକ୍ରସ୍ କାଉନସିଲ ସୁଦାମ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ୱାଆରସି ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏଚ୍‌ଆଇଭି-ଏଡ୍ସ ସଚେତନତା କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ସଭାପତିତ୍ୱରେ ବେଲପଡ଼ା ଡାକ୍ତରଖାନାରେ କାର୍ଯ୍ୟରତ ଏଡ୍ସ ସେଲର ପରାମର୍ଶଦାତା ମହେନ୍ଦ୍ର କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମହାବିଦ୍ୟାଳୟର ଜୀବବିଜ୍ଞାନ ଅଧ୍ୟାପକ ସଞ୍ଜୟ ନନ୍ଦ, ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ନିତୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ପୁଇଁନ୍ତଲା ବ୍ଲକ ଯାଦବ ମହାସଭାର ନୂଆଁଖାଇ ଜୁହାରଭେଟ୍

ବଲାଙ୍ଗିର, ୨୮।୯ (ସମିସ)

ବଲାଙ୍ଗିର ଜିଲ୍ଲାର ପୁଇଁନ୍ତଲା ବ୍ଲକ ଅଧୀନ ସିଲେଟପଡ଼ାଠାରେ ଆଟଗାଁ ପଞ୍ଚାୟତ ଯାଦବ ମହାସଭାର ଆୟୋଜନ କ୍ରମେ ପୁଇଁନ୍ତଲା ବ୍ଲକ ଯାଦବ ମହାସଭାର ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମାଜର ଗଉଡ଼ବାଡି ଓ ମାଁ ଚଣ୍ଡୀ ସମଲେଇଙ୍କ ରଥକୁ ଗ୍ରାମ ପରିକ୍ରମା କରଯାଇଥିଲା। ବ୍ଲକ ସଭାପତି ଅନିରୁଦ୍ଧ ବଗର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନୂଆଖାଇ ଜୁହାର ଭେଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯାଦବସମାଜ ଜିଲ୍ଲା ସଭାପତି ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଥିଲେ। ସମାଜରେ ନାରୀ ଶିକ୍ଷାର ଉନ୍ନତି, ସ୍ୱାସ୍ଥ୍ୟ ସେବା ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ସମସ୍ତେ ଗୁରୁତ୍ୱ ଦେବା ସମୟ ଆସିଛି ବୋଲି କହିଥିଲେ। ସମାଜର ସାଙ୍ଗଠନିକ ଉନ୍ନତି ପାଇଁ ମୁଁ ସବୁ ବେଳେ ପ୍ରସ୍ତୁତ ଅଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ସେଲମା, ବ୍ଲକ କୋଷାଧ୍ୟକ୍ଷ ମହାଦେବ ବାଙ୍କ, ଜିଲ୍ଲା ଯୁବ ଯାଦବ ସଭାପତି ସୁବ୍ରତ ନାଗ, ଜିଲ୍ଲା ସମ୍ପାଦକ ଖୁସିରାମ ଦୀପ, ବ୍ଲକ ଉପ ସଭାପତି ଚନ୍ଦ୍ରବଦନ ବଗର୍ତ୍ତୀ, ବ୍ଲକ ସହ ସମ୍ପାଦକ ଜଗନ୍ନାଥ ଚନ୍ଦନ, ପୌରାଞ୍ଚଳ ସଭାପତି ସନ୍ଦୀପ ବାଗ, ଲୋଇସିଂହା ବ୍ଲକ ସଭାପତି ଉତ୍ତମ ହେର୍ଣ୍ଣା, ସଭା ନେତ୍ରୀ ମୃନ୍ମୟୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଆୟୋଜନ କମିଟିର ସଭାପତି ମନୋଜ ମାହାର ଓ ସମ୍ପାଦକ ଭୋଜରାଜ କାଲସାଏ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦେବେନ୍ଦ୍ର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାରଦୀୟ ଦୁର୍ଗାପୂଜା ପାଇଁ ମୋରଡ଼ା ବ୍ଲକ୍ ଉତ୍ସବମୁଖର

ମୋରଡ଼ା,୨୮।୯ (ସମିସ)


ଶାରଦୀୟ ଦୁର୍ଗାପୂଜା ପାଇଁ ମୋରଡ଼ା ବ୍ଲକ୍ ଚଳିତବର୍ଷ ଉତ୍ସବମୁଖର ହୋଇଉଠିଛି। ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ବ୍ଲକ ଭାବେ ମୋରଡ଼ା ବ୍ଲକରେ ବିଭିନ୍ନ ସ୍ଥାନରେ ୧୦୦ବର୍ଷ ଧରି ଦୁର୍ଗା ପୂଜା ପାଳନ ହୋଇଆସୁଛି। ତେବେ ଚଳିତ ବର୍ଷ ମୋରଡ଼ା ବ୍ଲକରେ ୧୦ରୁ ଅଧିକ ସ୍ଥାନରେ ମା'ଙ୍କ ପୂଜାକୁ ଧୁମଧାମରେ ଆୟୋଜନ କରିଛନ୍ତି ବିଭିନ୍ନ କମିଟି ବୋଲି ସୂଚନା ମିଳିଛି। ପୂଜା ସମୟରେ ଶାନ୍ତିଶୃଙ୍ଖଳା ଓ ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ପୂଜା ପେଣ୍ଡାଲଗୁଡ଼ିକରେ ମୂର୍ତ୍ତି କାରିଗର ଓ ପେଣ୍ଡାଲ କାରିଗର ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ। ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପେଣ୍ଡାଲ ନିକଟରେ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବଜାର ପସରା ମେଲାଇ ସାରିଲେଣି। ତେବେ ଏହି ଅବସରରେ ମୋରଡ଼ା ବ୍ଲକର କିଛି ପ୍ରମୁଖ ପେଣ୍ଡାଲ ମଧ୍ୟରେ ଚିତ୍ରଡା ବସଷ୍ଟାଣ୍ଡ



ଦୁର୍ଗାପୂଜା ମେଢ ଓ ପେଣ୍ଡାଲ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି। ଚଳିତ ବର୍ଷ ଏହି ପୂଜା ୫୬ ବର୍ଷରେ ପଦାର୍ପଣ କରିଥିବା ବେଳେ ଇସ୍କନ ମନ୍ଦିର ଢାଞ୍ଚାରେ ପେଣ୍ଡାଲ ସମସ୍ତଙ୍କୁ ଆକୃଷ୍ଟ କରିବ ବୋଲି ଜଣାପଡୁଛି। ଏଥିପାଇଁ ୭ ଲକ୍ଷ ଟଙ୍କା ବ୍ୟୟବରାଦ ରଖାଯାଇଛି। ତେବେ ଚଳିତବର୍ଷ ଅସ୍ତିଆ ଗ୍ରାମର ସିପୁନ ସେନାପତି ଆଣିଥିବା ପାଣ୍ଡା ଏବଂ ସିମ୍ପାଞ୍ଜି ବେଶରେ ଲୋକଙ୍କୁ ଆକୃଷ୍ଟ କରିବେ। ଠିକ ସେହିପରି ଚିତ୍ରଡା ସାପ୍ଲାଇ ଛକ, ବାରମାଇଲ, ବରକନ୍ଦ, ଝିଙ୍କିରିଆ, ମାଳିହତା, ମୋରଡ଼ା, ପାରିଆକୁଲି ଏବଂ ବିଭିନ୍ନ ଗ୍ରାମର କମିଟି ତରଫରୁ ଆୟୋଜିତ ମଣ୍ଡପରେ ପୂଜା ପାଇବେ ମା' ଦୁର୍ଗା।

# ରାମଚନ୍ଦ୍ରପୁର ସାର୍ବଜନୀନ ଦୁର୍ଗାପୂଜାରେ ଚାନ୍ଦି ମେଢ଼

ରାମଚନ୍ଦ୍ରପୁର, ୨୮।୯ (ସମିସ): ରାମଚନ୍ଦ୍ରପୁର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ କାହିଁ କେତେ ବର୍ଷ ହେଲା ଆୟୋଜିତ ହୋଇଆସୁଥିବା ଶାରଦୀୟ ଦୁର୍ଗା ପୂଜାର ବିଲ୍ୱବରଣ ତଥା ଷଷ୍ଠୀ ପୂଜା ପୂର୍ବରୁ ମୃଣ୍ମୟୀ ମୂର୍ତ୍ତିକୁ ଚାନ୍ଦି ମେଢରେ ସୁସଜ୍ଜିତ କରାଯାଇଛି। ଚଳିତବର୍ଷ ପ୍ରଥମ କରି ଦୁର୍ଗତୀନାଶିନୀ ମା' ସମେତ ପାର୍ଶ୍ୱ ଦେବାଦେବୀ ଚାନ୍ଦି ମେଢରେ ପୂଜା ପାଇବେ। ୧୦ କେଜିରୁ ଊର୍ଦ୍ଧ୍ୱ ଚାନ୍ଦି ରୁପାର ସୂକ୍ଷ୍ମ ତାରକସୀ କାମରେ ସଜ୍ଜିତ ମେଢକୁ ସ୍ଥାନୀୟ



ପୂଜା କମିଟିର ଜଣେ ଶ୍ରଦ୍ଧାଳୁଭକ୍ତ ଦାନ କରିଥିବା ଜଣାପଡିଛି। କଟକର କୁଶଳୀ ରୁପା କାରିଗରଙ୍କ ଦ୍ୱାରା ଏହାକୁ ନିର୍ମାଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ସର୍ବପୁରାତନ ଏହି ଏହି ଆଦ୍ୟ ଦୁର୍ଗା ପୂଜା ଅନୁଷ୍ଠାନ ପ୍ରତିବର୍ଷ ପରି ଚଳିତ ବର୍ଷ ବଡ ଧୁମଧାମ୍‌ରେ ପାଳିତ ହେବାକୁ ଯାଉଥିବା ବେଳେ ପୂଜାର ମାହୋଲକୁ ସରଗରମ କରିବା ଲାଗି ପୂଜା ମଣ୍ଡପକୁ ଆକର୍ଷଣୀୟ ତୋରଣ ସହ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜ୍ଜିତ କରାଯାଇଛି।




କେନ୍ଦୁଝର ବନଖଣ୍ଡ ପକ୍ଷରୁ ୩ଟି ହାତୀ ଦାନ୍ତ ଜବତ ଘଟଣାରେ ଡିଏଫ୍‌ଓ ଏର୍‌ଡି ଧନରାଜଙ୍କ ସାମ୍ବାଦିକ ସମ୍ମିଳନୀ

## ଓଏଏସ୍ ପରୀକ୍ଷାରେ ଘନଶ୍ୟାମଙ୍କ ବାଜିମାତ



ଆନନ୍ଦପୁର, ୨୮।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳରେ ଶାଳପଡା ଜଳସେଚନ କଲୋନୀର ରଘନାଶ୍ୟାମ ମୁର୍ମୁ ୩୪୧ ସ୍ଥାନରେ ରହି ବାଜିମାତ କରିଛନ୍ତି। ଆନନ୍ଦପୁର ପୌରାଞ୍ଚଳର ଶାଳପଡା କଲୋନୀ ନିବାସୀ ତଥା ଜଳସେଚନ ବିଭାଗରେ କାର୍ଯ୍ୟ କରୁଥିବା ଦଶମତ ମୁର୍ମୁଙ୍କ ପୁଅ ଘନାଶ୍ୟାମଙ୍କ ଏପରି ସଫଳତାରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ଅନେକ ଶୁଭେଚ୍ଛା ମିଳିଛି ପରିବାର ଲୋକଙ୍କ ପ୍ରେରଣା ଅଜସ୍ର ପରିଶ୍ରମ ଯୋଗୁଁ ଏପରି ସଫଳତା ମିଳିଛି ଏବଂ ଜଣେ ଭଲ ପ୍ରଶାସକ ହେବେ ବୋଲି ଘନଶ୍ୟାମ ଦୃଢ଼ମନା।

# ଆରଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ଉଦ୍‌ଘାଟିତ

ବୈଶିଙ୍ଗା, ୨୮।୯ (ସମିସ): ଆରଏସ୍‌ଏସ୍‌ର ଜନ୍ମଶତାବ୍ଦୀ ବର୍ଷ ଉପଲକ୍ଷେ ବୈଶିଙ୍ଗା ମଣ୍ଡଳସ୍ତରୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସ୍ୱୟଂସେବକମାନଙ୍କର ଏକ ଭବ୍ୟପଥ ସଞ୍ଚଳନ ବୈଶିଙ୍ଗା ଶିବାଜୀ ଯୁବକ ସଂଘ ନିକଟରୁ ବାହାରି ମହୁରୀ, ବୈଶିଙ୍ଗା ବଜାର, ଓଲଡିହ ଛକ ପରିକ୍ରମା କରି କେନ୍ଦୁଆ ଶିବମନ୍ଦିର ପଡିଆରେ ପହଞ୍ଚିଥିଲା। ସେଠାରେ ସ୍ୱୟଂସେବକମାନେ ଯୋଗ ଓ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରିଥିଲେ। ଏହାପରେ ସଧାରଣ ସଭାରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଘୋଷ ଆରଏସ୍‌ଏସ୍‌ର ଶହେ ବର୍ଷର ଉପଲବ୍‌ଧି ଓ ଦେଶର ବିପତ୍ତି ବେଳେ ସଂଘର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଶତାବ୍ଦୀ ବର୍ଷ ଉପଲକ୍ଷେ ଆରଏସ୍‌ଏସ୍ ତରଫରୁ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜିର କାର୍ଯ୍ୟକ୍ରମରେ ରଘୁଚରଣ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ବିନ୍ଧାଣୀ, ଗନ୍ଧମାର୍ଦ୍ଦନ ଦେହୁରୀ, ଗଜେନ୍ଦ୍ର ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଡା. ପ୍ରସନ୍ନ କୁମାର ପାତ୍ର, ଡମ୍ବୁରୁଧର ମହାନ୍ତ, ଅଶୋକ କୁମାର ବେହେରା, ଜ୍ଞାନରଞ୍ଜନ ପଣ୍ଡା ଓ ସୁରଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



# ଅପହରଣ କରାଯାଇଥିବା ଯୁବକଙ୍କୁ ପୁଲିସ ଜିମାଦେଲେ

ବୈଶିଙ୍ଗା, ୨୮।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା କଳମା ଛକ ନିକଟସ୍ଥ ଏକ ଗାଁ ରାସ୍ତାରୁ ଶନିବାର ସନ୍ଧ୍ୟା ସମୟରେ ଜଣେ ଯୁବକଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିବାବେଳେ ପୁଲିସର ତନାଘନାକୁ ଦେଖି ଅପହୃତ ଯୁବକ ବାଲେଶ୍ୱର ଜିଲ୍ଲା କଲ୍ୟାଣପୁର ଗାଁର ଭାଗବତ ରାଉତଙ୍କ ପୁଅ ଶୁଭକାନ୍ତଙ୍କୁ ଆଣି ବୈଶିଙ୍ଗା ଥାନାରେ ଜିମାଦେଲେ ଅପହରଣକାରୀ ବାଲେଶ୍ୱର ଅଞ୍ଚଳର ୫ ଯୁବକ। ବାଲେଶ୍ୱର ଜିଲ୍ଲାର ରେମୁଣା ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଭାଗବତ ରାଉତଙ୍କ ପୁଅ ଶୁଭକାନ୍ତ ଭୁବନେଶ୍ୱରଠାରେ ରହି ଅନଲାଇନ ଟ୍ରେଡିଙ୍ଗ ବ୍ୟବସାୟ କରିଥାନ୍ତି। ତେବେ ବ୍ୟବସାୟିକ ଶତ୍ରୁତା ଯୋଗୁଁ ତାଙ୍କୁ ବାଲେଶ୍ୱର ରେମୁଣା ଅଞ୍ଚଳର ୫ ଜଣ ଯୁବକ ବିଭିନ୍ନ ସମୟରେ ଧମକ ଚମକ ଦେଉଥିବା ବେଳେ ଶନିବାର ସନ୍ଧ୍ୟା ସମୟରେ ସେ କୌଣସି କାମରେ ଗଡଦେଉଳିଆ ବଜାର ଆସିଥିବା ବେଳେ ଫେରିବା ସମୟରେ କଳମା ନିକଟସ୍ଥ ଏକ ଗାଁ ରାସ୍ତାରେ ଅଭିଯୁକ୍ତମାନେ ତାଙ୍କୁ ଘେରିଯାଇ ତାଙ୍କ ମୁଣ୍ଡରେ ଏକ ବନ୍ଧୁକ ଲଗାଇ ବାଇକ ଯୋଗେ ବାଲେଶ୍ୱର ଦିଗରେ ନେଇ ପଳାଇଯାଇଥିଲେ ଓ ବାଲେଶ୍ୱରଠାରୁ ଏକ କାର ଯୋଗେ ଭୁବନେଶ୍ୱର ନେଇଯାଉଥିଲେ। ଏହି ଘଟଣା ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଖୋଦ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି, ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଓ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଘଟଣା ର ସମ୍ବେଦନଶୀଳତାକୁ ଲକ୍ଷ୍ୟରେ ରଖି ତ୍ୱରିତ ପଦକ୍ଷେପ ନେଇଥିଲେ। ପରେ ଗତକାଲି ବିଳମ୍ବିତ ରାତିରେ ଏନେଇ ଶୁଭକାନ୍ତଙ୍କ ଶାଳକ ଜ୍ୟୋତିର୍ମୟ ମହାନ୍ତି ଆସି ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ ଦେବା ପୁଲିସ ୪୮୯/୨୫ ନଂ ରେ ଏକ ମାମଲା ରୁଜୁ କରି ସବଇନ୍ସପେକ୍ଟର ସରୋଜ କୁମାର ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଚଢାଉ ଆରମ୍ଭ କରିଥିଲା। ପୁଲିସର ତନାଘନା ଓ କାର୍ଯ୍ୟାନୁଷ୍ଠାନ ଭୟରେ ରବିବାର ଭୋର ସମୟରେ ଶୁଭକାନ୍ତଙ୍କୁ ଅପହରଣ କରିନେଇଥିବା ବାଲେଶ୍ୱର ଜିଲ୍ଲା ବିଭିନ୍ନ ଅଞ୍ଚଳର ୫ ଅଭିଯୁକ୍ତ ଯୁବକ ଅପହୃତ ଶୁଭକାନ୍ତଙ୍କୁ ଆଣି ବୈଶିଙ୍ଗା ଥାନାରେ ଜିମା ଦେଇଥିଲେ। ଥାନା ଅଧିକାରୀ ବାରିଣୀ ଦାସଙ୍କ ସୂଚନା ଅନୁଯାୟୀ ଶୁଭକାନ୍ତଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ ମାଧ୍ୟମରେ ଥାନାରୁ ଛାଡିଦିଆଯାଇଛି।

# ମହିଳାଙ୍କ ଆତ୍ମହତ୍ୟା

ଅସୁରାଳି,୨୮।୯ (ସମିସ): ଧୁଷୁରୀ ଥାନା ଅସ୍ତକ ଗ୍ରାମରେ ୩୬ ବର୍ଷୀୟ ପୁଷ୍ପଲତା ଲେଙ୍କା ଘରୋଇ କଳିରୁ ଆତ୍ମହତ୍ୟା କରିଛନ୍ତି। ସେ ଶାନ୍ତନୁ ଲେଙ୍କାଙ୍କ ପତ୍ନୀ ଥିଲେ। ଘଟଣା ସକାଳ ବେଳେ ଘଟିଥିଲା ବେଳେ ଘର ଲୋକ ବିଳମ୍ବରେ ତାଙ୍କୁ ଏ ଅବସ୍ଥାରେ ଦେଖି ଧୁଷୁରୀ ଡାକ୍ତରଖାନାକୁ ନେଇଥିଲେ, ଯେଉଁଠି ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଧୁଷୁରୀ ଥାନାଧିକାରୀ କେସ ନଂ ୩୮/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ମୃତଦେହ ଗାଁକୁ ଆଣିବା ପରେ ଅସ୍ତକ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ଶହୀଦ୍ ଭଗତ୍ ସିଂହଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

ଭଦ୍ରକ, ୨୮।୯ (ସମିସ): ମହାନ କ୍ରାନ୍ତିକାରୀ, ସ୍ୱାଧୀନତା ସଂଗ୍ରାମୀ, ଅଦ୍ୟମ ବୀରତ୍ୱର ପ୍ରତୀକ ଓ ଯୁବଶକ୍ତିଙ୍କ ପ୍ରେରଣାସ୍ରୋତ ଶହୀଦ୍ ଭଗତ୍ ସିଂହଙ୍କ ପବିତ୍ର ୧୧୮ ତମ ଜନ୍ମଜୟନ୍ତୀ ଅବସରରେ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ କାର୍ଯ୍ୟାଳୟ ପରିସରରେ ଶହୀଦ୍ ଭଗତ୍ ସେନା ପରିବାରର ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସହିଦ ଭଗତ ସେନା ମୁଖ୍ୟ ତଥା ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସମେତ ଅବସରପ୍ରାପ୍ତ ସୈନିକ ସଂଘର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରକ୍ତତୀର୍ଥ ଇରମର ୮୩ତମ ଶହୀଦ ଦିବସ



## ଶହୀଦ ପୀଠରେ ଶ୍ରଦ୍ଧାସୁମନ ଅର୍ପଣ

ବାସୁଦେବପୁର, ୨୮।୯ (ସମିସ): ଭାରତର ସ୍ୱାଧୀନତା ସଂଗ୍ରାମର ଭାରତଛାଡ଼ ଆନ୍ଦୋଳନର ସେହି ରକ୍ତରଞ୍ଜିତ ମେଳନ ପଡ଼ିଆର ଲୋମହର୍ଷକ ବିଭୀଷିକାକୁ ମନେପକାଇ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୮୩ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ରକ୍ତତୀର୍ଥ ଇରମ ଶହୀଦ ପୀଠରେ ଶହୀଦ ଦିବସ ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି ଉଦବୋଧନ ଦେଇଥିଲେ। ଜିଲ୍ଲାପାଳ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ଶହୀଦ ମେମୋରିଆଲ କମିଟିର ସଭାପତି ପଦ୍ମନାଭ ଦାଶ, ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଭିନ୍ନ ଅନୁଷ୍ଠାନର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶହୀଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦ ପରିବାର ପକ୍ଷରୁ ତିଳତର୍ପଣ କରି ଶହୀଦ ପୀଠରରେ କଳସ ସ୍ଥାପନ କରିଥିଲେ। ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଶୁଭେନ୍ଦୁ କୁମାର ବେହେରା, ଦୀନବନ୍ଧୁ ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଫୁଲ୍ଲ ପଳିତା, ଯଦୁନାଥ ନାୟକ ପ୍ରମୁଖ ଶହୀଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବ ସରକାର ସମୟରେ ରକ୍ତତୀର୍ଥ ଇରମର ବିକାଶ କରିବା ପାଇଁ କୋଟି କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ବିକାଶର ଦ୍ୱାର ଖୋଲା ଯାଇଛି। ବର୍ତ୍ତମାନ ସରକାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ଅର୍ଥକୁ ପକାଇ ରଖିଛନ୍ତି। ଏବେର ବିଧାୟକ ଓ ସରକାର ଏହି ଅର୍ଥକୁ ଖର୍ଚ୍ଚ କରିବାକୁ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ନିବେଦନ କରିଛନ୍ତି। ଶହୀଦ ତୀର୍ଥ ଯାତ୍ରୀ ସଂଘର ବୈଲୋଚନ ଜେନା, ଦୁଃଶାସନ ରାଉତ, ବନଲତା ଜେନା, ବସନ୍ତ କୁମାର ଦାସ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁଲିସ ବିଭାଗ ପକ୍ଷରୁ ତୋପସଲାମ ପ୍ରଦାନ କରାଯାଇଥିଲା।

# ଇତିହାସ ପାଲଟିବ ବାରିପଦା ଆୟୁର୍ବେଦିକ କଲେଜ

**● ୧୭ ବର୍ଷ ହେଲାଣି ବନ୍ଦ ପଡ଼ିଛି ● ଖତ ଖାଉଛି କୋଟି କୋଟି ଟଙ୍କାର ଆସବାବପତ୍ର**

ବାରିପଦା,୨୮।୯ (ସମିସ)

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ପ୍ରତିଷ୍ଠା ହେବ ନୂଆ ଆୟୁର୍ବେଦିକ କଲେଜ ଓ ଚିକିତ୍ସାଳୟ। ମୁଖ୍ୟମନ୍ତ୍ରୀ ଏନେଇ ସବୁଜ ସଙ୍କେତ ଦେଇ ସାରିଥିବା ବେଳେ ବାରିପଦାରେ ପ୍ରତିଷ୍ଠିତ ହୋଇଥିବା ଉତ୍ତର ଓଡିଶାର ଏକମାତ୍ର ଆୟୁର୍ବେଦିକ କଲେଜ ଓ ଚିକିତ୍ସାଳୟ ସରକାରୀ ପ୍ରୋତ୍ସାହନ ଓ ଇଚ୍ଛାଶକ୍ତି ଅଭାବରୁ ୨୦୦୮ ମସିହାଠାରୁ ବନ୍ଦ ହୋଇରହିଛି। ଏଠାରେ ରହିଥିବା କୋଟି କୋଟି ଟଙ୍କାର ଆସବାବପତ୍ର ଖତ ଖାଉଥିବା ବେଳେ କୋଠା ଅପରାଧୀଙ୍କ ଆସ୍ଥଳୀ ପାଲଟିଛି ବୋଲି ଅଭିଯୋଗ ହେଉଛି। ଏପରିସ୍ଥଳେ ସମସ୍ତ ବ୍ୟବସ୍ଥା ଥାଇ ଉତ୍ତର ଓଡ଼ିଶାର ଏକମାତ୍ର ମୟୂରଭଞ୍ଜ ଆୟୁର୍ବେଦିକ କଲେଜ ବନ୍ଦ ପଡିବା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ମହାବିଦ୍ୟାଳୟର ପୁରାତନ ସଫଳ ଛାତ୍ର ହୋଇଥିବା ବେଳେ ସେ ଦେଢବର୍ଷ ତଳେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ ପରେ ଜିଲ୍ଲାବାସୀ ଆୟୁର୍ବେଦିକ କଲେଜ ପୁନଃ କାର୍ଯ୍ୟକ୍ଷମ ହେବା ନେଇ ଆଶାବାଦୀ ହୋଇଥିଲେ। ପରନ୍ତୁ ନୂତନ ସରକାର ଏହାକୁ ଅଦରକାରୀ କରି ନୂଆ କଲେଜ ସ୍ଥାପନା କରିବାକୁ ଘୋଷଣା କରିଛନ୍ତି। ଜିଲ୍ଲାର ବାରିପଦାରେ ୧୯୮୩ ମସିହାରୁ ପ୍ରତିଷ୍ଠା ହୋଇଥିଲା ଆୟୁର୍ବେଦିକ କଲେଜ, ହେଲେ ଏକାଧିକ କାରଣ ଦର୍ଶାଇ ବନ୍ଦ ହୋଇଗଲା। ପୂର୍ବ ସରକାର ୨୦୧୪ ଓ ୨୦୧୯ ନିର୍ବାଚନରେ ମୟୂରଭଞ୍ଜ ଆୟୁର୍ବେଦ କଲେଜ ତୁରନ୍ତ ସରକାରୀ କରାଯିବ ବୋଲି ଘୋଷଣା କରିଥିଲେ। ପରନ୍ତୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ବିଳମ୍ବିତ ପାଇଁ ତାହା ହୋଇ ପାରିନଥିଲା। ଏବେ ବିଜେପି ସରକାର ଆସିଛି ସିନା ଏହି ମହାବିଦ୍ୟାଳୟକୁ ପୁନଃଖୋଲିବା ନେଇ ସେପରି ଆନ୍ତରିକତା ଦେଖାଉନାହିଁ ବୋଲି ଅଭିଯୋଗ ହେଉଛି। ବରଂ ରାଇରଙ୍ଗପୁରରେ ନୂଆ କଲେଜ ପ୍ରତିଷ୍ଠା କରିବାକୁ ଘୋଷଣା କରିଦେଲେ। ମୟୂରଭଞ୍ଜ ଆୟୁର୍ବେଦିକ କଲେଜ ଓ ହସପିଟାଲ, ୧୯୮୩ ମସିହାରେ ଉତ୍ତର ଓଡିଶାର ଏକମାତ୍ର ଆୟୁର୍ବେଦିକ କଲେଜ ଭାବରେ ବାରିପଦାଠାରେ ସ୍ଥାପିତ ହୋଇ ୨୦୦୭ ମସିହା ପର୍ଯ୍ୟନ୍ତ ଠିକଭାବରେ ଚାଲି ଆସୁଥିଲା। ଏହି କଲେଜରୁ ବହୁ ଅଭିଜ୍ଞ ଆୟୁରବେଦିକ ଡାକ୍ତର ମଧ ସୃଷ୍ଟି ହୋଇ ନିଜର ପ୍ରତିଷ୍ଠା ପାଇସାରିଛନ୍ତି। ତେବେ ୨୦୦୦ ମସିହାରୁ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ସର୍ବଭାରତୀୟ ସ୍ତରରେ ସମସ୍ତ ଆୟୁର୍ବେଦିକ କଲେଜଗୁଡିକରେ ଶିକ୍ଷାର ମାନବୃଦ୍ଧି ପାଇଁ ଯୋଗ୍ୟତା ସମ୍ପର୍ଣ୍ଣ ଅଧ୍ୟାପକ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ମୁତାବକ ମୟୂରଭଞ୍ଜ ଆୟୁର୍ବେଦିକ କଲେଜର ତତ୍କାଳୀନ ପରିଚାଳନା କମିଟି ଦୀର୍ଘ ଦିନଧରି ଯୋଗ୍ୟ ଅଧ୍ୟାପକ ନିଯୁକ୍ତ ନକରିବା ଫଳରେ ୨୦୦୮ ମସିହାଠାରୁ ଛାତ୍ରଛାତ୍ରୀଙ୍କ ନାମଲେଖା କେନ୍ଦ୍ର ସରକାର ବନ୍ଦ କରିଦେଇଥିଲେ। ଫଳରେ ସେବେଠାରୁ କଲେଜ ବନ୍ଦ ହୋଇପଡିଛି ଯେ, ଖୋଲିବା ନାଁ ନେଉନି ବୋଲି ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ କଲେଜ ପରିଦର୍ଶନ କରି ୨୦୧୯ରେ ଏକ ଫିଜିବିଲିଟି ରିପୋର୍ଟ ଦାଖଲ କରିଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଉଚ୍ଚ ସଚିବ ସ୍ତରୀୟ ବୈଠକରେ ମଧ ମୟୂରଭଞ୍ଜ ଆୟୁର୍ବେଦିକ କଲେଜକୁ ସରକାର ହାତକୁ ନେବେ ବୋଲି ନିଷ୍ପତି ହୋଇଥିଲେ ସୁଦ୍ଧା ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରୁନାହିଁ। ଉକ୍ତ କଲେଜରେ କାର୍ଯ୍ୟରତ ଅଧ୍ୟାପକ ଡା. ପୁରୁଷୋତ୍ତମ ନାଥ କହିଛନ୍ତି ଯେ, କବିରାଜି ଚିକିତ୍ସା ଗାଁ ଗହଳି ଲୋକଙ୍କ ପ୍ରଥମ ପସନ୍ଦ ହୋଇଥିଲା ବେଳେ ସରକାରଙ୍କ ଅବହେଳା କାରଣରୁ ମୟୂରଭଞ୍ଜ ଆୟୁର୍ବେଦିକ କଲେଜ ବନ୍ଦ ହୋଇପଡିଛି। କାର୍ଯ୍ୟରତ କର୍ମଚାରୀ ଅନେକ ମରିହଜି ଯାଇଥିବା ବେଳେ ଅନ୍ତିମ ସମୟରେ ବି ନିଜ ପେଟକାଟି ରଖିଥିବା ସଞ୍ଚିତ ଅର୍ଥରାଶୀ ଫେରିପାଇଲେ ନାହିଁ। ଏବେ ରାଜ୍ୟ ଓ କେନ୍ଦ୍ର ଉଭୟ ସ୍ଥାନରେ ବିଜେପି ସରକାର ଶାସନ କରୁଛନ୍ତି। ତେଣୁ ଭାରତୀୟ ଚିକିତ୍ସା ପଦ୍ଧତିର ସର୍ବପୁରାତନ କବିରାଜି ଚିକିତ୍ସାକୁ ପରପୀଢି ପାଇଁ ବଞ୍ଚାଇରଖିବା ପ୍ରୟାସ କରିବା ଉଚିତ ବୋଲି ସେ କହିଛନ୍ତି। ସେହିପରି ମୟୂରଭଞ୍ଜ ଆୟୁର୍ବେଦିକ କଲେଜର ଅଧକ୍ଷ ଡା. ଆଦିତ୍ୟ କୁମାର ପଣ୍ଡା କହିଛନ୍ତି ଯେ, ମୟୂରଭଞ୍ଜ ଆୟୁର୍ବେଦିକ କଲେଜରେ ଦିନେ ସାରାଦେଶର ପିଲା ଆସି ଅଧୟନ କରୁଥିଲେ। ଏଠାରୁ ଉତ୍ତୀର୍ଣ୍ଣ ହୋଇ ଅନେକ ସରକାରୀ ଓ ବେସରକାରୀ ଭାବେ ନିଜର ଜୀବିକା ନିର୍ବାହ କରୁଛନ୍ତି। ପୁଣି ଥରେ ଏହାକୁ ଖୋଲାଗଲେ ଡାକ୍ତର ସୃଷ୍ଟି କରିହେବ ବୋଲି ସେ କହିଛନ୍ତି। ତେବେ ଏନେଇ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି ଯେ, ନୂଆ କଲେଜ ସ୍ଥାପନା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, କିନ୍ତୁ ଏନେଇ କୌଣସି ସବିଶେଷ ତଥ୍ୟ ଆସିନାହିଁ। ତେବେ ବାରିପଦାରେ ରହିଥିବା ପୁରୁଣା ଭିତ୍ତିଭୂମିକୁ କିପରି ଭାବେ ବ୍ୟବହାର କରାଯାଇପାରିବ ସେନେଇ ରାଜ୍ୟସ୍ତରରେ ଆଲୋଚନା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସେ କହିଛନ୍ତି।



# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଜୟା ଦଶମୀ ଉତ୍ସବ



ରାଇରଙ୍ଗପୁର,୨୮।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନଗର ପ୍ରମୁଖଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରିବାର ତରଫରୁ ସଂଘର ଶତାବ୍ଦୀ ପୂର୍ତ୍ତି ପାଳନ ଅବସରରେ କଚେରୀପଡିଆଠାରେ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଅପରାହ୍ଣରେ ରାଇରଙ୍ଗପୁର ଅଁଳାଡୁବାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଶତାଧିକ ସ୍ୱୟଂସେବକ ସଂଘର କର୍ମକର୍ତ୍ତାମାନେ ହାତରେ ବିଜୟ ଧ୍ୱଜା ଓ ଖଡ୍ଗ, ଲାଠିଧରି ବ୍ୟାଣ୍ଡବାଦ୍ୟର ତାଳେ ତାଳେ ପରେଡ ମାଧ୍ୟମରେ ସହର ପରିକ୍ରମା କରି କଚେରୀ ପଡିଆଠାରେ ପହଞ୍ଚିଥିଲେ। ମୁଖ୍ୟଅତିଥି ରୂପେ ବାରିଷ୍ଟର ଅମ୍ବିକା ପଟ୍ଟନାୟକ, ମୁଖ୍ୟବକ୍ତା ଓଡିଶା ସଂଘ ପ୍ରଚାର ସହ ପରିଚାଳକ ମୁନୀନ୍ଦ୍ର ସୁନ୍ଦର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଗିରିଜା ଶଙ୍କର ମହାନ୍ତ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଓ ବିଜେପି ରାଜ୍ୟ ସଂଗଠନ ସମ୍ପାଦକ ନବୀନ ରାମ ଉପସ୍ଥିତ ଥିଲେ। ବିଜୟା ଦଶମୀ ଉତ୍ସବକୁ ସଞ୍ଚାଳନ କରୁଥିଲେ ସଞ୍ଚାଳକ ପ୍ରମୁଖ ବଳରାମ ବାରିକ, ଭାଗବତ ମହାନ୍ତ, ଦୁଷ୍ମନ୍ତ ଗିରି, ରାଜକୁମାର ବେହେରା ଓ ଅଙ୍କିତ ପାଢିଆ। ଶେଷରେ ଦୁଷ୍ମନ୍ତ ଗିରୀ ଧନ୍ୟବାଦ ଦେଇଥିଲେ।



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗାଠାରେ ଆର୍‌ଏସ୍‌ଏସ୍ ୧୦୦ ବର୍ଷ ପୂର୍ତ୍ତି ଅବସରରେ ତୁରୁମୁଙ୍ଗା ସରସ୍ୱତୀ ମନ୍ଦିରରୁ ପଥ ସଞ୍ଚାଳନ କାର୍ଯ୍ୟକ୍ରମ


ଟାଙ୍ଗୀ: ମା' ଗୌରୀଙ୍କ କାଳରାତ୍ରୀ ବେଶ


ନିରାକାରପୁର: କାଳରାତ୍ରୀ ବେଶରେ ମା' ବନଦୁର୍ଗା

## ଅଳଙ୍କାର ଦୋକାନରୁ ଲୁଟ୍ ଉଦ୍ୟମ ବିଫଳ

ଜଟଣୀ,୨୮।୯(ସମିସ): ଜଟଣୀ ଥାନା ରାଜା ବଜାରରେ ଥିବା ଏକ ଗହଣା ଦୋକାନରୁ ଶନିବାର ବିଳମ୍ବିତ ରାତିରେ ସଟର କାଟି ଲୁଟ୍ ଯୋଜନା ବିଫଳ ହୋଇଛି। ବିଳମ୍ବିତ ରାତିରେ ଲୁଟେରାମାନେ ଦୋକାନ ସଟର କାଟି ଭିତରେ ପଶିଥିଲେ। କିନ୍ତୁ ଦୋକାନ ଭିତରେ ଅଳଙ୍କାର ସୁରକ୍ଷିତ ସ୍ଥାନରେ ଥିବାରୁ ଲୁଟେରା ବିଫଳ ହୋଇ ଫେରିଛନ୍ତି। ରବିବାର ସକାଳୁ ଦୋକାନୀ ଦୋକାନ ସଟର କଟାଯାଇଥିବା ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛି। ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଜଟଣୀ ରାଜା ବଜାର ଅଞ୍ଚଳରେ ବିଗତ ଦିନରେ ବହୁବାର ଅଳଙ୍କାର ଦୋକାନରୁ ଲୁଟ୍ ହୋଇଥିବା ଅଭିଯୋଗ ରହିଛି।

## ବ୍ୟବସାୟୀଙ୍କ ଅପହରଣ; ୫ ଗିରଫ, ଟଙ୍କା ଉଦ୍ଧାର

ବାଲୁଗାଁ,୨୮।୯(ସମିସ): ବାଲୁଗାଁ ଥାନା ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ପୁଅକୁ ଶନିବାର ବିଳମ୍ବିତ ରାତିରେ ସାହି ରାସ୍ତାରୁ କିଛି ଦୁର୍ବୃତ୍ତ ଏକ କାର୍ ଯୋଗେ ଅପହରଣ କରି ନେବା ସହ ଟଙ୍କା ଥିବା ତାଙ୍କ ସ୍କୁଟିକୁ ନେଇ ଫେରାର୍ ହୋଇଯାଇଥିଲେ। ରବିବାର ସକାଳେ ଖବର ପ୍ରଚାର ହେବାରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବାବେଳେ ବାଲୁଗାଁ ଥାନାରେ ଏନେଇ ଅଭିଯୋଗ ହେବାରୁ ପୁଲିସ ତଦନ୍ତ ଆରମ୍ଭ କରି ୫ ଅପହରଣକାରୀଙ୍କୁ ଗିରଫ କରି କାର୍ ଜବତ କରିବା ସହ ଟଙ୍କା ଉଦ୍ଧାର କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଅଭିଯୋଗ ମୁତାବକ, ବାଲୁଗାଁ ଥାନା ଅନ୍ତର୍ଗତ ପାଟଣାସାହିର ବିଶିଷ୍ଟ ବ୍ୟବସାୟୀ ବିଜୟ ସୁବୁଦ୍ଧି ବାଲୁଗାଁ ବଜାରର ଆଇଡିବିଆଇ ବ୍ୟାଙ୍କ ନିକଟରେ ଦୀର୍ଘ ବର୍ଷ ହେବ ନିଜର ବ୍ୟବସାୟ ପ୍ରତିଷ୍ଠାନ ଖୋଲି ବ୍ୟବସାୟ ଚଳାଇଥିବାବେଳେ ତାଙ୍କ ପୁଅ ସୁଶିଲ ସୁବୁଦ୍ଧି ବାପାଙ୍କ ସହ ମିଶି ବ୍ୟବସାୟ ବୁଝାଶୁଝା କରନ୍ତି। ସବୁଦିନ ପରି ଶନିବାର ସୁଶିଲ ନିଜର ବ୍ୟବସାୟ ଟଙ୍କା ଆଦାୟ କରି ଦୋକାନକୁ ଆସି ସମସ୍ତ କାମ ଶେଷ ହେବାରେ ବିଳମ୍ବ ହୋଇଯାଇଥିଲା। ବିଳମ୍ବିତ ରାତି ପ୍ରାୟ ୧୨ଟାରେ ସମସ୍ତ ଟଙ୍କାକୁ ନିଜର ଏକ ସ୍କୁଟି ଡିକିରେ ଧରି ଘରକୁ ଫେରୁଥିଲେ। ସେହି ସମୟରେ ୫ ଦୁର୍ବୃତ୍ତ ଏକ କାର୍‌ରେ ଆସି ପାଟଣାସାହି ଗଳି ରାସ୍ତାର ସ୍କୁଲ ନିକଟରେ ସୁଶିଲଙ୍କୁ ଅଟକାଇ ଜୋର୍‌ଜବରଦସ୍ତ ତାଙ୍କୁ କାର୍‌ରେ ଭର୍ତ୍ତି କରି ଦୁର୍ବୃତ୍ତମାନେ ସୁଶିଲଙ୍କୁ ଅପହରଣ କରି ନେଇଯାଇଥିବା ସହ ଟଙ୍କା ରଖିଥିବା ସ୍କୁଟିକୁ ମଧ୍ୟ ନେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସୁଶିଲ ଘରକୁ ଫେରିବା ବିଳମ୍ବ ହେବାରୁ ସୁଶିଲଙ୍କ ପତ୍ନୀ ଫୋନ୍‌ରେ ଯୋଗାଯୋଗ କରିବାରେ ଅପହରଣ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏସମ୍ପର୍କରେ ପରିବାର ଲୋକେ ବାଲୁଗାଁ ଥାନାରେ ଅଭିଯୋଗ କରିଥିବାବେଳେ ରବିବାର ସକାଳେ ଘଟଣା ପ୍ରଚାର ହେବାରେ ବାଲୁଗାଁ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ସହ ପୁଲିସ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ରବିବାର ସକାଳେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅପହରଣର ଖୁବ୍ କମ୍ ସମୟ ମଧ୍ୟରେ ଚାନ୍ଦପୁର ଥାନା ଅନ୍ତର୍ଗତ କଟଣାପଲ୍ଲୀ ଗ୍ରାମରୁ ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରି ବ୍ୟବହୃତ କାର୍‌କୁ ଜବତ କରିବା ସହ ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଦ୍ଧାର କରିଛି।

## ବେଆଇନ ବନ୍ଧୁକ ଓ ଗୁଳି ବାରୁଦ ଜବତ; ଯୁବକ ଗିରଫ




ବାଲୁଗାଁ,୨୮।୯(ସମିସ): ବାଣପୁର ବ୍ଲକ୍ ଗମ୍ଭାରୀମୁଣ୍ଡା ଘାସେଡିହ ଭୋଇସାହିର ଜନୈକ ଯୁବକ ବେଆଇନ ଭାବେ ଦେଶୀ ବନ୍ଧୁକ ରଖିଥିବା ସହ ବିସ୍ଫୋରକ ବାରୁଦରେ ଗୁଳି ପ୍ରସ୍ତୁତ କରୁଥିଲା। ଏ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ନାଚୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଓ ଗୁଳି ସାମଗ୍ରୀ ଜବତ କରିବା ସହ ସମ୍ପୃକ୍ତ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଘାସେଡିହ ଭୋଇ ସାହିର କୃଷ୍ଣ ନାୟକଙ୍କ ପୁଅ ଟିଟୁ ନାୟକ (୨୭) ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଘାସେଡିହ ଭୋଇସାହିର ଟିଟୁ ନିଜ ଘରେ ଏକ ଦେଶୀ ବନ୍ଧୁକ ରଖିଥିବା ଖବର ପାଇ ନାଚୁଣୀ ପୁଲିସ ଚଢ଼ଉ କରିଥିବାବେଳେ ସେହି ସମୟରେ ଟିଟୁକୁ ବନ୍ଧୁକର ଗୁଳି ପ୍ରସ୍ତୁତ କରୁଥିବା ଅବସ୍ଥାରେ ଗିରଫ କରିଥିଲେ। ପୁଲିସ ବନ୍ଧୁକ ସହ ଗୁଳି ପ୍ରସ୍ତୁତ ପାଇଁ ବ୍ୟବହାର କରୁଥିବା ଲୁହା ବାଟୁଲି ଓ ବାରୁଦ ଜବତ କରି ଏ ସମ୍ପର୍କରେ ନାଚୁଣୀ ଥାନା କେସ୍ ନଂ ୩୦୫/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଟିଟୁକୁ ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ଚାଲାଣ କରାଯାଇଛି।

### ମା' ଭଗବତୀଙ୍କ ଶାରଦୀୟ ପାର୍ବଣର ବାହାର ପର୍ବ

# ସାତବଖରା ପର୍ବ ଗୃହରେ ଚାଲିଛି ସପ୍ତମାତୃକା ପୂଜା

ବାଣପୁର,୨୮।୯(ସମିସ)



ରାଜ୍ୟର ଅନ୍ୟତମ ସୁପ୍ରସିଦ୍ଧ ଶକ୍ତିପୀଠ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀଙ୍କ ଶାରଦୀୟ ପାର୍ବଣ ଉତ୍ସବ ଅମାବାସ୍ୟା ତିଥିରୁ ସାତବଖରା ପର୍ବ ଗୃହରେ ବାହାର ପର୍ବ ସମାରୋହରେ ଚାଲିଛି। ପରମ୍ପରା ଅନୁଯାୟୀ ବର୍ଷର ବିଭିନ୍ନ ତିଥିରେ ଦେବୀ ଭଗବତୀ ବାଣପୁରର ଚତୁଃର୍ଦ୍ଦିଗରେ ବିରାଜମାନ କରି ପୂଜା ପାଉଥିବା ମା'ଙ୍କ ତଥାକଥିତ ଭଉଣୀ ତଥା ଚାରିଦିଗ ରକ୍ଷାକାରିଣୀ ମା' ବିରିଜାଇ, ମା' କାଳିଜାଇ, ମା' ନାରାୟଣୀ, ମା' ଶିଦ୍ଧେଶ୍ୱରୀ, ବଙ୍କାଡ଼ଗଡ଼ ଦେବୀ ମା' କନକଦୁର୍ଗା ଓ ପୀଠେଶ୍ୱରୀ ବୁଢ଼ୀ ଠାକୁରାଣୀଙ୍କୁ ଶାରଦୀୟ ପାର୍ବଣ ଲାଗି ନିମନ୍ତ୍ରଣ କରିଥିବାବେଳେ ଆଶ୍ୱିନ ଅମାବାସ୍ୟା ରାତ୍ରରେ ଏକତ୍ର ଭେଟ ହୋଇ ସାତବଖରା ପର୍ବ ଗୃହରେ ପ୍ରବେଶ କରିବାରେ ଶୁକ୍ଳ ପ୍ରତିପଦାଠାରୁ ବାହାର ପର୍ବ ଆରମ୍ଭ ହୋଇଛି। ସାତବଖରା ପର୍ବ ଗୃହରେ ପ୍ରତ୍ୟହ ପ୍ରାତଃରୁ ଦ୍ୱାରଫିଟା ପରେ ସାତ ମାତାଙ୍କ ଅଙ୍ଗରାଗ ମାଜଣା, ମହାସ୍ନାନ, ମହାପ୍ରସାଦ ଅର୍ପଣ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଚଣ୍ଡୀପାଠ, ବଗଳା ପୂଜା, ବଲଭ ଆଳତି ବଢ଼ି ସର୍ବସାଧାରଣ ଦର୍ଶନ ପରେ ପର୍ବ ପୂଜକ ପଣ୍ଡିତ ବାମନଚରଣ ଦାଶଙ୍କ ଦ୍ୱାରା ପର୍ବପୂଜା, ହୋମ ଯଜ୍ଞ ଓ ଧୂପ ଆଦି ସ୍ୱତନ୍ତ୍ର ନୀତିକାନ୍ତିରେ ସପ୍ତମାତୃକା ପୂଜା ଚାଲିଛି। ଦୈନନ୍ଦିନ ମା'ଙ୍କ ନିକଟରେ ନିଶଙ୍ଖୁଡ଼ିରେ ଖଇ, କୋରା, କାକରା, ଫଳମୂଳ, ଧୂପ ହେଉଥିବାବେଳେ ଶଙ୍ଖୁଡ଼ି ଧୂପରେ ଖେଚୁଡ଼ି, ଡାଲି, ମାଛ ମହୁର, ଆମ୍ବିଳ, ଖିରି, ଏଣ୍ଡୁରି ପିଠା, ମାଛ ବଳିପୋଡ଼ା ଆଦି ନୈବେଦ୍ୟ ଭୋଗ ଲାଗି କରାଯାଉଛି। ଶାରଦୀୟ ପାର୍ବଣ ଲାଗି ବାଣପୁର ସହର ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳା ସହ ବିଶାଳ ରଙ୍ଗୀନ ତୋରଣରେ ସଜେଇ ହୋଇଥିବା ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ମନ୍ଦିର ପ୍ରଶାସନ, ଦେବୋତ୍ତର କାର୍ଯ୍ୟାଳୟ, ଏନ୍‌ଏସି ଓ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ଉତ୍ସବର ସୁପରିଚାଳନା କରାଯାଉଛି।

### ୨୯ ବର୍ଷରେ କାଇପଦର ସାର୍ବଜନୀନ ଦୁର୍ଗାପୂଜା

## ଓଡ଼ିଆଣୀ ବେଶରେ ଦର୍ଶନ ଦେବେ ମା' ଜଗଦମ୍ବା

ଖୋର୍ଦ୍ଧା,୨୮।୯(ସମିସ): ଶାରଦୀୟ ଦୁର୍ଗାପୂଜା ଲାଗି ସଜେଇ ହେଉଛି ପୂଜାମଣ୍ଡପ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଜରି, ଜମ୍ମୁରାରେ ନିର୍ମାଣ ହେଉଛି ଗେଟ୍। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ବିଲ୍ୱାଧିବାସ ପୂଜା ଷଷ୍ଠୀରୁ ଆରମ୍ଭ ହୋଇଛି। ସୋମବାର ମଣ୍ଡପରେ ମହାସପ୍ତମୀ ପୂଜା ଆରମ୍ଭ ହେବ। ପୂଜାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ଆଶଙ୍କା କରାଯାଉଛି। ତେଣୁ ଏନେଇ ପୂଜା ମଣ୍ଡପ ଓ ପୁଲିସ ପକ୍ଷରୁ ବ୍ୟାପକ କଡ଼ାସୁରକ୍ଷା ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ୨୯ ବର୍ଷରେ ପଦାର୍ପଣ କରୁଛି କାଇପଦର ଅପରାଜିତ କ୍ଲବ୍ ସାର୍ବଜନୀନ ଦୁର୍ଗାପୂଜା। ଚଳିତ ବର୍ଷ ମା' ଏଠାରେ ଓଡ଼ିଆଣୀ ବେଶରେ ଦର୍ଶନ ଦେବେ। ବିଗତ ୨୮ ବର୍ଷ ଧରି ଏହି କାର୍ଯ୍ୟକ୍ରମ ପାଳନ କରାଯାଉଛି। ୨୮ ବର୍ଷ ପୂଜା ପୂର୍ତ୍ତି ଅବସରରେ ୨୮ ହଜାର ଲଡ୍ଡୁ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥା, ପରମ୍ପରାକୁ ପାଥେୟ କରି ୧୦୮ ସଂକଳ୍ପଧାରୀ କଳସ ଯାତ୍ରା କରିବେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ଅପରାଜିତ କ୍ଲବ୍‌ର ସଭାପତି ହୃଦାନନ୍ଦ ସି.ଆର୍ ଓ ସମ୍ପାଦକ ଦୈତାରୀ ସାମନ୍ତରାୟ ପ୍ରକାଶ କରିଛନ୍ତି।

### ନିର୍ମାଣ ହେବ କ୍ୟାପିଟାଲ ରିଜିଅନ ରିଂ ରୋଡ୍

## ଟେଣ୍ଡର ପୂର୍ବରୁ ବିଭିନ୍ନ କମ୍ପାନୀ ପକ୍ଷରୁ ନିରୀକ୍ଷଣ

ନିରାକାରପୁର,୨୮।୯(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରଠାରୁ କଟକ ଜିଲ୍ଲା ଟାଙ୍ଗୀ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ୬ ଧାଡ଼ିଆ ଆକ୍ସେସ୍ କଣ୍ଟ୍ରୋଲ୍ଡ କ୍ୟାପିଟାଲ ରିଜିଅନ ରିଂ ରୋଡ୍‌ର ରାମେଶ୍ୱରଠାରୁ ଢେଙ୍କାନାଳର ଗୋବିନ୍ଦପୁର ପର୍ଯ୍ୟନ୍ତ ଅଂଶର ନିର୍ମାଣ ନିମନ୍ତେ ଟେଣ୍ଡର ପକାଇବା ପାଇଁ ଭାରତର ଅନେକ ବଡ଼ ବଡ଼ ନିର୍ମାଣକାରୀ କମ୍ପାନୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଅନେକ କମ୍ପାନୀ ମଧ୍ୟ ସ୍ଥାନ ନିରୀକ୍ଷଣ କରିସାରିଲେଣି। ରବିବାର ଭାରତର ଅନ୍ୟ ଏକ ବଡ଼ ନିର୍ମାଣକାରୀ ସଂସ୍ଥାର ପଦାଧିକାରୀମାନେ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ଥିବା ସ୍ଥାନଗୁଡ଼ିକୁ ବୁଲି ଦେଖିଥିଲେ। ଖୋର୍ଦ୍ଧାର ରାମେଶ୍ୱର, ରମ୍ଭାବୀଲ, ଗୟାବନ୍ଧ, ପରିଚ୍ଛଳ, ସରୁଅ ଆଦି ସ୍ଥାନ ବୁଲି ଦେଖିଥିଲେ। କଞ୍ଚାମାଲ କେଉଁଠୁ ଆସିବ, କଞ୍ଚାମାଲର ଦର କେତେ ରହୁଛି, ପିଚୁ ପ୍ଲାଣ୍ଟ କେଉଁଠାରେ ବସିବ ଆଦି ନିରୀକ୍ଷଣ କରିଥିଲେ। ଏହି କମ୍ପାନୀ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ରାଜପଥ ପ୍ରକଳ୍ପରେ କାମ କରୁଛି, ଯେପରିକି ଦିଲ୍ଲୀ, ମୁମ୍ବଇ ଏକ୍ସପ୍ରେସ୍ ୱେ, ସମୃଦ୍ଧି ମହାମାର୍ଗ, ଅମୃତସର ଜାମନଗର ଏକ୍ସପ୍ରେସ୍ ୱେ, ଖାମମ୍ ଦାବେରପାଲି ଏକ୍ସପ୍ରେସ୍ ୱେ ଏବଂ ଓଡ଼ିଶାର ରାଇପୁର ବିଶାଖାପାଟଣା ଏକ୍ସପ୍ରେସ୍ ୱେରେ ବିଭିନ୍ନ ପ୍ୟାକେଜ୍‌ରେ କାମ କରୁଛି।

## ବେଗୁନିଆ ଉପନିବନ୍ଧକ କାର୍ଯ୍ୟାଳୟ ପାଲଟିଛି ଦୁର୍ନୀତିର ଗନ୍ତାଘର

- ଜମିର ଅଂଶିକ ପ୍ଲଟ୍ ରେଜିଷ୍ଟ୍ରେସନରେ ପ୍ରଚୁର ଅର୍ଥ କାରବାର
- ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି ବାର୍ତ୍ତାଳାପ

ଖୋର୍ଦ୍ଧା/ବେଗୁନିଆ,୨୮।୯(ସମିସ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ସଦର ମହକୁମାସ୍ଥିତ ଉପନିବନ୍ଧକ କାର୍ଯ୍ୟାଳୟରେ ଜନସାଧାରଣଙ୍କୁ ଅଂଶିକ ପ୍ଲଟ୍‌ର କ୍ରୟ ବିକ୍ରୟ କ୍ଷେତ୍ରରେ ଶୋଷଣ କରାଯିବା ସହ ବିପୁଳ ପରିମାଣର ଅର୍ଥ ଆଦାୟ କରାଯାଉଥିବା ବାର୍ତ୍ତାଳାପଟି ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ସରକାର ଅଂଶିକ ପ୍ଲଟ୍ ରେଜିଷ୍ଟ୍ରେସନ ଫି' ବାବଦ ଟଙ୍କା କୋହଳ କରାଯାଇଥିବା ବେଳେ ଅସାଧୁ ବ୍ୟକ୍ତିଙ୍କୁ ହାତ କରି ଅର୍ଥ କାରବାର ହେଉଥିବାର ସ୍ଥାନୀୟ ଅଞ୍ଚଳର ଜନସାଧାରଣ କହୁଥିବା ବେଳେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ବାର୍ତ୍ତାଳାପଟି ଗୁମର ଖୋଲିବା ପାଇଁ ବାଟ ଫିଟାଇ ଦେଇଛି। ଏପରିକି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ପରିସରରେ ଲାଞ୍ଚ କାରବାର କରିବା ଧର୍ତ୍ତବ୍ୟ ଅପରାଧ। ଏଥିପାଇଁ ଦୁର୍ନୀତି ନିବାରଣ ବିଭାଗର ଯୋଗାଯୋଗ ନମ୍ବର ଲେଖାଯାଇଥିବା ବେଳେ ଅଂଶିକ ପ୍ଲଟ୍ ରେଜିଷ୍ଟ୍ରେସନ ଫି' ଅଧିକ ମାତ୍ରାରେ ନିଆଯାଉଛି, ତାହା "ଢୋଲ୍ ଭିତରେ ମୂଷା' ଭଳି ଆଶ୍ଚର୍ଯ୍ୟପ୍ରକଟ କରିଛି। ଏଥିରେ ସ୍ଥାନୀୟ ଜନସାଧାରଣ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ କାର୍ଯ୍ୟାନୁଷ୍ଠାନ ବଦଳରେ କାହିଁକି ଘଣ୍ଟ ଘୋଡ଼ାଇ ଚୁପ୍ ବସି ରହିଛି। ଏହି ଘଟଣାରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ କେବେ କରାଯିବ ତାହା ସମସ୍ତେ ଚାତକ ଭଳି ଚାହିଁ ବସିଛନ୍ତି।

## ଓସିଏସ୍ ପରୀକ୍ଷାରେ ଶ୍ରଦ୍ଧାସୁମନଙ୍କ କୃତକାର୍ଯ୍ୟ

ଖୋର୍ଦ୍ଧା,୨୮।୯(ସମିସ): କଠିନ ପରିଶ୍ରମ ଓ ଏକାଗ୍ରତା ଶେଷରେ ନିଜକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ସ୍ଥାନୀୟ ମୁକୁନ୍ଦପ୍ରସାଦର ଝିଅ ଶ୍ରଦ୍ଧାସୁମନ। ଶ୍ରଦ୍ଧାସୁମନ ସୁନ୍ଦରଗଡ଼ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ମାଆ ସବିତା ଜେନା ଜଣେ ଗୃହିଣୀ ଏବଂ ବାପା ସନତ ଜେନା ଜଣେ କୃଷକ ଅଟନ୍ତି। ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ୨୦୨୩ ପରୀକ୍ଷାରେ ୧୯୧ ର୍‌ୟାଙ୍କ୍ ରଖି କୃତକାର୍ଯ୍ୟ ହୋଇଛନ୍ତି। ୨୦୧୭ରେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ପିଜି କରିବା ପରେ ଏହି ପ୍ରବେଶିକା ପରୀକ୍ଷା ପାଇଁ ଚେଷ୍ଟା ଚଳାଇଥିଲେ। ୨୦୧୦ରେ ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ୨୦୧୨ରେ ପ୍ରାଣନାଥ ମହାବିଦ୍ୟାଳୟରୁ +୨ ଓ ୨୦୧୫ରେ ସ୍ନାତକ ଶିକ୍ଷା ହାସଲ କରିଥିଲେ।



## ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବୈଠକ

ଖୋର୍ଦ୍ଧା,୨୮।୯(ସମିସ): ଖୋର୍ଦ୍ଧା ସହର ଉପକଣ୍ଠ କୁମାରବସ୍ତ ମା' ବାଉତୀଙ୍କ ମନ୍ଦିର ପରିସରରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜିଲ୍ଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସଙ୍ଘର ରାଜ୍ୟ ସଂଗଠନ ସମ୍ପାଦକ ଅର୍ଜୁନ କୁମାର ମୁଦୁଲି ଯୋଗଦେଇ ରାଜ୍ୟ ସରକାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ଜିଲ୍ଲାସ୍ତରରେ କାର୍ଯ୍ୟରତ ଜିଲ୍ଲା ପ୍ରତିନିଧିମାନଙ୍କୁ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବରେ ମାନ୍ୟତା ପ୍ରଦାନ, ପେନ୍‌ସନ୍ ଏବଂ କର୍ତ୍ତବ୍ୟ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏକତ୍ରିତ ହୋଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ମହାପାତ୍ର ଯୋଗଦେଇ ଖୋର୍ଦ୍ଧା ଜିଲ୍ଲା ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ ରାଜ୍ୟ ସରକାର ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କହୁଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୁରକ୍ଷା, ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବେ ମାନ୍ୟତା ଏବଂ ପେନ୍‌ସନ୍ ପ୍ରଦାନ ପାଇଁ ଦାବି କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ କର୍ଣ୍ଣେଲ ଅରୁଣ କୁମାର ରାଉତରାୟ, ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ ଯୁବ ସାମ୍ବାଦିକ ଗୋପାଳ ପ୍ରଧାନ, ପ୍ରଦୀପ ମାର୍ଥା, ପପୁ ସଂଘର ନୂତନ ସଦସ୍ୟତା ଗ୍ରହଣ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ଲଳିତ ମୋହନ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ



ବେଗୁନିଆ,୨୮।୯(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମରେ ଦୁର୍ଗାପୂଜା କମିଟି ଓ ହର-ପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ୭୪ ବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲିଥିବା ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ରାମଚନ୍ଦ୍ର ଦାସ ଅଧ୍ୟକ୍ଷତା ଓ ଶିକ୍ଷକ ପଠାଣି କୁମାର ସାହୁ ଓ ସମାଜସେବୀ କାର୍ତ୍ତିକ ଜେନାଙ୍କ ଯୁଗ୍ମ ସଂଯୋଜନା କରିଥିଲେ। କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି, କବି ପ୍ରସନ୍ନ କୁମାର ମଣ୍ଡଳ ମୁଖ୍ୟବକ୍ତା, ଗାୟକ ଅଳଙ୍କାର ଶ୍ୟାମ ସୁନ୍ଦର ତ୍ରିପାଠୀ, ପୋଡ଼ାଡିହ ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକ, ସରପଞ୍ଚ ଲତା ସେଠୀ ଓ ସମିତିସଭ୍ୟ ଅଲେଖ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟକ ସୁପ୍ତ ପ୍ରତିଭାକୁ ବିକଶିତ କରିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ଭକ୍ତି କୈବଲ୍ୟ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ପରେ ଭୁବନେଶ୍ୱର ଘାଟିକିଆ ବାବା ନୀଳକଣ୍ଠେଶ୍ୱର ନାଟ୍ୟ ସଂସଦ "କିଏ ପୋଛି ଦେବ ଆଖିର ଲୁହ' ନାଟକ ପରିବେଷଣ କରିଥିଲେ।

# ରନ୍ଧନ ଗ୍ୟାସ୍ ପାଇଁ ରାତିଅଧରୁ ଲାଇନ୍

### ହୋଟେଲ, ରେସ୍ତୋରାଁରେ ପର୍ଯ୍ୟାପ୍ତ; ଉପଭୋକ୍ତାଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

ଜଟଣୀ,୨୮।୯(ସମିସ)



ଜଟଣୀରେ ରନ୍ଧନ ଗ୍ୟାସ୍ ବିତରଣରେ ଗତ ମାସେ ହେଲାଣି ଦେଖାଦେଇଛି ସମସ୍ୟା। ରନ୍ଧନ ଗ୍ୟାସ୍ ପାଇଁ ରାତି ଅଧରୁ ଲାଇନ୍‌ରେ ଉପଭୋକ୍ତାମାନଙ୍କୁ ଛିଡ଼ା ହୋଇ ନେବାକୁ ପଡୁଛି ସିଲିଣ୍ଡର। ଅନ୍ୟପଟେ ଜଟଣୀ ଅଞ୍ଚଳରେ ଥିବା ହୋଟେଲ, ରେସ୍ତୋରାଁ ତଥା ଛୋଟବଡ଼ ଜଳଖିଆ ଦୋକାନଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ୍ ସିଲିଣ୍ଡର ମହଜୁଦ ରହିଥିବା କିଛି ବ୍ୟକ୍ତି ଅଭିଯୋଗ କରିଛନ୍ତି। କୁସମାଟି-ଛଣଘରଠାରେ ଥିବା ଇଣ୍ଡିଆନ୍ ଅଏଲ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ଗ୍ୟାସ୍ ବଟ୍‌ଲିଂ ପ୍ଲାଣ୍ଟରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପେଟ୍ରୋଲ ଓ ଗ୍ୟାସ୍ ସପ୍ଲାଏ ହୋଇଥାଏ। କିନ୍ତୁ ବିଗତ ଏକ ମାସ ହେଲାଣି ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ୍ ଯୋଗାଣ ଠିକ୍ ପରିମାଣରେ ମିଳୁ ନ ଥିବା ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ ସୋମବାର ସାମ୍ଭାବ୍ୟ ବାତ୍ୟା ଖବର ମିଳିବା ପରେ ଗ୍ୟାସ୍ ଏଜେନ୍ସି ଦୋକାନ ଆଗରେ ରବିବାର ଲୋକଙ୍କ ଭିଡ଼ ଆହୁରି ଦେଖିବାକୁ ମିଳିଥିଲା। ସକାଳୁ ରାତି ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ରହୁଥିବା ରନ୍ଧନ ଗ୍ୟାସ୍ ପାଇଁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଅନେକ ଲୋକ ଖାଲି ଟାଙ୍କି ନେଇ ଘରକୁ ମଧ୍ୟ ଫେରୁଛନ୍ତି। ତେବେ ଡିପୋରୁ ଯେତିକି ଗ୍ୟାସ୍ ଲୋଡ୍ ଗାଡ଼ି ବାହାରିବା କଥା ତାହା ବାହାରିପାରୁନି। ପାଖାପାଖି ୭୦ଟି ଗାଡ଼ିରେ ଜିପିଏସ୍ ଲଗାଯାଇ ନ ଥିବାରୁ ସଂସ୍ଥା ପକ୍ଷରୁ ଉକ୍ତ ଗାଡ଼ିଗୁଡ଼ିକୁ ସପ୍ଲାଏ ପାଇଁ ଅନୁମତି ଦିଆଯାଉନାହିଁ। ତେଣୁ ଉକ୍ତ ଗାଡ଼ିଗୁଡ଼ିକ ଗ୍ୟାସ୍ ପରିବହନ କରିବାରୁ ବଞ୍ଚିତ ଥିବାରୁ ଯୋଗାଣରେ ସମସ୍ୟା ଦେଖାଦେଇଛି ବୋଲି ସୂଚନା ମିଳିଛି। ଏ ନେଇ ଗ୍ରାହକମାନେ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଦିନ ହେଲାଣି ଖାତାରୁ ରନ୍ଧନ ଗ୍ୟାସ୍ ଉଠାଇବାରେ ସମସ୍ୟା ଭୋଗୁଛୁ। ପୂର୍ବରୁ ଗ୍ୟାସ୍ ପାଇଁ ବୁକ୍ କରିଥିଲେ ମଧ ଗ୍ୟାସ୍ ପାଇପାରୁନାହୁଁ। ରାତିରୁ ଗ୍ୟାସ୍ ପାଇଁ ଲମ୍ବା ଲାଇନ୍ ଲଗେଇ ଛିଡ଼ା ହେବାକୁ ପଡୁଛି। ପାଳି ପଡ଼ିବା ପୂର୍ବରୁ ଗ୍ୟାସ୍ ସରିଗଲେ ପୁଣି ପରଦିନ ଆସିବାକୁ କହୁଛନ୍ତି। ଗତ ୧୧ ତାରିଖରୁ ଯେଉଁ ଉପଭୋକ୍ତା ଗ୍ୟାସ୍ ବୁକ୍ କରିଥିଲେ ସେମାନେ ରବିବାର ଗ୍ୟାସ୍ ସିଲିଣ୍ଡର ପାଇଛନ୍ତି। ଆଉ କିଛି ଗ୍ରାହକ କଳାବଜାରୀ କରି ବିକ୍ରି କରାଯାଉଥିବା ଅଭିଯୋଗ କରିଛନ୍ତି। ଜଟଣୀ ଗ୍ୟାସ୍ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ଡିପୋରୁ ଯେଉଁ ପରିମାଣରେ ଗ୍ୟାସ୍ ଆସିବା କଥା ଆସିପାରୁ ନାହିଁ। ପ୍ରତିଦିନ ୨/୩ଟି ଗ୍ୟାସ୍ ଗାଡ଼ି ଆବଶ୍ୟକ ଥିବାବେଳେ ସେ ଜାଗାରେ ଗୋଟିଏ ଗାଡ଼ି ଆସୁଛି। ତେଣୁ ଉପଭୋକ୍ତାଙ୍କୁ ରନ୍ଧନ ଗ୍ୟାସ୍ ଠିକ୍ ପରିମାଣରେ ଯୋଗାଇ ହେଉନାହିଁ ବୋଲି କୁହାଯାଇଛି।

## ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜଳାତଙ୍କ ଦିବସ

### 'ବ୍ୟାପକ ସଚେତନତା ହିଁ ସୁରକ୍ଷା ଦେବ'



ଖୋର୍ଦ୍ଧା,୨୮।୯(ସମିସ): ଜିଲ୍ଲା କୃଷି ଅଧିକାରୀଙ୍କ ତାଲିମ ଶିବିର ପରିସରରେ ଖୋର୍ଦ୍ଧା ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ଜଳାତଙ୍କ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରବି ନାରାୟଣ ପଟ୍ଟନାୟକ ଯୋଗଦେଇ ଲୋକଙ୍କୁ ଜଳାତଙ୍କ ରୋଗ ସହ ଜଡ଼ିତ ତଥ୍ୟ ତଥା ଏହି ରୋଗର କାରଣ ଏବଂ ନିରାକରଣ ବିଷୟରେ ସଚେତନତା କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ରାବିଜ୍ ଦିବସ ବା ଜଳତଙ୍କ ଦିବସ ପାଳନ କରାଯାଉଛି ବୋଲି କହିଥିଲେ। ଜଳାତଙ୍କ ଏକ ଜୁନୋଟିକ୍ ରୋଗ ଯାହାକି ସାଧାରଣତଃ କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ ବୋଲି କୁହାଯାଏ। କିନ୍ତୁ ଅଧିକାଂଶ ଲୋକ ଜାଣନ୍ତି ନାହିଁ ଯେ, ବେଳେବେଳେ ଅନ୍ୟ କେତେକ ପ୍ରାଣୀ କାମୁଡ଼ିବା ଦ୍ୱାରା ଏହି ରୋଗ ମଧ୍ୟ ହୋଇପାରେ ବୋଲି କହିଥିଲେ। ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଯଶୋବନ୍ତ ପ୍ରଧାନ ଜଳାତଙ୍କ ରୋଗ କୁକୁର, ବିଲୁଆ, ଗଧିଆ, ନେଉଳ, ବାଦୁଡ଼ି ପ୍ରଭୃତି ପ୍ରାଣୀକୁ ସଂକ୍ରମଣ କରୁଥିବା ଏକ ଭୂତାଣୁଜନିତ ରୋଗ, ସେଇ ସଂକ୍ରମିତ ପ୍ରାଣୀ ମନୁଷ୍ୟକୁ କାମୁଡ଼ିଲେ କିମ୍ବା ସେମାନଙ୍କ ଲାଳ ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ। ତେଣୁ ଏ ଦିଗରେ ସଚେତନତାକୁ ବ୍ୟାପକ କରାଯାଉଛି। ଯଦି ଏଭଳି ପଶୁ କାମୁଡ଼ନ୍ତି ତେବେ ସେ ସ୍ଥାନକୁ ଭଲଭାବେ ସାବୁନ ଓ ଥଣ୍ଡାପାଣିରେ ଧୋଇଦେବା ଓ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରାମର୍ଶ କରି ଜଳାତଙ୍କ ପ୍ରତିଷେଧକ ଟିକା ନେବା ଉଚିତ୍ ବୋଲି କହିଥିଲେ। ସେହିପରି ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ମାନସ କୁମାର ଚାନ୍ଦ ଜଳାତଙ୍କ ରୋଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ଏବଂ ଶିକ୍ଷାବିତ୍ ଭୀମସେନ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଡ. ଲିକେଶ କାନୁନ୍‌ଗୋ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।